| 5 | | | 2 | | | | 1 | |
| | | 1 | | | | 6 | 8 | 2 |
| 6 | | 4 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 2 | 7 | 4 | 5 | 3 | 1 | 9 | 6 |
| 3 | 5 | 4 | 6 | 9 | 1 | 8 | 7 | 2 |
| 9 | 6 | 1 | 2 | 7 | 8 | 4 | 5 | 3 |
| 4 | 1 | 9 | 7 | 2 | 6 | 3 | 8 | 5 |
| 5 | 3 | 2 | 9 | 8 | 4 | 7 | 6 | 1 |
| 6 | 7 | 8 | 3 | 1 | 5 | 9 | 2 | 4 |
| 7 | 8 | 6 | 1 | 4 | 2 | 5 | 3 | 9 |
| 1 | 9 | 3 | 5 | 6 | 7 | 2 | 4 | 8 |
| 2 | 4 | 5 | 8 | 3 | 9 | 6 | 1 | 7 |

ଗତକାଲିର ଉତ୍ତର



# ପୁରବନ୍ଦୀ ଘର– ପ୍ରାଥମିକ ଶିକ୍ଷା

ଡ.ଚନ୍ଦନ କୁମାର ସିଂହ

ପୁରବନ୍ଦୀ ଘର ବିଶେଷଭାବେ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ଦେଖାଯାଉଥିଲା। ଏବେ ଆଉ ଏହି ପ୍ରକାର ଘର କେଉଁଠି ନା କେଉଁଠି ଥିବ! ଏହି ଘରର ଗଢ଼ଣ ଶୈଳୀ ହେଉଛି – ଗୋଟେ ଦାଣ୍ଡ ଦୁଆର, ଆଉ ଗୋଟେ ବାଡ଼ି ଦୁଆର। ମଝିରେ ଅଗଣା। ଦାଣ୍ଡ ଦୁଆର, ବାଡ଼ି ଦୁଆର ଆଉ ଘର ଭିତରେ ଯେତକ ଦୁଆର ଥାଏ ସବୁଥିରେ ଯାଉଁଳି କବାଟ। ଈଶାଣ ଶାଳ, ଠାକୁର ଘର, ଧାନ ଚାଉଳ ଘର ଆଦି ସବୁକିଛି ଏହି ପୁରବନ୍ଦୀ ଘର ଭିତରେ। ଗାଁର ଥିଲାବାଲା ଲୋକ ପୁରବନ୍ଦୀ ଘର ତିଆରୁଥିଲେ। ପୁରବନ୍ଦୀ ଘରର ଆଉ ଏକ ନାଁ ମଧ୍ୟ ଅଛି–ଖଞ୍ଜାଘର। ଖଞ୍ଜାଘର ବା ପୁରବନ୍ଦୀ ଘର ହେଉଛି ଆୟତାକାର କ୍ଷେତ୍ରଭଳି। ପ୍ରତି କୋଠରିର କାନ୍ଥ ଅନ୍ୟ କାନ୍ଥ ସହ ସଂଶ୍ଲିଷ୍ଟ ଥାଏ। କେହି କାହାଠାରୁ ଅଲଗା ନୁହନ୍ତି। ପ୍ରାଥମିକ ଶିକ୍ଷାକୁ ପୁରବନ୍ଦୀ ଘର ବା ଖଞ୍ଜାଘର ସହ ସମବାଚୀ କରି ଆଣିବା ଆଉ ଏକ ଅବସର। ପ୍ରାଥମିକ ଶିକ୍ଷା କେନ୍ଦ୍ରର ନାନାବିଧ ଚିତ୍ର ଆମ ଅନେକଙ୍କର ମଗଜରେ ଅଛି। କେତେ ପରିମାଣରେ ଅଛି ତାହା ଭିନ୍ନ କଥା। ମାତ୍ର ମଗଜରେ ରହିଛି। କହିବାର କାରଣ ହେଲା ଯେତେଯାହା ହେଲେ ମଧ୍ୟ ପ୍ରାଥମିକ ଶିକ୍ଷା ହେଉଛି ଏକ ପୁରବନ୍ଦୀ ଘର। ପ୍ରାଥମିକ ଶିକ୍ଷା କହିଲେ ଆମ ମକଦମ୍‌ମାନଙ୍କରେ ଥିବା ପ୍ରାଥମିକ ଶିକ୍ଷାକେନ୍ଦ୍ର ବା ସ୍କୁଲକୁ ହିଁ ବୁଝାଇଥାଏ। ଶିକ୍ଷକ ଅଭିଭାବକ ଗୋଷ୍ଠୀ, ଛାତ୍ରୀଛାତ୍ର ଓ କାର୍ଯ୍ୟପାଳିକା ବ୍ୟବସ୍ଥାକୁ ପୁରବନ୍ଦୀ ଘରର ଚାରିପ୍ରସ୍ଥ ଘର ଭାବେ ବିଚାର କରାଯାଇପାରେ। ଏହି ଚାରିପ୍ରସ୍ଥ କେହି କାହାଠାରୁ ଅଲଗା ହେଲେ କାନ୍ଥ ପଡ଼ିଯାଏ। ଖଞ୍ଜାଘର ଭାଙ୍ଗିଯାଏ। ପ୍ରାଥମିକ ସ୍କୁଲ ବା ଶିକ୍ଷାକେନ୍ଦ୍ର ଆଣନ୍ତି ତାହାର ପ୍ରଭାବ ସେହି ଅଞ୍ଚଳରେ ପଡ଼େ। ଚାରିପ୍ରସ୍ଥର ସମ୍ପୃକ୍ତ ଯେତେଟାଣ ଏ ଅଞ୍ଚଳରେ ପ୍ରାଥମିକ ଶିକ୍ଷାର ଭାବଟି ସେତେ ଅଧିକ। ସ୍କୁଲକୁ କେନ୍ଦ୍ରକରି ଥିବା ଜନସମୁଦ୍ରର ଭିତରେ ଏହାର ସ୍ୱଭାବ ସେତେ ପରିମାଣରେ ସୁଲଭ। ମାତ୍ର ଏହି ଚାରିପ୍ରସ୍ଥ ଭିତରୁ ଅଭିଭାବକ ପ୍ରସ୍ଥର ସମ୍ପୃକ୍ତି ପ୍ରାଥମିକ ଶିକ୍ଷାକେନ୍ଦ୍ରରେ ବହୁଦୃଷ୍ଟିରୁ ଦୁର୍ବଳ। ଓଡ଼ିଶାର ମାଳ ଅଞ୍ଚଳ ହେଉ କିମ୍ବା ସମତଳ ଅଞ୍ଚଳ ପ୍ରାଥମିକ ଶିକ୍ଷାକେନ୍ଦ୍ରରେ ଅଭିଭାବକ ଗୋଷ୍ଠୀର ସମ୍ପୃକ୍ତି ଏବେ ମଧ୍ୟ ଆଉଟୁ ପାଉଟୁ ଦୃଷ୍ଟି ଆଢୁଆଳରେ। ସମତଳ ଅବା ଅସମତଳ ଭୌଗୋଳିକ ବାତାୟନରେ ତିଷ୍ଠି ରହିଥିବା ପ୍ରାଥମିକ ଶିକ୍ଷାକେନ୍ଦ୍ର ଏକଲା। କେଉଁ ଶିକ୍ଷାକେନ୍ଦ୍ରରେ ଗଛବୃକ୍ଷ ଭର୍ତ୍ତି ତ ଆଉ କେଉଁ ଶିକ୍ଷାକେନ୍ଦ୍ରର ହତାକୁ ଠଉରାଇ ପାରିବା ଅନେକ କଷ୍ଟକର। ଖାତା ଖତିୟାନ୍‌ରେ ପ୍ରାଥମିକ ଶିକ୍ଷା କେନ୍ଦ୍ରର ନିରୂପଣ ଅନେକ ସ୍ଥାନରେ ବିବଦମାନ। ଏହାକୁ ପାରିହେବା ଦାରୁଣ ବ୍ୟାପାର। ମାତ୍ର ଅଭିଭାବକ ଗୋଷ୍ଠୀର ପରିଚୟ ନିରୂପଣ ଦାରୁଣ ତ ନୁହେଁ, କଷ୍ଟକର ନୁହେଁ। ତେବେ ଖଞ୍ଜାନଗା ଘରର ଏହି ପାଖ କାନ୍ଥ ପଡିଯାଉଛି କାହିଁକି ଭଲା।



ଆଇନ ଅନୁସାରେ ପ୍ରତି ପ୍ରାଥମିକ ସ୍କୁଲର ଗୋଟିଏ ଲେଖାଏ ପରିଚାଳନା ସମିତି ଅଛି, ଯାହାର ବୈଠକ ପାଇଁ ପ୍ରଧାନ ଶିକ୍ଷକ ଭାରି ହନ୍ତସନ୍ତ ହୁଅନ୍ତି। ଆଇନ୍‌ର ତାଗିଦା ମାନିବାକୁ ହେବ। ଶୀର୍ଷା ମକଦମ୍‌ରୁ ଜିଲା ମକଦମ୍, ଜିଲା ମକଦମ୍‌ର ଜିଲା ଶିକ୍ଷାଧିକାରୀ, ତାଙ୍କ ତଳକୁ ଗୋଷ୍ଠୀ ଶିକ୍ଷାଧିକାରୀ ଏବଂ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅଧସ୍ତନ ସିଆର୍‌ସିସି ମହୋଦୟା/ମହୋଦୟ। ସିଆର୍‌ସିସିଙ୍କ ଅଧସ୍ତନ ଯେତକ ପ୍ରାଥମିକ ଶିକ୍ଷାକେନ୍ଦ୍ରର ଶିକ୍ଷୟିତ୍ରୀ/ପ୍ରଧାନଶିକ୍ଷକବୃନ୍ଦ। ଆଇନ ଅନୁସାରେ ଅଭିଭାବକ ବୈଠକ ନିର୍ଦ୍ଦିଷ୍ଟ ତାରିଖରେ ହେବ ହିଁ ହେବ। ଏହାର ଫଟୋ ଅପଲୋଡ୍ ହୋଇ ବିଭାଗୀୟ ଅଧିକାରୀଙ୍କ ନଜରକୁ ଅଣାଯିବ। ଏଥିପାଇଁ ପ୍ରଧାନ ଶିକ୍ଷକ ବହୁପୂର୍ବରୁ ପିଲାଙ୍କ ହାତରେ କେତେବେଳେ ତ ଖବର ଦିଅନ୍ତି ଆଉ କେତେବେଳେ ନିଜେ ନିଜେ ଅଭିଭାବକଙ୍କ ଦ୍ୱାରସ୍ଥ ହୁଅନ୍ତି ମିଟିଂରେ ଯୋଗଦେବା ଲାଗି। ବିଶେଷଭାବେ ସ୍କୁଲ ସଭାପତିଙ୍କ ଉପସ୍ଥିତି ଏହି ମିଟିଂରେ ଖୁବ୍ ଲୋଡ଼ା। ମାତ୍ର ଅନେକ ସମୟରେ ଦେଖାଯାଏ ଯେ ସ୍କୁଲ ସଭାପତି ଖୋଦ୍ ଜାଣି ନ ଥାନ୍ତି ସେ ସମ୍ପୃକ୍ତ ସ୍କୁଲର ସଭାପତି ଅଛନ୍ତି! ସତରେ ଏହା ଏକ ସମ୍ବେଦନଶୀଳ ସମୀକ୍ଷାର ବିଷୟ। ଅଭିଭାବକ ଗୋଷ୍ଠୀ ଗାଁ ପ୍ରାଥମିକ ବିଦ୍ୟାଳୟର ପ୍ରକ୍ରିୟାରେ ନିଜ ନିଜ ପିଲାଙ୍କ ପାଠପଢ଼ାର ଅଗ୍ରଗତିଜନିତ ସୂଚନା, ବିଦ୍ୟାଳୟରେ ଦର୍ଜ ହୋଇଥିବା ନିଜ ପିଲାଙ୍କର ଜନ୍ମତାରିଖ, ବାପା ମା'ଙ୍କ ନାମ, ଆଧାର ନଂ. (ପିଲା,ମା'ବାପା) ପ୍ରଭୃତିକୁ ତନଖି କରିବାରେ ଯଥେଷ୍ଟ ଉଦାସୀନ ରୁହନ୍ତି। ଏହି ଉଦାସୀନ ରହିବା ସ୍ୱେଚ୍ଛାକୃତ ନା ପ୍ରାୟୋଜିତ? ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ନାମ, ବାପା ମା'ଙ୍କ ନାମ, ଆଧାର କାର୍ଡରେ ଗୋଟାଏ ତ, ସ୍କୁଲରେ ଆଉ ଗୋଟିଏ ଏବଂ ଜନ୍ମ ସାର୍ଟିଫିକେଟ୍‌ରେ ଆଉ ଗୋଟିଏ, ଏହାର ସୁବିଦିତ କାରଣ ହେଲା, ତିନି ଅଧିକାରୀ ଭିନ୍ନଭିନ୍ନ। ଜନ୍ମବେଳେ (ଯଦି ଡାକ୍ତରଖାନା ହୋଇଥାଏ) ଅଧିକାରୀ ଜଣକ ଯେଉଁ ସମ୍ପ୍ରଦାୟଭୁକ୍ତ ସେ ନିଜର ଉଚ୍ଚାରଣ ଶୈଳୀ ମୁତାବକ ନାଁ ଦର୍ଜ କରାନ୍ତି। ଯଦି ପିଲା ଘରେ ଜନ୍ମ ହେଲା, ତେବେ ଆଶାକର୍ମୀ / ଅଙ୍ଗନୱାଡି କର୍ମୀ ଅଧିକାରୀ ନିଜ ନିଜର ଉଚ୍ଚାରଣ ଶୈଳୀ ମୁତାବକ ଜନ୍ମ ଶିଶୁର ନାମ ଲେଖାନ୍ତି। ଏସବୁ ଗଲାପରେ ଆଧାରକାର୍ଡ ପ୍ରସଙ୍ଗ। ଆଧାରକାର୍ଡ ଅଧିକାରୀ ଜନ୍ମ ତାରିଖକୁ ନଜରକରି ନିଜ ହସ୍ତ ଓ ମସ୍ତିଷ୍କର ସ୍ୱଭାବ ଅନୁସାରେ ପିଲାର ନାଁ ଦର୍ଜ କରାନ୍ତି। ତେଣୁ ଦେଖିବାକୁ ମିଳେ ପ୍ରାଥମିକ ଶିକ୍ଷାକେନ୍ଦ୍ରର ପଞ୍ଜୀକରଣ ଖାତାରେ ପିଲାର ନାମ ଆଧାର କାର୍ଡରେ ଖାପ୍ ଖାଉ ନାହିଁ। ଏହି ସମସ୍ୟାଟି ଏକାଧାରରେ ବିଷମ ଓ ଭୀଷଣ। ଏହା ଫଳରେ ଅନେକପିଲା ନବୋଦୟ, ଆଦର୍ଶ, କଳିଙ୍ଗ, ଏକଲବ୍ୟ, ସୈନିକ ସ୍କୁଲ ଭଳି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ଦେବାରୁ ବଞ୍ଚିତ ହୁଅନ୍ତି।

କେବଳ ଏତିକି ନୁହେଁ ସ୍କୁଲ ସ୍ତରରେ ଓ ସିଆର୍‌ସିସିଙ୍କ ସ୍ତରରେ କେତୋଟି ଅକ୍ଷର ସଂଶୋଧନ ହେବ ତାହାର ମଧ୍ୟ ନିୟମ ରହିଛି। ଗାର ଡେଇଁଗଲେ କମ୍ପ୍ୟୁଟର ମହାଶୟ ଆପଣଙ୍କ କଥା ଶୁଣିବ ନାହିଁ। ଏସବୁକୁ କିଏ ଆଖିଦେବ ସତରେ! ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଟି ହେଲା, ଗାଁ ପ୍ରାଥମିକ ଶିକ୍ଷାକେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ଥାପିତ। ମାତ୍ର ପିଲାଟି କ'ଣ ପଢୁଛି ନ ପଢୁଛି, କିପରି ପଢୁଛି ଏସବୁର ହକ୍ ଅଭିଭାବକଙ୍କ ନିକଟରେ ନିହିତ ଥାଏ। ମାତ୍ର ମା'ବାପା ଏସବୁକଥା ପଚାରିବାକୁ ସ୍କୁଲ ହତା ଭିତରକୁ ଆସନ୍ତି ନାହିଁ। ସବୁତକ ବିଶ୍ୱାସ–ଅବିଶ୍ୱାସ ଶିକ୍ଷକଙ୍କ ମୁଣ୍ଡରେ ଅଜାଡ଼ି ଦେଇ ତୁନି ପଡ଼ନ୍ତି। ତେବେ କାହିଁକି ଏକଥା। ଗାଁର ଯୁବଗୋଷ୍ଠୀ ଓ ସ୍କୁଲର ଅଭିଭାବକ ଗୋଷ୍ଠୀ ପୂଜାପାର୍ବଣର ମାହୋଲରେ ନିଜର ଭୂମିକା ଖୁବ୍ ଭଲଭାବରେ ତୁଲାଉଥିବା ସ୍ଥଳେ, ଗାଁ ପ୍ରାଥମିକ ବିଦ୍ୟାଳୟର ପାଠପଢ଼ାରେ ଏକଛତ୍ରଭାବେ ନିଷ୍କ୍ରିୟ। କଥାଟିଏ ପୂର୍ଣ୍ଣଚ୍ଛେଦ ପକାଇ ସାରିଦେଲେ ହେବ ନାହିଁ। ଏହାର କାରଣ ନିରୂପଣରେ ସମ୍ପୃକ୍ତ ଗାଁ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ଭୂମିକା ସୁଦୂରପ୍ରସାରୀ। ଏପଟରୁ ପାଦେ ଆଗେଇଲେ ସେପଟରୁ ପାଦେ ଆଗେଇବା ଜରୁରୀ। ଏହା ନ ହେଲେ ପୁରବନ୍ଦୀ ପ୍ରାଥମିକ ଶିକ୍ଷାକେନ୍ଦ୍ରର ଗୋଟେ ପାଖ କାନ୍ଥ ନିହାତି ଭୁଶୁଡ଼ି ପଡ଼ିବ। ସଚେତନ ଅଭିଭାବକ ଗୋଷ୍ଠୀର ଚିତ୍ର ପ୍ରଧାନ ଶିକ୍ଷକଙ୍କ ଉପରେ ନିର୍ଭରଶୀଳ। ସଚେତନ ଅଭିଭାବକ ଗୋଷ୍ଠୀ ଛାଆଁକୁ ଛାଆଁ ଗଢ଼ିଉଠିବେ ନାହିଁ କସ୍ମିନ୍‌କାଳେ। ସେଥିପାଇଁ ବିଭିନ୍ନ ସମୟରେ ବିଭିନ୍ନ କାର୍ଯ୍ୟରେ ଅଭିଭାବକ ଗୋଷ୍ଠୀଙ୍କର ସମ୍ପୃକ୍ତି କରାଇବାକୁ ନିଜର ସମ୍ମତି ଦେବା ଦରକାର। ସ୍କୁଲ ହେଉଛି ଗାଁର। ସରକାରଙ୍କର ଯେତେ ନୁହଁ ତା'ଠାରୁ ଅନେକ ବେଶି ଆମର। ଏହା ଫଳରେ ଶିକ୍ଷା ଅନୁକୂଳ ତଥା ଛାତ୍ର ଅନୁକୂଳ ବାତାବରଣ ସମ୍ଭବ ହେବା ଅସମ୍ଭବ ନୁହେଁ।

**ବିଷମ କଟକ, ରାୟଗଡ଼**
**ମୋ: ୮୨୪୯୬୫୭୭୭୮**



# ଯୁଦ୍ଧ ଉପାର୍ଜିତ ପୁରସ୍କାର

ସବ୍ୟସାଚୀ ଦତ୍ତ

ନୋବେଲ୍ ପୁରସ୍କାର' ବିଶ୍ୱର ସର୍ବୋଚ୍ଚ ସମ୍ମାନ ରୂପେ ପରିଗଣିତ। କିଏ ସେ ନୋବେଲ୍? କାହିଁକି ବା ତାଙ୍କ ନାଁରେ ଏପରି ସର୍ବୋଚ୍ଚ ପୁରସ୍କାର ଦେବାର ଘୋଷଣା କରାଗଲା? ଏହାର ଇତିହାସ ଅନେକଟା ଦୁଃଖଦ, ଯାହାକୁ ସୁଖଦ କରିବାକୁ ବିଶ୍ୱଦରବାରରେ ବାରମ୍ବାର ଚେଷ୍ଟା କରାଯାଇଛି। ବିଧିର ବିଧାନ କିନ୍ତୁ ଚାହିଁଛି ପୃଥକ୍ ପରିଣତି। କ୍ରମେ ପୁରସ୍କାରଟି ନାନାଆଡୁ ଦୁଃଖକୁ ହିଁ ସାଉଁଟି ଆଣିଛି।

ସାର୍ ଆଲ୍‌ଫ୍ରେଡ୍ ନୋବେଲ୍। ୧୮୩୩ ମସିହାରେ ଜନ୍ମ ନିଅନ୍ତି ସ୍ୱିଡେନ୍‌ରେ। ରସାୟନ ବିଜ୍ଞାନରେ ବ୍ରତୀ। ୧୮୬୬ରେ ଆବିଷ୍କାର କରନ୍ତି ମାରାତ୍ମକ ବିସ୍ଫୋରକ 'ଡିନାମାଇଟ୍'। ୧୮୬୭ରେ ସେ 'ଡିନାମାଇଟ୍'ର ପେଟେଣ୍ଟ କରିନିଅନ୍ତି। ଅର୍ଥାତ୍ ଏହାର ବିକ୍ରିଲବ୍ଧ ଅର୍ଥ ଉପରେ ତାଙ୍କର ଏକଚାଟିଆ ଅଧିକାର ରହେ। ରୋଜଗାରର ସୁଅ ଛୁଟେ। ତାହା ତାଙ୍କୁ ସୁନାମ ସହିତ ସମପରିମାଣର ଦୁର୍ନାମ ମଧ୍ୟ ଆଣି ଦିଏ। ବିଭିନ୍ନ ଖବରକାଗଜ ଓ ଗଣମାଧ୍ୟମ ସାର୍ ଆଲ୍‌ଫ୍ରେଡ୍‌ଙ୍କୁ 'ମୃତ୍ୟୁର ସୌଦାଗର' ବୋଲି ବର୍ଣ୍ଣନା କରନ୍ତି। କାରଣ 'ଡିନାମାଇଟ୍' ପ୍ରଭାବରେ ସାରା ବିଶ୍ୱରେ ମୃତ୍ୟୁସଂଖ୍ୟା ଦିନକୁ ଦିନ ମାତ୍ରାଧିକ ଭାବେ ବଢ଼ିଚାଲେ।

ଏ ଅବତାରଣା ଆଲ୍‌ଫ୍ରେଡ୍‌ଙ୍କୁ ବହୁତ ବାଧେ। ସେ ମର୍ମାହତ ହୁଅନ୍ତି। ତାଙ୍କ ଡିନାମାଇଟ ଉପାର୍ଜିତ ଅର୍ଥକୁ କୌଣସି କଲ୍ୟାଣକାରୀ କାମରେ ଉପଯୋଗ କରିବା ପାଇଁ ସିଦ୍ଧାନ୍ତ ନିଅନ୍ତି। 'ମୃତ୍ୟୁର ବର୍ଷେ ପୂର୍ବରୁ, ୧୮୯୫ରେ ସେ ଗୋଟେ ଉଇଲ୍ କରି ତାଙ୍କର ସମସ୍ତ ଅର୍ଜିତ ଅର୍ଥକୁ ବିଶ୍ୱର କଲ୍ୟାଣ ନିମନ୍ତେ ଏକ ପାଣ୍ଠିକୁ ହସ୍ତାନ୍ତର କରନ୍ତି। ବିଶ୍ୱର ସର୍ବଶ୍ରେଷ୍ଠ ସାହିତ୍ୟ କୃତି, ରସାୟନ ବିଦ୍ୟା, ପଦାର୍ଥ ବିଜ୍ଞାନ ଓ ଭେଷଜ ବିଜ୍ଞାନରେ ଶ୍ରେଷ୍ଠ ଆବିଷ୍କାର/ଉଦ୍ଭାବନ ପାଇଁ ଅଲଗା ଅଲଗା ଚାରୋଟି ପୁରସ୍କାର ଦିଆଯିବ। ସେତେବେଳକୁ ପ୍ରାୟ ପ୍ରଥମ ବିଶ୍ୱଯୁଦ୍ଧ ଆଶଙ୍କାରେ ପ୍ରାକ୍‌ଯୁଦ୍ଧ ଅଶାନ୍ତି ଅଳ୍ପ ବହୁତେ ଅନୁଭୂତ ହୋଇଆସୁଥିଲା। ତେଣୁ ଶେଷକୁ ପଞ୍ଚମ ଶ୍ରେଷ୍ଠ ପୁରସ୍କାର ଭାବେ ନୋବେଲ ଶାନ୍ତି ପୁରସ୍କାରକୁ ମଧ୍ୟ ଯୋଡ଼ାଗଲା ଓ ଆଲ୍‌ଫ୍ରେଡ୍‌ଙ୍କ ମୃତ୍ୟୁର ଚାରିବର୍ଷ ପରଠାରୁ ୧୯୦୧ରୁ ଆରମ୍ଭ ହେଲା 'ନୋବେଲ୍ ପୁରସ୍କାର' ପ୍ରଦାନର ପର୍ବ।

୧୯୧୪ରେ ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭ ହୁଏ। ନୋବେଲ୍ ପୁରସ୍କାର ପରିଚାଳନା କମିଟି ଯୁଦ୍ଧର ବାସ୍ନା ବାରିପାରି, ଏହାର ୧୩ ବର୍ଷ ପୂର୍ବରୁ ଶାନ୍ତି ପୁରସ୍କାର ପ୍ରଦାନ ଆରମ୍ଭ କରିଥିଲେ। ତଥାପି ଯୁଦ୍ଧକୁ ବନ୍ଦ କରିପାରିଲେ ନାହିଁ। ଠିକ୍ ୨୦ ବର୍ଷ ପରେ, ପୁଣି ୧୯୩୯ରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ମଧ୍ୟ ଭୟଙ୍କର ରୂପ ନିଏ। ୮୦ ବର୍ଷ ପରେ ଆଜି ଆମେ ତୃତୀୟ ବିଶ୍ୱଯୁଦ୍ଧର ଦ୍ୱାରଦେଶରେ ଉପନୀତ ଏବଂ ଶାନ୍ତି ପ୍ରତିଷ୍ଠା ପାଇଁ ଆଲୋଚନା, ପର୍ଯ୍ୟାଲୋଚନା ଓ ପ୍ରଚେଷ୍ଟା ମଧ୍ୟ କରୁଛୁ।

ଦୁଇଦୁଇଟି ଭୟଙ୍କର ଯୁଦ୍ଧ କିପରି ପୁରସ୍କାର ପ୍ରଦାନ କରିବାରେ; ପ୍ରକାରାନ୍ତେ ଉପାର୍ଜନ କରାଇବାରେ ସମର୍ଥ ହୋଇପାରିଛି ସେ ବିଷୟରେ ଆଲୋକପାତ କରିବା। ଦ୍ୱିତୀୟ ବିଶ୍ୱଯୁଦ୍ଧର ପୃଷ୍ଠଭୂମିରେ ଗୁଣ୍ଟାର୍ ଗ୍ରାସ୍ ରଚନା କରନ୍ତି ଏକ ବହୁଚର୍ଚ୍ଚିତ ଉପନ୍ୟାସ, 'ଦି ଟିନ୍ ଡ୍ରମ୍'। ୧୯୫୮ରେ ଏହା ପ୍ରକାଶିତ ହୁଏ, ଯାହାର ନାୟକ ଜଣେ ୧୩ ବର୍ଷର ବାଳକ; ନାଁ ଓସ୍କାର ମାଜେରାଥ୍। ବାଳକଟି ଗୋଟିଏ ଡ୍ରମ୍ ବାଡ଼େଇ ଭର୍ତ୍ସନା କରୁଛି ବୟସ୍କମାନଙ୍କୁ। ଅର୍ଥାତ୍ ପ୍ରୌଢ଼ ବର୍ଗଙ୍କୁ ଯିଏ ଯୁଦ୍ଧର ମୁଖ୍ୟ ନେପଥ୍ୟ ନାୟକ ଓ ଯୁବ ବର୍ଗଙ୍କୁ, ଯେଉଁମାନେ ଯୁଦ୍ଧ ଲଢ଼ନ୍ତି। ଅନେକ ବର୍ଷ ପରେ ୧୯୯୯ ମସିହାର ସାହିତ୍ୟ ବିଭାଗରେ ନୋବେଲ୍ ପୁରସ୍କାର ପାଇଁ ଗୁଣ୍ଟାର ଗ୍ରାସ୍‌ଙ୍କର ୨ଟି ଉପନ୍ୟାସ 'ଦି ର୍‌ୟାଟ' ଓ 'ଦି ଟିନ୍ ଡ୍ରମ୍' ନୋବେଲ୍ କମିଟିର ବିଚାର ପରିସରଭୁକ୍ତ ହୋଇଥିଲା।



ଦ୍ୱିତୀୟ ବିଶ୍ୱଯୁଦ୍ଧ ସରିବା ପରଠୁ ଆମେ ୮ଦଶନ୍ଧି ସମୟ ବିତେଇ ସାରିଲେଣି। ଏହା ମଧ୍ୟରେ ସାହିତ୍ୟ ଓ ଶାନ୍ତି ପାଇଁ ୮୦ଥର ନୋବେଲ୍ ପୁରସ୍କାର ଦିଆଯାଇଥିବ। ୧୯୬୯ରୁ ଆରମ୍ଭ ହୋଇଥିବା, ଅର୍ଥନୀତି ନୋବେଲ୍ ପୁରସ୍କାର ମଧ୍ୟ ପ୍ରାୟ ୫୫ ଥର ଦିଆସରିବଣି। ଏ ତିନି ଜାତିର ପୁରସ୍କାର ପ୍ରତ୍ୟେକ ବର୍ଷ ଭିନ୍ନ ଭିନ୍ନ ପ୍ରସଙ୍ଗକୁ ବିଚାର କରି ଦିଆଯାଇଥିବ। ହୁଏତ କେଉଁଠି ଛୋଟମୋଟ ଯୁଦ୍ଧ ଏ ପୁରସ୍କାର ପାଇଁ ଆଧାର ବି ସାଜିଥାଇ ପାରନ୍ତି। କିନ୍ତୁ କ୍ରମ ହେଲା, ପ୍ରଥମେ ଯୁଦ୍ଧ ପରବର୍ତ୍ତୀ ସମୟରେ ଶାନ୍ତି ପ୍ରତିଷ୍ଠା ପାଇଁ; କିଛି ବର୍ଷ ମଧ୍ୟରେ ସେ ଘନଘଟାର ବର୍ଣ୍ଣନାତ୍ମକ ସାହିତ୍ୟ ସୃଷ୍ଟି ପାଇଁ ଓ ପରେ ପରେ ଯୁଦ୍ଧୋତ୍ତର ଅର୍ଥନୀତିରେ ସୁଧାର ଆଣିବାର ପ୍ରଚେଷ୍ଟା ପାଇଁ। ଯୁଦ୍ଧ ଉପାର୍ଜିତ ସାହିତ୍ୟ ନୋବେଲ୍ ପୁରସ୍କାରର ଆଖ୍ୟାୟିକା ତ ଶୁଣିଲେ। ଶାନ୍ତି ପୁରସ୍କାର କଥା ସମସ୍ତେ ଜାଣିଛନ୍ତି। ଜାତିସଂଘ ମଧ୍ୟ ପ୍ରତିଷ୍ଠା ହୋଇଛି ଶାନ୍ତି ପ୍ରତିଷ୍ଠା ପାଇଁ, ଯଦିଓ ଏହା ଆଜିଯାଏ ସକ୍ରିୟ ହୋଇପାରି ନାହିଁ। ଯୁଦ୍ଧୋତ୍ତର ପୃଥିବୀରେ ନିଶ୍ଚୟ କେଉଁଠି ନା କେଉଁଠି ଅର୍ଥନୀତିରେ ଭୂସ୍ଖଳନ ହେବାର ଆଶଙ୍କା ଥାଏ। ତାକୁ ସୁଧାରିବା ପାଇଁ ଯାଇ କେହି ମନୀଷୀ ଆସି ଅର୍ଥନୀତିରେ ସୁଧାର ଆଣିଲେ, ସେ ପୁଣି ଅର୍ଥନୀତିରେ ନୋବେଲ୍ ପୁରସ୍କାର ପାଇଁ ଦାବିଦାର ହୋଇଯାଆନ୍ତି। ବାଂଲାଦେଶର ମହମ୍ମଦ ୟୁନୁସ୍ ମଧ୍ୟ ଯୁଦ୍ଧୋତ୍ତର ଅର୍ଥନୀତିରେ ଏଭଳି ନୋବେଲ୍ ପୁରସ୍କାର ପାଇବାରେ ଦୃଷ୍ଟାନ୍ତ ସାଜିଛନ୍ତି। କିନ୍ତୁ ଅର୍ଥନୀତିରେ ନୋବେଲ ପୁରସ୍କାର ବିଚାର ଯେଉଁ କ୍ଷେତ୍ର ପାଇଁ ଦିଆଯାଏ, ତାହା ଲାଗି ପ୍ରଥମେ ଦେଶଟି ଦରିଦ୍ର ପଦବାଚ୍ୟ ହେବା ଉଚିତ।

ବର୍ତ୍ତମାନ ପୃଥିବୀରେ ରୁଷିଆ–ୟୁକ୍ରେନ୍, ଗାଜା–ଇସ୍ରାଏଲ କିମ୍ବା ଭାରତ–ପାକିସ୍ତାନ ଯୁଦ୍ଧର ନିଆଁ ପୂରାପୂରି ଲିଭିନାହିଁ। ସବୁଠାରେ କୁହୁଳୁଛି। ପୁଣି ଦକ୍ଷିଣ–ଉତ୍ତର କୋରିଆ ଓ ଚାଇନା–ତାଇୱାନରେ ଆଉ ଦୁଇଟି ଆସନ୍ନ ଯୁଦ୍ଧ କଳାହାଣ୍ଡିଆ ମେଘ ଭଳି ଘୋଟି ରହିଛି। କେତେବେଳେ ବର୍ଷିଯିବ କେହି ଜାଣିନାହାନ୍ତି। ସେପଟେ ପୁଣି ସାହିତ୍ୟିକ ଗୋଷ୍ଠୀ ଚାହିଁ ବସିଥିବେ ଏହି ଯୁଦ୍ଧ ପୃଷ୍ଠଭୂମିକୁ ନେଇ ଦରଦୀ ସାହିତ୍ୟ ରଚନା ପାଇଁ, ଯାହା ପୁଣି କିଛି ବର୍ଷ ପରେ ସାହିତ୍ୟରେ ନୋବେଲ୍ ପୁରସ୍କାର ପାଇଁ ମନୋନୀତ ହେବ। ପୁଣି ୟୁକ୍ରେନ୍, ଗାଜା ବା ପାକିସ୍ତାନ ଭଳି ଯୁଦ୍ଧ ବିଧ୍ୱସ୍ତ ରାଷ୍ଟ୍ରର ଅର୍ଥନୀତିରେ ସୁଧାର ଆଣିବା ପାଇଁ ବିଶ୍ୱସ୍ତରରେ ନାନା ଚେଷ୍ଟା କରାଯିବ। ତାହା ହୁଏତ କୌଣସି ବ୍ୟକ୍ତିବିଶେଷ ବା ସଂସ୍ଥାକୁ ନୋବେଲ୍ ଅର୍ଥନୀତି ପୁରସ୍କାର ପାଇବାରେ ସହାୟକ ହେବ।

ପୃଷ୍ଠଭୂମିରେ ଯୁଦ୍ଧରୁ ପରୋକ୍ଷରେ ଉପାର୍ଜିତ ହୋଇଥିବା, ଶାନ୍ତି, ସାହିତ୍ୟ ଓ ଅର୍ଥନୀତିର ତିନୋଟି ଯାକ ନୋବେଲ୍ ପୁରସ୍କାର ଗୋଟିଏ ଦେଶକୁ ଚାଲିଯିବାର ଆଶଙ୍କା ମଧ୍ୟ ରହିଛି। ମୃତ୍ୟୁର ଘନଘଟାରୁ ଦୁଃଖ ଉପାର୍ଜିତ ଅର୍ଥରେ ପ୍ରଦତ୍ତ ନୋବେଲ୍ ପୁରସ୍କାର ପୁଣି ଘୂରିବୁଲେ ସେହି ଦୁଃଖର ଭଉଁରି ଭିତରେ। ସୁଖ ସାଉଁଟିବାର ଆଶା ପରାହତ ହୁଏ। ଆମର ସହଜାତ ଯୁଦ୍ଧଖୋର ମନୋବୃତ୍ତି ଯୋଗୁ କୌଣସି ପ୍ରକାରେ ପ୍ରାୟୋଜିତ ଦୁଃଖ ଲଦି ଦିଆଯାଏ ପୃଥିବୀବାସୀଙ୍କ ଉପରେ।

**ମୋ: ୯୪୩୭୦୪୫୫୪୭**

## ଏଇ ଭାରତରେ

ପେସାରେ ସେ ଜଣେ ଡାକ୍ତର, ହେଲେ ବନୀକରଣ ପାଇଁ ସମୟ ଦେଇ ତାହାର ସଫଳ ରୂପାୟନ କରିପାରିଛନ୍ତି ରାଜସ୍ଥାନର ଡ. ଯୋଗେଶ ଚୌଧୁରୀ। ସେ ରାଜସ୍ଥାନର ଶୁଷ୍କ ଜଳବାୟୁରେ ଚନ୍ଦନ ଜଙ୍ଗଲ ସୃଷ୍ଟିକରିବାକୁ ସକ୍ଷମ ହୋଇଛନ୍ତି। ୨୦୧୭ରେ ସେ କର୍ଣ୍ଣାଟକର ବେଲାରି ଯାଇଥିବା ସମୟରେ ବିସ୍ତୀର୍ଣ୍ଣ ଚନ୍ଦନ ଜଙ୍ଗଲରେ ବୁଲିବାର ସୁଯୋଗ ପାଇଥିଲେ। ସେଠାକାର ଅନୁଭବ ତାଙ୍କୁ ଏଭଳି ଜଙ୍ଗଲ କରିବା ଲାଗି ପ୍ରେରଣା ଦେଇଥିଲା। ପରେ ତାଙ୍କ ଗାଁ ବାରମରରେ ଚାଷ ହେଉ ନ ଥିବା ଜମିରେ ଚନ୍ଦନ ଗଛ ଲଗାଇବା ଆରମ୍ଭ କରିଥିଲେ। ମୋଟରେ ସେ ୯୦୦ ଚନ୍ଦନ ଚାରାଗଛ ଲଗାଇଥିଲେ, କିନ୍ତୁ ସେସବୁ ମରିଯାଇଥିଲା। ଫଳରେ ସେ ୧.୫ ଲକ୍ଷ ଟଙ୍କା କ୍ଷତି ସହିଥିଲେ। ବାସ୍ତବରେ ରାଜସ୍ଥାନରେ ଚନ୍ଦନ ଜଙ୍ଗଲ କରିବା ତାଙ୍କ ପାଇଁ ଏକ ଆହ୍ୱାନ ଥିଲା। ଏଥିପାଇଁ ଶୁଷ୍କ ଜଳବାୟୁରେ ଚନ୍ଦନ ଗଛ କିପରି ବଢ଼ିପାରିବ, ସେ ସମ୍ପର୍କରେ ଗବେଷକଙ୍କ ସହଯୋଗ ନେଇ ଚନ୍ଦନ ଗଛ ଲଗାଇ ବଢ଼ାଇପାରିଛନ୍ତି। ଏବେ ତାଙ୍କ ଫାର୍ମରେ ୯୦୦ ଚନ୍ଦନଗଛ ଅଛି। ଏହାସହ ଡ. ଯୋଗେଶ ମଧ୍ୟ ୬,୦୦୦ ଫଳ ଓ କାଠଗଛ ମଧ୍ୟ ଲଗାଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

### ୧୯ ନଭେମ୍ବର ୧୯୭୬

- ରାଜ୍ୟ ମନ୍ତ୍ରିମଣ୍ଡଳରୁ କୃଷି, ସମବାୟ ଓ ପୂର୍ତ୍ତମନ୍ତ୍ରୀ ଲକ୍ଷ୍ମଣ ମଲ୍ଲିକଙ୍କ ଇସ୍ତଫା ପ୍ରଦାନ।
- ଆନ୍ତର୍ଜାତିକ ଆଇନ କମିଶନର ସଭ୍ୟ ରୂପେ ଭାରତର ପ୍ରାର୍ଥୀ ଡକ୍ଟର ଏସ୍.ପି. ବାଗୋତା ନିର୍ବାଚିତ।
- ବାଂଲାଦେଶରେ ବୟୋବୃଦ୍ଧ ବିଶିଷ୍ଟ ରାଜନୈତିକ ନେତା ମୌଲାନା ଅବଦୁର ହମିଦ ଖାଁ ଭାସାନୀଙ୍କ ୯୬ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ସନ୍ଧ୍ୟା ଆସେ ସବୁଜ ଘାସେ
ପକାଇ ଚାରୁ ଛାୟା
ଆଷାଢ଼ ମେଘ ଆକାଶେ ରଚେ ମାୟା ।
ଆମ୍ରବନେ ପରଶେ ବାଆ ଉଦାସ ତାର ଗତି
ଏ ଘରେ ଆଜି ଜଳିଲା ନାହିଁ ବତୀ !
–(ସନ୍ଧ୍ୟା ପଥେ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ରାସ୍ତା ସମ୍ପ୍ରସାରଣ ହେଉ

ମହାଶୟ,

ଢେଙ୍କାନାଳ ଜିଲା, ଦକ୍ଷିଣକାଳୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ୨୦୧୮ ମସିହାରୁ ପ୍ରତିଷ୍ଠା ହୋଇଛି । ମହାବୀର ବଜାରର ଟ୍ରାଫିକ ଛକଠାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାଟି ସଂକୀର୍ଣ୍ଣ ହୋଇଥିବାରୁ ବହୁଦିନରୁ ଢେଙ୍କାନାଳବାସୀଙ୍କ ପାଇଁ ନିରନ୍ତର ବାଧା ସୃଷ୍ଟି କରୁଛି। ପ୍ରତ୍ୟେକ ଦିନ ଏହି ଛକରେ ଟ୍ରାଫିକ ସମସ୍ୟା ଦେଖାଯାଉଛି। ଏପରି କି ଅନେକ ସମୟରେ ଆମ୍ବୁଲାନ୍ସ ଭଳି ଜରୁରିକାଳୀନ ସେବାରେ ବିଳମ୍ବ ଘଟୁଛି ; ଯାହାକୁ ସ୍ଥାନୀୟ ଲୋକମାନେ ପ୍ରଶାସନିକ ଅବହେଳା ଏବଂ ରାସ୍ତା ସମ୍ପ୍ରସାରଣ ପ୍ରକଳ୍ପରେ ଅଚଳାବସ୍ଥା ବୋଲି ଦାୟୀ କରୁଛନ୍ତି। ତେଣୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯିବାପାଇଁ ଏକ ଚଉଡ଼ା ରାସ୍ତାର ଆବଶ୍ୟକତା ରହିଛି। ଜିଲା ପ୍ରଶାସନ ଏହି ଦିଗରେ ଉଚିତ ପଦକ୍ଷେପ ନିଅନ୍ତୁ।

**–ସୁଜିତ କୁମାର ଦେବତା, ଆଇଆଇଏମ୍‌ସି, ଢେଙ୍କାନାଳ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com
:miku11@yahoo.com (Use only for advertisements,commercial queries)



ଆଇଆଇଏମ୍‌ସି ଢେଙ୍କାନାଳର ଇଂଲିଶ ଓ ଓଡ଼ିଆ ସାମ୍ବାଦିକତାର ଛାତ୍ରୀଛାତ୍ରମାନେ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ କାର୍ଯ୍ୟାଳୟ ପରିଦର୍ଶନରେ ଆସିଥିବାବେଳେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ ଆଇଆଇଏମ୍‌ସିର ଅଧ୍ୟାପିକାଅଧ୍ୟାପକ।

# ଟିଟିଲାଗଡ଼ ସିଏନ୍‌ଆଇ ଚର୍ଚ୍ଚରେ ହ୍ୟୁମାନଙ୍କୁ ଦିଆଗଲା କବର

## ଭିଜା ଆଖିରେ ସମର୍ଥକ ଓ ସଙ୍ଗୀତପ୍ରେମୀ ଦେଲେ ଭାବପୂର୍ଣ୍ଣ ବିଦାୟ

ଟିଟିଲାଗଡ,୧୮।୧୧(ଶରତ ମିଶ୍ର)

ବିଶିଷ୍ଟ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ପାର୍ଥିବ ଶରୀର ତାଙ୍କ ଜନ୍ମମାଟି ବଲାଙ୍ଗୀର ଜିଲାର ଟିଟିଲାଗଡ଼ରେ ପହଞ୍ଚିବା ପରେ ସହସ୍ରାଧିକ ସମର୍ଥକ ଓ ସଙ୍ଗୀତପ୍ରେମୀ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇ ଅଶ୍ରୁଳ ବିଦାୟ ଦେଇଛନ୍ତି। ବଲାଙ୍ଗୀର ଦେଇ ସଇଁତଲା ନିକଟ ତାଙ୍କ ପୈତୃକ ଗ୍ରାମ ଡେଙ୍ଗାକୁ ମରଶରୀର ନିଆଯାଇ ପରେ ଟିଟିଲାଗଡ଼ ଅଭିମୁଖେ ନିଆଯାଇଥିଲା। ହ୍ୟୁମାନଙ୍କ ମରଶରୀର ଥିବା ଆମ୍ବୁଲାନ୍ସ ଟିଟିଲାଗଡ଼ ସହର ପରିକ୍ରମା କରିଥିଲା। ଶେଷ ଦର୍ଶନ ପାଇଁ ପ୍ରବଳ ଭିଡ଼ ଜମିଥିଲା। ପରିବାର ଲୋକ ଓ ସମ୍ପର୍କୀୟଙ୍କ କାନ୍ଦ ବୋବାଳିରେ ସମଗ୍ର ପରିବେଶ ଶୋକାକୁଳ ହୋଇ ପଡିଥିଲା। ହ୍ୟୁମାନ ସାଗର ଅମର ରହେ ନାରା ଦେଇ ବହୁ ସଙ୍ଗୀତପ୍ରେମୀ ତାଙ୍କର ପ୍ରିୟ କଣ୍ଠଶିଳ୍ପୀଙ୍କୁ ଶେଷ ବିଦାୟ ଦେଇଥିଲେ। ପରେ ଟିଟିଲାଗଡ଼ ସିଏନ୍‌ଆଇ ଚର୍ଚ୍ଚ ପରିସରରେ ପାରମ୍ପରିକ ରୀତିରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଖ୍ରୀଷ୍ଟଧର୍ମର ରୀତିନୀତି ଅନୁଯାୟୀ ପାଷ୍ଟର ଜ୍ୟୋତିରଞ୍ଜନ ପାଇକ ଶେଷକୃତ୍ୟ ପାଇଁ ପୂଜାର୍ଚ୍ଚନା ଓ ପ୍ରାର୍ଥନା କରିଥିଲେ। ସେଠାରେ ତାଙ୍କୁ କବର ଦିଆଯାଇଥିଲା। ୨୦୨୨ ମସିହା କୋଭିଡ୍ ସମୟରେ ହ୍ୟୁମାନଙ୍କ ବାପା ରବିଚନ୍ଦ୍ର ସାଗରଙ୍କ ଦେହାନ୍ତ ହୋଇଥିଲା। ୨୦୧୫ ମସିହାରେ ତାଙ୍କ ସାନଭାଇ ମଧ୍ୟ ଆରପାରିକୁ ଚାଲିଯାଇଥିଲେ। ବାପା ଓ ଭାଇଙ୍କ କବର ପାଖରେ ଚିରନିଦ୍ରାରେ ଶୋଇଯାଇଛନ୍ତି ଓଡ଼ିଶାର ସ୍ୱର ଜଗତର ଅପ୍ରତିଦ୍ୱନ୍ଦ୍ୱୀ ପ୍ରତିଭା ହ୍ୟୁମାନ। ତାଙ୍କୁ ଝୁରୁଛି ଟିଟିଲାଗଡ଼, ବଲାଙ୍ଗୀର ଏବଂ ଓଡ଼ିଶା। ସଙ୍ଗୀତପ୍ରେମୀଙ୍କ ହୃଦୟରେ ଅଳ୍ପ ବୟସରୁ ଲୋକପ୍ରିୟତାର ଶୀର୍ଷକୁ ଛୁଇଁଥିବା ହ୍ୟୁମାନ ଯେ ଏତେ କମ୍ ବୟସରେ ସମସ୍ତଙ୍କୁ ଛାଡି ଚାଲିଯିବେ ଏହା କେହି ବିଶ୍ୱାସ କରିପାରୁନାହାନ୍ତି।

ହ୍ୟୁମାନଙ୍କ ଶେଷକୃତ୍ୟ ସମ୍ପନ୍ନହେବା ସମୟରେ ତାଙ୍କ କାକା ଖୁଡ଼ୀ,ମା' ଶେଫାଳି ସୁନା, ପରିବାର ସଦସ୍ୟ, ସମ୍ପର୍କୀୟ, ବନ୍ଧୁବର୍ଗ ଓ ଜନସାଧାରଣ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ନବୀନ ଜୈନ, ପୂର୍ବତନ ବିଧାୟକ ସରୋଜ ମେହେର, ଗୁଣସାଗର ମାଝି, ଭାଜପା ନେତା ପ୍ରଶାନ୍ତ ଷଡ଼ଙ୍ଗୀ, ବୁଦ୍ଧିଆ ଆଚାର୍ଯ୍ୟ, ନାୟକ ବାବୁ, ସିମରନ ସିଂଭୋଇ, ପୂର୍ବତନ ଅଧ୍ୟକ୍ଷ ଶିବପ୍ରସାଦ ବେହେରା ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।




ହ୍ୟୁମାନ ସାଗରଙ୍କ ମରଶରୀରକୁ ଟିଟିଲାଗଡ଼ ସହର ପରିକ୍ରମା କରାଯାଉଛି।

# ମସଲା ଚିପସ୍ ଭିତରେ ଥିବା ପ୍ଲାଷ୍ଟିକ୍ ଖେଳନା ଗିଳି ଶିଶୁ ମୃତ

## ଅଙ୍ଗନୱାଡି କେନ୍ଦ୍ରରେ ପାଠ ପଢ଼ି ବାପାଙ୍କ ସହ ଯାଇଥିଲେ ମକାବାଡ଼

ଦାରିଙ୍ଗବାଡି, ୧୮।୧୧ (ଅରୁଣ ସାହୁ)

ଏକ ମସଲାଯୁକ୍ତ ଚିପସ୍ ପ୍ୟାକେଟ ଭିତରେ ଥିବା ପ୍ଲାଷ୍ଟିକ ଖେଳନା ଗିଳି ଜଣେ ୪ ବର୍ଷର ଶିଶୁଙ୍କ ମଙ୍ଗଳବାର ମୃତ୍ୟୁ ହୋଇଛି। ଏପରି ଅଭାବନୀୟ ଘଟଣା ବ୍ରାହ୍ମଣୀଗାଁ ଥାନା ତାଲୁଙ୍ଗିଆ ପଞ୍ଚାୟତ ଶିକରମାହା ଗ୍ରାମ ନିକଟସ୍ଥ ମୁସୁମାହାପଡାରେ ଦେଖିବାକୁ ମିଳିଛି। ମୃତ ଶିଶୁ ଜଣକ ହେଲେ ଏହି ପଡାର ରଞ୍ଜିତ ପ୍ରଧାନଙ୍କ ପୁଅ ବିଗିଲ ପ୍ରଧାନ।

ଖବରରୁ ଜଣାପଡିଛି, ସବୁଦିନ ଭଳି ମଙ୍ଗଳବାର ମଧ୍ୟ ବିଗିଲ ଅଙ୍ଗନାୱାଡି କେନ୍ଦ୍ରକୁ ପାଠ ପଢିବାକୁ ଯାଇଥିଲେ। ପାଠ ପଢି ସେଠାରେ ମଧ୍ୟାହ୍ନଭୋଜନ ଖାଇ ତାଙ୍କୁ ଆଣିବାକୁ ଯାଇଥିବା ବାପାଙ୍କ ସହ ଆସି ମକାବାଡ଼କୁ ଯାଇଥିଲେ। ସେଠାରେ ମା'ବାପା ମାଙ୍କ ସହ କିଛି ସମୟ ବିତାଇ ବିଗିଲ ଖେଳୁଥିଲେ। ପୂର୍ବରୁ ପୁଅ ପାଇଁ ରଞ୍ଜିତ ଏକ ମସଲାଯୁକ୍ତ ଚିପସ୍ ପ୍ୟାକେଟ ଆଣି ରଖିଥିଲେ। ସେହି ପ୍ୟାକେଟଟି ପୁଅକୁ ଦେଇଥିଲେ। ବିଗିଲ ଚିପସ୍ ଖାଇବା ସହ ପ୍ୟାକେଟରୁ ବାହାରିଥିବା ଏକ ପ୍ଲାଷ୍ଟିକ ବନ୍ଧୁକ ଖେଳନାକୁ ଧରି ଖେଳୁଥିଲେ। ଅସାବଧାନତା ଯୋଗୁ ସେ ଏହି ଖେଳନା ବନ୍ଧୁକଟିକୁ ପାଟିରେ ପୂରାଇ ଦେଇଥିଲେ। ଗିଳି ଦେବାରୁ ତାହା ପେଟକୁ ନ ଯାଇ ବିଗିଲଙ୍କ ତଣ୍ଟିରେ ଅଟକିଯାଇଥିଲା। ସେ ନିଃଶ୍ୱାସ ପ୍ରଶ୍ୱାସ ନେବା କଷ୍ଟକର ହୋଇପଡିଥିଲା। ଏହା ଦେଖି ପାଖରେ କାମ କରୁଥିବା ମା'ବାପା ଦୌଡି ଆସି ବିଗିଲଙ୍କ ତଣ୍ଟିରେ ଅଟକି ଥିବା ଖେଳନାକୁ କାଢିବା ପାଇଁ ବହୁ ଉଦ୍ୟମ କରିଥିଲେ ମଧ୍ୟ ପାରି ନ ଥିଲେ। ଶେଷରେ ଗୁରୁତର ଅବସ୍ଥାରେ ପୁଅକୁ ଧରି ଉଭୟେ ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ସେଠାରେ ବିଗିଲଙ୍କୁ ପରୀକ୍ଷା କରି ଡାକ୍ତର ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ସ୍ୱାସ୍ଥ୍ୟକେନ୍ଦ୍ର ଇନ୍‌ଚାର୍ଜ ଡାକ୍ତର ଜାକେଶ ସାମନ୍ତରାୟ କହିଛନ୍ତି, ଶିଶୁଙ୍କ ବାପାଙ୍କ କହିବା ଅନୁସାରେ ସେ ମସଲାଯୁକ୍ତ ଚିପସ୍‌ରେ ପ୍ୟାକେଟରେ ଥିବା ଖେଳନାଟିକୁ ଗିଳି ଦେଇଥିଲେ। ଯାହାକି ତାଙ୍କ ଶ୍ୱାସନଳୀରେ ରହିଯାଇ ବିପଦ ସୃଷ୍ଟି କରିଥିଲା। ଯଦି ଏହା ଖାଦ୍ୟନାଳୀକୁ ଯାଇଥାନ୍ତା ତେବେ ପେଟ ଭିତରକୁ ଯାଇ ବିପଦ ସୃଷ୍ଟି କରିଥାନ୍ତା ବୋଲି ଡାକ୍ତର ସାମନ୍ତରାୟ କହିଛନ୍ତି। ଏ ସମ୍ପର୍କରେ ଅଙ୍ଗନୱାଡି କର୍ମୀ ପ୍ରମିତି ପ୍ରଧାନ କହିଛନ୍ତି, ବିଗିଲ ଜଣେ ଭଲ ଛାତ୍ର। ନିୟମିତ କେନ୍ଦ୍ରକୁ ଆସନ୍ତି, ଭଲ ପଢ଼ନ୍ତି। ମଙ୍ଗଳବାର ମଧ୍ୟ ସେ ପାଠ ପଢିବାକୁ ଅଙ୍ଗନୱାଡିକୁ ଆସିଥିଲେ। ଏଠାରୁ ଫେରିବା ପରେ ଏପରି ଘଟଣା ଘଟିବା ଦୁଃଖଦାୟକ ବୋଲି ସେ କହିଛନ୍ତି। ଏପରି ଘଟଣା ମୁସୁମାହାପଡାରେ ଶୋକର ଛାୟା ଖେଳାଇ ଦେଇଛି।



ବିଗିଲ ପ୍ରଧାନ

# ଅବଦାନ, ଆହ୍ୱାନକୁ ଗୁରୁତ୍ୱ

## ଅନ୍ତର୍ଜାତୀୟ ପୁରୁଷ ଦିବସ




ସମାଜରେ ପୁରୁଷଙ୍କ ସଫଳତା ଓ ଅବଦାନକୁ ସମ୍ମାନିତ କରିବା, ସେମାନଙ୍କ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ବିଷୟରେ ସଚେତନତା ବୃଦ୍ଧି ତଥା ଲିଙ୍ଗଗତ ସମାନତା ଉପରେ ଧ୍ୟାନ ଦେବା ପାଇଁ ନଭେମ୍ବର ୧୯ରେ ପାଳିତ ହୋଇଆସୁଛି ଅନ୍ତର୍ଜାତୀୟ ପୁରୁଷ ଦିବସ। ଏହି ଦିବସ ମାନସିକ ସ୍ୱାସ୍ଥ୍ୟ, ପୁରୁଷ ଆତ୍ମହତ୍ୟା ଏବଂ ପୁରୁଷ ତଥା ପୁଅମାନେ ସମ୍ମୁଖୀନ ହେଉଥିବା ଆହ୍ୱାନ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକୁ ସାମ୍ନାକୁ ଆଣିଥାଏ। ଏଥିସହିତ ସକାରାତ୍ମକ ପୁରୁଷ ଆଦର୍ଶକୁ ମଧ୍ୟ ପ୍ରୋତ୍ସାହିତ କରିଥାଏ।

୧୯୯୯ ନଭେମ୍ବର ୧୯କୁ ଆନୁଷ୍ଠାନିକ ରୂପେ 'ପୁରୁଷ ଦିବସ' ଭାବେ ତ୍ରିନିଦାଦ ଏବଂ ଟୋବାଗୋରେ ଡକ୍ଟର ଜେରୋମ ଟିଲକସିଂ ପାଳନ କରିଥିଲେ। ସେ ତାଙ୍କ ପିତାଙ୍କ ଜନ୍ମଦିନକୁ ସମ୍ମାନ ଜଣାଇବା ତଥା ଦେଶକୁ ଏକତା ସୂତ୍ରରେ ବାନ୍ଧିବାରେ ତ୍ରିନିଦାଦ ଏବଂ ଟୋବାଗୋ ଫୁଟବଲ ଦଳର ଭୂମିକାକୁ ସ୍ୱୀକୃତି ଦେବା ପାଇଁ ସେ ଏହି ଦିବସକୁ ବାଛିଥିଲେ। ଅବଶ୍ୟ ଏହି ଦିବସର ଧାରଣା ୧୯୯୦ ଦଶକର ପ୍ରାରମ୍ଭରେ ଥମାସ ଓଷ୍ଟରଙ୍କ ଦ୍ୱାରା ଆରମ୍ଭ ହୋଇଥିଲା, ଯିଏ ୧୯୯୨ ମସିହାରେ କାର୍ଯ୍ୟକ୍ରମର ଆରମ୍ଭ କରିଥିଲେ। କିନ୍ତୁ ଏହି ଦିବସକୁ ପୁନଃ ସଂସ୍ଥାପିତ ତଥା ବିଶ୍ୱବ୍ୟାପୀ ଲୋକପ୍ରିୟ କରିବାର ଶ୍ରେୟ ଟିଲକସିଂଙ୍କୁ ଦିଆଯାଏ। ଏହି ଦିବସଟି ଏବେ ୮୦ରୁ ଅଧିକ ଦେଶରେ ପାଳିତ ହେଉଛି।

A Fast Growing Pharma Company
SHATAYUSHI HEALTHCARE PVT LTD
of Maharashtra having 1200+ Allopathy product basket. REQUIRES
BUSINESS DEVELOPMENT EXECUTIVE
(For BHUBANESWAR/ CUTTACK)
send resume on whatsapp only
Neeraj Pathak 7385495717 | Subhash Kelkar 992300031

# ୧୨ ଘଣ୍ଟିଆ ବନ୍ଦ ଶାନ୍ତିପୂର୍ଣ୍ଣ

## ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର ଘଟଣା

କେନ୍ଦୁଝର,୧୮।୧୧ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ସଦର ଥାନା ଅଞ୍ଚଳରେ ଗତ ୧୫ ତାରିଖରେ ଜଣେ ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର କରାଯାଇଥିଲା। ଏହି ଘଟଣା ପ୍ରତିବାଦରେ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ମଙ୍ଗଳବାର ୧୨ ଘଣ୍ଟିଆ କେନ୍ଦୁଝର ବନ୍ଦ ଡାକରା ଦିଆଯାଇଥିଲା। ଜିଲାରେ ଅନୁପ୍ରବେଶକାରୀ, ଉପଦ୍ରବକାରୀ ତଥା ଅସାମାଜିକ କାର୍ଯ୍ୟରେ ଲିପ୍ତ ବ୍ୟକ୍ତିଙ୍କୁ ଚିହ୍ନଟକରି ଜିଲାରୁ ବାହାର କରିବା ଦାବିରେ ଏହି ବନ୍ଦ ଡାକରା ଦିଆଯାଇଥିବା ବେଳେ ବନ୍ଦ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ ହୋଇଛି। ସ୍ୱତଃ ପ୍ରବୃତ୍ତ ଭାବେ ଦୋକାନ, ବଜାର ବନ୍ଦକରି ବହୁ ଲୋକ ଏହି ବନ୍ଦକୁ ସମର୍ଥନ କରିଥିଲେ।

କେନ୍ଦୁଝର ସହର ଗାନ୍ଧୀ ଛକ, ଜିଲାପାଳଙ୍କ କାର୍ଯ୍ୟାଳୟ ଛକ ସମେତ ବିଭିନ୍ନ ସ୍ଥାନରେ ହିନ୍ଦୁପ୍ରେମୀମାନେ ପତାକା ଧରି ହିନ୍ଦୁ ହିନ୍ଦୁ ଭାଇ ଭାଇ, ଭାରତମାତା କି ଜୟ ଆଦି ସ୍ଲୋଗାନ ଦେଇ ଶାନ୍ତିପୂର୍ଣ୍ଣ ପ୍ରଦର୍ଶନ କରିଥିଲେ। ସକାଳୁ ଜିଲାରେ ଅତ୍ୟାବଶ୍ୟକ ସେବା ବ୍ୟତୀତ ଦୋକାନ, ବଜାର, ଶିକ୍ଷାନୁଷ୍ଠାନ, ଅଫିସ, ବ୍ୟାଙ୍କ ଏବଂ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ବିଶେଷକରି ଜାତୀୟ ରାଜପଥ ନଂ.୨୦, ୪୯, ୫୨୦ ଆଦିରେ ଗାଡ଼ି ଚଳାଚଳ ଠପ୍ ହୋଇଯାଇଥିଲା।

# ବିଶ୍ୱର ସର୍ବବୃହତ୍ ଶୌଚାଳୟ



ପରିମଳ ଓ ସାର୍ବଜନୀନ ଶୌଚାଳୟ କେବଳ ଦୈନନ୍ଦିନ ଆବଶ୍ୟକତା ନୁହେଁ, ବରଂ ସ୍ୱାସ୍ଥ୍ୟ ଏବଂ ସମାଜ ପାଇଁ ମୌଳିକ ଆବଶ୍ୟକତା। ତେବେ ଏଭଳି ଏକ ସ୍ଥାନ ଅଛି, ଯେଉଁଠାରେ ଏକ ସମୟରେ ୧,୦୦୦ ଲୋକ ଶୌଚାଳୟ ବ୍ୟବହାର କରିପାରିବେ। ଏହା କୌଣସି ମଜାଳିଆ କଥା ନୁହେଁ, ଚାଇନାର ଚୋଙ୍ଗକିଙ୍ଗରେ ଥିବା ପୋର୍ସେଲେନ ପ୍ୟାଲେସକୁ ବିଶ୍ୱର ସର୍ବବୃହତ ସାର୍ବଜନୀନ ଶୌଚାଳୟ କୁହାଯାଏ। ଏହା କେବଳ ସଂଖ୍ୟାରେ ବଡ଼ ନୁହେଁ ବରଂ ଡିଜାଇନ ଏବଂ ସାଜସଜ୍ଜାରେ ମଧ୍ୟ ଆକର୍ଷଣୀୟ। ଏହାର ପ୍ରାସାଦ ପରି ସାଜସଜ୍ଜା ଏବଂ ଅତ୍ୟାଧୁନିକ ବ୍ୟବସ୍ଥା, ଇଜିପ୍ଟ ଶୈଳୀର ସ୍ଥାପତ୍ୟ ଦ୍ୱାରା ଅନୁପ୍ରାଣିତ। ଏହାକୁ ପର୍ଯ୍ୟଟକଙ୍କ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ଭାବେ ନିରୂପିତ କରିଥାଏ। ପୋର୍ସେଲେନ ପ୍ୟାଲେସ ପ୍ରାୟ ୩୨,୨୯୦ ବର୍ଗଫୁଟ ପରିମିତ ସ୍ଥାନରେ ନିର୍ମିତ ଏବଂ ଏଥିରେ ୧,୦୦୦ରୁ ଅଧିକ ଶୌଚାଳୟ ରହିଛି। ଏହାର ସମଗ୍ର ପରିସରରେ ଇଜିପ୍ଟ ଶୈଳୀର ସାଜସଜ୍ଜା ଦେଖିବାକୁ ମିଳେ, ଯାହା ଏହାକୁ ଏକ ସାଧାରଣ ଶୌଚାଳୟ ଅପେକ୍ଷା ଅଧିକ ଆକର୍ଷଣୀୟ କରିଥାଏ। ଏହାକୁ କେବଳ ବ୍ୟବହାରର ସ୍ଥାନ ନୁହେଁ ବରଂ ଏକ ପର୍ଯ୍ୟଟନ ଆକର୍ଷଣ ମଧ୍ୟ କରିଛି।

ଏହା ସହରବାସୀ ଏବଂ ପର୍ଯ୍ୟଟକ ଉଭୟଙ୍କ ପାଇଁ ଅତ୍ୟନ୍ତ ସୁବିଧାଜନକ। ଏତେ ବଡ଼ ସାର୍ବଜନୀନ ଶୌଚାଳୟ ସହିତ, ଏହାକୁ ବଡ଼ଭିଡ଼ ଏବଂ କାର୍ଯ୍ୟକ୍ରମ ସମୟରେ ମଧ୍ୟ ସହଜରେ ବ୍ୟବହାର କରାଯାଇପାରିବ। ଏହା ବ୍ୟତୀତ, ଏହାର ପରିଚ୍ଛନ୍ନତା ଏବଂ ଆଧୁନିକ ଉପକରଣ ଏହାକୁ ସୁରକ୍ଷିତ କରିଥାଏ। ତେବେ ପୋର୍ସେଲେନ ପ୍ୟାଲେସ ପ୍ରମାଣିତ କରିଛି ଯେ, ଶୌଚାଳୟ କେବଳ ଏକ ଆବଶ୍ୟକୀୟ ସୁବିଧା ନୁହେଁ ବରଂ ଏକ ସାଂସ୍କୃତିକ ଏବଂ ପର୍ଯ୍ୟଟନସ୍ଥଳ ମଧ୍ୟ ହୋଇପାରେ।

### ଆଜି ବିଶ୍ୱ ଶୌଚାଳୟ ଦିବସ

ବିଶ୍ୱ ପରିମଳ ସଙ୍କଟର ମୁକାବିଲା, ସମସ୍ତଙ୍କ ପାଇଁ ସୁରକ୍ଷିତ ଶୌଚାଳୟ ଏବଂ ପରିମଳ ସୁନିଶ୍ଚିତ କରିବା ଲାଗି ସଚେତନତା ବୃଦ୍ଧି ସକାଶେ ୨୦୦୧ରୁ ନଭେମ୍ବର ୧୯ ରେ ପାଳିତ ହୋଇଆସୁଛି ବିଶ୍ୱ ଶୌଚାଳୟ ଦିବସ।


**NATIONAL LAW UNIVERSITY ODISHA, CUTTACK**
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack-753015, Odisha

**QUOTATION CALL NOTICE**

Sealed quotations in prescribed format are invited from eligible bidders for various types of repair & maintenance works at NLUO Cuttack. Last date & time of receipt is **01.12.2025 at 11.00 A.M.** For details please visit website: **https://nluo.ac.in/tenders/**

Sd/- Registrar

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ଡିଆର୍‌ଏମ୍/ଇଏନ୍‌ଜିକି, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ଇଷ୍ଟ-୨୫-୨୬-୪୧, ତାରିଖ: ୧୮।୧୧।୨୦୨୫ ।** **କାର୍ଯ୍ୟର ନାମ:** (୧) ଚକ୍ରଧରପୁର ମଣ୍ଡଳ – ବରିଷ୍ଠ ଡିଇଏନ୍ (ପୂର୍ବ)/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଟାଟାନଗର–ଆଁଳାଯୋଡ଼ି ଏବଂ ଆଁଳାଯୋଡ଼ି–ବାଦାମପାହାଡ଼ ମଧ୍ୟରେ ୩୫୧୯୭ ମିଟର ସେସ୍ ମରାମତି କାର୍ଯ୍ୟ । (୨) ଏଡିଇଏନ୍/।/ଟାଟାନଗରଙ୍କ କ୍ଷେତ୍ରାଧିକାର ଅଧୀନରେ ଟାଟାନଗର–ଅସନବଣି ସେକ୍ସନ ମଧ୍ୟରେ ସେସ୍‌ର କଟିଂ, ସେସ୍‌ର ମରାମତି ଏବଂ ସାଇଡ୍ ଡ୍ରେନ୍‌ର ନିର୍ମାଣ । (୩) ଏଡିଇଏନ୍–II–ଟାଟାନଗରଙ୍କ କ୍ଷେତ୍ରାଧିକାର ଅଧୀନରେ ସେସ୍‌ର କଟିଂ, ସେସ୍‌ର ମରାମତି ଏବଂ ସାଇଡ୍ ଡ୍ରେନ୍‌ର ନିର୍ମାଣ । **ଟେଣ୍ଡର ମୂଲ୍ୟ: ₹୭,୦୪,୪୨,୪୭୪.୮୯ । ଇଏମ୍‌ଡି: ₹୫,୦୨,୨୦୦ । ଟେଣ୍ଡର ଫର୍ମ ମୂଲ୍ୟ: ₹୦ । ଖୋଲାଯିବା ତାରିଖ:** ତା୧୦।୧୨।୨୦୨୫ରିଖ । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍–III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଆବଶ୍ୟକ ଓ ସେ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ–ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କ ପାଇଁ ଇ–ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ । (କର୍ତ୍ତୃପକ୍ଷ – ରେଳବାଇ ବୋର୍ଡର ଚିଠି ସଂ.: ୨୦୨୦/ସିଇ–I/ସିଟି/୩ଇ/ଜିସିସି/ପଲିସି ତାରିଖ: ୧୬।୦୭।୨୦୨୦) । (PR-849)

**WORKS DEPARTMENT**
**OFFICE OF THE SUPERINTENDING ENGINEER**
**MAYURBHANJ (R&B) DIVISION, BARIPADA**

No. B-709 e-mail - bpd_eerb@rediffmail.com

**Government of Odisha "e" Procurement Notice**
**Bid Identification No. S.E. - 54/2025-26**

1. Number of Works : 2 (Two) Number of Road works
2. Approximate estimated cost : 8.43 lakh to 12.68 lakh
3. Period of Completion : 01 (One) Calendar Month
4. Date & time of availability of bid document in the portal : Dt.20.11.2025 to 04.12.2025
5. Last date/time of receipt of bid in the portal : Dt.04.12.2025 upto 5.00 P.M.
6. Date of Opening of bid : Dt.05.12.2025 at 11.00 A.M.
7. Name & address of the Officer Inviting Bid : Superintending Engineer, Mayurbhanj (R&B) Division, Baripada

Further details can be seen from the e-procurement portal **http://www.tendersodisha.gov.in**.

Sd./- R.G. Ray
Superintending Engineer
Mayurbhanj (R&B) Division

OIPR-

**NATIONAL COMPETITIVE BIDDING THROUGH e-Procurement**
Tel. No. 06752222092, e-mail id: eerwpuri@gmail.com
**TCN No. TENDER ONLINE - 11 of 2025-26**

No. 8794 Dt.29.10.2025

No. O-1417: The Superintending Engineer, Rural Works Division, Puri on behalf of Government of Odisha invites percentage rate tenders through e-procurement for 5 Nos. of work for the year 2025-26 in the District of Puri.

1. Total No. of Works : 5 Nos.
2. Tender cost of packages : Amount varies from Rs.21.01 lakh to Rs.42.02 lakh
3. Class of Contractor : As per DTCN
4. Period of Completion : 2 (Two) Calendar Months
5. Period of availability of tenders online/date & time of bidding online/last date of seeking clarification/date of opening of tender papers.

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date, time & venue of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Puri | Online - 11 | 20.11.2025 at 11.00 A.M. | 02.12.2025 upto 5.00 P.M. | 01.12.2025 upto 1.30 P.M. | 03.12.2025 at 11.30 A.M. Office of the S.E., R.W. Division, Puri |

6. Other details can be seen in the bidding documents, which is available in website "**https://tendersodisha.gov.in**".

OIPR- Sd./- Superintending Engineer, R.W. Division, Puri

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BALASORE**
E-Mail ID: serw_balasore@yahoo.in, Ph. No.: 06782-260318, Balia, Balasore

No. O-1486

**"e" Procurement Notice for Road Work**
Identification No. Online Tender - Road N.C.B. No. 47 for 2025-26

Letter No. 4154 Date: 14.11.25

1. Name of the Work : (Road works under MMSY CMRL)
2. Total No. of Work : 02 Nos. of Work.
3. Estimated Cost : As per annexure
4. Eligible Class of Contractor : As per annexure
5. Period of Completion : As per annexure
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | NCB No. 47 of 2025-26 | 21.11.2025 at 11.00 A.M. | 03.12.2025 upto 5.00 P.M. | 02.12.2025 upto 5.00 P.M. | 04.12.2025 at 11.00 A.M. | Will be intimated later |

• Further details can be seen from the website: **www.tendersodisha.gov.in**.

OIPR- Sd./- Chief Construction Engineer, R.W. Circle, Balasore

**TENDER CALL NOTICE** No. MM-279
**OFFICE OF THE DIVISIONAL FOREST OFFICER, KEONJHAR WILDLIFE DIVISION, ANANDAPUR**
At/P.O.: Salapada, Dist.: Keonjhar, PIN - 758020, Telephone: 06731-220322, e-mail id: dfo.keonjharwl@odisha.gov.in
e-Procurement Notice for SMC Works Identification No., Bid Identification No. DFO-KJR WL-03 of 2025-26
E-mail address: dfo.keonjharwl@odisha.gov.in

No. 5277 Dt.13.11.2025

1. Name of the Work : Construction of Waterbody and Water Harvesting Structure
2. Total No. of works : 3 (Three) Nos. (Percentage rate tender)
3. Estimated Cost : Approx. estimate cost Rs.635631.00 to Rs.1050532.00
4. Class of Contractor : 'C' Class
5. Other details :

| Procurement Officer | Bid Identification No. | Availability of Tender Online for Bidding | | Date & time of opening of tender, Divisional Forest Officer, Keonjhar Wildlife Division, Anandapur | Amount of Bid Security |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Divisional Forest Officer, Keonjhar Wildlife Division, Anandapur | Online DFO-KJR WL-02 of 2025-26 | 20.11.2025 at 10.00 A.M. | 28.11.2025 upto 5.30 P.M. | 29.11.2025 11.30 A.M. | 1% of Estimated Cost |

Further details can be seen from the website **www.tendersorissa.gov.in** & **www.tenders.ori.nic.in**.

OIPR- Sd./- Divisional Forest Officer, Keonjhar Wildlife Division, Anandapur

**ଭାରତୀୟ କପା ନିଗମ ଲିମିଟେଡ୍**
**ଶାଖା କାର୍ଯ୍ୟାଳୟ: ରାୟଗଡା**
ଭବନାରାୟଣ ନୀଲୟମ, ଜ୍ୟୋତି ମହଲ ହୋଟେଲ ନିକଟରେ, କନଭେଣ୍ଟ ରୋଡ୍, ରାୟଗଡା -୭୬୫୦୦୧
भा.क.नि. CCI | ମୋବାଇଲ ଆପ୍ | कपास किसान

ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୧୮.୧୧.୨୦୨୫

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ **"କପାସ କିଷାନ"** ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।**

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/-ଶାଖା ପ୍ରମୁଖ

**GOVERNMENT OF ODISHA**
**DEPARTMENT OF WATER RESOURCES, OFFICE OF THE CHIEF ENGINEER & BASIN MANAGER**
Tel Basin, Bhawanipatna, Dist.: Kalahandi, E-mail ID: cetelbasinbhp@gmail.com/, Phone No.: 06670-230209

**NOTICE INVITING TENDER**

**E-Procurement Notice No. CE&BM, TEL - P1-05/2025-26, Bid Identification No. CETEL-BID-02/2025-26**

No. A-905: The Chief Engineer & Basin Manager, Tel Basin, Bhawanipatna on behalf of Governor of Odisha invites Online percentage rate tender through e-procurement in double cover system.

**Table-1: Details of Critical Dates, details of work, Bid Security**

| Pkg. No. | Bid ID No. | Name of Work | Approx. Tender Cost in lakh | Class of Contractor | Bid Security/ EMD-(Online)-(in INR) | Cost of tender document (Online) - (in INR) | Period of Completion |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | CETEL-BOUDH - 02 /2025-26 | "Flood Protection Work at the right bank of river Salki near village Balasinga GP of Boudh block. (Working RD 18400m to 19100m)" | Rs.3,69,96,484.50/- (Excluding GST) | 'A' Class only | Rs.3,69,965/- | Rs.10,000/- | 12 (Twelve) Calendar Months |

**Table-2: e-Procurement Details**

| Procurement Officer | Bid Identification No. | Availability of Tender Online for Bidding | | Date of Seeking tender clarification | Date & Time of opening of Tender | | Place of Opening |
|---|---|---|---|---|---|---|---|
| | | From | To | | Technical Bid | Financial Bid | |
| 1 | 2 | 3 | 4 | 5 | 6 | 7 | 8 |
| Chief Engineer & Bais Manager, Tel Basin, Bhawanipatna | CETEL - BOUDH - 02/2025-26 | Dt.20.11.2025 at 10.00 hours | Dt.05.12.2025 Upto 17.00 hours | Dt.20.11.2025 to 01.12.2025 at Office during office hours | Dt.06.12.2025 at 11.00 hours | To be intimated after evaluation of Technical Bid | Office of Chief Engineer & Basin Manager, Tel Basin, Bhawanipatna |

Further details can be seen from the Govt. Website **www.tendersodisha.gov.in**.
* Other terms & conditions can be seen from the Government website **www.tendersodisha.gov.in**.
* The Corrigendum/Cancellation of tender, if any, will be uploaded and can be seen from the above website only.

OIPR- Sd./- Chief Engineer & Basin Manager, Tel Basin, Bhawanipatna

## ସଂକ୍ଷେପରେ

### ସମତା ଏକ୍ସପ୍ରେସ୍ ଧକ୍କାରେ ଯୁବକ ଗୁରୁତର

**୩୦ ମିନିଟ୍ ଅଟକି ରହିଲା ଟ୍ରେନ୍**



ଲାଠୋର,୧୮।୧୧(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ହରିଶଙ୍କରରୋଡ ରେଳଫାଟକଠାରେ ମଙ୍ଗଳବାର ସମତା ଏକ୍ସପ୍ରେସ ଟ୍ରେନ ଧକ୍କାରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ମୁମୂର୍ଷ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ଡିଏମୟୁ ଟ୍ରେନ ଯୋଗେ କଣ୍ଟାବାଞ୍ଜି ଡାକ୍ତରଖାନା ପଠାଯାଇଛି। ସଂପୃକ୍ତ ଯୁବକଙ୍କ ନାମ ଦୀପକ ମେହେର(୩୦) ବୋଲି ଜଣାପଡିଛି । ମିଳିଥିବା ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ସାଢେ ୪ଟାରେ ବିଶାଖାପାଟଣା–ହଜରଥ ନିଜାମୁଦ୍ଦିନ ସମତା ଏକ୍ସପ୍ରେସ ଟ୍ରେନ ଯିବା ପାଇଁ ଉକ୍ତ ଫାଟକ ପଡ଼ିଥିଲା। ଏହି ସମୟରେ ଲାଠୋର ନିକଟ ପିପଲବାହାଲ ଗ୍ରାମର ଯଦୁ ମେହେର ନିଜ ଅଟୋରେ ମାଲ ବୋଝେଇ କରି ପୁଅ ଦୀପକ ସହ ଫାଟକ ନିକଟରେ ଅଟକି ରହିଥିଲେ। କିନ୍ତୁ ଫାଟକ ପଡ଼ିଥିବା ସତ୍ତ୍ୱେ ଦୀପକ କୌଣସି କାରଣରୁ ବାପାଙ୍କୁ ଛାଡ଼ି ଫାଟକ ଆର ପଟକୁ ଯିବା ପାଇଁ ଉଦ୍ୟମ କରିଥିଲେ। ସେ ଫାଟକ ଡେଇଁ ଯାଉଥିବା ବେଳେ ହଠାତ୍ ସମତା ଏକ୍ସପ୍ରେସ ନିକଟବର୍ତ୍ତୀ ଯାଇଥିଲା । ଭୟରେ ସେ ଟ୍ରେନ ଧାରଣା ନିକଟକୁ ଲାଗି ବସି ପଡିବା ଫଳରେ ଟ୍ରେନ ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ଯୋଗୁ ହରିଶଙ୍କରରୋଡ ରେଳ ଫାଟକଠାରେ ଟ୍ରେନ ପ୍ରାୟ ୩୦ ମିନିଟରୁ ଊର୍ଦ୍ଧ୍ୱ ସମୟ ଧରି ଅଟକି ରହିଥିଲା । ଏଥିଯୋଗୁ ଫାଟକର ଦୁଇ ପାର୍ଶ୍ୱରେ ଗାଡ଼ି ମୋଟର ଜମା ହୋଇ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା । ପରେ ଟ୍ରେନ ଛାଡ଼ିବାରୁ ଭିଡ଼ କମିଥିଲା ।

# ଡିସେମ୍ବର ୨୩ରେ ଶୁଲିଆ ଯାତ୍ରା

ବଲାଙ୍ଗୀର/ଦେଓଗାଁ,୧୮।୧୧ (ବୀରେନ୍ଦ୍ର କୁମାର ଝାଙ୍କର/କୃଷ୍ଣପ୍ରସାଦ ପାଣିଗ୍ରାହୀ)

ଆସନ୍ତା ଡିସେମ୍ବର ୨୩ ତାରିଖ ଦିନ ପ୍ରସିଦ୍ଧ ଶୁଲିଆ ଯାତ୍ରା ଅନୁଷ୍ଠିତ ହେବ। ଏନେଇ ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଖଇରଗୁରାସ୍ଥିତ ପ୍ରସିଦ୍ଧ ଶୁଲିଆଯାତ୍ରା ଓ ଶୁଲିଆ ମହୋତ୍ସବ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ମଙ୍ଗଳବାର ଦିନ ଶୁଲିଆ ପୀଠଠାରେ କମିଟି ସଭାପତି ମୟ ପ୍ରଧାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଶୁଲିଆ ଯାତ୍ରା ପ୍ରସ୍ତୁତି ସଂକ୍ରାନ୍ତୀୟ ଆଲୋଚନା ହୋଇଥିଲା। ମହୋତ୍ସବ କମିଟି କର୍ମକର୍ତ୍ତା ଓ ଶୁଲିଆ ଯାତ୍ରା କମିଟିର ମୁଖ୍ୟ ପୂଜକ ସୋମନାଥ ଦେହେରିଆ ତଥା ଅନ୍ୟ ସମସ୍ତ ଦେହେରିଆ, ପୂଜାରୀଙ୍କ ଉପସ୍ଥିତିରେ ଶୁଲିଆ ଯାତ୍ରାକୁ କିଭଳି ସଫଳ କରାଯିବ ଆଲୋଚନା ହୋଇଥିଲା। ପ୍ରତ୍ୟେକ ବର୍ଷ ଭଳି ଚଳିତବର୍ଷ ମଧ ପୌଷମାସ ଶୁକ୍ଳପକ୍ଷ ପ୍ରଥମ ମଙ୍ଗଳବାର ଦିନ ଶୁଲିଆ ଯାତ୍ର ଅନୁଷ୍ଠିତ ହେବ । ଚଳିତବର୍ଷ ଇଂରାଜୀ ମାସ ଅନୁସାରେ ଆସନ୍ତା ଡିସେମ୍ବର ୨୩ ତାରିଖ ଦିନ ଶୁଲିଆ ଯାତ୍ରା ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି। ଏହାର ପୂର୍ବ ଦିନ ଅର୍ଥାତ ସୋମବାର ଡିସେମ୍ବର ୨୨ ତାରିଖ ଦିନ ନିଶିଯାତ୍ରା ସମ୍ପନ୍ନ ହେବ। ଚଳିତବର୍ଷ ଶୁଲିଆ ଯାତ୍ରା ଅବସରରେ ଆସନ୍ତା ୨୧ରୁ ୨୩ ଡିସେମ୍ବର ପର୍ଯ୍ୟନ୍ତ ତିନିଦିନ ବ୍ୟାପୀ ଶୁଲିଆ ମହୋତ୍ସବ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଛି। ଆଦିବାସୀ ସମ୍ପ୍ରଦାୟର ସଂସ୍କୃତି ଓ ପରମ୍ପରା ବଜାୟ ରଖିବା ତଥା ଅଞ୍ଚଳର ସମସ୍ତ ସମ୍ପ୍ରଦାୟଙ୍କ ମଧ୍ୟରେ ଏକତା ରକ୍ଷା କରିବା ପାଇଁ ଏହି ମହୋତ୍ସବ କରାଯିବ ବୋଲି ସୂଚନା ଦିଆଯାଇଛି। ସଭାରେ କାଳିନ୍ଦ୍ରୀ ମାଝି, ଅନନ୍ତ ଚୌହାନ, ଶଶୀଭୂଷଣ ରଣା, କଂସାବୀର ବାଗ, ହିମାଂଶୁ ଗଡତ୍ୟା, କନିଷ୍ଠ ମହାନନ୍ଦ, ରଘୁରାଜ ପ୍ରଧାନୀ, ମଧୁବନ ଭୁଏ, ନିରଞ୍ଜନ କୁଅଁର, ଆର୍ତ୍ତ ଜୁଏଡ, ଜଗଦୀଶ କୁଅଁର, ବସନ୍ତ କାଲସାଏ, ଦିଲୀପ କୁଅଁର, ନିଦୀ ସା, ଗୋପୀନାଥ ମହାନନ୍ଦ, ଶରତ କୁଅଁର, ଭଗବାନ ସେଠ, ସର୍ଜନ ପଧାନ, ଭୋଦେବ ମର୍ଲ୍ଲ, ଗଜନୀଷ ଭୁଏ, ଭଜ ସାହୁ, ସୁରେନ୍ଦ୍ର ଦେହେରିଆଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଶେଷରେ ଉମାକାନ୍ତ ଜାଲ ଧନ୍ୟବାଦ ଅର୍ପଣ କରିଥିଲେ।



ଶୁଲିଆ ଯାତ୍ରା ପ୍ରସ୍ତୁତି କମିଟି ବୈଠକରେ ଉପସ୍ଥିତ ସଦସ୍ୟ।

## ଆଜିଠୁ ସମଲେଶରୀ ଏକ୍ସପ୍ରେସ୍ ଟ୍ରେନ୍ ରହଣି

ଲୋଇସିଂହା,୧୮।୧୧(ସୁଶାନ୍ତ ବାରିକ)

**ଲୋଇସିଂହା ଷ୍ଟେଶନ**



ଦୀର୍ଘ ୩ ଦଶନ୍ଧିର ପ୍ରତୀକ୍ଷା ପରେ ବଲାଙ୍ଗୀର ଜିଲା ଲୋଇସିଂହା ଷ୍ଟେଶନରେ ବୁଧବାରଠାରୁ ସମଲେଶରୀ ଏକ୍ସପ୍ରେସ ଟ୍ରେନ ରହଣି କରିବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡିଛି। ନିୟମିତ ଚଳାଚଳ କରୁଥିବା ଏହି ଟ୍ରେନ ରହଣି ଖବର ଜଣାପଡ଼ିବା ପରେ ପଶ୍ଚିମବଙ୍ଗ ଅଞ୍ଚଳରେ ପାଠ ପଢୁଥିବା ସ୍ଥାନୀୟ ଅଞ୍ଚଳର ଛାତ୍ରୀଛାତ୍ର ଓ ବ୍ୟବସାୟୀଙ୍କ ମହଲରେ ଖୁସିର ଲହରି ଖେଳିଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ୧୮୦୦୬ ନମ୍ବର ସମଲେଶରୀ ଏକ୍ସପ୍ରେସ ଟ୍ରେନ ଜଗଦଲପୁରରୁ ବାହାରି ପଶ୍ଚିମବଙ୍ଗର ହାୱଡା ପର୍ଯ୍ୟନ୍ତ ଯାଉଛି। ପ୍ରାୟ ୧୧୬୦ କିମି ରାସ୍ତା ରହିଛି। ଏଥିପାଇଁ ୨୫ ଘଣ୍ଟାର ଯାତ୍ରା ରହିଛି। ଏହି ଟ୍ରେନରେ ଯାତ୍ରୀଙ୍କ ସୁବିଧା ପାଇଁ ସ୍ଲିପର ଥାର୍ଡ ଏସି, ସେକେଣ୍ଡ ଏସି, ଫାଷ୍ଟ ଏସି, ସେକେଣ୍ଡ ସିଟିଙ୍ଗ ସୁବିଧା ରହିଛି।

## ଟାଇବ୍ରେକରରେ ସମ୍ବଲପୁର ବିଜୟୀ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

ଲୋଇସିଂହା,୧୮।୧୧(ସୁଶାନ୍ତ ବାରିକ)

**ଲୋଇସିଂହା କପ୍ ଫୁଟବଲ ଟୁର୍ନାମେଣ୍ଟ**

**■ଆଜି ଦ୍ୱିତୀୟ ସେମିଫାଇନାଲ**

ବଲାଙ୍ଗୀର ଜିଲା ଲୋଇସିଂହା ଷ୍ଟାଡିୟମର ପ୍ରତିଷ୍ଠା ଦିବସ ଅବସରରେ ରାଜ୍ୟସ୍ତରୀୟ ଲୋଇସିଂହା କପ୍ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହେଉଛି। ମଙ୍ଗଳବାର ବି ଗ୍ରୁପର ଦ୍ୱିତୀୟ କ୍ୱାଟର ଫାଇନାଲ ମ୍ୟାଚ ସମ୍ବଲପୁର ଓ କୋରାପୁଟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟୁର୍ନାମେଣ୍ଟର ସବୁଠାରୁ ରୋମାଞ୍ଚକର ଖେଳ ଦେଖିବାକୁ ପାଇଥିଲେ ଦର୍ଶକ। ମ୍ୟାଚ ନିର୍ଦ୍ଧାରିତ ସମୟରେ ୩–୩ ଗୋଲରେ ବରାବର୍ ରହିଥିଲା। ଟାଇବ୍ରେକରରେ ୮–୭ ଗୋଲରେ କୋରାପୁଟକୁ ହରାଇ ସମ୍ବଲପୁର ସେମିଫାଇନାଲକୁ ଉନ୍ନୀତ ହୋଇଛି। ବୁଧବାର ଝାରସୁଗୁଡ଼ା ଓ କୋରାପୁଟ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଖେଳାଯିବ। ମଙ୍ଗଳବାର ସମ୍ବଲପୁର ଦଳର ପିଣ୍ଟୁ ଓରାମ ପ୍ଲେୟାର ଅଫ ଦ ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ। ରେଫରି କରୁଣାକର ପଧାନ, ବିଜୟ ରଣା ଓ ସୁରେଶ ନାଏକ ଖେଳ ପରିଚାଳନା କରିଥିଲେ। ଆଜିର ମୁଖ୍ୟଅତିଥି ଥିଲେ ବରିଷ୍ଠ ଆଇନଜୀବୀ ସମରେନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଭାବେ ଆଗଲପୁର ପୂର୍ବତନ ବ୍ଲକ ଅଧ୍ୟକ୍ଷ ମନମୋହନ ପଟେଲ,ସରପଞ୍ଚ ସଞ୍ଜୟ ଗଡତ୍ୟା, ଯତୀନ୍ଦ୍ର ମେହେର ପ୍ରମୁଖ ଯୋଗଦେଇ ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ।

## କମ୍ବୁପାଣି ପାଢ଼ୀ ରାଜ୍ୟ ଆଇନଜୀବୀ ପରିଷଦର ନୂତନ ସଦସ୍ୟ ନିର୍ବାଚିତ

ଟିଟିଲାଗଡ,୧୮।୧୧(ଶରତ ମିଶ୍ର)

ଟିଟିଲାଗଡର ଓକିଲ କମ୍ବୁପାଣି ପାଢୀ ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ଭାବେ ନିର୍ବାଚିତ ହୋଇଛନ୍ତି । ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ଥିବା ପୀତବାସ ପଣ୍ଡାଙ୍କ ପରଲୋକ ପରେ ଖାଲି ଥିବା ଏହି ପଦ ପୂରଣ ପାଇଁ ଗତ ୨୨ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା ଓ ୧୬ତାରିଖରେ ଏଥିପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଉକ୍ତ ନିର୍ବାଚନରେ କମ୍ବୁପାଣି ପାଢ଼ୀ ଓ କଟକର ଓକିଲ ଆଭାସ ମହାନ୍ତି ପ୍ରାର୍ଥୀ ଥିଲେ। ପାଢୀଙ୍କୁ ପରିଷଦର ୨୪ ଜଣ ସଦସ୍ୟଙ୍କ ମଧ୍ୟରୁ ୧୬ ଜଣଙ୍କ ସମର୍ଥନ ମିଳିଥିଲା। ଫଳରେ ପାଢ଼ୀ ନୂତନ ସଦସ୍ୟ ଭାବରେ ନିର୍ବାଚିତ ହୋଇଥିଲେ। ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ନବନିର୍ବାଚିତ ସଦସ୍ୟ ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ଅଭିନନ୍ଦନ ଜଣାଇଛନ୍ତି।

## ଜୁନିୟର କୁଇଜ ପ୍ରତିଯୋଗିତାରେ ପାର୍ଥସାରଥିଙ୍କ ସଫଳତା



ପ୍ରାର୍ଥସାରଥିଙ୍କୁ ପୁରସ୍କୃତ କରାଯାଉଛି।

ଲୋଇସିଂହା,୧୭।୧୧(ସୁଶାନ୍ତ ବାରିକ)

ଭୁବନେଶ୍ୱର ୟୁନିଟ ୩ସ୍ଥିତ କ୍ୟାପିଟାଲ ହାଇସ୍କୁଲରେ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଜୁନିୟର କୁଇଜ ପ୍ରତିଯୋଗିତାରେ ବଲାଙ୍ଗୀର ଜିଲାରୁ ଭାଗ ନେଇଥିବା ଛାତ୍ର ପାର୍ଥସାରଥୀ ଭୋଇ ଏବଂ ଯାଜପୁର ଜିଲାର ଜଣେ ଛାତ୍ରୀ ଯୁଗ୍ମ ଭାବେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। କୁଇଜରେ ପ୍ରଥମ ସ୍ଥାନ ଅଧିକାର କରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଠାରୁ ପୁରସ୍କୃତ ହୋଇ ପାର୍ଥସାରଥୀ ଜିଲା ଏବଂ ଲୋଇସିଂହା ବ୍ଲକର ଗୌରବ ବଢାଇଛନ୍ତି। ପାର୍ଥସାରଥୀଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି। ପ୍ରକାଶ ଯେ, ଲୋଇସିଂହା ବ୍ଲକ ରେଙ୍ଗାଲି ପଞ୍ଚାୟତ କପିଳବାହାଲ ଗ୍ରାମର ପ୍ରେମଶିଳା ଭୋଇ ଓ ଶିକ୍ଷକ ସୀତାରାମ ଭୋଇଙ୍କ ପୁଅ ହେଉଛନ୍ତି ପାର୍ଥସାରଥୀ ଭୋଇ। ସୀତାରାମ ପଞ୍ଚାୟତ ଅଧୀନ ଦୁଦୁ ବାଗଡୁଙ୍ଗୁରୀ ସରକାରୀ ପ୍ରାଥମିକ ବିଦ୍ୟାଳୟ ରେ ଶିକ୍ଷକତା କରୁଛନ୍ତି । ସେହି ସ୍କୁଲରେ ପାର୍ଥସାରଥୀ ପଞ୍ଚମ ଶ୍ରେଣୀରେ ପାଠ ପଢୁଛନ୍ତି। ପାର୍ଥସାରଥୀ ସ୍କୁଲ ପରେ ରେଙ୍ଗାଲି କ୍ଲଷ୍ଟର , ବ୍ଲକ ଏବଂ ଜିଲାସ୍ତରୀୟ ସୁରଭିରେ ପ୍ରଥମ ହୋଇ ରାଜ୍ୟ ସ୍ତରକୁ ମନୋନୀତ ହୋଇଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ପଙ୍କଜିନୀ ଧରୁଆ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ଧର୍ମପ୍ରାଣା ଗୋମତୀ ପ୍ରଧାନଙ୍କ ପରଲୋକ

ବଲାଙ୍ଗୀର,୧୮।୧୧(ବୀରେନ୍ଦ୍ର କୁମାର ଝାଙ୍କର)



ବଲାଙ୍ଗୀର ସହର ଠିକାଦାରପଡା ନିବାସୀ ଧର୍ମପ୍ରାଣା ଗୋମତୀ ପ୍ରଧାନ (୮୩)ଙ୍କ ସୋମବାର ରାତିରେ ପରଲୋକ ହୋଇଯାଇଛି। ସେ କିଛିଦିନ ହେଲା ଅସୁସ୍ଥ ଥିଲେ। ଜଣେ ମେଳାପି, ମିଷ୍ଟଭାଷୀ ଏବଂ ଧର୍ମପରାୟଣା ମହିଳା ଭାବେ ପରିଚିତ ଥିଲେ। ତାଙ୍କ ପରଲୋକ ଖବର ଶୁଣି ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ମୃତ୍ୟୁ ବେଳକୁ ତାଙ୍କ ଏକମାତ୍ର ପୁଅ ବରିଷ୍ଠ ଗଣମାଧ୍ୟମ ପ୍ରତିନିଧି ତଥା ସିନେ କ୍ୟାମେରା ନିର୍ଦ୍ଦେଶକ ଗୋପାଳ ପ୍ରଧାନ, ବୋହୂ, ତାଙ୍କ ତିନି ଝିଅ ଓ ସମ୍ପର୍କୀୟ ଉପସ୍ଥିତ ଥିଲେ। ବଲାଙ୍ଗୀରର ବିଭୂତିପଡା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁଅ ଗୋପଳ ପ୍ରଧାନ ମୁଖାଗ୍ନି ଦେଇଥିଲେ।

## କୃଷକ ତାଲିମ ଶିବିର

ଖପ୍ରାଖୋଲ,୧୮।୧୧(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ତେଲେନପାଲି ପଞ୍ଚାୟତ ଡୁଡୁକିପଦର ଗୋଷ୍ଠୀ କେନ୍ଦ୍ରଠାରେ କୃଷକ ତାଲିମ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ତାଲିମଦାତା ଭାବେ ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର, ସହକାରୀ କୃଷି ଅଧିକାରୀ ଦୀନବନ୍ଧୁ ବେହେରା, ଏଫଇଏସ ମାଷ୍ଟର ଟ୍ରେନର ଡ. ଅଭୟ ତ୍ରିପାଠୀ ଯୋଗଦେଇ ଫସଲ ପର୍ଯ୍ୟାୟ, ଜୈବିକ କୃଷି ଉପରେ ଗୁରୁତ୍ୱାରୋପ କରିଥିଲେ। ତାଲିମ ଶିବିରରେ ଅଗ୍ରଣୀ ଚାଷୀ ଯୋଗ ଦେଇଥିବା ବେଳେ କୃଷକ ସାଥୀ ନିମାଇଁ ନାଗ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ନାନ୍ଦୁପଲା ପଞ୍ଚାୟତ ଛଞ୍ଚାଣ ବାହାଲି ଗାଁରେ ମଧ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା।

# ବଲାଙ୍ଗୀରରେ ହ୍ୟୁମାନ ସାଗରଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ବଲାଙ୍ଗୀର କଚେରି ଛକରେ ହ୍ୟୁମାନଙ୍କ ଶେଷଦର୍ଶନ ପାଇଁ କଳାକାର, ସଙ୍ଗୀତପ୍ରେମୀ ଓ ଜନସାଧାରଣ ଅପେକ୍ଷା କରିଛନ୍ତି।

ବଲାଙ୍ଗୀର,୧୮।୧୧(ବୀରେନ୍ଦ୍ର କୁମାର ଝାଙ୍କର)

**‘ଓଡ଼ିଶା ହରାଇଲା ସଙ୍ଗୀତ ଜଗତର ହୀରା’**

ଓଡ଼ିଆ ସଙ୍ଗୀତର ଯାଦୁକର, ଯୁବମାନସର ଧକ୍ ଧକ୍ ବିଶିଷ୍ଟ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ଅସମୟରେ ପରଲୋକ ଓଡ଼ିଶାର ସଙ୍ଗୀତ ପ୍ରେମୀଙ୍କୁ ସ୍ତବ୍ଧ କରିଦେଇଛି। ମଙ୍ଗଳବାର ହ୍ୟୁମାନଙ୍କ ପାର୍ଥିବ ଶରୀର ଭୁବନେଶ୍ୱରରୁ ତାଙ୍କ ଜନ୍ମସ୍ଥାନ ବଲାଙ୍ଗୀର ଜିଲାର ଟିଟିଲାଗଡ଼ ଅଭିମୁଖେ ଗଲାବେଳେ ସ୍ଥାନୀୟ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ କଚେରି ଛକଠାରେ ବଲାଙ୍ଗୀରର ଶତାଧିକ କଳାକାର, ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ, ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ କର୍ମକର୍ତ୍ତା, ସାମାଜିକ ଓ ରାଜନୈତିକ ଅନୁଷ୍ଠାନର ପ୍ରତିନିଧି ତଥା ଜନସାଧାରଣ ତାଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ମରଶରୀର ନିଆଯାଉଥିବା ଆମ୍ବୁଲାନ୍ସ ସ୍ଥାନୀୟ କଚେରି ଛକରେ ପହଞ୍ଚିବା ପୂର୍ବରୁ ସକାଳୁ ସେଠାରେ ସଙ୍ଗୀତପ୍ରେମୀ ଓ ହ୍ୟୁମାନଙ୍କ ସମର୍ଥକଙ୍କ ଭିଡ଼ ଲାଗିଥିଲା। ଆମ୍ବୁଲାନ୍ସ ପହଞ୍ଚିବା ପରେ ‘ହ୍ୟୁମାନ ସାଗର ଅମର ରହେ’ ନାରାରେ କଚେରି ଛକ ପ୍ରକମ୍ପିତ ହୋଇଥିଲା । ଶତାଧିକ ବ୍ୟକ୍ତି ତାଙ୍କ ପ୍ରିୟ କଣ୍ଠଶିଳ୍ପୀ ତଥା ଲୋକପ୍ରିୟ ଗାୟକଙ୍କୁ ଶେଷଦର୍ଶନ କରିବା ପାଇଁ ଅଟକି ରହି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଭାଜପା ନେତା ଗୋପାଲଜୀ ପାଣିଗ୍ରାହୀ, ବିଙ୍ଗ୍ ହ୍ୟୁମାନ ସଙ୍ଗଠନ ମୁଖ୍ୟ ସୋମନାଥ ମିଶ୍ର, ବଲାଙ୍ଗୀର ସ୍ୱେଚ୍ଛାସେବୀ ସଙ୍ଗଠନର ଗୋବିନ୍ଦ ଶତପଥୀ, ସମଲେଶ୍ୱରୀ ମନ୍ଦିର ଆଳତି କମିଟିର ବିକାଶ ସା, ଯୁବ ଖ୍ରୀଷ୍ଟିଆନ ସମାଜର ପୁଣ୍ୟ ମୂର୍ତ୍ତି, ରାଜୁ ବାଗ, କଳାକାର ଅର୍ଚ୍ଚନା ପାଢ଼ୀ, ବିନୋଦ କାଲସାଏ, ଅଭିନେତା ରାମ ଦାଶ, ଛାତ୍ର କଂଗ୍ରେସର ଅଙ୍କିତ ସାହୁ, ଭାଜପା ଯୁବମୋର୍ଚ୍ଚା ସଭାପତି ଅମରଜିତ୍ ପଟେଲ, ଟାଉନ ଥାନା ଆଇଆଇସି ଅବନୀ ସାହୁ, ପୂର୍ବତନ କାଉନସିଲର କୁଞ୍ଜ କଠାର, ଭାଜପାର ରଶ୍ମି ଆଚାର୍ଯ୍ୟଙ୍କ ସମେତ ବହୁ କଳାକାର, ଓ ଜନସାଧାରଣ ହ୍ୟୁମାନଙ୍କ ଶେଷ ଦର୍ଶନକରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଅନେକେ କୋହଭରା କଣ୍ଠରେ କହିଥିଲେ, ଓଡ଼ିଶା ଆଜି ସଙ୍ଗୀତ ଜଗତର ଏକ ହୀରାକୁ ହରାଇଛି। ହ୍ୟୁମାନ ଜଣେ ବିଚକ୍ଷଣ ପ୍ରତିଭା ଥିଲେ। କମ୍ ବୟସରେ ସେ ଜଣେ ଖ୍ୟାତନାମା କଣ୍ଠଶିଳ୍ପୀ ହେବାର ଗୌରବ ଅର୍ଜନକରି ଦେଶ ବିଦେଶରେ ନାଁ କମାଇଥିଲେ। ତାଙ୍କର ବିୟୋଗ ଗଭୀର ଶୂନ୍ୟସ୍ଥାନ ସୃଷ୍ଟି କରିଛି। ତାଙ୍କ ସ୍ଥାନ ସବୁଦିନ ପାଇଁ ଅପୂରଣୀୟ ରହିବ ବୋଲି କହିଥିଲେ। ପରେ ଆମ୍ବୁଲାନ୍ସଟି ତାଙ୍କ ପୈତୃକ ଗ୍ରାମ ସଇଁତଲା ନିକଟସ୍ଥ ଡେଙ୍ଗ ଓ ପରେ ତାଙ୍କ ଜନ୍ମସ୍ଥାନ ଟିଟିଲାଗଡ଼ ଅଭିମୁଖେ ଯାଇଥିଲା।

### ପୈତୃକ ମାଟିରେ ଝୁରୁଛନ୍ତି ଲୋକେ

ସଇଁତଲା,୧୮।୧୧(ରାଖାଲ ପ୍ରସାଦ ଶତପଥୀ)



ଜଣାଶୁଣା ଯୁବ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ଭୁବନେଶ୍ୱରଠାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ରାତିରେ ପରଲୋକ ଘଟିବା ଖବର ପ୍ରଚାରିତ ହେବା ପରେ ତାଙ୍କ ପୈତୃକ ଘର ସଇଁତଲା ବ୍ଲକ ଅନ୍ତର୍ଗତ ଡେଙ୍ଗ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଅଗଣିତ ସଙ୍ଗୀତପ୍ରେମୀ ଓ ଯୁବପିଢିଙ୍କ ମନରେ ରାଜ୍ କରୁଥିବା ହ୍ୟୁମାନ ନିଆରା ଶୈଳୀରେ ଗୀତ ଗାଇ ନିଜର ସ୍ୱତନ୍ତ୍ରତା ଜାହିର କରିଥିଲେ। ସଙ୍ଗୀତର ଯାଦୁରେ ସେ ସମସ୍ତଙ୍କୁ ମତୁଆଲା କରି ଦେଉଥିଲେ। ମଙ୍ଗଳବାର ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ତାଙ୍କ ମରଶରୀର ସଇଁତଲାରେ ପହଞ୍ଚିବା ପରେ ସ୍ଥାନୀୟ ଲୋକେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସଇଁତଲା ନବୀନ ଛକରୁ ଏକ ମୋଟରସାଇକେଲ ରାଲିରେ ଶତାଧିକ ପ୍ରଶଂସକ ତାଙ୍କର ମରଶରୀରକୁ ପୈତୃକ ଗ୍ରାମ ଡେଙ୍ଗ ପର୍ଯ୍ୟନ୍ତ ନେଇଥିଲେ। ହ୍ୟୁମାନ ସାଗର ଅମର ରହେ ନାରାବାଜିରେ ଆଖପାଖ ଅଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିଲା। ଡେଙ୍ଗରେ ସଇଁତଲା ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି, ପରିବାରବର୍ଗ ତଥା ସମ୍ପର୍କୀୟମାନେ ଶେଷ ଦର୍ଶନ କରିଥିଲେ। ହ୍ୟୁମାନଙ୍କ ପିତା ଡେଙ୍ଗ ଗ୍ରାମର ସ୍ଥାୟୀ ବାସିନ୍ଦା ହୋଇଥିବା ବେଳେ ଚାକିରୀ ପାଇବା ପରେ ସେ ଟିଟିଲାଗଡ଼ରେ ରହିବା ସହ ସେଠାକାର ବାସିନ୍ଦା ହୋଇଥିଲେ। ତାଙ୍କ ପରିବାର ଟିଟିଲାଗଡ଼ରେ ରହୁଥିବା ବେଳେ ସମ୍ପର୍କୀୟମାନେ ସଇଁତଲାସ୍ଥିତ ଡେଙ୍ଗ ଗ୍ରାମରେ ରହୁଛନ୍ତି। ଡେଙ୍ଗ ଗ୍ରାମ ପରେ ହ୍ୟୁମାନଙ୍କ ପାର୍ଥିବ ଶରୀରକୁ ଟିଟିଲାଗଡ଼ ଅଭିମୁଖେ ନିଆଯାଇଥିଲା।

### ‘ହ୍ୟୁମାନ ସାଗର ରହିଥିବେ କଳାକାରଙ୍କ ପାଇଁ ପ୍ରେରଣା ହୋଇ’



“କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କୁ ହରାଇ ଆମେ ଆଜି ନିଃସ୍ୱ ହୋଇଯାଇଛୁ। ତାଙ୍କ ବିନା ଆଉ କିଛି ଭାବି ହେଉନାହିଁ। ମୋର ସୌଭାଗ୍ୟ ଯେ ତାଙ୍କରି ସ୍ୱରରେ ମୁଁ ଅଭିନୟ କରିଛି। ତାଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଉଛି।

**ରାଜ୍, ଅଭିନେତା, ବଲାଙ୍ଗୀର।**



“କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ଭଳି ପ୍ରତିଭାବାନ କଳାକାର ଓଡିଶାରେ ବିରଳ। ତାଙ୍କ ସ୍ଥାନ ସଦା ଅପୂରଣୀୟ ରହିବ। ସେ ଏତେ ଜଲଦି ଚାଲିଯିବେ ଭାବି ହେଉନାହିଁ। ତାଙ୍କ ଗୀତରେ ଓଡିଶା ସଙ୍ଗୀତ ଜଗତ ନୂଆ ସୋପାନକୁ ଛୁଇଁଥିଲା। ସେ ସବୁବେଳେ ଯୁବ କଳାକାରଙ୍କୁ ଉତ୍ସାହିତ କରୁଥିଲେ। ସେ ବାସ୍ତବରେ ବଲାଙ୍ଗୀର ଓ ଓଡିଶାର ସଙ୍ଗୀତ ଜଗତର ଅପ୍ରତିଦ୍ୱନ୍ଦ୍ୱୀ ପ୍ରତିଭା ଥିଲେ।

**ଅର୍ଚ୍ଚନା ପାଢ଼ୀ, ଚର୍ଚ୍ଚିତ କଣ୍ଠଶିଳ୍ପୀ।**



“ହ୍ୟୁମାନ ଜଣେ ପ୍ରତିଭାବାନ କଣ୍ଠଶିଳ୍ପୀ ଥିଲେ। ସଙ୍ଗୀତର ଯାଦୁରେ ସେ ଲୋକଙ୍କ ମନ ମୋହୁଥିଲେ। ଏକ କଳାକାର ପରିବାରରେ ତାଙ୍କର ଜନ୍ମ ହୋଇଥିଲା। ସେ ପିଲା ଦିନରୁ ତାଙ୍କର ପ୍ରତିଭା ଦେଖାଇ ସାରା ଓଡିଶାକୁ ଚମକାଇ ଦେଇଥିଲେ। ମାତ୍ରଅଳ୍ପବୟସରେସେଚାଲିଗଲେ। ଉପକୂଳ ଓଡିଶାକୁ ଯାଇ ପ୍ରତିଭା ବଳରେ ସେ ଅପ୍ରତିଦ୍ୱନ୍ଦ୍ୱୀ ହୋଇଥିଲେ। ସେ ସବୁବେଳେ ପ୍ରେରଣା ହୋଇରହିଥିବେ।

**ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ।**



“ଅଳ୍ପ ବୟସରେ ଚାଲିଗଲେ ହ୍ୟୁମାସ ସାଗର। ବିଶ୍ୱାସ କରିହେଉନାହିଁ। ଏହା ପୂର୍ବରୁ ମଧ ଆମ ଅଞ୍ଚଳର କିଛି କଳାକାର ଅଳ୍ପ ବୟସରେ ଝରିଯାଇଛନ୍ତି। ଏହା ସହଜରେ ଗ୍ରହଣ କରିହେଉନାହିଁ। ତେବେ ସେ ଯେଉଁ ଉଚ୍ଚସ୍ତରକୁ ଯାଇଥିଲେ ତାର ପଟାନ୍ତର ନାହିଁ। ଆଜି ଜଣେ ଆତ୍ମୀୟଙ୍କୁ ହରାଇ ଗଭୀର ମର୍ମାହତ।

**ଡ. ଘାସିରାମ ମିଶ୍ର, ସଂସ୍କୃତି ଗବେଷକ।**

**ମୃତ୍ୟୁ ପରେ ଚକ୍ଷୁଦାନ**

ବରଗଡ,(ପ୍ରେମାନନ୍ଦ ଖମାରୀ): ବରଗଡ଼ ବ୍ରହ୍ମବିହାର ନିବାସୀ ସୁବର୍ଣ୍ଣ କର(୭୬)ଙ୍କ ମଙ୍ଗଳବାର ପରଲୋକ ହୋଇଛି। ସ୍ୱର୍ଗତା କର ଜଣେ ଧର୍ମପ୍ରାଣା ମହିଳା ଥିଲେ। ମାରୱାଡି ମହିଳା ସମିତି, ବରଗଡ଼ ଶାଖାର ଅଞ୍ଜୁ ମିତ୍ତଲଙ୍କ ଏବଂ ଭୁବନେଶ୍ୱର ଦୃଷ୍ଟିଦାନ ଅନୁଷ୍ଠାନର ଉଦ୍ୟମ କ୍ରମେ ତାଙ୍କ ଚକ୍ଷୁ ସଂଗ୍ରହ କରାଯାଇଥିଲା। ପରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ନରସିଂହ ମୁଖାଗ୍ନୀ ଦେଇଥିଲେ।

## ସଂକ୍ଷେପରେ

### ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ, ନିଶାମୁକ୍ତ ଭାରତ ଅଭିଯାନ

**ଅତାବିରା, ୧୮।୧୧(ଯୁଧିଷ୍ଠିର ମହାପାତ୍ର):** ଅତାବିରା ବ୍ଲକସ୍ଥିତ ଅଗ୍ରଣୀ ଶିକ୍ଷାକେନ୍ଦ୍ର ଲରମ୍ଭା ମହାବିଦ୍ୟାଳୟ ଲରମ୍ଭାଠାରେ କଲେଜସ୍ଥିତ ଯୁବ ରେଡକ୍ରସ ତରଫରୁ ପରିଚୟାତ୍ମକ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଲେଜ ଅଧ୍ୟକ୍ଷ ପ୍ରଫେସର ଅଶୋକ କୁମାର ମହାନ୍ତି, ମୁଖ୍ୟ ଅତିଥି ଯୁବ ରେଡକ୍ରସ ଜିଲା ସଂଯୋଜକ ବରଗଡ଼ର ପ୍ରଫେସର ପରମାନନ୍ଦ ରଥ, ଇ- ତାଲିମଦାତ୍ରୀ ଭାବରେ ସରସରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପିକା ରାଜଶ୍ରୀ ମିଶ୍ର, ମହାବିଦ୍ୟାଳୟର ଯୁବ ରେଡକ୍ରସ ଅଧିକାରୀ ଅଧ୍ୟାପିକା କାଦମ୍ବିନୀ ଗୁରୁ, ଅଧ୍ୟାପିକା ବୀଣା ମେହେର, ଅଧ୍ୟାପକ ସୁନୀଲ ପ୍ରଧାନ ମଞ୍ଚାସୀନ ରହି ସଂପ୍ରତି ଯୁବଶକ୍ତିର ବିକାଶ ଓ ପ୍ରତିକୂଳ ପରିସ୍ଥିତିରେ ଯୁବ ରେଡକ୍ରସର ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପ୍ରାଥମିକ ଚିକିତ୍ସା ଉପରେ ଏକ ତାଲିମ ପ୍ରଦାନ କରାଯିବା ସହ ସାଂପ୍ରତିକ ସମାଜରେ ଯୁବପିଢ଼ି କିପରି ନିଶା କବଳରେ ଛନ୍ଦି ହୋଇ ଅପରାଧଜନକ କାର୍ଯ୍ୟରେ ଲିପ୍ତ ରହି ଅମୂଲ୍ୟ ଜୀବନକୁ ନଷ୍ଟ କରି ଦେଉଛନ୍ତି ସେଥିରୁ ନିବୃତ୍ତ ରହିବା ପାଇଁ ନଶାମୁକ୍ତ ଭାରତ ଅଭିଯାନ ଉପରେ ଆଲୋଚନା ହୋଇଥିଲା। ଶେଷରେ ଅଧ୍ୟାପିକା ବୀଣା ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ସମସ୍ତ କର୍ମକର୍ତ୍ତା, ସ୍ୱେଚ୍ଛାସେବୀ, ଛାତ୍ରୀଛାତ୍ର ଯୋଗଦେଇଥିଲେ।

### ପାଇକମାଳ କୁବେର ସାଇର ବାର୍ଷିକ ଉତ୍ସବ

**ପାଇକମାଳ,୧୮।୧୧(ବଢ଼1 ଶତପଥୀ):** ପାଇକମାଳ କୁବେର ସାଇ ସମାଜର ବାର୍ଷିକ ଉତ୍ସବ ପାଇକମାଳ ସାଇ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପାଇକମାଳ ସାଇର ସଭାପତି ସୁରଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପଶ୍ଚିମାଞ୍ଚଳ ଓଡ଼ିଶା ଛତିଶଗଡ଼ କୁବେର ସମାଜ ମହାସଭା ସଭାପତି ଲକ୍ଷ୍ମଣ ସାହୁ, ସମ୍ମାନିତ ଅତିଥି ଭାବେ ପଶ୍ଚିମାଞ୍ଚଳ ଓଡ଼ିଶା ଛତିଶଗଡ଼ କୁବେର ସମାଜ ମହାସଭା ଯୁବାମଞ୍ଚ ସଭାପତି ଲିଙ୍ଗରାଜ ସାହୁ, ପଶ୍ଚିମାଞ୍ଚଳ ଓଡ଼ିଶା ଛତିଶଗଡ଼ କୁବେର ସମାଜ ମହାସଭା ମାତୃମଞ୍ଚ ସମ୍ପାଦିକା ରଶ୍ମିତା ସାହୁ ଯୋଗଦେଇଥିଲେ। ପାଇକମାଳ ମାତୃମଞ୍ଚ ସଭାନେତ୍ରୀ ବଉଳ ସାହୁ ଓ ସମ୍ପାଦିକା ଲକ୍ଷ୍ମୀ ସାହୁ ଭାଗବତ ପଠନ କରି ସଭା ଆରମ୍ଭ କରାଯାଇଥିଲା। ସମ୍ପାଦକ ସୁଶାନ୍ତ ସାହୁ ବାର୍ଷିକ ବିବରଣୀ ସହ ଗତ ବର୍ଷର ଆୟବ୍ୟୟର ହିସାବ ପଠନ କରିଥିଲେ। ଆସନ୍ତା ଡିସେମ୍ବର ମାସରେ ବଲାଙ୍ଗୀର ଶାନ୍ତିପୁରଠାରେ ହେବାକୁଥିବା ମହାସଭାରେ ପାଇକମାଳ ସାଇର ସଦସ୍ୟା ସଦସ୍ୟ ବହୁସଂଖ୍ୟାରେ ଯୋଗଦାନ କରିବା ପାଇଁ ଆଲୋଚନା କରାଯାଇଥିଲା। ସଭାରେ ପାଇକମାଳ ସାଇର ବୟୋଜ୍ୟେଷ୍ଠ ସଦସ୍ୟ ଜଗନ୍ନାଥ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପାଇକମାଳ କୁବେର ସାଇ ସଭାପତି ଭାବେ ସୁରଥ ସାହୁ ଓ ସମ୍ପାଦକ ଭାବେ ସୁଶାନ୍ତ ସାହୁଙ୍କୁ ପୁନର୍ବାର ମନୋନୀତ କରାଯାଇଥିଲା। ପାଇକମାଳ ସାଇର ବିଦ୍ୟୁଲତା ସାହୁ, ସରୋଜିନୀ ସାହୁ, ପିଙ୍କି ସାହୁ, ସଞ୍ଜୁଲତା ସାହୁ, ଧରଣୀଧର ସାହୁ, କୈଳାସ ସାହୁ, ପ୍ରଫୁଲ୍ଲ ସାହୁ, ସଚ୍ଚିଦାନନ୍ଦ ସାହୁ, ଭାଗ୍ୟଧର ସାହୁ, ନିଲେଶ୍ ସାହୁ ଆଲୋଚନାରେ ଅଂଶଗ୍ରହଣ କରିଥିବା ବେଳେ ସାଇର ପ୍ରଫୁଲ୍ଲ ସାହୁ ଧନ୍ୟବାଦ ଦେଇଥିଲେ।

### ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା, ୨୯ ପ୍ରକଳ୍ପ ପ୍ରଦର୍ଶିତ

**ବରଗଡ଼,୧୮।୧୧(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଗୌଡଗାଁ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ ଶିକ୍ଷୟିତ୍ରୀ ଦୁର୍ଲଭୀ ସିଦାରଙ୍କ ତତ୍ତ୍ୱାବଧାନରେ ସର୍ବମୋଟ ୨୯ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ତନ୍ମଧ୍ୟରୁ ଆୟୁଷ ବାଗ, ଆୟୁଷ ପ୍ରଧାନ ଓ ପ୍ରମିତା ମହାନନ୍ଦଙ୍କ ପ୍ରକଳ୍ପ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଚାରକ ଭାବରେ ପ୍ରାକ୍ତନ ଶିକ୍ଷକ ଚନ୍ଦ୍ରଶେଖର ସାହୁ ଓ କପିଳ ବାଗ ଯୋଗଦାନ କରିଥିଲେ। ପ୍ରଧାନ ଶିକ୍ଷକ ପରିତୋଷ କୁମାର ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ଶିକ୍ଷକ ତେଜରୁ ବାରିକ ସଂଯୋଜନା କରିଥିଲେ। ମନୋଜ କୁମାର ନାୟକ, ରାଜେଶ କୁମାର ବେହେରା, ଚନ୍ଦ୍ରକାନ୍ତି ଭୋଇ, ଆଦିତ୍ୟ ସା, ସୁଦୀପ କୁମାର ବାଗ, ଚନ୍ଦନ ଭୋଇ, ଚିତ୍ତରଞ୍ଜନ ସାହୁ, ରାଜେନ୍ଦ୍ର ସାହୁ ଓ ଲୋଚନ ମହାନନ୍ଦ ଯୋଗଦାନ କରିଥିଲେ।

# ବିକ୍ରି ପାଇଁ ମଣ୍ଡିରେ ଧାନ ପୂରାଇଲେ ଚାଷୀ

**ଧାନ ସଂଗ୍ରହ ପ୍ରକ୍ରିୟା ବିଳମ୍ବିତ**

**ବରଗଡ଼,୧୮।୧୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାରେ ଖରିଫ ଧାନ ଅମଳ ଜୋର୍ ଧରିଛି। ଜିଲାରେ ଗତମାସ ଶେଷ ସପ୍ତାହରୁ ଏହା ଚାଲିଛି। କିନ୍ତୁ ଏପର୍ଯ୍ୟନ୍ତ ଜିଲା ପ୍ରଶାସନ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରି ନାହିଁ। ଚଳିତ ମାସ ଶେଷ ସପ୍ତାହ ଅର୍ଥାତ୍ ଆସନ୍ତା ୨୮ତାରିଖରୁ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏଭଳି ସ୍ଥଳେ ଚାଷୀଙ୍କ ଅମଳ ଧାନ କ୍ଷେତ, ଖଳାରେ ଖୋଲା ଆକାଶତଳେ ପଡ଼ି ରହିଛି। ମଣ୍ଡି ଖୋଲି ନଥିବାରୁ ଚାଷୀମାନେ ଶୀତ, କାକର ସହି ସେହି ଧାନକୁ ଜଗି ରହିଛନ୍ତି। ଏଭଳି ବିଳମ୍ବିତ ଧାନ ସଂଗ୍ରହ ପ୍ରକ୍ରିୟାକୁ ନେଇ ଜିଲାରେ ଚାଷୀ ଅସନ୍ତୋଷ ବଢ଼ି ଚାଲିଥିବାବେଳେ ଏହାକୁ ନେଇ ଆନ୍ଦୋଳନ ମଧ୍ୟ ତେଜି ଉଠିଛି। ଏହି କ୍ରମରେ ଜିଲା ପ୍ରଶାସନ ପକ୍ଷରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରାଯାଇ ନଥିଲେ ସୁଦ୍ଧା ମଙ୍ଗଳବାର ବରଗଡ଼ ବ୍ଲକ କଳାପାଣି ମଣ୍ଡିରେ ଚାଷୀମାନେ ବିକ୍ରି ପାଇଁ ଅମଳ ଧାନ ପୂରାଇଛନ୍ତି। ଏହା ଏବେ ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି।



କଳାପାଣି ମଣ୍ଡିକୁ ଧାନ ପୂରାଇ ଚାଷୀଙ୍କ ପୂଜାର୍ଚ୍ଚନା।

ସୂଚନା ଅନୁଯାୟୀ, ବରଗଡ଼ ଜିଲାରେ ସାଧାରଣତଃ ନଭେମ୍ବର ମାସ ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହ ସୁଦ୍ଧା ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇ ଯାଇଥାଏ। ମାତ୍ର ଏଥର ପ୍ରଥମଥର ପାଇଁ ନଭେମ୍ବର ମାସ ଶେଷ ସପ୍ତାହରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରିବାକୁ ଜିଲା ପ୍ରଶାସନ ନିଷ୍ପତ୍ତି ନେଇଛି। ଏଭଳି ବିଳମ୍ବିତ ଧାନ ସଂଗ୍ରହ ପ୍ରକ୍ରିୟାକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଗୋଟିଏ ପଟେ ଜିଲାର ଅନେକ ଚାଷୀ ଏପର୍ଯ୍ୟନ୍ତ ଧାନବିକ୍ରି ପଞ୍ଜୀକରଣରୁ ବଞ୍ଚିତ ହୋଇଛନ୍ତି। ଅନ୍ୟପଟେ ଜିଲାର ବିଭିନ୍ନ ରାଇସ୍ ମିଲ୍‌ରେ ବିଗତବର୍ଷର ଚାଉଳ ପୂରି ରହିଛି ଏବଂ ସେହି ଚାଉଳ ଉଠା ନଗଲେ ଧାନ ସଂଗ୍ରହ ପ୍ରକ୍ରିୟାରେ ସହଯୋଗ କରିବ ନାହିଁ ବୋଲି ମିଲର୍ସ ଆସୋସିଏଶନ ଆଗରୁ ଖବରଦାତା ସମ୍ମିଳନୀରେ ରୋକ୍‌ଠୋକ୍ ଶୁଣାଇ ସାରିଛି। ସେହିପରି ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାରେ ସେଭଳି ଦୂରଦୃଷ୍ଟିହୀନତାକୁ ନେଇ ବିଭିନ୍ନ ଚାଷୀ ସଂଗଠନ ସମେତ ବିରୋଧୀ ବିଜେଡି ମଧ୍ୟ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଛି। ଏହାସତ୍ତ୍ୱେ ଧାନବିକ୍ରିରୁ ବଞ୍ଚିତ ଚାଷୀଙ୍କୁ ପଞ୍ଜୀକୃତ କରାଯାଇ ନଥିବାବେଳେ ଜିଲାର ରାଇସ୍ ମିଲ ଗୁଡ଼ିକରୁ ମଧ୍ୟ ଚାଉଳ ଖାଲି କରାଯାଇ ନାହିଁ। କେବଳ ଜିଲାରେ ରହିଥିବା ଶାସକ ଦଳର ବିଧାୟକମାନେ ସମସ୍ୟାକୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିଛନ୍ତି। ହେଲେ ସମସ୍ୟାର ସମାଧାନ ହୋଇପାରି ନାହିଁ ଏବଂ ତାହା କେବଳ ଆଲୋଚନାରେ ସୀମିତ ରହିଛି।

ଅପରପକ୍ଷେ ଧାନବିକ୍ରି ସମସ୍ୟାକୁ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ସଂଯୁକ୍ତ କୃଷକ ସଂଗଠନ ନେତୃତ୍ୱରେ ଚାଲିଥିବା ଧାରଣା ମଙ୍ଗଳବାର ନବମ ଦିବସରେ ପହଞ୍ଚିଛି। ଜିଲାର ବିଭିନ୍ନ ବ୍ଲକର ଚାଷୀମାନେ ହକ୍ ଦାବିରେ ଧାରଣାରେ ସାମିଲ ହୋଇଛନ୍ତି। ଶୀତ, କାକରରେ ସମସ୍ତେ ଧାରଣାରେ ବସିଛନ୍ତି। କେତେବେଳେ ଧାରଣାସ୍ଥଳରେ ଚାଷୀମାନେ ମାଣବସା ଗୁରୁବାର ପାଳନ କରୁଛନ୍ତି ତ ଆଉକେବେ ରାତିରେ କୀର୍ତ୍ତନ କରି ଅଭିନବ ପ୍ରତିବାଦ କରୁଛନ୍ତି ଏବଂ ଧାନବିକ୍ରି ପାଇଁ ସେମାନଙ୍କୁ ତୁରନ୍ତ ପଞ୍ଜୀକୃତ କରିବାକୁ ସେମାନେ ଦାବି କରୁଛନ୍ତି। କିନ୍ତୁ ଏପର୍ଯ୍ୟନ୍ତ ସେମାନଙ୍କ ଦାବି ପୂରଣ ହୋଇ ନାହିଁ। ଏଭଳି ସ୍ଥିତିରେ କଳାପାଣି ଅଞ୍ଚଳର ୪ଜଣ ଚାଷୀ ମଙ୍ଗଳବାର ସ୍ଥାନୀୟ ମଣ୍ଡିକୁ ପ୍ରାୟ ୬୦୦ ପ୍ୟାକେଟ୍ ଧାନ ପୂରାଇଥିଲେ। ଅଞ୍ଚଳର ଚାଷୀନେତା ଏକାଦଶିଆ ସାହୁ, ସୁରେଶ ନେକାଣ୍ଡି ପ୍ରମୁଖ ଉପସ୍ଥିତ ରହି ମଣ୍ଡିକୁ ଧାନ ପ୍ରବେଶ ସମୟରେ ପୂଜାର୍ଚ୍ଚନା କରିଥିଲେ।



ବିଧାୟକ ସନତ କୁମାର ଗଡ଼ତିଆ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

## ଜିଲାସ୍ତରୀୟ କ୍ୟାରିୟର ପରାମର୍ଶ ପ୍ରଶିକ୍ଷଣ ଉଦ୍‌ଘାଟିତ

**ବରଗଡ଼,୧୮।୧୧(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜର୍ଜ ହାଇସ୍କୁଲରେ ସୋମବାର ଜିଲାସ୍ତରୀୟ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକଙ୍କ ଦି'ଦିବସୀୟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ବରଗଡ଼ ବ୍ଲକ ଶିକ୍ଷା ଅଧିକାରୀ ଡ. ସୁରେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସରୋଜ କୁମାର ଭୁଏ, ସମ୍ମାନିତ ଅତିଥି ଭାବରେ ଜର୍ଜ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶାଶ୍ୱତୀ ଦାଶ, ବିଆରସିସି ଦିଲ୍ଲୀପ କୁମାର ମେହେର ଯୋଗଦେଇଥିଲେ। ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କୁ କ୍ୟାରିୟର ସମ୍ବନ୍ଧୀୟ ପରାମର୍ଶ ପ୍ରଦାନ କରିବା ପାଇଁ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ଲାଗି ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରର ପ୍ରଥମ ଦିବସରେ ଜିଲା ଶିକ୍ଷକ ଓ ଶିକ୍ଷା ପ୍ରତିଷ୍ଠାନ ବରଗଡ଼ର ବରିଷ୍ଠ ପ୍ରଶିକ୍ଷକ ଗଗନ ବେହେରା, ଜନତା ହାଇସ୍କୁଲ ଭୁକ୍ତାର ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ, ଜନତା ହାଇସ୍କୁଲ ଗୋଡଭଗାର ଶିକ୍ଷୟିତ୍ରୀ କଲ୍ୟାଣୀ ସାମନ୍ତ ଏବଂ ଅତାବିରା ହାଇସ୍କୁଲର ଶିକ୍ଷକ ଆଶୁତୋଷ ବିଶ୍ୱାଳ ଯୋଗଦେଇଥିଲେ। ପ୍ରଶିକ୍ଷକ ଗଗନ ବେହେରା ଛାତ୍ରୀଛାତ୍ରମାନଙ୍କର କ୍ୟାରିୟର ପରାମର୍ଶର ଆବଶ୍ୟକତା ବିଷୟରେ ଆଲୋକପାତ କରିଥିବା ବେଳେ ପ୍ରଶିକ୍ଷକ ସଞ୍ଜୟ ଖମାରୀ ଧନ୍ଦାମୂଳକ ଶିକ୍ଷାର ଗୁରୁତ୍ୱ ସହ କ୍ୟାରିୟର ସମ୍ପର୍କିତ ସୂଚନା, କ୍ୟାରିୟର ପୋର୍ଟାଲର ବ୍ୟବହାର, କ୍ୟାରିୟର ଯୋଜନା, କ୍ୟାରିୟର ଗାଇଡେନସ ଓ କାଉନସେଲିଂର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଶିକ୍ଷୟିତ୍ରୀ କଲ୍ୟାଣୀ ସାମନ୍ତ ଏବଂ ଶିକ୍ଷକ ଆଶୁତୋଷ ବିଶ୍ୱାଳ ଶିକ୍ଷାର୍ଥୀମାନଙ୍କର ଆତ୍ମ ବିଶ୍ୱାସ ଓ ବ୍ୟକ୍ତିତ୍ୱର ବିକାଶ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ବରଗଡ଼, ବରପାଲି ବ୍ଲକର ସମସ୍ତ ହାଇସ୍କୁଲ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରି ଆଲୋଚ୍ୟ ବିଷୟବସ୍ତୁକୁ ଦଳଗତ କାର୍ଯ୍ୟକଳାପ ମାଧ୍ୟମରେ ପ୍ରଦର୍ଶନ କରିଥିଲେ।

## ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ





ଶ୍ରେଷ୍ଠ ଷ୍ଟଲ୍‌କୁ ମୁଖ୍ୟ ଅତିଥି ପୁରସ୍କୃତ କରୁଛନ୍ତି।

**ପଦ୍ମପୁର,୧୮।୧୧(ପ୍ରଦୀପ୍ତ ଦାଶ)**

**ଶ୍ରେଷ୍ଠ ପ୍ରଦର୍ଶନୀ ଷ୍ଟଲ୍ ଭାବେ ମଞ୍ଜରୀ ରୋବୋଟିକ୍ ପୁରସ୍କୃତ**

ପଦ୍ମପୁରସ୍ଥିତ ଅଶୋକ ପଡ଼ିଆରେ ଅନୁଷ୍ଠିତ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ଯୋଗଦେଇ ଆଧୁନିକ ଯନ୍ତ୍ରପାତି ବ୍ୟବହାର କରି ଚାଷୀଭାଇମାନେ କିପରି ସ୍ୱାବଲମ୍ବୀ ହୋଇପାରିବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବରେ ଉପଖଣ୍ଡ ପୋଲିସ ଅଧିକାରୀ ପାଣ୍ଡବ ଶବର ଯୋଗଦେଇଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ଲୋଚନ ଚନ୍ଦ୍ର ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାପନ ସମାରୋହରେ ପଦ୍ମପୁର ଜିଲା କୃଷି ଅଧିକାରୀ ପ୍ରଭାସ ଚନ୍ଦ୍ର ପଣ୍ଡା ଚାଷୀ ଓ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଏଥିରେ ଜଳଛାୟା ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ସୁସେନ ମିର୍ଦ୍ଧା, ଜିଲା କୃଷି ବିଭାଗର ଡ. ଅଞ୍ଜନ କୁମାର ନାଏକ, ବରଗଡ଼ ଜିଲା କୃଷି ନିର୍ବାହୀ ଯନ୍ତ୍ରୀ ତ୍ରିଲୋକେଶ୍ୱର ନାଏକ, ସୁପ୍ରିୟା ସାହୁ, ଭଟ୍‌ଲି ସହକାରୀ କୃଷି ଅଧିକାରୀ ସୁଶ୍ରୀ ସ୍ମିତା ପଣ୍ଡା ଯୋଗଦେଇ ଚାଷୀମାନଙ୍କୁ ବିଭିନ୍ନ ଚାଷ ଯନ୍ତ୍ରପାତି ଉପଯୋଗ ସମ୍ପର୍କରେ କହିଥିଲେ। ଏହି ଅବସରରେ ଶ୍ରେଷ୍ଠ ପ୍ରଦର୍ଶନୀ ଷ୍ଟଲ୍ ଭାବେ ମଞ୍ଜରୀ ରୋବୋଟିକ୍‌କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଶେଷରେ ପଦ୍ମପୁର ଜିଲା କୃଷି ଅଧିକାରୀ ପ୍ରଭାସ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ମତ୍ସ୍ୟ, ପ୍ରାଣିସମ୍ପଦ ମେଳାରେ ଚାଷୀ ସମ୍ବର୍ଦ୍ଧିତ

**ବରପାଲି,୧୮।୧୧(ଚିତ୍ତରଞ୍ଜନ ସାହୁ)**

ବରପାଲି ହାଇସ୍କୁଲ ଖେଳ ପଡିଆରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବରପାଲି ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼.ଜ୍ୟୋତି ପ୍ରକାଶ ପଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟକ୍ଷା, ପଞ୍ଚାୟତ ସମିତି, ଶୁଭସ୍ମିତା ଘଡେଇ ଜିଲା ମତ୍ସ୍ୟ ଅଧିକାରୀ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ରୂପେ ଡ଼ ନିଗମାନନ୍ଦ ପାଢୀ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଯୋଗ ଦେଇଥିଲେ। ସ୍ଥାନୀୟ ସୁମନ୍ତ କୁମ୍ଭାର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ମତ୍ସ୍ୟ ଓ ପ୍ରାଣିସମ୍ପଦର ଅଭିବୃଦ୍ଧି, ରାଜ୍ୟର ଚାଷୀମାନଙ୍କ ସମୃଦ୍ଧି ସକାଶେ ବରଗଡ ଜିଲା ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ଦ୍ୱାରା ପ୍ରାଣୀ ଚିକିତ୍ସାଳୟରେ ଚାଷୀ ବିଶେଷଜ୍ଞ ଆଲୋଚନାଚକ୍ର, ସଚେତନତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ବରପାଲି ବ୍ଲକର ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଏହି ଅବସରରେ ସଫଳ ଚାଷୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲକ ପ୍ରାଣିଚିକିତ୍ସା ଅଧିକାରୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ମତ୍ସ୍ୟ ଚାଷର ସଫଳତା କାହାଣୀ ଉପରେ ବକ୍ତବ୍ୟ ରଖିଥିଲେ। ପରେ ମୁଖ୍ୟବକ୍ତାଙ୍କ ଅଭିଭାଷଣ ପ୍ରଦାନ ସହିତ ମତ୍ସ୍ୟ ଚାଷ ଓ ପ୍ରାଣିସମ୍ପଦ ବିକାଶ ସମ୍ପର୍କିତ ଭିଡିଓ ପ୍ରଦର୍ଶନ ହୋଇଥିଲା।

## ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ, ୧୩୭ ପ୍ରକଳ୍ପ ପ୍ରଦର୍ଶିତ

**ଅତାବିରା, ୧୮।୧୧(ଯୁଧିଷ୍ଠିର ମହାପାତ୍ର)**

ଅତାବିରା ବ୍ଲକ ଅନ୍ତର୍ଗତ ଗରିଆଟିକ୍ରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ମଙ୍ଗଳବାର ବ୍ଲକ ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶ୍ରୀ ମିଶ୍ରାଣୀ କୁମ୍ଭାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଜିଲା ଶିକ୍ଷା ଅଧିକାରୀ ବରଗଡ଼ ଜ୍ୟୋତିକାନ୍ତ ସାହୁ, ସମ୍ମାନିତ ଅତିଥି ରୂପେ ଜିଲା ବିଜ୍ଞାନ ନିରୀକ୍ଷକ ଧୀରଜ କୁମାର ପଟ୍ଟନାୟକ, ଜିଲା ପଞ୍ଚସଖା ଶିକ୍ଷାର ସଂଯୋଜକ ପ୍ରିୟବ୍ରତ ସାହୁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଅତାବିରା କାର୍ତ୍ତିକ ବାଗ, ରାଜ୍ୟ ସ୍ତରୀୟ ମୁଖ୍ୟମନ୍ତ୍ରୀ ପୁରସ୍କାରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଅମ୍ଳାନ କୁମାର ପାଣ୍ଡିଆ ଏବଂ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋଷ କର ମଞ୍ଚାସୀନ ଥିଲେ। ଏହି ଅବସରରେ ଗରିଆଟିକ୍ରା ଗ୍ରାମବାସୀ ବିଦ୍ୟାଳୟର ପଞ୍ଚ ଶିକ୍ଷା ସେତୁକୁ ଏକ ଲକ୍ଷ ଟଙ୍କା ଦାନ କରିଥିଲେ। ଏହି ପ୍ରଦର୍ଶନୀରେ ମୋଟ ୧୩୭ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଜ୍ଞାନ, ଗଣିତ, ପ୍ରଯୁକ୍ତି ବିଦ୍ୟା ଓ ଯାନ୍ତ୍ରିକ ଅଭିକଳ୍ପ ପ୍ରସଙ୍ଗକୁ ନେଇ ସାତୋଟି ଉପପ୍ରସଙ୍ଗରେ ପ୍ରଦର୍ଶନୀ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ବରଗଡ଼ ଏମ୍‌ପି ପ୍ରଦୀପ୍ତ ପୁରୋହିତ ଯୋଗଦାନ କରି ବୈଜ୍ଞାନିକ ଥୋମାସ ଏଡିସନଙ୍କ ଜୀବନୀ ମାଧ୍ୟମରେ ପିଲାମାନଙ୍କ ବ୍ୟକ୍ତିତ୍ୱ ଗଢ଼ିବାରେ ମାତାପିତାଙ୍କର ଭୂମିକା କିପରି ହେବା ଉଚିତ ପରାମର୍ଶ ଦେଇଥିଲେ। ସ୍ୱତନ୍ତ୍ର ଅତିଥି ରୂପେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବରଗଡ଼ ସରୋଜ କୁମାର ଭୁଏ ଏବଂ ବିନୟ କୁମାର ସଏ, ସମ୍ମାନିତ ଅତିଥି ରୂପେ ସାଂସଦ ପ୍ରତିନିଧି କୁଶ କୁମ୍ଭାର, ସ୍ଥାନୀୟ ବିଦ୍ୟାଳୟର ଚେୟାରମ୍ୟାନ ଚିତ୍ତରଞ୍ଜନ ପଧାନ ଏବଂ ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପତ୍ରାପାଲି ପ୍ରଧାନ ଶିକ୍ଷକ ଚୁନା କର୍ଣ୍ଣ ମଞ୍ଚାସୀନ ଥିଲେ। ବିଜ୍ଞାନ କୁଇଜରେ ସର୍ବକନିଷ୍ଠ, କନିଷ୍ଠ ଏବଂ ବରିଷ୍ଠ ବିଭାଗରେ ଯଥାକ୍ରମେ ଅସ୍ମିତା ସାହୁ, ରିତେଶରି ଦୀପ, ଅଦ୍ୟାଶା ପଣ୍ଡା ପ୍ରଥମ ସ୍ଥାନ ଅଧିକାର କରିଥିଲେ। ବିଜ୍ଞାନ ପ୍ରଦର୍ଶନୀରେ ସର୍ବକନିଷ୍ଠ ଏବଂ ସାତୋଟି ଉପ ପ୍ରସଙ୍ଗରେ ହୋଇଥିବା ପ୍ରତିଯୋଗିତାରେ ରିୟାଂଶୁ ସାହୁ, ଯଶ୍ମିନ ଭୋଇ, ପୁରୁଷୋତ୍ତମ ପଣ୍ଡା, ଅଙ୍କିତା ଛନ୍ଦ, ପ୍ରତ୍ୟୁଷ ପ୍ରଧାନ, ଅନନ୍ୟା ଛନ୍ଦ, ଦିବ୍ୟଶ୍ରୀ ଭୋଇ, ଲୋକନାଥ ସାହୁ ଯଥାକ୍ରମେ ପ୍ରଥମ ସ୍ଥାନ ଅଧିକାର କରି ମୁଖ୍ୟ ଅତିଥି ଏମ୍‌ପି ପ୍ରଦୀପ ପୁରୋହିତଙ୍କ ସ୍ୱହସ୍ତରେ ସମସ୍ତ ଅତିଥିଙ୍କ ଉପସ୍ଥିତିରେ ପୁରସ୍କୃତ ହୋଇଥିଲେ। ସି.ଆର୍.ସି.ସି. ନନ୍ଦିଘୋଷ ଭୁଏ ଧନ୍ୟବାଦ ଅର୍ପଣ କରିଥିଲେ। ମଞ୍ଚ ପରିଚାଳନାରେ ସି.ଆର୍.ସି.ସି ରଶ୍ମିରାଣୀ ନନ୍ଦ, କେଶବ ଛନ୍ଦ, ରଞ୍ଜନ ବାଗ, ଶିକ୍ଷକ ମନୋରଞ୍ଜନ ମିଶ୍ର, ଧର୍ମେନ୍ଦ୍ର ପତି ସହଯୋଗ କରିଥିଲେ।



ମୁଖ୍ୟ ଅତିଥି କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବଣ୍ଟନ କରୁଛନ୍ତି।

## ଦୁର୍ଗେଇ ଖୋଲ ଯାତ୍ରା ପ୍ରସ୍ତୁତି ବୈଠକ

**ପାଇକମାଳ,୧୮।୧୧(ବଢ଼ ଶତପଥୀ)**

ଗନ୍ଧମାର୍ଦ୍ଦନ ପର୍ବତରେ ଥିବା ଦୁର୍ଗେଇ ଖୋଲରେ ପ୍ରତିବର୍ଷ ଦୁର୍ଗେଇ ଖୋଲ ଦୁର୍ଗା ଦେବୀଙ୍କ ମାର୍ଗଶିର ମାସ ଶେଷ ଗୁରୁବାର ପୂର୍ଣ୍ଣିମା ଦିନ ପୂଜା ସହ ଯାତ୍ରା ଅନୁଷ୍ଠିତ ହୋଇଥାଏ। ଏ ନେଇ ପଦ୍ମପୁର ଉପଖଣ୍ଡ ପାଇକମାଳ ବ୍ଲକ ମିଠାପାଲି ଗ୍ରାମପଞ୍ଚାୟତ ମନଭଙ୍ଗ ଗ୍ରାମ ନିକଟରେ ଦୁର୍ଗେଇ ଖୋଲ ଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦୁର୍ଗେଇଖୋଲ ଯାତ୍ରା ପରିଚାଳକ କମିଟି ସଭାପତି ମଧୁସୂଦନ ପାଣ୍ଡେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଆସନ୍ତା ଡିସେମ୍ବର ୪ ଓ ୫ ତାରିଖ ଦୁଇଦିନ ଧରି ଏହି ଯାତ୍ରା ମହୋତ୍ସବ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ମାଁଙ୍କ ପୂଜନୋତ୍ସବ କିପରି ଶାନ୍ତି ଶୃଙ୍ଖଳାରେ ସମାପନ ହେବା ସହ କୌଣସି ମାଦକ ଦ୍ରବ୍ୟ ବିକ୍ରୟ ନ ହେବ ସେଥି ପ୍ରତି ଦୃଷ୍ଟିଦେବାକୁ ସଭାପତି ମତବ୍ୟକ୍ତ କରିଥିଲେ। ବୈଠକରେ କନ୍ଧ ସମାଜର ସଭାପତି ରଣଜିତ ମଲ୍ଲିକ, ମାଁ ଦୁର୍ଗେଇ ଦେବୀ କମିଟି ସମ୍ପାଦକ ବେଣୁଧର ଧରୁଆ, ମନଭଙ୍ଗ ଗୌନ୍ତିଆ ମହେନ୍ଦ୍ର ମଲ୍ଲିକ, ପୂଜକ ସୁଶା ମଲ୍ଲିକ, ସଚିଦା ମଲ୍ଲିକ, ମହେନ୍ଦ୍ର ମଲ୍ଲିକ, ତ୍ରିନାଥ ମଲ୍ଲିକ, ବକୁଲ ମଲ୍ଲିକ, ଦେହେରୀ ବିଶି, କେଶନ ମଲ୍ଲିକ, ପାନ୍ତି ନୂତନ ଭୁଏଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସଭାପତି ମଧୁସୂଦନ ପାଣ୍ଡେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିଶୁ ମହୋତ୍ସବ ପତାଙ୍ଗୀ

**ବଘିଆପଡା,୧୮।୧୧(ଶ୍ରୀକାନ୍ତ ସାହୁ)**

ବୌଦ୍ଧ ଜିଲା ଟିକରପଡା ଗ୍ରାମପଞ୍ଚାୟତର ବୁରଗୋରା ଉଚ୍ଚ ବିଦ୍ୟାଳୟରେ ଶିଶୁ ମହୋତ୍ସବ ପତାଙ୍ଗୀ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ବାଉଁଶୁଣୀ ୱାଇସିଡିଏ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ବୌଦ୍ଧ ବିଡିଓ ଯୁଗଳ କିଶୋର ବିଶ୍ୱାଳ ଓ ୱାଇସିଡିର ପ୍ରୋଗ୍ରାମ ଅଫିସର ଅରୁଣ ପ୍ରଧାନ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇଥିଲା। ଶିଶୁମାନଙ୍କ ଦ୍ୱାରା ବିଜ୍ଞାନ ମେଳା ପ୍ରଦର୍ଶନ କରାଯାଇଥିଲା। ଏହି ଅବସରରେ ନାଚ, ଗୀତ, ଚିତ୍ରାଙ୍କନ, ରଙ୍ଗୋଲି ପ୍ରଦର୍ଶିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ ଯୋଗଦେଇ ଶିଶୁଙ୍କ ସୁରକ୍ଷା ନେଇ ମତବ୍ୟକ୍ତ କରିଥିଲେ। ଏଥିରେ ଜାମୁଖୋଲ, ବରିଗଡ, ଗୁଡିଆଲି, ମଲିକପଡା, ବୁରଗୋରା ଓ ଟିକରପଡା ଅଞ୍ଚଳର ୩୦୦ରୁ ଅଧିକ ଶିଶୁ ଭାଗ ନେଇଥିଲେ।





କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

## କ୍ୱାକ୍ ହାତରେ ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟସେବା

- **ସେବା ନାଁରେ ଲୁଟ୍**
- **ଡାକ୍ତର ଅଭାବରୁ କ୍ୱାକ୍‌ଙ୍କ ଶିକାର ହେଉଛନ୍ତି ରୋଗୀ**

**ପଦ୍ମପୁର,୧୮।୧୧(ପ୍ରଦୀପ୍ତ ଦାଶ)**

ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ସରକାର ବିପୁଳ ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ଆଜି ମଧ୍ୟ ଅନେକ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ପହଞ୍ଚି ପାରୁନାହିଁ। ଆବଶ୍ୟକ ଡାକ୍ତର ଅଭାବ ଯୋଗୁ ଲୋକମାନେ କ୍ୱାକ୍‌ର ଶିକାର ହୋଇ ମୃତ୍ୟୁ ମୁଖରେ ପଡୁଛନ୍ତି। ଏହା ଦେଖିବାକୁ ମିଳିଛି ବରଗଡ଼ ଜିଲା ପଦ୍ମପୁର ଅଞ୍ଚଳରେ। ଏଠାରେ ଅନଭିଜ୍ଞ କ୍ୱାକ୍ ଲୋକଙ୍କ ଜୀବନ ସହିତ ଖେଳୁଛନ୍ତି। ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁ ଅନେକ ରୋଗୀଙ୍କ ଅକାଳରେ ମୃତ୍ୟୁ ଘଟୁଛି। କିନ୍ତୁ ସେହି କ୍ୱାକ୍‌ଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ପଦ୍ମପୁର ଉପଖଣ୍ଡର ବିଶେଷ କରି ଉପାନ୍ତ ଅଞ୍ଚଳ ଜଗଦଲପୁର, ଲଖମରା, ଡଭା, ପଦ୍ମପୁର ଅନ୍ତର୍ଗତ ବୁଡେନ, ଦହିତା, କଂସର, ମାଣ୍ଡୋସିଲ ଆଦି ଅଞ୍ଚଳରେ ଏହି କ୍ୱାକ୍‌ମାନଙ୍କ ଦୌରାତ୍ମ୍ୟରେ ସାଧାରଣ ଅତିଷ୍ଠ ହୋଇପଡୁଛନ୍ତି। କେବଳ ଉପାନ୍ତ ଅଞ୍ଚଳ କାହିଁକି ପଦ୍ମପୁର ସହର ଆଖପାଖରେ ମଧ୍ୟ ଏମାନେ କ୍ଲିନିକ ଖୋଲି ରୋଗୀ ଚିକିତ୍ସା କରୁଛନ୍ତି।





ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟରେ ଡାକ୍ତର ଅପେକ୍ଷାରେ ରୋଗୀ।

ବର୍ତ୍ତମାନ ପଦ୍ମପୁର ଉପଖଣ୍ଡ ଡାକ୍ତରଖାନା ସମେତ ଗ୍ରାମାଞ୍ଚଳର ଡାକ୍ତରଖାନାରେ ମଧ୍ୟ ଅଧାରୁ ଅଧିକ ଡାକ୍ତର ସମେତ ଅନ୍ୟାନ୍ୟ ପଦବୀ ଖାଲିପଡ଼ିଛି। ଆବଶ୍ୟକ ଡାକ୍ତର ଅଭାବ ଥିବାରୁ ରୋଗୀମାନେ ବାଧ୍ୟ ହୋଇ ଅନଭିଜ୍ଞ କ୍ୱାକ୍‌ଙ୍କ ଦ୍ୱାରସ୍ଥ ହେଉଛନ୍ତି ଓ ଲୁଟର ଶିକାର ହେଉଛନ୍ତି। ଏପରି କି କ୍ୱାକ୍‌ମାନେ ନିଜକୁ ଶିକ୍ଷିତ ଦେଖାଇ ବେଆଇନ ଗର୍ଭପାତ କରିବା ସହିତ ଗ୍ରାମାଞ୍ଚଳରେ ଥିବା ଗର୍ଭବତୀ ଓ ଶିଶୁମାନଙ୍କୁ ତ୍ରୁଟିପୂର୍ଣ୍ଣ ଚିକିତ୍ସା କରିବା ଦ୍ୱାରା ବିଭିନ୍ନ ସମୟରେ ସେମାନେ ମଧ୍ୟ ଅକାଳ ମୃତ୍ୟୁବରଣ କରୁଥିବା ଦେଖାଯାଉଛି। ଏ ସମ୍ପର୍କରେ ଉପଖଣ୍ଡ ଚିକିତ୍ସା ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ସୁଦ୍ଧା ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଏଭଳି ବେଆଇନ କାର୍ଯ୍ୟକୁ ରୋକିବା ପାଇଁ ଜିଲାସ୍ତରୀୟ ଟାସ୍କ ଫୋର୍ସ ଗଠନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ତହସିଲ ଅଫିସ୍ ଘେରିଲା ସିପିଆଇ



ମଙ୍ଗଳବାର ଲେଫ୍ରିପଡା ତହସିଲ ଅଫିସ ସମ୍ମୁଖରେ ସିପିଆଇର ପ୍ରତିବାଦ ସଭା।

**ସୁନ୍ଦରଗଡ,୧୮।୧୧(ଜୟ ନାରାୟଣ ମେଣ୍ଡୁଲି)**

ବିଭିନ୍ନ ସମସ୍ୟାର ସମାଧାନ ଦାବି ନେଇ ସିପିଆଇ ପକ୍ଷରୁ ମଙ୍ଗଳବାର ଲେଫ୍ରିପଡା ତହସିଲ ଅଫିସ ଘେରାଉ କରାଯାଇଥିଲା। ଶତାଧିକ ଆଦିବାସୀ ମହିଳାପୁରୁଷ ଏକ ଶୋଭାଯାତ୍ରାରେ ଆସି ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଗଣଧାରଣା ଦେଇଥିଲେ। ଜିଲା ସମ୍ପାଦକ ପ୍ରଦୋଷ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଅଶୋକ ଦାଶ ଯୋଗଦେଇ କହିଲେ, ସ୍ୱାଧୀନତାର ୭୫ବର୍ଷ ପରେ ମଧ ଦେଶର ଆଦିବାସୀମାନେ ନିଜର ଜଳ, ଜମି, ଜଙ୍ଗଲ ଜମିର ଅଧିକାର ପାଇବାରୁ ବଞ୍ଚିତ ରହିବା ବିଡମ୍ବନାର ବିଷୟ। ଆଦିବାସୀଙ୍କ ହକ୍, ଅଧିକାର ପାଇବାରେ ବାଧକ ସାଜୁଥିବା ସରକାରୀ ଅଧିକାରୀ ନିର୍ଭର ଲିଖିତ ପ୍ରତିଶ୍ରୁତି ନ ଦେବା ଯାଏ ଏହି ଗଣଧାରଣା ଜାରିରହିବ ବୋଲି ଦାଶ ଚେତାବନୀ ଦେଇଥିଲେ। ଏହି ସଭାରେ ବିସ୍ଥାପିତ ନେତା ରାଜେନ୍ଦ୍ର ନାଏକ, ଶୁକଦେବ ପ୍ରଧାନ, ଅଖିଳ ମାଝୀ, ମାନଫିଲ ମିଞ୍ଜ, ଦଶରୁ କିଷାନ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ଆଦିବାସୀଙ୍କୁ ଯଥାଶୀଘ୍ର ନ୍ୟାୟ ପ୍ରଦାନ ସକାଶେ ସରକାର ପଦକ୍ଷେପ ନିଅନ୍ତୁ ବୋଲି ଦାବି କରିଥିଲେ। ଅପରାହ୍ନରେ ତହସିଲଦାର ଲିଖିତ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ସଂକ୍ଷେପରେ

### ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ, ୩୯୦ ଛାତ୍ରୀଛାତ୍ରଙ୍କ ଅଂଶଗ୍ରହଣ

**ରାଜଗାଙ୍ଗପୁର,୧୮।୧୧(ଅଶୋକ ପାଣି) :**

ରାଜଗାଙ୍ଗପୁର ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ବ୍ଲକ୍‌ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହାକୁ ରାଜଗାଙ୍ଗପୁର ବିଡିଓ ଅକ୍ଷୟ ବାଘ ଉଦ୍‌ଘାଟନ କରିଥିବା ବେଳେ ଉପନଗରପାଳ ମହମ୍ମଦ ଇର୍‌ଫାନ ଓ ବ୍ଲକ ବିଇଓ ସରିତା ସରୋନିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜଗାଙ୍ଗପୁର ପୌରାଧ୍ୟକ୍ଷା ମାଧୁରୀ ଲୁଗୁନ ଓ ମୁଖ୍ୟବକ୍ତା ଡ. ସରୋଜିନୀ ସାହୁ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ ତଥା ପୌରାଞ୍ଚଳ ସ୍ତରର ୩୯୦ ଛାତ୍ରୀଛାତ୍ର ଯୋଗଦେଇଥିଲେ। ପ୍ରତିଯୋଗିତାରେ ମୁଖ୍ୟତଃ ସେମିନାର, ଇକୋ କ୍ଲବ୍ ପ୍ରଦର୍ଶନୀ ଓ ବିଜ୍ଞାନ ପ୍ରଦର୍ଶନୀ ରହିଥିଲା। ସେମିନାରରେ ଜ୍ଞାନରଞ୍ଜନ ଦାସ ରାଷ୍ଟ୍ରୀୟ ବିଦ୍ୟାଳୟ, ଇକୋ କ୍ଲବ ପ୍ରଦର୍ଶନୀରେ ଖୁସ୍‌ନୁମା ପରବିନ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ବିଜ୍ଞାନ ପ୍ରଦର୍ଶନୀରେ ବିଭିନ୍ନ ବିଦ୍ୟାଳୟର ୭ ଜଣ ଛାତ୍ରୀଛାତ୍ର ଯଥା ମୁସ୍କାନ ବାଗ୍, ଦେବକୀ ନନ୍ଦନ, ଆଦିତ୍ୟ ପ୍ରଦୀପ, ସୁସ୍ମିତା ଓଝା, ମୃଣ୍ମୟୀ ମୃଣାଳିନୀ, ରୋହିତ ଏକ୍କା ଓ ନୟନ ସାହୁ କୃତିତ୍ୱ ଅର୍ଜନ କରିଛନ୍ତି।

### ନର୍ସିଂ କଲେଜର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

**ବଡ଼ଗାଁ,୧୮।୧୧(ଅଶୋକ ଷଡଙ୍ଗୀ) :**

ସୁନ୍ଦରଗଡ ଜିଲା ବଡ଼ଗାଁସ୍ଥିତ ନର୍ସିଂ କଲେଜର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ମଙ୍ଗଳବାର ମିନି ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ସମାରୋହରେ ବଡ଼ଗାଁ ବିଡିଓ ପୂର୍ଣ୍ଣଚନ୍ଦ୍ର ଭୋଇ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ଅମୀୟ କୁମାର ପ୍ରଧାନ, ଭାଜପା ନେତା ଧ୍ରୁବ କାଲୋ, ଆଇଟିଆଇ ପ୍ରିନ୍ସିପାଲ ସାଗରିକା ନାଏକ, ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବାଗ, ବିଏନ୍‌ସି ଅଧ୍ୟକ୍ଷା ସମାପିକା ରାଉତ, ନିର୍ଦ୍ଦେଶକ ସୁବ୍ରତ ବିଶାଳ, କେଶବ ସାହୁ, ଡ. ସ୍ୱପ୍ନାରାଣୀ ନାଏକ, ଭାଇସ୍ ପ୍ରିନ୍ସିପାଲ ବବିତା ପ୍ରଧାନ, ସଙ୍ଗୀତା ବେହେରା ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ବିଏନ୍‌ସିର ଜନ ସମ୍ପର୍କ ଅଧିକାରୀ ଅସୀମା ପଣ୍ଡା ପରିଚାଳନା କରିଥିଲେ। ନର୍ସିଂ କଲେଜ ଚେୟାରମ୍ୟାନ ଡ. ଅରୁଣ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କ୍ରୀଡ଼ା ପ୍ରତିଯୋଗିତା ପରିଚାଳିତ ହେଉଛି।

### କେନ୍ଦ୍ର ଇସ୍ପାତ ମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

**ରାଉରକେଲା, ୧୮।୧୧(ବିପ୍ଳବ ରଞ୍ଜନ ଦାଶ):**

ରାଉରକେଲା ଶ୍ରମିକ ସଂଘ ପକ୍ଷରୁ ବିଭିନ୍ନ ପ୍ରସଙ୍ଗକୁ ନେଇ କେନ୍ଦ୍ରୀୟ ଇସ୍ପାତ ଓ ଭାରି ଶିଳ୍ପ ମନ୍ତ୍ରୀ ଏଚ୍. ଡି. କୁମାରସ୍ୱାମୀଙ୍କୁ ମଙ୍ଗଳବାର ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଇସ୍ପାତ ଜେନେରାଲ ହସ୍ପିଟାଲ ଏବଂ ରାଉରକେଲା ଇସ୍ପାତ କାରଖାନାର ଘରୋଇକରଣ ବନ୍ଦ କରିବା, ସମସ୍ତ ବକେୟା ପ୍ରସଙ୍ଗକୁ ଯଥାଶୀଘ୍ର ଆଲୋଚନା ମାଧ୍ୟମରେ ସମାଧାନ କରି ସମୟସୀମା ମଧ୍ୟରେ ଦଶମ ଏନ୍‌ଜେସିଏସ୍ ଚୁକ୍ତିନାମାକୁ ଶୀଘ୍ର ସମାପ୍ତ କରିବା, ଏନ୍‌ଜେସିଏସ୍ ବୈଠକରେ ସହମତି ଅନୁଯାୟୀ ଅଣ-କାର୍ଯ୍ୟକାରୀ କର୍ମଚାରୀମାନଙ୍କୁ ୩୯ ମାସର ବକେୟା ଦେୟ ପ୍ରଦାନ, ରାଉରକେଲା ଇସ୍ପାତ କାରଖାନା ସମ୍ପ୍ରସାରଣ ଆଦି ଦାବି ନେଇ ଏହି ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

# ବାଂଲାଦେଶୀ ଶ୍ରମିକଙ୍କ ସଂଖ୍ୟା ବୃଦ୍ଧି ରୋକିବାକୁ ଦାବିପତ୍ର

**ବନ୍ଧମୁଣ୍ଡା,୧୮।୧୧(ସୁବ୍ରତ ଦେ)**



ପଶ୍ଚିମାଞ୍ଚଳ ଡିଆଇଜିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବିଶ୍ରା ବ୍ଲକର ଜାମସେରା ପଞ୍ଚାୟତରେ ଗତ କିଛି ମାସ ଧରି ବାଂଲାଦେଶୀ ଶ୍ରମିକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏହାର ପ୍ରଭାବ ସ୍ଥାନୀୟ ଶ୍ରମିକମାନଙ୍କ ରୋଜଗାର ଉପରେ ପଡୁଛି। ଏ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହି ପରିପ୍ରେକ୍ଷୀରେ ଗତ ସୋମବାର ଜାମସେରା ପଞ୍ଚାୟତର ନାଏବ ସରପଞ୍ଚ ପ୍ରମୋଦ ଜେନାଙ୍କ ନେତୃତ୍ୱରେ ଗ୍ରାମବାସୀଙ୍କ ଏକ ପ୍ରତିନିଧି ଦଳ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବାହାରୁ ଆସୁଥିବା ଶ୍ରମିକମାନଙ୍କ ପାଇଁ ସ୍ଥାନୀୟ ଶ୍ରମିକମାନଙ୍କ ମଧ୍ୟରେ ରୋଜଗାର ସଙ୍କଟ ଦେଖାଦେଇଛି ବୋଲି ଦାବି ପତ୍ରରେ ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ କମଲେଶ ସାହା, ଗୋପେନ୍ଦ୍ର ବାରିକ, ଲିପୁ ସହ ଅନ୍ୟାନ୍ୟ ଗ୍ରାମବାସୀ ଉପସ୍ଥିତ ଥିଲେ। ଗ୍ରାମବାସୀମାନଙ୍କ କହିବା ଅନୁସାରେ, ସ୍ଥାନୀୟ ଲୋକେ କାମର ଅଭାବରେ ଘରେ ବସି ରହି ଥିବାବେଳେ ବାହାରୁ ଆସୁଥିବା ଶ୍ରମିକମାନେ ଗାଁରେ ଆସି କାମ କରୁଛି। ନାଏବ ସରପଞ୍ଚ ପ୍ରମୋଦ ଜେନା ଡିଆଇଜିଙ୍କୁ ଅନୁରୋଧ କରିଛନ୍ତି ଯେ, ଜାମସେରା ପଞ୍ଚାୟତ ଅଞ୍ଚଳରେ ବାହାରିଆ ଶ୍ରମିକଙ୍କ ପ୍ରବେଶ ଉପରେ ତତ୍କାଳ ରୋକ୍ ଲଗାଯାଉ, ଯାହାଦ୍ୱାରା କି ଅଞ୍ଚଳରେ କାନୁନ ବ୍ୟବସ୍ଥା ସହ ସ୍ଥାନୀୟ ଲୋକଙ୍କ ରୋଜଗାର ରକ୍ଷିତ ହୋଇପାରିବ।

# ଟ୍ରେନ୍ ଧକ୍କାରେ ଶ୍ରମିକଙ୍କ ମୃତ୍ୟୁ

**ବଡ଼ଗାଁ,୧୮।୧୧(ଅଶୋକ ଷଡଙ୍ଗୀ)**



ମୁମ୍ବାଇକୁ ଦାଦନ ଶ୍ରମିକ ଭାବେ କାମ କରିବାକୁ ଯାଇଥିବା ଜଣେ ଯୁବକଙ୍କ ସୋମବାର ଟ୍ରେନ୍ ଧକ୍କାରେ ମୃତ୍ୟୁ ଘଟିଛି। ସେ ହେଲେ ବଡ଼ଗାଁ ବ୍ଲକ ଅନ୍ତର୍ଗତ କୁରେଇବଗା ଗ୍ରାମର ଗୋକୁଲା ମାଝୀ(୨୮)। ଗୋକୁଲା ଗତ ଆଠ ମାସ ତଳେ ଶ୍ରମିକ ଭାବେ କାମ କରିବା ପାଇଁ ମୁମ୍ବାଇ ଯାଇଥିଲେ। ସୋମବାର ରେଳଷ୍ଟେଶନରୁ ଅପରପାର୍ଶ୍ୱକୁ ଯିବା ପାଇଁ ରେଲୱେ ଟ୍ରାକ୍ ପାର ହେଉଥିବା ସମୟରେ ତାଙ୍କୁ ଏକ ମେମୁ ଟ୍ରେନ୍ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ମୁମ୍ବାଇ ରେଲୱେ ପୋଲିସ ଗୋକୁଳାଙ୍କ ମୃତଦେହ ଜବତ କରି ପରିବାର ଲୋକଙ୍କୁ ସୂଚନା ପ୍ରଦାନ କରିଛି। ଏ ନେଇ ଗୋକୁଳାଙ୍କ ପରିବାର ଲୋକେ ବଡ଼ଗାଁ ଥାନାରେ ଜଣାଇଛନ୍ତି। ସ୍ଥାନୀୟ ପୋଲିସ ମୁମ୍ବାଇ ପୋଲିସ ସହ ଯୋଗାଯୋଗ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଛି। ସୂଚନାଯୋଗ୍ୟ, ଗତ ସପ୍ତାହ ବଡ଼ଗାଁ ବ୍ଲକର ମନୋହରପୁର ଗାଁର ଜଣେ ଶ୍ରମିକଙ୍କ ମୃତଦେହ ଗ୍ରାମକୁ ଫେରିଥିଲା। ଗ୍ରାମରେ କାମ ଧନ୍ଦା ନ ପାଇ ପରିବାର ପୋଷଣ କରିବାକୁ ରାଜ୍ୟ ବାହାରକୁ ଯାଉଥିବା ଯୁବକମାନେ ଦୁର୍ଘଟଣାର ଶିକାର ହୋଇ ସେଠାରେ ମୃତ୍ୟୁବରଣ କରୁଛନ୍ତି। ବର୍ଷରେ ପ୍ରାୟ ୮ ରୁ ୧୦ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଥିବାବେଳେ କେତେକ ଅକ୍ଷମ ପରିବାର ରାଜ୍ୟ ବାହାରକୁ ଯାଇ ମୃତଦେହ ଆଣିବା ଦିଗରେ ସମସ୍ୟା ଦେଖାଦେଉଛି। ତେବେ ଏଭଳି ସମସ୍ୟାକୁ ସମାଧାନ କରିବା ପାଇଁ ଶ୍ରମ ବିଭାଗ ଦୃଷ୍ଟିଦେବାକୁ ସଚେତନ ମହଲରେ ଦାବି ହେଉଛି।

# ବ୍ଲକ ସ୍ତରୀୟ ମତ୍ସ୍ୟ, ପ୍ରାଣୀ ସମ୍ପଦ ମେଳା

**କୁତ୍ରା,୧୮।୧୧(ଦେବାଶିଷ ସାହୁ)**



କାର୍ଯ୍ୟକ୍ରମରେ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଅଂଶଗ୍ରହଣ କଲେ ୩୨୦ରୁ ଊର୍ଦ୍ଧ୍ୱ ମତ୍ସ୍ୟଜୀବୀ**

କୁତ୍ରା ପିଏମ୍ ଶ୍ରୀ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ମଙ୍ଗଳବାର ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ବିକାଶ ଚନ୍ଦ୍ର ସେଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ କୁତ୍ରା ବ୍ଲକର ସମସ୍ତ ଗ୍ରାମପଞ୍ଚାୟତରୁ ୩୨୦ରୁ ଅଧିକ ମତ୍ସ୍ୟଜୀବୀ, ପ୍ରାଣୀ ପାଳକ ତଥା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଅଂଶଗ୍ରହଣ କରିଥିଲେ। କୁତ୍ରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୋପୀନାଥ ଖାଖାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ରାଜଗାଙ୍ଗପୁର ବିଧାୟକ ସିଏସ ରାଜେନ ଏକ୍କା ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ଲାକଡା, ସୁନ୍ଦରଗଡ଼ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଉମାକାନ୍ତ ସାହୁ, ଏମ୍‌ପି ପ୍ରତିନିଧି ଦେବେନ୍ଦ୍ର ସିଂ, ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ ପ୍ରାଣିଚିକିତ୍ସା ଅଧିକାରୀ ବସନ୍ତ କୁମାର ଧଳ, ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ ପ୍ରାଣିଚିକିତ୍ସା ଅଧିକାରୀ ହିମାଂଶୁ ଶେଖର ଗୁରୁ, ସହକାରୀ ମତ୍ସ୍ୟ ଅଧିକାରୀ ଗଣେଶ ଚନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କୁତ୍ରା ବ୍ଲକର ଚାରି ଜଣ ଅଗ୍ରଣୀ ମତ୍ସ୍ୟ ଚାଷୀ, ଚାରି ଜଣ ପ୍ରାଣୀପାଳକ, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାର ୨ ଜଣ ଚାଷୀଙ୍କୁ ସମ୍ବର୍ଦ୍ଧିତ ଓ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଆୟୋଜିତ କୃଷକ ବିଶେଷଜ୍ଞ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଚାଷୀଙ୍କୁ ମତ୍ସ୍ୟ ଚାଷ ଓ ପ୍ରାଣୀ ପାଳନ ସମ୍ପର୍କିତ ବିଭିନ୍ନ ଉପାଦେୟ ତଥ୍ୟ ପ୍ରଦାନ କରାଯାଇଥିଲା। ମେଳାକୁ ଡ଼ା ବିକାଶ ଚନ୍ଦ୍ର ସେଠୀ, ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ, ଅତିରିକ୍ତ ପ୍ରାଣୀ ଚିକିତ୍ସାଧିକାରୀ ରୁକ୍ମିଣୀ ନାଏକ ଓ କୁତ୍ରା ପ୍ରାଣି ଚିକିତ୍ସାଳୟର ସମସ୍ତ ସଦସ୍ୟ ଆୟୋଜନ କରିଥିଲେ। ଏଥିରେ ପଞ୍ଚାୟତ ସମିତିର ସଭ୍ୟ ସଭ୍ୟା, ସରପଞ୍ଚ, ଜିଲା ପରିଷଦ ସଦସ୍ୟ, ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ କର୍ମଚାରୀ, ଜନସାଧାରଣ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସୁଭଦ୍ରା ଟପ୍ପୋ, କମଳେନ୍ଦୁ ପାଣିଗ୍ରାହୀ, କପିଳେନ୍ଦ୍ର ନାଏକ ପ୍ରମୁଖ ସହଯୋଗ କରିଥିଲେ।

# ଗ୍ୟାସ୍ ଟାଙ୍କି ଚୋରି, ୩ ଗିରଫ

**ରାଉରକେଲା,୧୮।୧୧(ଦିନେଶ ମିଶ୍ର)**

ସେକ୍ଟର-୧୫ ଥାନା ଅଧୀନ ଗଜଲକ୍ଷ୍ମୀ ମାର୍କେଟର ଏକ ଦୋକାନରୁ ୪ଟି ଗ୍ୟାସ ଟାଙ୍କି ଚୋରି ଅଭିଯୋଗରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଶିବଦାସ ହରିପାଲ ଓରଫ ଦିଲୁ(୧୯), ଆକାଶ ହରିପାଲ ଓରଫ ଗୁଲଟୁ(୩୦) ଏବଂ ରାଜେଶ ଦା(୩୦) ଓରଫ କୁନୁ। ସେମାନଙ୍କଠାରୁ ଗ୍ୟାସ୍ ଟାଙ୍କି ଜବତ ହୋଇଛି। ସମସ୍ତ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ଛେଣ୍ଡ କଲୋନିସ୍ଥିତ କଳିଙ୍ଗବିହାର ଅଞ୍ଚଳର ପି. ଭକ୍ତ ଭଲସାଲନ ନାୟାର ସେକ୍ଟର-୧୪ ଅଞ୍ଚଳର ଗଜଲକ୍ଷ୍ମୀ ମାର୍କେଟରେ ଏକ ଜଳଖିଆ ଦୋକାନ କରିଛନ୍ତି। ଗତ ଅକ୍ଟୋବର ୨୫ ତାରିଖ ରାତି ସାଢେ ୯ଟାରେ ଭକ୍ତ ଦୋକାନ ବନ୍ଦ କରି ଘରକୁ ଫେରିଥିଲେ। ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ତାଙ୍କ ଦୋକାନ ତାଲା ଭାଙ୍ଗି ୪ଟି ଗ୍ୟାସ ସିଲିଣ୍ଡର ଚୋରି କରି ନେଇଯାଇଥିଲେ। ଏ ନେଇ ସେକ୍ଟର-୧୫ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୧୫୬/୨୫) ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା।

# ଆଦିବାସୀ, ସଂଖ୍ୟାଲଘୁଙ୍କୁ ସାମାଜିକ ନ୍ୟାୟ ଦାବିରେ ବିକ୍ଷୋଭ



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ସୁନ୍ଦରଗଡ଼, ୧୮।୧୧(ଜୟନାରାୟଣ ମେଣ୍ଡୁଲି)**

**ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ**

ମହିଳା, ଆଦିବାସୀ, ଦଳିତ ଓ ସଂଖ୍ୟାଲଘୁଙ୍କ ଉପରେ ବଢ଼ିଚାଲିଥିବା ଅତ୍ୟାଚାର ବିରୋଧରେ ମଙ୍ଗଳବାର ସ୍ଥାନୀୟ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ସିପିଆଇ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ମହିଳା, ଆଦିବାସୀ, ଦଳିତମାନଙ୍କୁ ସାମାଜିକ ନ୍ୟାୟ, ସମାନତା ଓ ସୁରକ୍ଷା ଦାବିରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଭାରତୀୟ କମ୍ୟୁନିଷ୍ଟ ପାର୍ଟି ସୁନ୍ଦରଗଡ଼ ଜିଲା ଶାଖା ତରଫରୁ ରାଜ୍ୟ ପରିଷଦ ସଭ୍ୟ ସନ୍ତୋଷ କୁମାର ଆଚାର୍ଯ୍ୟ, ହେମଗିରି ଜୋନ୍ ସମ୍ପାଦକ ରାଧେଶ୍ୟାମ ଗର୍ଡିଆ, ଅଖିଳ ଭାରତ ଯୁବସଙ୍ଘର ରମେଶ ଜୟପୁରିଆ, କୁସୁମ ଦଣ୍ଡସେନା, କ୍ଷମାରାଜ ବାରିକ, ଦାତାରାମ ସନ୍ୟାସୀ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟ ବିଦ୍ୟାଳୟ ସମୂହ କବାଡ଼ି ପ୍ରତିଯୋଗିତା ଉଦ୍‌ଘାଟିତ



ଉପସ୍ଥିତ ମନ୍ତ୍ରୀ ଜୁଏଲ ଓରାମ ଓ ଅନ୍ୟମାନେ।

**ବଣାଇଁ,୧୮।୧୧(ପ୍ରଦୀପ ତ୍ରିପାଠୀ)**

- ୩୦ ଜିଲାରୁ ଯୋଗଦେଲେ ୧୪୮୮ ପ୍ରତିଯୋଗୀ
- ତିନିଦିନ ଧରି ଚାଲିବ କବାଡ଼ି ମହାକୁମ୍ଭ

ସୁନ୍ଦରଗଡ଼ ଜିଲା ବଣାଇଁସ୍ଥିତ ରାଜା ଧରଣୀଧର ବହୁମୁଖୀ ଖେଳପଡ଼ିଆରେ ମଙ୍ଗଳବାର ୬୯ତମ ରାଜ୍ୟ ବିଦ୍ୟାଳୟ ସମୂହ କବାଡ଼ି ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ୧୭ ବର୍ଷରୁ କମ୍ ବର୍ଗର ଉଭୟ ବାଳିକା ଓ ବାଳକ ଯୋଗଦେଇଛନ୍ତି। ରାଜ୍ୟର ଭୁବନେଶ୍ୱର ଓ ଅନ୍ୟ ୩୦ଗୋଟି ଜିଲାରୁ ଏହି କବାଡ଼ି ମହାକୁମ୍ଭରେ ବାଳିକା ବର୍ଗରେ ୭୪୪ ଓ ବାଳକ ବର୍ଗରେ ୭୪୪ ଜଣ ଯୋଗଦେଇଥିବା ଜଣାପଡ଼ିଛି। ତିନିଦିନ ଧରି ଚାଲିବାକୁଥିବା ଏହି କବାଡ଼ି ଚାମ୍ପିୟନଶିପ୍‌ରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ୍ ଯୋଗଦେଇ ଆନୁଷ୍ଠାନିକ ଭାବେ ଏହାର ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସୁନ୍ଦରଗଡ଼ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ ସାହୁ, ବଣାଇଁ ଉପଜିଲାପାଳ ଅକ୍ଷୟ ପିଲ୍ଲେ, ଅମୂଲ୍ୟ କୁମାର ପ୍ରଧାନ, ଉପସଭାପତି ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶା, ସୁଦୀପ୍ତ କୁମାର ନାଏକ, କ୍ରୀଡ଼ା ନିସର୍ଗ ଉପନିର୍ଦ୍ଦେଶକ ରାଉରକେଲା, ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଓ ସବୁ ଜିଲାରୁ ଆସିଥିବା ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

# ବିଜ୍ଞାନ ମେଳାରେ ୨୪୭ ପ୍ରକଳ୍ପ ପ୍ରଦର୍ଶିତ

**ହେମଗିର,୧୮।୧୧(ଚୈତନ୍ୟ ପଟେଲ)**




ବିଜ୍ଞାନ ମେଳାରେ ମଞ୍ଚାସୀନ ଅତିଥି।

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକସ୍ଥିତ ଝାରପଲମ ଉନ୍ନିତ ଉଚ୍ଚ ବିଦ୍ୟାଳୟଠାରେ ମଙ୍ଗଳବାର ବ୍ଲକସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବ୍ଲକ ଶିକ୍ଷା ଅଧିକାରୀ କରୁଣା ସାଗର ପଟେଲ କାର୍ଯ୍ୟକାରୀ ସଭାପତି ଭାବେ ଯୋଗଦାନକରି କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୀନା ନାଏକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କିଶୋର ଅର୍କ, ବ୍ଲକ ଶିକ୍ଷକ ସଂଘ ସଭାପତି ରାମଲାଲ ପଟେଲ, ସମ୍ପାଦକ ଉମାକାନ୍ତ ପଧାନ, ସ୍ଥାନୀୟ ବିଦ୍ୟାଳୟର ପରିଚାଳନା କମିଟି ସଭାପତି ଅନନ୍ତରାମ କିଶାନ, ଜିଏମ୍‌ଡିସି ପ୍ରବନ୍ଧକ ଏ.କେ. ଝା, ବେଦାନ୍ତ ସହପ୍ରବନ୍ଧକ ବିବେକ ଉପଲାନଚିବର, ଆଦାନୀ ମୁଖ୍ୟ ନବଲ ଶର୍ମା, ଆଦାନୀ ସାଇଟ ମୁଖ୍ୟ ଧର୍ମେନ୍ଦ୍ର ଦୁବେ, ବେଦାନ୍ତ ପ୍ରକଳ୍ପ ମୁଖ୍ୟ ଟି. ରମଣ ରାଓ, ଜିଏମ୍‌ଡିସି କ୍ୟାପ୍‌ଟେନ୍ ରଣବୀର ସିଂହ, ବେଦାନ୍ତ ସାଇଟ ମୁଖ୍ୟ ପ୍ରଣୟ ଶତପଥୀ, ସମିତି ମେମ୍ବର ଓମ୍‌ପ୍ରକାଶ ପଧାନ, ସ୍ଥାନୀୟ ସରପଞ୍ଚ ଚନ୍ଦ୍ରବା ମାଝୀ ଯୋଗଦାନ କରି ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଉତ୍ସାହ ଓ ପ୍ରେରଣା ପ୍ରଦାନ କରିଥିଲେ। ଏହି ପ୍ରଦର୍ଶନୀ ମେଳାରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୨୪୭ ଗୋଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପରେ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସଦାନନ୍ଦ ପ୍ରଧାନ, ସରକାରୀ ମହାବିଦ୍ୟାଳୟ ସୁନ୍ଦରଗଡ଼ର ବିଜ୍ଞାନ ବିଭାଗ ପ୍ରଫେସର ପ୍ରଦୀପ କୁମାର ସାମନ୍ତରାୟ, ଓଡ଼ିଆ ବିଭାଗ ପ୍ରଫେସର ନୂତନ ଖମାରୀ, ମାଣିକେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକ ସରୋଜ କୁମାର ମିଶ୍ର, ସେକେଣ୍ଡାରି ଶିକ୍ଷକ ସଂଘ ସଭାପତି ପୂର୍ଣ୍ଣାନନ୍ଦ ପଧାନ ଯୋଗଦାନ କରିଥିବାବେଳେ ଦେବାଂଶୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ୧୪ ଗୋଟି କ୍ଲଷ୍ଟରର ସମସ୍ତ ସିଆର୍‌ସିସି, ସମସ୍ତ ଗ୍ରାମବାସୀ ତଥା ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ଶ୍ରୀଗଣେଶ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନମେଳା

ସମ୍ବଲପୁର,୧୮।୧୧(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଧନୁପାଲିସ୍ଥିତ ଶ୍ରୀଗଣେଶ ସରକାରୀ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଚିଚିଣ୍ଡା କଲେଜର ଅବସରପ୍ରାପ୍ତ ଅଧ୍ୟାପକ ଡ. ଦ୍ୱାରିକାନାଥ ନାୟକ, ସମ୍ମାନିତ ଅତିଥି ଓ ବିଚାରକଭାବେ ଶ୍ରୀଗଣେଶ ସରକାରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅର୍ଚ୍ଚନା ପାଣି ଏବଂ ଗିରିପାଲି ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଫକୀର ପ୍ରଧାନ ଯୋଗଦେଇଥିଲେ। ଅତିଥିମାନେ ଦୈନନ୍ଦିନ ଜୀବନରେ ବିଜ୍ଞାନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏହି ମେଳାରେ ୫୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଶିକ୍ଷୟିତ୍ରୀ ସଙ୍ଗୀତା ବେହେରା ସଭା ପରିଚାଳନା କରିଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ସୋନାଲି ବାଗ ପ୍ରକଳ୍ପ ପ୍ରସ୍ତୁତିରେ ସାହାଯ୍ୟ କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

# ଗଞ୍ଜେଇ ଚାଷ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

ନାକଟିଦେଉଳ,୧୮।୧୧(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଘୋଷରାମାଳ ପଞ୍ଚାୟତ ଅଞ୍ଚଳରେ ବେଆଇନ ଗଞ୍ଜେଇ ଚାଷ ଉପରେ ପ୍ରଶାସନ ପକ୍ଷରୁ ଚଡ଼ାଉ କରାଯାଉଛି। ଏଥିସହିତ ଗଞ୍ଜେଇ ଚାଷ ବିରୋଧରେ ଲୋକଙ୍କୁ ସଚେତନ କରାଯାଉଛି। ମଙ୍ଗଳବାର ରେଢ଼ାଖୋଲ ପୋଲିସ ପକ୍ଷରୁ ନାକଟିଦେଉଳ ବ୍ଲକ ଘୋଷରାମାଳ ପଞ୍ଚାୟତ କାର୍ଯ୍ୟାଳୟରେ ଏକ ସଚେତନତା ଶିବିର ଆୟୋଜନ କରାଯାଇ ଲୋକଙ୍କୁ ଜାଗ୍ରତ କରାଯାଇଛି। ରେଢ଼ାଖୋଲ ଏସ୍‌ଡିପିଓ ପ୍ରଶାନ୍ତ କୁମାର ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶିବିରରେ ସମ୍ବଲପୁର ଅବକାରୀ ବିଭାଗ ଅତିରିକ୍ତ ଏସ୍‌ପି ଅସିତ କୁମାର ମଲ୍ଲିକ, ରେଢ଼ାଖୋଲ ଥାନା ଅଧିକାରୀ ଚନ୍ଦ୍ରମୋହନ ସିଂ, ଅବକାରୀ ନିରୀକ୍ଷକ ଦୁର୍ବାଦଳ ବିଶ୍ୱାଳ, ଘୋଷରାମାଳ ସରପଞ୍ଚ ପ୍ରେମଶିଳା ପ୍ରଧାନ ଯୋଗଦେଇ ବେଆଇନ ଗଞ୍ଜେଇ ଚାଷର ମୂଳୋତ୍ପାଟନ ଦିଗରେ ଗ୍ରାମବାସୀଙ୍କ ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।



ସଚେତନତା ଶିବିରରେ ଅତିଥି ଓ ଅଧିକାରୀମାନେ।

**ଗଞ୍ଜେଇ ଚାଷ ବିରୋଧରେ ସଚେତନତା**

ଏହି ଅବସରରେ ଉପସ୍ଥିତ ପୋଲିସ ଓ ଅବକାରୀ ବିଭାଗ ଅଧିକାରୀମାନେ ବେଆଇନ ଗଞ୍ଜେଇ ଚାଷ କଲେ ସମ୍ପୃକ୍ତ ଚାଷୀ ଏବଂ ସହଯୋଗୀମାନଙ୍କ ପାଇଁ ଆଇନରେ ରହିଥିବା କୋଠର ଦଣ୍ଡ ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ଗଞ୍ଜେଇ ଚାଷ ଛାଡି ଧାନ କିମ୍ବା ଡାଲି ଜାତୀୟ ଫସଲ କରି ସମାଜରେ ସମ୍ମାନର ସହିତ ବଞ୍ଚିବାକୁ ଅଧିକାରୀମାନେ ପରାମର୍ଶ ଦେଇଥିଲେ। ଯେଉଁ ସ୍ଥାନରେ ଗଞ୍ଜେଇ ଚାଷ ହେଉଛି ସେ ସମ୍ପର୍କରେ ଗ୍ରାମବାସୀ ପୋଲିସ କିମ୍ବା ଅବକାରୀ ବିଭାଗକୁ ଭୟ ନ କରି ସୂଚନା ଦେବାକୁ କୁହାଯାଇଥିଲା। ଗଞ୍ଜେଇ ଚାଷର ସମ୍ପୂର୍ଣ୍ଣ ବିଲୋପ ପାଇଁ ଆଗାମୀ ଦିନରେ ପଞ୍ଚାୟତର ପ୍ରତ୍ୟେକ ୱାର୍ଡରେ ସଚେତନତା ଶିବିର ଆୟୋଜନ କରାଯାଇ ଲୋକଙ୍କୁ ସଚେତନ କରାଯିବ ବୋଲି ଅଧିକାରୀମାନେ କହିଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଘୋଷରାମାଳ ଫରେଷ୍ଟର ସୈରେନ୍ଦ୍ରି ସାହୁ, ବ୍ରାହ୍ମଣୀ ଫରେଷ୍ଟର ଦିଲ୍ଲୀପ କୁମାର ବେହେରା, ନାଏବ ସରପଞ୍ଚ ଗିରିଧାରୀ ପ୍ରଧାନ, ୱାର୍ଡସଭ୍ୟ ପରମେଶର ପ୍ରଧାନ, ପୂର୍ବତନ ସରପଞ୍ଚ ଅମ୍ରିତ ପାନ୍ନା ଉପସ୍ଥିତ ଥିଲେ।

## ବାନ୍ଧକଳାକୁ ବିଶ୍ୱସ୍ତରରେ ପରିଚିତ କରିଥିଲେ ରାଧାଶ୍ୟାମ

ସମ୍ବଲପୁର,୧୮।୧୦(ବି.ଶଙ୍କର)

ଓଡ଼ିଶାର ଗୌରବ, ବିଶ୍ୱପ୍ରସିଦ୍ଧ ସମ୍ବଲପୁରୀ ଶାଢ଼ୀର ସଂସ୍ଥାପକ ତଥା ମହାନ ବାନ୍ଧଶିଳ୍ପୀ ସ୍ୱର୍ଗତ ରାଧାଶ୍ୟାମ ମେହେରଙ୍କ ଜୟନ୍ତୀକୁ ବାନ୍ଧ ଦିବସ ଭାବେ ପାଳନ କରାଯିବ। ମଙ୍ଗଳବାର ସ୍ଥାନୀୟ ସାମ୍ବାଦିକ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏବିସିଡି ଚାରିଟେବୁଲ ଟ୍ରଷ୍ଟ ସଭାପତି ରାଜେନ୍ଦ୍ର ସତନାମୀ, ପରାମର୍ଶଦାତା ତଥା ଐତିହାସିକ ଦୀପକ କୁମାର ପଣ୍ଡା, ପ୍ରଦୀପ ମେହେର ଏହା ସୂଚିତ କରିଛନ୍ତି। ରାଧାଶ୍ୟାମ ମେହେରଙ୍କ ବ୍ୟକ୍ତିତ୍ୱ ଏବଂ ବାନ୍ଧକଳା ପ୍ରତି ତାଙ୍କର ସମର୍ପଣ ଭାବ ଉପରେ ଆଲୋକପାତ କରିଥିଲେ। ସେମାନେ କହିଥିଲେ, ସ୍ୱର୍ଗତ ମେହେର ଓଡ଼ିଶାର ବାନ୍ଧକଳାକୁ କେବଳ ଭାରତରେ ନୁହେଁ ବରଂ ବିଶ୍ୱସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ଦେବାରେ ନିଜର ସମଗ୍ର ଜୀବନ ଉତ୍ସର୍ଗ କରିଦେଇଛନ୍ତି । ତାଙ୍କ କଳା ଏବଂ ତ୍ୟାଗକୁ ସ୍ମରଣୀୟ କରିବା ସମସ୍ତଙ୍କର କର୍ତ୍ତବ୍ୟ। ସେହିପରି ସମ୍ବଲପୁରୀ ସଂସ୍କୃତି ତଥା ବାନ୍ଧ କଳାର ଅଧିକ ପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ ଦେଇଥିଲେ। ତେଣୁ ରାଧାଶ୍ୟାମ ମେହେରଙ୍କ ଜୟନ୍ତୀକୁ ବାନ୍ଧକଳା ଦିବସ ଭାବେ ପାଳନ କରିବା ନିଷ୍ପତ୍ତି ନିଆଯାଇଛି । ଚଳିତ ମାସ ୨୦ ତାରିଖରେ ଟ୍ରଷ୍ଟ ପକ୍ଷରୁ ସମ୍ବଲପୁରସ୍ଥିତ ତପସ୍ୱିନୀ ପ୍ରେକ୍ଷାଳୟରେ ବିବିଧ କାର୍ଯ୍ୟକ୍ରମ କରାଯିବାକୁ ସ୍ଥିର ହୋଇଛି। ଏହି ଦିନ ବାନ୍ଧକଳା ପ୍ରଦର୍ଶନୀ, ବରିଷ୍ଠ ବୁଣାକାରମାନଙ୍କୁ ସମ୍ବର୍ଦ୍ଧନା, ସାମାଜିକକର୍ମୀଙ୍କୁ ସମ୍ବର୍ଦ୍ଧନା, ଅନ୍ୟାନ୍ୟ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା କୃତି ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ସହ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବାକୁ ସ୍ଥିର ହୋଇଛି ।



ଖବରଦାତା ସମ୍ମିଳନୀରେ ଏବିସିଡି ଚାରିଟେବୁଲ ଟ୍ରଷ୍ଟର କର୍ମକର୍ତ୍ତା।

## ସମ୍ବଲପୁର ସମ୍ବିଧାନ ଦିବସ କମିଟିର ବୈଠକ

ସମ୍ବଲପୁର,୧୮।୧୦(ବି.ଶଙ୍କର)

ସମ୍ବଲପୁର ସମ୍ବିଧାନ ଦିବସ କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ ମଙ୍ଗଳବାର ସ୍ଥାନୀୟ ସାମ୍ବାଦିକ ଭବନଠାରେ ଅନୁଷ୍ଠିତ କରାଯାଇଛି । ଚଳିତ ମାସ ୨୬ ତାରିଖ ଭାରତୀୟ ସମ୍ବିଧାନ ଦିବସକୁ କିପରି ଭାବେ ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ପାଳନ କରାଯିବ ସେନେଇ ବୈଠକରେ ଆଲୋଚନା କରାଯାଇଥିଲା। ଏହାକୁ ଦୃଷ୍ଟିରେ ରଖି କମିଟି ପକ୍ଷରୁ ହେବାକୁ ଥିବା ସମ୍ବିଧାନ ଦିବସ କାର୍ଯ୍ୟକ୍ରମରେ ସମ୍ବଲପୁରର ଜିଲାପାଳ, ଏସ୍‌ପି, ଜିଲାରେ କାମ କରୁଥିବା ବିଭିନ୍ନ ସାମାଜିକ ସଙ୍ଗଠନ ଓ ବୁଦ୍ଧିଜୀବୀଙ୍କୁ ନିମନ୍ତ୍ରଣ କରାଯିବା ସ୍ଥିର ହୋଇଛି । ଜାତି, ଧର୍ମ, ବର୍ଣ୍ଣ ଓ ଲିଙ୍ଗ ଭେଦଭାବକୁ ଦୂର କରିବା ଏବଂ ସମସ୍ତେ ଭାଇଚାରା ବାର୍ତ୍ତା ଦେଇ ଭାରତୀୟ ଭାବେ ସମ୍ବିଧାନ ଦିବସ ପାଳନ କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଉକ୍ତ ସଭାରେ ସମ୍ବିଧାନ ଦିବସ କମିଟି ସଭାପତି ଲଙ୍କେଶ ରାବଣ, ସମ୍ପାଦକ ବିକାଶ ବୌଦ୍ଧ, କୋଷାଧ୍ୟକ୍ଷ କୃଷ୍ଣ ସାହୁ, ଉପସଭାପତି ରୋସନ ଆଜାଦ, ମନୋଜ କୁମାର ବାଗ, ଟିଙ୍କୁ କରାଳି, ରିଙ୍କୁ ବାଗ ଆଲୋଚନାରେ ଭାଗ ନେଇଥିଲେ ।

# ସାଂସଦ କ୍ରୀଡ଼ା ମହୋତ୍ସବ ଉଦ୍‌ଯାପିତ


ପ୍ରତିଯୋଗିତାରେ ବିଜୟୀ ପ୍ରତିଯୋଗୀଙ୍କୁ ମନ୍ତ୍ରୀ ସମ୍ମାନୀତ କରିଛନ୍ତି।

ଜମନକିରା,୧୮।୧୧(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ବ୍ଲକ ସଦର ମହକୁମାସ୍ଥିତ ଷଣ୍ଢପଥର ଖେଳପଡ଼ିଆରେ ଚାଲିଥିବା ବ୍ଲକସ୍ତରୀୟ ଦୁଇଦିନିଆ ସାଂସଦ କ୍ରୀଡା ମହୋତ୍ସବ ମଙ୍ଗଳବାର ଅପରାହ୍ନ ସାଢ଼େ ୫ଟାରେ ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ଯୋଗ ଦେଇଥିଲେ। ଏଥିରେ ଜମନକିରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର କୁମାର ସେଠୀ ସଭାପତିତ୍ୱ କରିଥିଲେ। ଷଣ୍ଢପଥର ଏସଏସଡି ହାଇସ୍କୁଲ ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ଜଗତ ମଞ୍ଚ ପରିଚାଳନା କରିଥିଲେ। ସମ୍ମାନିତ ଅତିଥିଭାବେ ତହସିଲଦାର ପ୍ରବୀଣା ବିଲୁଙ୍ଗ, କୁଚିଣ୍ଡା ବିଧାୟକଙ୍କ ପ୍ରତିନିଧି ମନୋଜ ମାଝୀ, ବଡରମା ସରପଞ୍ଚ ତଥା ଜମନକିରା ମଣ୍ଡଳ ସଭାପତି ବିଜୟ ନାଏକ, ଜମନକିରା ଅତିରିକ୍ତ ଶିକ୍ଷା ଅଧିକାରୀ ଦେବକୀ ନାଏକ, ଜମନକିରା ଥାନା ଏଏସଆଇ ନିରଞ୍ଜନ ପ୍ରଧାନ, ଜମନକିରା ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ବେହେରା ଯୋଗ ଦେଇଥିଲେ।

ଉଦଘାଟନୀ ମହୋତ୍ସବ ପ୍ରଥମ ଦିନରେ ବିଡ଼ିଓ ରବୀନ୍ଦ୍ର କୁମାର ସେଠୀ ଅଧକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ କୁଚିଣ୍ଡା ବିଧାୟକଙ୍କ ପ୍ରତିନିଧି ମାଝୀ ଯୋଗ ଦେଇଥିଲେ। କ୍ରୀଡା ମହୋତ୍ସବ ସଭାକୁ ଏସ୍‌ଏସ୍‌ଡି ଷଣ୍ଢପଥର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜେନ୍ଦ୍ର କୁମାର ଜଗତ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ବଡରମା ସରପଞ୍ଚ ତଥା ଜମନକିରା ମଣ୍ଡଳ ସଭାପତି ବିଜୟ ନାଏକ, ଅତିରିକ୍ତ ଶିକ୍ଷା ଅଧିକାରୀ ଦେବକୀ ନାଏକ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟଜିତ ସାହୁ, ଜମନକିରା ଥାନା ଏଏସଆଇ ନିରଞ୍ଜନ ପ୍ରଧାନ, ସୌରଭ ପଟ୍ଟନାୟକ, ଜମନକିରା ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ସୁଜାତା ବେହେରା ମଞ୍ଚାସୀନ ଥିଲେ।

କ୍ରୀଡା ଜୁନିୟର ବର୍ଗର ପୁଅ ଏବଂ ଝିଅଙ୍କ ୧୦୦ ମିଟର ଦୌଡ଼ ଓ ୨୦୦ ମିଟର ଦୌଡ, ଜୁନିୟର ବର୍ଗଙ୍କ ଖୋକୋ, ସଟଫୁଟ, ସିନିୟର୍ ମାନଙ୍କ କବାଡି, ଖୋଖୋ ଏବଂ ସଟ ଫୁଟ ଭଳି ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ଦ୍ୱିତୀୟ ଦିନରେ ସିନିୟର ଦଳଙ୍କ ଦୌଡ, ଖୋକୋ, ସଟଫୁଟ, ଏବଂ ଡିସ୍କସ ଥ୍ରୋ ପ୍ରତିଯୋଗିତା ହୋଇଥିଲା। ଖେଳ କାର୍ଯକ୍ରମକୁ ବିଭିନ୍ନ ବିଦ୍ୟାଳୟ ଏବଂ କଲେଜର ଖେଳ ଶିକ୍ଷକ ମାନେ ଖେଳ ପରିଚାଳନା କରିଥିଲେ। କୃତିତ୍ୱ ହାସଲ କରିଥିବା ଖେଳାଳିମାନଙ୍କୁ ମନ୍ତ୍ରୀ ନାଏକ ମାନପତ୍ର ଓ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ଶେଷରେ ଗୋଷ୍ଠୀ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଐଶର୍ଯ୍ୟ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ୨୧ରେ ସମ୍ବଲପୁରରେ ପହଞ୍ଚିବ ସୋମନାଥ ଜ୍ୟୋତିର୍ଲିଙ୍ଗ

ସମ୍ବଲପୁର,୧୮।୧୧(ଭବାନୀ ଶଙ୍କର ଭୋଇ)

ଆସନ୍ତା ୨୧ ତାରିଖରେ ସମ୍ବଲପୁର କମିଶନର କଲୋନୀସ୍ଥିତ ଶ୍ରୀଶ୍ରୀ ଜ୍ଞାନକ୍ଷେତ୍ରକୁ ସୋମନାଥ ଜ୍ୟୋର୍ତିଲିଙ୍ଗ ପହଞ୍ଚିବା କାର୍ଯ୍ୟକ୍ରମ ରହିଛି। ସମ୍ବଲପୁର ଆର୍ଟ ଅଫ ଲିଭିଙ୍ଗ ଶାଖା ପକ୍ଷରୁ ମଙ୍ଗଳବାର ଏନେଇ ସୂଚନା ଦିଆଯାଇଛି। ଜ୍ୟୋର୍ତିଲିଙ୍ଗକୁ ଧନୁପାଲି ଛକରୁ ଅପରାହ୍ନ ୩ଟାରେ ସ୍ୱାଗତ କରି ଶୋଭାଯାତ୍ରାରେ ଶ୍ରୀଶ୍ରୀ ଜ୍ଞାନକ୍ଷେତ୍ରକୁ ଅଣାଯିବ। ଏହାପରେ ୪ଟାରେ ରୁଦ୍ରାଭିଷେକ କରାଯିବା ପରେ ଜନସାଧାରଣ ସଂକଳ୍ପ ପୂଜା କରିପାରିବେ। ରୁଦ୍ରାଭିଷେକ ପରେ ସତ୍‌ସଙ୍ଗ ସହିତ ଭକ୍ତମାନେ ଦର୍ଶନ କରିପାରିବେ। ଐତିହାସିକମାନଙ୍କ ମତରେ ସୋମନାଥ ଜୋର୍ତିର୍ଲିଙ୍ଗ ସବୁଠୁ ପବିତ୍ର ଭାବେ ଜଣାଯାଏ। ମାନ୍ୟତା ଅନୁସାରେ ୧୦୨୬ ମସିହାରେ ମହମଦ ଗଜନୀ ଜ୍ୟୋର୍ତିର୍ଲିଙ୍ଗକୁ ଖଣ୍ଡବିଖଣ୍ଡ କରିଦେବା ପରେ କିଛି ଅଗ୍ନିହୋତ୍ର ପଣ୍ଡିତ ତାକୁ ଛୋଟ ଛୋଟ ଶିବଲିଙ୍ଗରେ ପରିଣତ କରି ପୂଜା କରୁଥିଲେ। ୨୦୨୪ ଜାନୁୟାରୀ ୧୫ରେ ଅଗ୍ନିହୋତ୍ର ପଣ୍ଡିତ ଜ୍ୟୋର୍ତିର୍ଲିଙ୍ଗ ଶ୍ରୀଶ୍ରୀ ରବିଶଙ୍କରଜୀଙ୍କୁ ହସ୍ତାନ୍ତର କରିଥିଲେ। ଏହାକୁ ସମ୍ବଲପୁର ଭକ୍ତମାନଙ୍କ ଦର୍ଶନ ପାଇଁ ଅଣାଯାଉଥିବାରୁ ଭକ୍ତଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଏହି କାର୍ଯ୍ୟକ୍ରମକୁ ସମ୍ବଲପୁର ଆର୍ଟ ଅଫ ଲିଭିଙ୍ଗ ଶାଖା ତରଫରୁ ଆୟୋଜନ କରାଯାଉଥିବା ସୂଚନା ଦିଆଯାଇଛି।

## ରେଳ ମଣ୍ଡଳ ପକ୍ଷରୁ ନିଶାମୁକ୍ତି ସଚେତନତା ରାଲି

ସମ୍ବଲପୁର,୧୮।୧୧(ପ୍ରମୋଦ ବହିଦାର)

ସମ୍ବଲପୁର ରେଳ ମଣ୍ଡଳ ପକ୍ଷରୁ ନିଶାମୁକ୍ତ ଭାରତ ଅଭିଯାନ ଅନ୍ତର୍ଗତ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ଦେଶବ୍ୟାପୀ ନିଶାମୁକ୍ତ ଭାରତ ଅଭିଯାନର ସଫଳ ରୂପାୟନ ସ୍ୱରୂପ ମଙ୍ଗଳବାର ନିଶା ନିବାରଣ ବାର୍ତ୍ତାର ପ୍ରଚାର ପ୍ରସାର ଓ ଏକ ସୁସ୍ଥ, ନିଶାମୁକ୍ତ ସମାଜକୁ ପ୍ରୋତ୍ସାହିତ କରିବା ପାଇଁ ରାଲିର ଆୟୋଜନ କରାଯାଇଥିଲା। ସମ୍ବଲପୁରର ରେଳ ମଣ୍ଡଳ ପ୍ରବନ୍ଧକ(ଡିଆର୍‌ଏମ୍) ସୁବାଷ ଚନ୍ଦ୍ର ଚୌଧରୀଙ୍କ ସହିତ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ମନଜିତ ସିଂହ ସନସନୱାଲ, ବରିଷ୍ଠ ଅଧିକାରୀ, ରେଳ କର୍ମଚାରୀଙ୍କ ସହିତ ସ୍ୱେଚ୍ଛାସେବୀ ଓ ଜନସାଧାରଣ ରାଲିରେ ଅଂଶଗ୍ରହଣ କରିଥିଲେ। ଏହାପୂର୍ବରୁ ସମବେତ କର୍ମଚାରୀଙ୍କୁ ସମ୍ବୋଧିତ କରି ଡିଆରଏମ୍ ଚୌଧୁରୀ ନିଶାର ଭୟବହତା ଓ ଏହାକୁ ରୋକିବା ଦିଗରେ ସମାଜର ସାମୂହିକ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହାସହିତ ସେ ସମସ୍ତଙ୍କୁ ନିଶାମୁକ୍ତ ରାଷ୍ଟ୍ର ଗଠନ ଅଭିଯାନରେ ସକ୍ରିୟ ଯୋଗଦାନ ପାଇଁ ଅନୁରୋଧ କରିଥିଲେ। ଏହି ଅବସରରେ ସେ ଏଥିରେ ଉତ୍ସାହର ସହିତ ଭାଗ ନେଇଥିବା ରେଳ କର୍ମଚାରୀଙ୍କୁ ପ୍ରଶଂସା କରିବା ସହ ଯୁବପିଢ଼ିଙ୍କ ମଧ୍ୟରେ ସଚେତନତା ଜାଗ୍ରତ ପାଇଁ ଉତ୍ସାହିତ କରିଥିଲେ। ରାଲି ଡିଆରଏମ୍‌ଙ୍କ କାର୍ଯ୍ୟାଳୟରୁ ଆରମ୍ଭ ହୋଇ ସହର ପରିକ୍ରମା କରିଥିଲା।



ସଚେତନତା ରାଲିରେ ରେଳ କର୍ମଚାରୀ, ଅଧିକାରୀ, ସ୍ୱେଚ୍ଛାସେବୀ ଓ ଜନସାଧାରଣ ।

# ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା

ନାକଟିଦେଉଳ,୧୮।୧୧(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଜଗନ୍ନାଥ ପ୍ରସାଦସ୍ଥିତ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟ ପରିସରରେ ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ପକ୍ଷରୁ ମଙ୍ଗଳବାର ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ରେଢ଼ାଖୋଲ ଏସ୍‌ଡିଭିଓ ଅନିଲ କୁମାର ମେହେରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧକ୍ଷା ସ୍ୱରୂପାରାଣୀ ସାହୁ, ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଭ୍ୟା ଟିକେଶରୀ ମେହେର, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଗଡ଼ତ୍ୟା, ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡା. ରାଜୀବ ଲୋଚନ ବେହେରା, ପ୍ରାଣୀଧନ ଉତ୍ପାଦନ ବିଭାଗ ଏଡିଭିଓ ଡା. ଶଶୀ ଭୂଷଣ ଦାସ, ପ୍ରାଣୀ ଧନ ବିଭାଗ ଜିଲା ଉପ ନିର୍ଦ୍ଦେଶକ ଡା. କ୍ଷୀରୋଦ କୁମାର ପଟେଲ, ଅତିରିକ୍ତ ଜିଲା ମତ୍ସ୍ୟ ଅଧିକାରୀ ରାଜେଶ କୁମାର ସାହୁ ଯୋଗଦେଇଥିଲେ। ଅତିଥିମାନେ ଚାଷୀମାନଙ୍କୁ ସରକାରଙ୍କ ନୂତନ ଚାଷ ପ୍ରଣାଳୀ ଏବଂ ବୈଜ୍ଞାନିକ ଜ୍ଞାନ କୌଶଳ ସମ୍ପର୍କରେ ସୂଚନା ଦେଇଥିଲେ। ଏଥି ସହିତ ଚାଷୀମାନଙ୍କୁ ବିଭିନ୍ନ ଯୋଜନା ମାଧ୍ୟମରେ ଯୋଗାଇ ଦିଆ ଯାଉଥିବା ଆର୍ଥିକ ସହାୟତା ସମ୍ପର୍କରେ ଅତିଥିମାନେ ଅବଗତ କରିଥିଲେ। ଏହି ଅବସରରେ ବ୍ଲକର ଯାମୁଯୋରୀ ପଞ୍ଚାୟତ ଚଡଚଡି ଗ୍ରାମର ଅଣ୍ଡା ଦିଆ କୁକୁଡ଼ା ଚାଷୀ କୁବେର ଦେହୁରୀ, ଡାଏରୀ ଫାର୍ମ ପାଇଁ ଜଗନ୍ନାଥ ପ୍ରସାଦ ଗ୍ରାମର ଚାଷୀ ପଦ୍ମାବତୀ ମେହେର, ବ୍ରଏଲର ଫାର୍ମ ପାଇଁ ବାଟଗାଁ ପଞ୍ଚାୟତ ବେଠିଆବେରଣୀ ଗ୍ରାମର କେଦାର ଦେହୁରୀ ଏବଂ ଛେଳି ଚାଷ ପାଇଁ ଡଇଁଚା ଗ୍ରାମର ଅନ୍ନପୂର୍ଣ୍ଣା ସ୍ୱୟଂ ସହାୟକ ଗୋଷ୍ଠୀକୁ ପୁରସ୍କାର ରାଶି ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟ ପକ୍ଷରେ ମେଳାରେ ମତ୍ସ୍ୟ, ପ୍ରାଣୀ ସମ୍ପଦ ଓ ଅନ୍ୟାନ୍ୟ ବିଭାଗୀୟ କାର୍ଯ୍ୟକ୍ରମର ପ୍ରଦର୍ଶନୀ, ଚାଷୀ–ବିଶେଷଜ୍ଞ ଆଲୋଚନାଚକ୍ର, ସଚେତନତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଗୋଷ୍ଠୀ ପ୍ରାଣୀଧନ ଚିକିତ୍ସାଧିକାରୀ ଡା. ହରିଶ୍ଚନ୍ଦ୍ର ମାଥୁର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟୁତ କୁମାର ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ । ଲିଙ୍ଗରାଜ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ବିଭିନ୍ନ ଚାଷୀ, ପ୍ରାଣୀମିତ୍ର, ସିଆରପି, ଏମବିକେମାନେ ଯୋଗଦେଇଥିଲେ।


ଆୟୋଜିତ ମେଳାରେ ମଞ୍ଚାସୀନ ଅତିଥି।

# ବିଜ୍ଞାନ ସମାଜ ବିକାଶରେ ବରଦାନ ହୋଇଛି

କୁଚିଣ୍ଡା,୧୮।୧୧(ବିରଞ୍ଚି ଦର୍ଜୀ

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ ବାଉରୀଗୋଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଓ ମେଳା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶ୍ରୀ ଗୀତା ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ କୁଚିଣ୍ଡା ଜିଲା ପରିଷଦ ଜୋନ–୧ ସଭ୍ୟ ଅଜିତ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ କୁଚିଣ୍ଡା ବିଡ଼ିଓ ଜୟନ୍ତ ସାହୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସୁଶ୍ରୀ ପଧାନଙ୍କ ସଭାପତିତ୍ୱରେ ହୋଇଥିବା ଉଦ୍‌ଯାପନୀ ଉତ୍ସବରେ କୁଚିଣ୍ଡା ପଞ୍ଚାୟତ ସମିତି ଅଧକ୍ଷ ଭୁବେଶ୍ୱର କିଷାନ ମୁଖ୍ୟଅତିଥି, କୁଚିଣ୍ଡା ଜିଲା ପରିଷଦ ଜୋନ–୨ ସଭ୍ୟ ଦିବ୍ୟରାଜ କିଷାନ, ସରପଞ୍ଚ ଗୋବର୍ଦ୍ଧନ ବାଘ, ସମିତି ସଭ୍ୟ ପରେଶ ପଟେଲ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନବୀନ ରୋହିଦାସ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତାରାକାନ୍ତ ନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ ବିଜ୍ଞାନର



ବିଜ୍ଞାନ ପ୍ରଦର୍ଶନୀ ଓ ମେଳାରେ ଅତିଥିମାନେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

**ବ୍ଲକ୍‌ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଓ ମେଳା**

ଅଗ୍ରଗତି ଯୋଗୁ ସମାଜରେ ଉନ୍ନତି ହୋଇଥିବା କହିଥିଲେ। ଏହାଛଡ଼ା ବିଜ୍ଞାନ ସମାଜ ବିକାଶରେ ବରଦାନ ସଦୃଶ କାମକରୁଛି। ତେଣୁ ଏହି କୁନି ବୈଜ୍ଞାନିକଙ୍କ ହାତରେ ସମାଜର ଭବିଷ୍ୟତ ନିର୍ଭର କରୁଥିବାରୁ ଭଲ ପାଠ ପଢି ଦେଶ ବିକାଶରେ ଭାଗିଦାରୀ ହେବାକୁ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କୁଚିଣ୍ଡା ଗୋଷ୍ଠି ଶିକ୍ଷା ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କ ବିଜ୍ଞାନ ପ୍ରଦର୍ଶନୀ ଓ ମେଳା ଏବଂ ଇକୋ କ୍ଲବ, ବିଜ୍ଞାନ ସେମିନାର ପ୍ରତିଯୋଗିତା ହୋଇଥିଲା। ଏହି ମେଳାରେ କନିଷ୍ଠ ବର୍ଗରେ ୭୪ଟି, ବରିଷ୍ଠ ବର୍ଗରେ ୩୬, ଇକୋକ୍ଲବ କନିଷ୍ଠ ବର୍ଗରେ ୨୬ଟି, ବରିଷ୍ଠ ବର୍ଗରେ ୮ଟି ଓ ବିଜ୍ଞାନ ସେମିନାରରେ ୩ଟି ଏଭଳି ମୋଟ ୧୪୭ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଅତିଥିମାନେ ପ୍ରତ୍ୟେକ ବର୍ଗର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସୁଶିଳ ମହକୁଳ ଓ ଶରତ ପଶାୟତ ସଭା ପରିଚାଳନା କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସିଆରସିସି ନବୀନ ଚନ୍ଦ୍ର ସାହୁ, ହରେଶ ପଟେଲ, ଯୋଗେନ୍ଦ୍ର ନାୟକ, ତପସ୍ୟା ବାଘ, ରଶ୍ମିତା ନାୟକ, ଶ୍ରୀକାନ୍ତ ପଟେଲ, ରାଜେଶ ପ୍ରଧାନ, ଅସୀମ ପାଣଗ୍ରାହୀ, ମନୋଜ ପଟେଲଙ୍କ ସହ ସମସ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ।

# ସପ୍ଲାଇ ପାଣିରେ ଜିଆ

ନୂଆପଡ଼ା,୧୮।୧୧ (ମକାରୁ ବେମାଲ)

ନୂଆପଡ଼ା ଜିଲାରେ ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ସୁନ୍ଦର ଜଳସେଚନ ପ୍ରକଳ୍ପ ଜଡାମୁଣ୍ଡାଠାରେ ଗଭୀର କୂପ ଜରିଆରେ ପାଣି ଉଠାଇ ଗାଁ ଗାଁକୁ ପାଇପ୍ ବିଛାଯାଇ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ହେଉଛି। ହେଲେ ସୋମବାର କୋମନା ବ୍ଲକ ଜଟଗଡ ପଞ୍ଚାୟତ ବାବେଘାଟି ଗାଁକୁ ଯୋଗାଣ ହେଉଥିବା ପାଣିରେ ଏକ ଲମ୍ବା ଜିଆ ଭାସୁଥିବା ଦେଖି ଲୋକେ ଏହାକୁ ବ୍ୟବହାର କରି ନ ଥିଲେ। ସୂଚନା ଅନୁଯାୟୀ ଜଟଗଡ ପଞ୍ଚାୟତ ବାବେଘାଟି ୨ ୱାର୍ଡ ବିଶିଷ୍ଟ ଗାଁରେ ୧୫୦ରୁ ଊର୍ଦ୍ଧ୍ୱ ପରିବାରରେ ୯ ଶହରୁ ଅଧିକ ଲୋକ ବାସ କରୁଛନ୍ତି। ଗାଁକୁ ପାଇପ୍ ବିଛାଯାଇ ପାନୀୟ ଜଳ ଯୋଗାଣ ହେଉଛି। ବିଘ୍ନ ଆଡବଙ୍ଗଙ୍କ ଘରକୁ ସଂଯୋଗ ହୋଇଥିବା ପାଇପ୍ ପାଣିରେ ସୋମବାର ୨ଟି ଜିଅନ୍ତା ଲମ୍ବା ଜିଆ ବାହାରିଥିଲା। ତାହାର ଲମ୍ବ ୧ ଫୁଟ ହେବ। ଗ୍ରାମର ଲୋକେ ଏହାକୁ ପାଣି ଜିଆ କହୁଥିବା ବେଳେ କିଛି ଲୋକ ଏହା ପାଣିରେ ରହୁଥିବା ସାପ ବୋଲି କହିଛନ୍ତି। ଏହା ବିଷଧର କି ନୁହେଁ ଜଣା ନାହିଁ। ହେଲେ ଏହି ଜିଅନ୍ତା ଜିଆ ପାଣିରେ ବାହାରିବାଠାରୁ ଗାଁ ଲୋକେ ପାଇପ୍ ପାଣି ନେବା ବନ୍ଦ କରି ଦେଇଛନ୍ତି । ଦୁଇଟି ଜିଆକୁ ପାଣିରେ ଏକ ଘମେଲା ଭିତରେ ରଖାଯାଇଛି । ବିଶେଷଜ୍ଞମାନେ ଏହାର ପରୀକ୍ଷା କରି ସନ୍ଦେହ ଦୂର କରିବା ପାଇଁ ସାଧାରଣରେ ଦାବି ହେଉଛି। ଏ ସଂକ୍ରାନ୍ତରେ କୋମନା ଗ୍ରାମ୍ୟ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ ନିରଞ୍ଜନ ମିଞ୍ଜଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା।



ଘମେଲାରେ ରଖାଯାଇଥିବା ଜିଅନ୍ତା ଜିଆ।

## ଦୋକାନରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ



ଭବାନୀପାଟଣା,୧୮।୧୧(ଉତ୍ତମ କୁମାର ଦାଶ): କଳାହାଣ୍ଡି ଜିଲା ଭବାନୀପାଟଣା ସହର ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ ନିକଟରେ ଥିବା ଏକ ଖେଳ ସାମଗ୍ରୀ ଦୋକାନରେ ମଙ୍ଗଳବାର ଅପରାହ୍ନରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଯାଇଛି। ଦୋକାନ ମାଲିକ ଅଶୋକ ପତି ଦୋକାନ ବନ୍ଦ କରି ଘରକୁ ଯାଇଥିବାବେଳେ କୌଣସି କାରଣ ବଶତଃ ଭିତର ପଟୁ ନିଆଁ ଲାଗି ଯାଇଥିଲା। ତେବେ ଦୋକାନ ଉପରେ ଥିବା ସ୍କାଏ ଲାଇଟ ପଟେ ଧୂଆଁ ବାହାରୁଥିବା ଦେଖି ସ୍ଥାନୀୟ ଲୋକେ ଅଶୋକଙ୍କୁ ଜଣାଇଥିଲେ। ଅଶୋକ ପହଞ୍ଚି ଦୋକାନ ଖୋଲିବା ପରେ ଭିତରେ ନିଆଁ ଜଳୁଥିବା ଦେଖିବାକୁ ପାଇଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ଦୋକାନର ପ୍ରାୟ ସମସ୍ତ ଖେଳ ସାମଗ୍ରୀ ଜଳି ପୋଡି ପାଉଁଶ ହୋଇଯାଇଥିଲା। ନଷ୍ଟ ସାମଗ୍ରୀ ମୂଲ୍ୟ ପ୍ରାୟ ୧୫ ଲକ୍ଷ ଟଙ୍କା ହେବ ବୋଲି ଅଶୋକ କହିଛନ୍ତି। ତେବେ କେଉଁ କାରଣରୁ ନିଆଁ ଲାଗିଲା ତାହା ଅସ୍ପଷ୍ଟ ରହିଛି।

## ଅର୍ଥବଳ ନ ହେବାରୁ ଦ୍ୱିତୀୟ ସ୍ଥାନରେ ରହିଲୁ: ଘାସିରାମ



ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ନୂଆପଡ଼ା,୧୮।୧୧ (ମକାରୁ ବେମାଲ)

ନୂଆପଡ଼ା ଉପନିର୍ବାଚନରେ ଅର୍ଥବଳ ନ ହେବାରୁ ଦ୍ୱିତୀୟ ସ୍ଥାନରେ ରହିଲୁ ବୋଲି କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ଘାସିରାମ ମାଝୀ କହିଛନ୍ତି। ମଙ୍ଗଳବାର ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଘାସିରାମ କହିଛନ୍ତି, ମୁଁ ହାରିଥିଲେ ମଧ୍ୟ ବିଜୟ ହୋଇଛି ବୋଲି ମନେ କରୁଛି। ହେବିୱେଟ ନେତା ଆସି ନିର୍ବାଚନ ପ୍ରଚାର କରିବାର କାର୍ଯ୍ୟକ୍ରମ ରହିଥିଲା। ବିହାର ନିର୍ବାଚନ ପାଇଁ ସମୟ ଦେଇପାରିଲେ ନାହିଁ। ରାଜ୍ୟର ପୂର୍ବତନ ମନ୍ତ୍ରୀ, ବିଧାୟକ ଓ ବର୍ତ୍ତମାନର ଏମ୍‌ପି, ବିଧାୟକ ସହ ପଡୋଶୀ ରାଜ୍ୟ ଛତିଶଗଡର ମନ୍ତ୍ରୀ, ବିଧାୟକ ଓ ନେତାମାନେ ଆସି କଂଗ୍ରେସ ଦଳ ପାଇଁ ପ୍ରଚାର କରିଥିଲେ। ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ନିର୍ବାଚନ ପ୍ରଥମରୁ ଶେଷ ଯାଏ ପ୍ରୟାସ କରିଛନ୍ତି । ବରିଷ୍ଠ ନେତା ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ଜଗନ୍ନାଥ ପଟ୍ଟନାୟକ ପ୍ରମୁଖ ଆସି ଅକ୍ଳାନ୍ତ ପରିଶ୍ରମ କରିଥିଲେ। ଆମର ଭଲ ପ୍ରଦର୍ଶନ ରହିଥିଲା। ଲୋକେ କଂଗ୍ରେସକୁ ସମର୍ଥନ ମଧ୍ୟ ଦେଉଥିଲେ। ବାହୁବଳ ରହିଛି, ଅର୍ଥବଳ ନ ହେବାରୁ ଦ୍ୱିତୀୟ ସ୍ଥାନରେ ରହିଗଲୁ। ଆଗାମୀ ପଞ୍ଚାୟତ ନିର୍ବାଚନ ଓ ୨୦୨୯ ସାଧାରଣ ନିର୍ବାଚନରେ ଦଳ ଭଲ ପ୍ରଦର୍ଶନ କରିବ ବୋଲି ଆଶା କରୁଛି । ନୂଆପଡାବାସୀ କଂଗ୍ରେସ ଦଳ ସହିତ ରହି ସମର୍ଥନ ଦେଇଥିବାରୁ ଧନ୍ୟବାଦ ଜ୍ଞାପନ କରୁଛି ବୋଲି ମାଝୀ କହିଥିଲେ। ଏହି ସମୟରେ ଭକ୍ତରାମ ଶବର, ଇଶାକ ମହମ୍ମଦ, ପବନ ଶର୍ମା, ହରି ମାଝି, ଶାହରୁଖ ଖାନ, ଉମାକାନ୍ତ ବନଛୋର ପ୍ରମୁଖ ଉପସ୍ଥିତ ଥିଲେ ।

## ଧାମନପୁର ପଞ୍ଚାୟତ ହାଇସ୍କୁଲଠାରେ ବିଜ୍ଞାନମେଳା

ଗୋଲାମୁଣ୍ଡା, ୧୮।୧୧ (ବଟକୃଷ୍ଣ ପଣ୍ଡା)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଗୋଷ୍ଠୀ ଶିକ୍ଷା ବିଭାଗ ଅଧୀନ ଧାମନପୁର ପଞ୍ଚାୟତ ହାଇସ୍କୁଲଠାରେ ବାର୍ଷିକ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେଶ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷକ ମୟୁରଲାଲ ଭୋଇ ଅଧକ୍ଷତା କରିଥିବା ବେଳେ ଅବସରପ୍ରାପ୍ତ ବିଇଓ ନବ କିଶୋର ସାହୁ ମୁଖ୍ୟବକ୍ତା ଓ ଗୋଲାମୁଣ୍ଡା ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତ୍ୱନା ସିପକା, ଶିକ୍ଷା କମିଟି ସଭ୍ୟ ଅଭିରାମ ସାହୁ, ଅବସରପ୍ରାପ୍ତ ବିଇଓ ଭବାନୀ ଜୋଷୀ, ବିଜ୍ଞାନ ଶିକ୍ଷକ ଲିଲାମ୍ବର ବିଶି, ସାମାଜିକ କର୍ମୀ ଶ୍ୟାମ ସୁନ୍ଦର ଅଗ୍ରୱାଲ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନବରତ୍ନ ରାଉତ, ସରପଞ୍ଚ ଦିଗମ୍ବର ତାଣ୍ଡି, ସିଆର୍‌ସିସି ଜିତେନ୍ଦ୍ର ଜାଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଡିଇଓ ରାଧାକାନ୍ତ ଛତ୍ରି ମୁଖ୍ୟ ଅତିଥି, ସନ୍ତୋଷ କୁମାର କର ମୁଖ୍ୟବକ୍ତା ଓ ବିଇଓ ରାଜେଶ ନାୟକ, ଡିଏସ୍‌ଏସ୍ ଦୁଷ୍ମନ୍ତ ଶେଖର ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମେଳାରେ ଛାତ୍ରୀଛାତ୍ରମାନେ ବିଜ୍ଞାନ, ଗଣିତ ଓ ସାମାଜିକ ବିଜ୍ଞାନର ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା।




ବିଜ୍ଞାନମେଳାରେ ଯୋଗଦେଇଥିବା ଅତିଥିମାନେ।

## ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଘାଟିତ

ଧର୍ମଗଡ଼, ୧୮।୧୧ (ଘାସିରାମ ଜଗତ)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଅନ୍ତର୍ଗତ ତରାପୁର ଗ୍ରାମଠାରେ ମଙ୍ଗଳବାର ପୂର୍ବତନ ସରପଞ୍ଚ ତଥା ଅଞ୍ଚଳର ବିଶିଷ୍ଟ ସାମାଜିକ କର୍ମୀ ସ୍ୱର୍ଗତ ବାସୁଦେବ ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ ବାସୁଦେବ ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଜିଲା ପରିଷଦ ସଦସ୍ୟ ଗୋପୀନାଥ ମହାନନ୍ଦ ମୁଖ୍ୟ ଅତିଥି ଓ ବରିଷ୍ଠ ଆଇନଜୀବୀ ଥବିର ପ୍ରସାଦ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାର ଶୁଭ ଉଦ୍‌ଘାଟନ କରିଥିଲେ। ଉତ୍ସବରେ ଗୋବିନ୍ଦ ଲହଜଲ, ପୂର୍ବତନ ସରପଞ୍ଚ କମଲ ଚଲାନ, ଶତ୍ରୁଘ୍ନ ଲହଜଲ, ଲକ୍ଷ୍ମୀ ବିଶି, ବିଦ୍ୟା ଶବର, ଦଶରଥ ପଣ୍ଡା, ଇନ୍ଦ୍ରମଣି ସାହୁ, ବୀଣା ପଟେଲ ପ୍ରମୁଖ ମଞ୍ଚାସୀନ ଥିଲେ। ସାମାଜିକ କର୍ମୀ ତଥା ସରପଞ୍ଚ ପ୍ରତିନିଧି ସଞ୍ଜୀବ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥଲେ। ପ୍ରଥମ ମ୍ୟାଚରେ ସରଗିଗୁଡା ଏକାଦଶ ରାଉରା ହଳଦୀ ଏକାଦଶକୁ ହରାଇଥିବା ବେଳେ ଦ୍ୱିତୀୟ ମ୍ୟାଚରେ ଇଚ୍ଛାପୁର ଏକାଦଶ ଖଲିଆଭଟ୍ଟା ଏକାଦଶକୁ ପରାସ୍ତ କରିଥିଲା। ତାପସ ଦାସ ଓ ସଞ୍ଜୀବ ଦୁର୍ଗା ଖେଳ ପରିଚାଳନା କରିଥିଲେ। ଆୟୋଜକ କମିଟି ସଭାପତି ସୁନୀଲ ନାଏକ, ସମ୍ପାଦକ ନରେନ୍ଦ୍ର ପଟେଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ତ୍ପ୍ରତିଯୋଗିତାରେ ୧୬ ଗୋଟି ଦଳ ଭାଗ ନେଇଛନ୍ତି। ଆସନ୍ତା ୨୪ ତାରିଖ୍ରେ ଫାଇନାଲ ଖେଳ ଅନୁଷ୍ଠିତ ହେବ।



ଖେଳାଳିଙ୍କ ସହ ହାତ ମିଳାଉଛନ୍ତି ଅତିଥି।


**GOVERNMENT OF ODISHA** No. B-700

**OFFICE OF THE SUPERINTENDING ENGINEER BHANJANAGAR (R&B) DIVISION, BHANJANAGAR**

(Phone/Fax: (06821) 241133 / E-mail: eernbbngr@yahoo.in)

Ltr. No. 11123 Dtd.12.11.2025

**INVITATIONS FOR BIDS (IFB)**

E-Procurement Bid Identification No. S.E. - BNJ-R&B-15/2025-26

1. Name of Work : Building Works
2. No. of Works : 02 Nos. Building Work
3. No. of Covers : Double Cover
4. Estimated Cost : Rs.63.38 to 67.81 lakhs
5. Period of Completion : Six Calendar Months
6. Date of time of availability of bid document in the portal : From 12.00 Noon of dated 19.11.2025 to 5.00 P.M. of dated 03.12.2025
7. Last date/time for receipt of bids in the portal : Upto 5.00 P.M. of dated 03.12.2025
8. Date of opening of bid documents : At 11.00 A.M. of dated 04.12.2025
9. Class of Contractor : "B" Class Contractor
10. Name and address of Officer Inviting Bid : Superintending Engineer, Bhanjanagar (R&B) Division, Bhanjanagar

Further details can be seen from the e-Procurement portal www.tendersodisha.gov.in. The Addendum/Corrigendum if any will be hosted in the website only.

Sd./- Superintending Engineer
Bhanjanagar (R&B) Division

OIPR-



**कार्यपालक अभियंता का कार्यालय, पथ निर्माण विभाग,पथ प्रमंडल, राँची**

**निविदा रद्द सूचना**

टेन्डर रेफरेंन्स नं0:– प0नि0वि0/राँची–39/2025–26

पथ प्रमंडल, राँची अन्तर्गत **PRNo. 364965** से विभिन्न समाचार पत्रों में प्रकाशित **IRQP Work in Mandar Chowk (on NH-75) to Burmu Road** (कुल लम्बाई–14.80 कि0मी0) कार्य वर्ष 2025–26 कार्य के निविदा सूचना को अपरिहार्य कारणवश तत्काल रद्द किया जाता है।

कार्यपालक अभियंता
पथ निर्माण विभाग,पथ प्रमंडल,राँची

PR 366328 Road Construction Dept Road Division Ranchi(25-26).D



**GOVERNMENT OF ODISHA** No.C-1462

**OFFICE OF THE SUPERINTENDING ENGINEER P.H. DIVISION, BHANJANAGAR AT CHATRAPUR**

E-mail : eephchpr@gmail.com

**NATIONAL COMPETITIVE BIDDING THROUGH e-Procurement**

**Invitation For Bids (IFB)**

| Sl. No. | Name of work | Bid Identification No. | Estimated cost (Rs. in Lakh) | Period of completion | Availability of Bid Document for online bidding From | To | Name & adderss of office inviting Bid |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Supply of ISI marked Centrifugally Cast (Spun) Ductile Iron socket & spigot (DI K-7 & K-9) pipes of 100mm to 350mm dia for water supply to Baliguda and Purusottampur NAC under AAP 2025-26 SUJAL | Bid Identification No. 53/03/ SPH(C)/2025-26 dt.12.11.2025 | 187.66 | 60 (Sixty) days | 11.00 Hrs of 18.11.2025 | 17.30 Hrs of 06.12.2025 | Superintending Engineer, P.H. Division, Bhanjanagar at Chatrapur |

The Technical Bid shall be opened on **dt.08.12.2025 at 01.00 P.M.**

Further details can be seen from the e-procurement portal https://www.tenderorissa.gov.in

Sd./- Additional Chief Engineer (PH)
P.H. Division, Bhanjanagar at Chatrapur

OIPR-



**ନିୟନ୍ତ୍ରିତ ବଜାର କମିଟି, କରଞ୍ଜିଆ**

ୱାର୍ଡ ନଂ. ୧୪, ଅଙ୍କୁରା, ପୋ.ଅ.: କରଞ୍ଜିଆ, ଜିଲ୍ଲା: ମୟୂରଭଞ୍ଜ, ପିନ୍: ୭୫୭୦୩୭

E-mail: rmckja2@gmail.com

ବିଜ୍ଞାପନ ସଂଖ୍ୟା: ୧୦୮୭ ତା: ୧୫।୧୧।୨୦୨୫ରିଖ

No. H-40: ଏତଦ୍ୱାରା ନିୟନ୍ତ୍ରିତ ବଜାର କମିଟି, କରଞ୍ଜିଆ ତଥା ପାଞ୍ଚପିଢ଼ ଉପଖଣ୍ଡର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ନିୟନ୍ତ୍ରିତ ବଜାର କମିଟି, କରଞ୍ଜିଆର ମାର୍କେଟ କମ୍ପ୍ଲେକ୍ସ (Karanjia Market Complex)ଠାରେ ଖାଲିଥିବା ଦୋକାନ ଗୃହ ଭଡ଼ା ସୂତ୍ରରେ ଆବଣ୍ଟନ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଏଣୁ (ସାର, ଲୁଣ, ଶୁଖୁଆ, ମହୁଲ, ସିମେଣ୍ଟ, ଗୋଳାବାରୁଦ, ମାଦକଦ୍ରବ୍ୟ ବ୍ୟତୀତ) ବ୍ୟବସାୟ କରିବାକୁ ଇଚ୍ଛୁକ ବ୍ୟକ୍ତିମାନେ ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ, କରଞ୍ଜିଆ ଠିକଣାରେ ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ମୁଦ ଲଫାପାରେ ରେଜଷ୍ଟ୍ରି ଡାକ/କ୍ଷିପ୍ରଡାକ ମାଧ୍ୟମରେ ଆବେଦନ କରିପାରିବେ। ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟଠାରେ ପ୍ରତ୍ୟେକ କାର୍ଯ୍ୟ ଦିବସରେ ଦରଖାସ୍ତ ଫର୍ମ ବିକ୍ରି ଆରମ୍ଭ ତା।୨୦।୧୧।୨୦୨୫ରିଖଠାରୁ ତା।୨୬।୧୧।୨୦୨୫ରିଖ ଅପରାହ୍ନ ୦୫.୩୦ ଘଟିକା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଅଛି। ଦରଖାସ୍ତ ଫର୍ମଗୁଡ଼ିକ ତା।୨୦।୧୧।୨୦୨୫ରିଖଠାରୁ ୦୨।୧୨।୨୦୨୫ରିଖ ଅପରାହ୍ନ ୦୫.୩୦ ଘଟିକା ପର୍ଯ୍ୟନ୍ତ ଡାକ ଯୋଗେ ଗ୍ରହଣ କରାଯିବ। ଧାର୍ଯ୍ୟ ତାରିଖ ସମୟ ପରେ ଡାକ ଯୋଗେ ଆସିଥିବା କୌଣସି ଆବେଦନ ଫର୍ମ ଗ୍ରହଣ କରାଯିବ ନାହିଁ। ଆବେଦନକାରୀମାନଙ୍କୁ ଜଣାଇ ଦିଆଯାଉଅଛି କି, ବିଜ୍ଞାପନର ବିଷଦ ବିବରଣୀ **www.mayurbhanj.nic.in**ରେ ଉପଲବ୍ଧ। ଏହା ଧାର୍ଯ୍ୟ ତାରିଖ ଏବଂ ସମୟ ସୀମା ମଧ୍ୟରେ ପାଇପାରିବେ।

ସ୍ୱା./– ଉପ–ଜିଲ୍ଲାପାଳ–ତଥା–ଅଧ୍ୟକ୍ଷ।
ନିୟନ୍ତ୍ରିତ ବଜାର କମିଟି, କରଞ୍ଜିଆ

OIPR-



**GOVERNMENT OF ODISHA**

**OFFICE OF THE SUPERINTENDING ENGINEER, RURAL WORKS DIVISION, PATNAGARH**

No. O-1478

E-mail: eerw_ptng@yahoo.in, Phone No. 06658-222121

**e-Procurement Notice**

**IFB IDETNFICATION No. EEPTNG-Online-13/2025-26**

| | | |
|---|---|---|
| 1. | Name of Work | : Construction of NEW R.I. Office Building Works |
| 2. | Total No. of Work | : 03 (Three) Nos. Works |
| 3. | Time of Completion | : 06 (Six) Calendar Months |
| 4. | Approximate Estimated Cost | : 75.51 lakh to 77.28 lakh |
| 5. | Mode of Submission of Tender | : Tender should be submitted online in www.tendersorissa.gov.in |
| 6. | Other details are as follow | : |

| Procurement Officer | Bid Identification No. | Availability of Tender Online for Bidding From | To | Last date and time of seeking tender clarification | Date & time of opening of tender: Technical Bid | Financial Bid |
|---|---|---|---|---|---|---|
| Executive Engineer, R.W. Divn., Patnagarh | EEPTNG-Online-13/2025-26 | 20.11.2025 at 11.00 A.M. | 02.12.2025 upto 5.00 P.M. | 01.12.2025 upto 5.00 P.M. | 03.12.2025 at 11.00 A.M. | The date will be intimated to the technically qualified bidders later |

- Further details can be seen from the website **www.tendersorissa.gov.in**.
- Any Corrigendum/Addendum will be displayed in the above e-tender website only.

OIPR- Sd./- Executive Engineer, R.W. Division, Patnagarh



**कार्यपालक अभियंता का कार्यालय राष्ट्रीय ग्रामीण नियोजन कार्यक्रम, पश्चिमी सिंहभूम, चाईबासा**

–: अल्पकालीन ई–निविदा आमंत्रण सूचना :–

ई–निविदा सूचना संख्या–EE/NREP/CHAIBASA/10 /2025-26 (DMFT मद)

1. कार्य की विस्तृत विवरणी :–

कार्यपालक अभियंता
राष्ट्रीय ग्रामीण नियोजन कार्यक्रम
पश्चिमी सिंहभूम, चाईबासा।

PR.NO.366394 West Singhbhum(25-26):D

**OFFICE OF THE EXECUTIVE ENGINEER. MINOR IRRIGATION DIVISION, DUMKA**

e-Procurement Tender Notice
Two Envelope System

Tender Reference No:- WRD/MID/DUMKA/B.D./S.L.I.-01/2025-26
Letter No:-760/M.I.D.Dumka Date:-17/11/2025/

| | | |
|---|---|---|
| 1 | Name of Work: | Construction of Chief Minister Solar Based Lift Irrigation Scheme at Banskuli under Block - Raneshwar, District-Dumka |
| 2 | Estimated Cost (in Rs.) | Rs. 1,03,82,800.00 |
| 3 | Cost of tender document (in Rs) | Rs. 10,000.00 only (non-refundable). |
| 4 | Earnest Money Deposit (in Rs.) | Rs. 1,04,000.00 |
| 5 | Time of Completion | 11 Months |
| 6 | Mode of Submission of tender | Online through www.jharkhandtenders.gov.in |
| 7 | Date of Publication of Tender on website (http://jharkhandtenders.gov.in) | Date: 26.11.2025 Time: 11:00 AM |
| 8 | Last Date/Time for downloading of bidding documents and Submission of Tender on Website | Date: 10.12.2025 Time: 05:00 PM |
| 9 | Submission of Tender Fee and EMD | Start Date:- 26.11.2025 Time: 11:00 AM Last Date:- 10.12.2025 Time: 05:00 PM |
| 10 | Technical Bid Opening Date | Date: 11.12.2025 Time: 05:00 PM |
| 11 | Officer Inviting Bids | Executive Engineer, Minor Irrigation Division, Dumka |
| 12 | Contact No. of Procurement Officer email of Procurement Officer | Mob- 7765955362 Email Id- middumka@gmail.com |
| 13 | Help line No. of Procurement Cell | Mob - 8789032339 |

➢ Note:- Estimated cost may increase or decrease.
➢ Work will be awarded to those bidders {specially MNRE approved channel partners/MNRE approved manufacturers/ MNRE approved PV system integrators/A registered manufacturers/Company/Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/ International Standards)/ any other agencies having experience of installation and commissioning of such solar powered irrigation schemes}. Empanelled Indigenous Manufacturers of 10 HP pumps (AC Surface water Pumps) in the department with all accessories for off-grid stand alone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work.
➢ **Only e-Tender will be accepted.**
➢ Further details can be seen on website http://jharkhandtenders. gov .in

Sd/-
Executive Engineer,
Minor Irrigation Division, Dumka

PR.NO.366293 Minor Irrigation(25-26):D

## ସଂକ୍ଷେପରେ

### ଖଡ଼ିଆଳ ସହରର ୨ ଦୋକାନରୁ ଚୋରି

**ଖଡ଼ିଆଳ,୧୮।୧୧ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ସହରର ଦୁଇଟି ଦୋକାନରୁ ସୋମବାର ରାତିରେ ଚୋରି ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ଖଡ଼ିଆଳ ବଜାରରେ ବବଲୁ ଅଗ୍ରୱାଲଙ୍କ ପୂଜା ସାମଗ୍ରୀ ଓ କିରାନା ଦୋକାନ ରହିଛି। ପ୍ରତିଦିନ ଭଳି ବବ୍‌ଲୁ ରାତ୍ର ୯ଟାରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ହେଲେ ମଙ୍ଗଳବାର ସକାଳେ ସେ ଦୋକାନ ଖୋଲିବା ବେଳକୁ ଡ୍ରରେ ଥିବା ପ୍ରାୟ ତିନି ଲକ୍ଷ ଟଙ୍କା ଚୋରି ହୋଇଥିବା ଦେଖି ସେ ଖଡ଼ିଆଳ ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ଖଡ଼ିଆଳ ଲାଲାସାହେବ ପଡାରେ ଥିବା ହରିଷ ଏଜେନ୍ସି ଶର୍ଟର ଭାଙ୍ଗି କେହି ନଗଦ ୨୫ଶହ ଟଙ୍କା ଦେଇଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ଖଡ଼ିଆଳ ଥାନା ଅଧିକାରୀ ଦିଲୀପ କୁମାର ସାହୁଙ୍କୁ ପଚାରିବାରୁ ଦୋକାନରୁ ଚୋରି ନେଇ ଅଭିଯୋଗ ହୋଇଛି। ପୋଲିସ ପକ୍ଷରୁ ଏହାର ତଦନ୍ତ ଚାଲିଛି ବୋଲି କହିଛନ୍ତି।

### ଗାୟତ୍ରୀ ଶକ୍ତି ପୀଠରେ ସମ୍ମିଳନୀ

ଖଡ଼ିଆଳ,୧୮।୧୧ (ସୁଜିତ କୁମାର ପ୍ରଧାନ): ପରମ ବନ୍ଦନୀୟା ମାତା ଭଗବତୀ ଦେବୀ ଶର୍ମା ଏବଂ ପାବନ ଅଖଣ୍ଡ ଦୀପର ଶତାବ୍ଦୀ ବର୍ଷ ସମାରୋହ ଉପଲକ୍ଷେ ନୂଆପଡ଼ା ଉପଜୋନ ସ୍ତରୀୟ (ନୂଆପଡ଼ା, କଳାହାଣ୍ଡି ଓ ବଲାଙ୍ଗୀର) କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏକ ସମ୍ମିଳନୀ ଖଡିଆଳ ଗାୟତ୍ରୀ ଶକ୍ତିପୀଠଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଶାନ୍ତିକୁଞ୍ଜରେ ହେବାକୁ ଥିବା ମାତା ଭଗବତୀ ଦେବୀ ଶର୍ମାଙ୍କ ଜନ୍ମ ଶତାବ୍ଦୀ ଉତ୍ସବ କିପରି ସଫଳ ହେବ ସେ ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଶାନ୍ତିକୁଞ୍ଜର ଓଡ଼ିଶା ଜୋନ ପ୍ରଭାରୀ ଶେଷଦେବ ବଢେଇ, ଓଡ଼ିଶା ଭୁବନେଶ୍ୱର ଜୋନ ପ୍ରଭାରୀ ସୌମିତ୍ର ସେନାପତି, ଓଡ଼ିଶା ଯୁବ ପ୍ରଭାରୀ ଶୈଳେଶ ଅଗ୍ରୱାଲ, ଓଡ଼ିଶା ଆସ ଗଢ଼ିବା ସଂସ୍କାର ପ୍ରମୁଖ ବିଚିତ୍ର କୁମାର ସାହୁ, କଳାହାଣ୍ଡି ସଂଯୋଜକ ତପନ କୁମାର ସାହୁ, ବଲାଙ୍ଗୀର ସଂଯୋଜକ ସତ୍ୟ ନାରାୟଣ ଗୁପ୍ତା, ନୂଆପଡା ସହ ସଂଯୋଜକ ସୋମେଶ ଦେୱାଙ୍ଗନ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ୩ ଜିଲାର ଗାୟତ୍ରୀ ପରିବାର କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ।



ଅତିରିକ୍ତ ଜିଲାପାଳଙ୍କୁ ଫେରାଦ ହେବାକୁ ଆସିଥିବା ମହିଳା ଗୋଷ୍ଠୀ ସଦସ୍ୟାଙ୍କ ସହ ଗ୍ରାମବାସୀ।

# ମଦମୁକ୍ତ ଗ୍ରାମ ଗଠନ ପାଇଁ ଅଣ୍ଟା ଭିଡ଼ିଲେ

**ଅତିରିକ୍ତ ଜିଲାପାଳଙ୍କୁ ଫେରାଦ ହେଲେ ଗ୍ରାମବାସୀ**

ଭବାନୀପାଟଣା,୧୮।୧୧ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା କଲମପୁର ଥାନା ଅନ୍ତର୍ଗତ ପାଣିଗାଁକୁ ମଦମୁକ୍ତ କରିବା ପାଇଁ ଅଣ୍ଟା ଭିଡିଛନ୍ତି ସ୍ଥାନୀୟ ମହିଳା ଗୋଷ୍ଠୀର ସଦସ୍ୟା ଓ ଗ୍ରାମବାସୀ। ଏ ନେଇ ସେମାନେ ଅତିରିକ୍ତ ଜିଲାପାଳଙ୍କୁ ଫେରାଦ ହୋଇଛନ୍ତି। ପ୍ରକାଶ ଯେ, ପାଣିଗାଁରେ ୧୧ ଜଣ ବ୍ୟକ୍ତି ଦେଶୀ, ବିଦେଶୀ ଏବଂ ହାତରନ୍ଧା ମଦ ବିକ୍ରି କରୁଥିବା ନେଇ ଗ୍ରାମବାସୀ ଏକତ୍ରିତ ହୋଇ କିଛିଦିନ ତଳେ କଲମପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାସହିତ ଗ୍ରାମ ପରିକ୍ରମା କରି ମଦ ବେପାର କରୁଥିବା ବ୍ୟକ୍ତି ଏଥିରୁ ନିବୃତ୍ତ ରହିବା ପାଇଁ ତାଗିଦ କରିଥିଲେ। କଲମପୁର ପୋଲିସ ମଧ ମଦ ବେପାରରେ ସଂଶ୍ଲିଷ୍ଟ ବ୍ୟକ୍ତିଙ୍କୁ ଗ୍ରାମବାସୀଙ୍କ ଦାବି ମୁତାବକ ମଦ ବିକ୍ରି ବନ୍ଦ କରିବା ପାଇଁ ସୂଚନା ଦେଇଥିଲେ। କିନ୍ତୁ ଅଦ୍ୟାବଧି ମଦ ବେପାରୀ ଖୁଲମଖୁଲା ମଦ ବିକ୍ରି କରୁଛନ୍ତି। ଏହାକୁ ନେଇ ମଙ୍ଗଳବାର ଶତାଧିକ ମହିଳା ଓ ଗ୍ରାମବାସୀ ଭବାନୀପାଟଣା ଯାଇ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନଙ୍କ ସମେତ ଏସ୍‌ପି କଳାହାଣ୍ଡି ଓ ଅବକାରୀ ଅଧୀକ୍ଷକଙ୍କୁ ସାକ୍ଷାତ କରି ମଦ ବିକ୍ରି ବନ୍ଦ କରିବା ନେଇ ଦାବିପତ୍ର ପ୍ରଦାନ କରିଛନ୍ତି। ତେବେ ପ୍ରଶାସନ ଏ ଦିଗରେ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଭୟାବହ ଆନ୍ଦୋଳନ ହେବ ବୋଲି ସମାଜିକ କର୍ମୀ ଭାରତ ଭୁଷଣ ମୁଣ୍ଡ, ଶରତ ଚନ୍ଦ୍ର ମୁଣ୍ଡ, ଅମୂଲ୍ୟ ମୁଣ୍ଡ, ପୂର୍ଣ୍ଣଚନ୍ଦ୍ର ବେହେରା, ହୃଷୀକେଶ ବେହେରା, ଭଦ୍ରାଞ୍ଚଳ ନାୟକଙ୍କ ସମେତ ମହିଳା ଗୋଷ୍ଠୀର କମଳା ଲୋହୋରା, ନିରୁପମା ନାଏକ, ବାସନ୍ତୀ ନାଏକ, ଘସେନ ନାଗ, କବିତା ରାଉତ, ବିଳାସ ଗହିର, ସବିତା ଲହଜଲ, ମାଧବୀ ନାଗ, ସଭ୍ୟା ନାଗ, ସରାବତୀ ବାଗ, ହେମବତି ହାତୀ, ଯମୁନା ରାଉତ, ପୂର୍ଣ୍ଣମୀ ଭୋଇ, କ୍ଷୀର ବାଗ, ଚନ୍ଦ୍ରିକା ରାଉତ, ତୁଳସା ମାଝୀ, ମରୁଆ ମାଝୀ ପ୍ରମୁଖ ଚେତାବନୀ ଦେଇଛନ୍ତି ।

# ଆଦିବାସୀ ପିଲାଙ୍କୁ ସ୍କୁଲରେ ଥଇଥାନ କଲେ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ

**ଲାଞ୍ଜିଗଡ଼,୧୮।୧୧(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ନିୟମଗିରି ପାହାଡ଼ ପାଦଦେଶରେ ଥିବା ଆଦିବାସୀ ଅଧ୍ୟୁଷିତ କୁନ୍ନାକାଡୁ ଗ୍ରାମର ୨ ଝିଅଙ୍କ ସମେତ ୧୨ ଜଣ ଆଦିବାସୀ ପିଲାଙ୍କୁ ବିଡ଼ିଓ ଦାୟିତ୍ୱରେ ଥିବା ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଅନିମେଶ ପ୍ରଧାନ ବିଭିନ୍ନ ଆବାସିକ ସ୍କୁଲରେ ଥଇଥାନ କରିଛନ୍ତି। ପୂର୍ବରୁ ଏମାନଙ୍କ ମଧ୍ୟରୁ କେତେଜଣ ପିଲା ତ୍ରିଲୋଚନପୁର ଓ ଖେମୁଣ୍ଡିପଦର ସ୍କୁଲରେ ଅଧ୍ୟୟନ କରୁଥିବା ବେଳେ ୬କିମି ଦୂର ଜଙ୍ଗଲ ରାସ୍ତାରେ ନିୟମିତ ସ୍କୁଲ ଯିବା ସମ୍ଭବ ହେଉ ନ ଥିଲା। ଗତ ୩ ତାରିଖରେ କୁନ୍ନାକାଡୁ ଗାଁର କାଣ୍ଡୁ ମାଝୀଙ୍କ ପୁତ୍ର ରବି ମାଝୀ(୬) ହାତୀ ଆକ୍ରମଣରେ ମୃତ୍ୟୁବରଣ କରିଥିବାବେଳେ ସେହି ଦିନଠାରୁ ପିଲା ସ୍କୁଲ ଆସିବା ସମ୍ପୂର୍ଣ୍ଣ ବନ୍ଦ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ବିଡିଓ ପ୍ରଧାନ କୁନ୍ନାକାଡୁ ଗାଁକୁ ଚାଲିଚାଲି ଯାଇ ଗାଁ ଲୋକ ଓ ପିଲାଙ୍କ ବାପା ମା'ଙ୍କ ସହିତ ଆଲୋଚନା କରିବା ପରେ ଦୁଇ ଝିଅ ସମେତ ୧୨ ଜଣ ପିଲାଙ୍କୁ ଆଣି ସେଥି ମଧ୍ୟରୁ ଲାଞ୍ଜିଗଡ଼ ପିଭିଟିଜି ଆଶ୍ରମ ବିଦ୍ୟାଳୟରେ ସମ୍ବରୁ ମାଝୀ, କାଙ୍ଗୁ ମାଝୀ ଓ ମନୁ ମାଝୀଙ୍କୁ ଥଇଥାନ କରିଥିଲେ। ସେହିପରି ୨ ଝିଅ ସାମି ମାଝୀ ଓ ରଙ୍ଗୀ ମାଝୀଙ୍କୁ ବାଣିପଙ୍ଗା ବାଳିକା ଆଶ୍ରମ ସ୍କୁଲରେ ନାମ ଲେଖା ହୋଇଥିଲା। ଅନ୍ୟ ୭ ଜଣ ଛାତ୍ରଙ୍କୁ ଲାଞ୍ଜିଗଡ଼ ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ମାଧମିକ ବିଦ୍ୟାଳୟରେ ନାମ ଲେଖାଇବା ଯୋଜନା ହୋଇଛି।

# ନୂଆପଡ଼ା ଉପନିର୍ବାଚନ ଜନାଦେଶ ନୁହେଁ, ଯନ୍ତ୍ରାଦେଶ: ସ୍ନେହାଙ୍ଗିନୀ



ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି ବିଜେଡି ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ।

ନୂଆପଡ଼ା,୧୮।୧୧ (ମକାରୁ ବେମାଲ)

ନୂଆପଡ଼ା ଉପନିର୍ବାଚନରେ ଭାରତୀୟ ଜନତା ପାର୍ଟି ଅର୍ଥବଳ, ବାହୁବଳ, ସରକାରୀ କଳ ପ୍ରୟୋଗ କରି ଜନାଦେଶରେ ନୁହେଁ ଯନ୍ତ୍ରାଦେଶରେ ବିଜୟୀ ହୋଇଛି ବୋଲି ମଙ୍ଗଳବାର ସ୍ଥାନୀୟ ଖୁଣ୍ଟିଆ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି। ସେ ଆହୁରି କହିଥିଲେ, ନୂଆପଡ଼ାରେ ବିଜେଡି ପ୍ରତି ସମର୍ଥନ ରହିଛି। କିନ୍ତୁ ତାହା ଭୋଟରେ ପ୍ରତିଫଳିତ ହୋଇପାରିଲା ନାହିଁ। ବିଜେଡି ନେତାଙ୍କ ଘରେ ଆୟକର ବିଭାଗ ଦ୍ୱାରା ଚଢାଉ କରାଇ ଭୟଭୀତ କରାଯାଇଥିଲା। ବିଜେଡି ଟଙ୍କା ରଖି ନିର୍ବାଚନ ଲଢୁଛି ବୋଲି ପ୍ରୀତିରଞ୍ଜନ ଘଡାଇ ରହୁଥିବା ଖରିଆର ରୋଡ୍ ଅସ୍ଥାୟୀ ଭଡାଘର, ନୂତନ କରି ବିଜେଡିରେ ଯୋଗ ଦେଇଥିବା ଖରିଆର ରୋଡ୍‌ର ମହମ୍ମଦ ଜୁନେଦ, ବିଜେଡି ପୂର୍ବତନ ଜିଲା ସଭାପତି ତଥା ରାଜ୍ୟ ସାଧାରଣ ସମ୍ପାଦକ ମନୋଜ ମିଶ୍ରଙ୍କ କୋମନାସ୍ଥିତ ବାସଭବନରେ ଚଢାଉ କରାଯାଇଥିଲା। ସେହିପରି କଂଗ୍ରେସର ଯୁବନେତା ଅଙ୍କିତ ସିଂଘାଇଙ୍କ ଖରିଆର ରୋଡ୍‌ସ୍ଥିତ ବାସଭବନରେ ଆୟକର ବିଭାଗ ଓ ପୋଲିସ ଚଢାଉ କରିଥିଲେ। କେବଳ ବିଜେଡି ଓ କଂଗ୍ରେସ ଅର୍ଥ କାରବାର କରୁଥିବା ଅଭିଯୋଗ ଆଣି ଚଢାଉ କରାଗଲା। ଭାଜପା ଅର୍ଥ କାରବାର କରିନାହିଁ କି ବୋଲି ସେ ପ୍ରଶ୍ନ କରିଥିଲେ। ସାଇଲେଣ୍ଟ ପିରିୟଡରେ ନିର୍ବାଚନ ଆଚରଣବିଧିକୁ ସମ୍ମାନ ଜଣାଇ ବିଜେଡି ନେତାମାନେ ନୂଆପଡ଼ା ଛାଡି ଚାଲିଯାଇଥିଲେ । ହେଲେ ଭାଜପା ନେତାମାନେ ଟଙ୍କା ବଣ୍ଟା କାର୍ଯ୍ୟରେ ଲିପ୍ତ ରହିଥିଲେ ବୋଲି ସେ ଅଭିଯୋଗ କରିଥିଲେ। ମୁ ନୂଆପଡାବାସୀଙ୍କ ଦୁଃଖସୁଖରେ ଠିଆ ହେବା ସହ ନ୍ୟାୟ ପାଇଁ ଲଢେଇ କରିବି ବୋଲି ଛୁରିଆ କହିଛନ୍ତି । ଖବରଦାତା ସମ୍ମିଳନୀରେ ଜିଲା ସଭାପତି ଅବନୀ ରଞ୍ଜନ ଜୋଷୀ, ମନୋଜ କୁମାର ମିଶ୍ର, ରାଜେଶ ନିଗମ, ଭାନୁ ପ୍ରତାପ ସିଂ ମାଝି, ହେମନ୍ତ କର ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା

କେସିଙ୍ଗା,୧୮।୧୧ (ତୁମେଶ୍ୱର ସାହୁ)



ମେଳାରେ ଯୋଗଦେଇଥିବା ଅତିଥିବୃନ୍ଦ।

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଆବାହକ ତଥା କେସିଙ୍ଗା ବିଡ଼ିଓ ଜନ୍ମେଜୟ ସ୍ୱାଇଁଙ୍କ ନେତୃତ୍ୱରେ ମଙ୍ଗଳବାର ସ୍ଥାନୀୟ ମିନି ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି ମୁଖ୍ୟ ବକ୍ତା ଓ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ପ୍ରଭାତ କୁମାର ପରିଡ଼ା, ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ା. ଦେବାଶିଷ ପଟେଲ, ସହକାରୀ ମତ୍ସ୍ୟ ଅଧିକାରୀ ମିଳିତ କୁମାର ମଲ୍ଲିକ, ସହକାରୀ ମତ୍ସ୍ୟ ଅଧିକାରୀ ପ୍ରଶାନ୍ତି ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଭିନ୍ନ ଚାଷ ବିଷୟରେ ଚାଷୀଙ୍କୁ ମାର୍ଗଦର୍ଶନ ଦେଇଥିଲେ। ମେଳାରେ ମତ୍ସ୍ୟ ଚାଷ, ଗାଈ ଚାଷ, ଛେଳି, ମେଣ୍ଢା, କୁକୁଡ଼ା, ବତକ ଚାଷ ଉପରେ ଅତିଥିମାନେ ନିଜସ୍ୱ ମତଦେଇ କିପରି ଚାଷୀ ଉପକୃତ ହେବେ ସେ ବିଷୟରେ ଆଲୋଚନା କରିଥିଲେ। ଏହି ଉପଲକ୍ଷେ ଚାଷୀଙ୍କ ପକ୍ଷରୁ ଖୋଲାଯାଇଥିବା ବିଭିନ୍ନ ଷ୍ଟଲକୁ ଅତିଥିମାନେ ବୁଲି ଦେଖିଥିଲେ। ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ୪ଜଣ ଓ ମତ୍ସ୍ୟ ବିଭାଗରୁ ୪ ଚାଷୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରିଶେଷରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଡା. ସୌମ୍ୟ ରଞ୍ଜନ ଦାଶ, ଡା. ପ୍ରିୟଙ୍କା ଜୈନ, ପ୍ରବୀଣ କୁମାର ପାଢୀ, ପ୍ରିୟମ୍ବଦା ହୋତା, ଶରତ କୁମାର ପ୍ରହରାଜ ପ୍ରମୁଖ ସହଯୋଗ କରିଥିଲେ।

### ଧର୍ମେଶ ପାଇଲେ ନନ୍‌ଚାକୁରେ ୟେଲୋ ବେଲ୍ଟ

**ଖଡ଼ିଆଳ,୧୮।୧୧ (ସୁଜିତ କୁମାର ପ୍ରଧାନ):** ଭୁବନେଶ୍ୱର ଉତ୍କଳ କରାଟେ ସ୍କୁଲ ପକ୍ଷରୁ ନନ୍‌ଚାକୁ ୟେଲୋ ବେଲ୍ଟ ପ୍ରତିଯୋଗିତାରେ ଭାଗନେଇ ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ଧର୍ମେଶ ଡ୍ୟାନ୍ସ ଏକାଡେମୀ ଓ ଉତ୍କଳ କରାଟେ ସ୍କୁଲର ନିର୍ଦ୍ଦେଶକ ଧର୍ମେଶ ମେହେର ଆଉ ଏକ ସଫଳତା ପାଇଛନ୍ତି। ପ୍ରତିଯୋଗିତାରେ ଧର୍ମେଶଙ୍କ ସମେତ ରାଜ୍ୟର ବିଭିନ୍ନ ଜିଲାରୁ ମୋଟ ୪୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଧର୍ମେଶ ଉଚ୍ଚ କୋଟିର ପ୍ରଦର୍ଶନ କରି ନନ୍‌ଚାକୁରେ ୟେଲୋ ବେଲ୍ଟ ହାସଲ କରିଛନ୍ତି। ଜାତୀୟ ନନ୍‌ଚାକୁ ସଂଘ ସମ୍ପାଦକ ବାବୁଲ ବର୍ମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତା ହୋଇଥିଲା। ଦୀପକ କୁମାର ସାମନ୍ତରାୟ, ସପନ କୁମାର ମିଶ୍ର, ଶୁଭେନ୍ଦୁ ଲେଙ୍କା ପରୀକ୍ଷା ପରିଚାଳନା କରିଥିଲେ। ଏହି ସଫଳତା ପାଇଁ ଧର୍ମେଶଙ୍କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

# ପରିଦର୍ଶନ କଲେ ବିଧାୟକ ସାଗର ଦାସ

**ତୁର୍କେଲ ବ୍ରିଜ ଦବିବା ଘଟଣା**

ଭବାନୀପାଟଣା,୧୮।୧୧ (ଉତ୍ତମ କୁମାର ଦାଶ)



ବିଧାୟକ ସାଗର ଦାସ ଘଟଣାସ୍ଥଳ ପରିଦର୍ଶନ କରୁଛନ୍ତି।

କଳାହାଣ୍ଡି ଜିଲା ଭବାନୀପାଟଣାରୁ ନୂଆପଡ଼ା ସଂଯୋଗ କରୁଥିବା ରାଜ୍ୟ ରାଜପଥ ୧୬ର ତୁର୍କେଲ ବ୍ରିଜ ଗତ ସେପ୍ଟେମ୍ବର ୨୭ରେ ଫାଟ ସୃଷ୍ଟି ହେବା ସହିତ ଦବି ଯାଇଥିଲା। ପରେ ଅକ୍ଟୋବର ୫ରେ ପୂର୍ତ୍ତ ବିଭାଗ ମୁଖ୍ୟ ଯନ୍ତ୍ରୀଙ୍କ ରିପୋର୍ଟ ପରେ ବ୍ରିଜ ଦେଇ ଚାରିଚକିଆ ଓ ଭାରିଯାନ ଗମନାଗମନ ବନ୍ଦ କରାଯାଇଥିଲା। ଏହା ଦ୍ୱାରା ଭବାନୀପାଟଣା ସଦର ବ୍ଲକର କିଛି ପଞ୍ଚାୟତବାସୀ ବ୍ଲକ କାର୍ଯ୍ୟାଳୟ ହେଉ ଅବା ଜିଲା ସଦର ମହକୁମା ଯିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ପୋଲ ବନ୍ଦ ଯୋଗୁ ସେମାନେ ଏବେ ୩୦ କିଲୋମିଟର ବୁଲି କି ଯିବାକୁ ପଡୁଛି । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଭବାନୀପାଟଣା ସଦର ବିଧାୟକ ସାଗର ଚରଣ ଦାସ ଘଟଣା ସ୍ଥଳରେ ପହଞ୍ଚି ବ୍ରିଜ ଅନୁଧ୍ୟାନ କରିବା ସହିତ ଏହାଦ୍ୱାରା ପ୍ରଭାବିତ ସ୍ଥାନୀୟ ଲୋକଙ୍କ ସମସ୍ୟା ବୁଝିଥିଲେ। ଏହି ସମସ୍ୟାର କୌଣସି ସମାଧାନ କରାଯାଇ ନ ଥିବାରୁ ସେ ବିଭାଗୀୟ ଅଧିକାରୀ ଓ ସରକାରଙ୍କ ଉପରେ ବର୍ଷିଥିଲେ। ଶୀଘ୍ର ଏହାର ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ବିଧାୟକ ଦାସ ଚେତାବନୀ ଦେଇଛନ୍ତି ।

# ଖଡିଆଳରେ ତୃତୀୟ ଫୁଟ୍‌ବଲ ମହାକୁମ୍ଭ ଉଦ୍‌ଘାଟିତ



ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ଖଡିଆଳ,୧୮।୧୧ (ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳସ୍ଥିତ ରାଜା ଆର୍ତ୍ତତ୍ରାଣ ହାଇସ୍କୁଲ ପଡିଆଠାରେ ଖଡିଆଳ କ୍ରିକେଟ ଓ ସ୍ପୋର୍ଟ୍ସ ସଂଘ ପକ୍ଷରୁ ମଙ୍ଗଳବାର ତୃତୀୟ ଫୁଟ୍‌ବଲ ମହାକୁମ୍ଭ ଶୁଭ ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ରୂପେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଯୋଗଦେଇ ଏହା ଯୁବ କ୍ରୀଡାବିତ୍‌ଙ୍କୁ ସୁଯୋଗ ପ୍ରଦାନ କରିବାର ଏକ ପ୍ରୟାସ ବୋଲି କହିଥିଲେ। ଆସନ୍ତା ୪ ଡିସେମ୍ବର ପର୍ଯ୍ୟନ୍ତ ଏହି ଫୁଟ୍‌ବଲ ମହାକୁମ୍ଭ ଅନୁଷ୍ଠିତ ହେବ। ଏଥିରେ ମୋଟ ୬୯ ଗୋଟି ଦଳ ଭାଗନେବା କାର୍ଯ୍ୟକ୍ରମ ରହିଅଛି। ବୋଡ଼େନ, ସିନାପାଲି ଓ ଖଡିଆଳ ବ୍ଲକର ୬୮ ପଞ୍ଚାୟତରୁ ଗୋଟିଏ ଲେଖାଏ ଦଳ ଓ ଖଡିଆଳ ଏନ୍‌ଏସିର ଗୋଟିଏ ଦଳ ଯୋଗ ଦେବେ। ପ୍ରତ୍ୟହ ଦୁଇଗୋଟି ମ୍ୟାଚ ଅନୁଷ୍ଠିତ ହେବ। ଏହିସବୁ ଖେଳ ଫ୍ଲଡ୍‌ଲାଇଟରେ ଅନୁଷ୍ଠିତ ହେବ। ପ୍ରଥମ ଦିନରେ ସିନାପାଲି ଓ ରୋକାଲ ଫୁଟ୍‌ବଲ ଦଳ ମଧ୍ୟରେ ଖେଳ ହୋଇଥିବା ବେଳେ ସିନାପାଲି ଦଳ ବିଜୟ ଲାଭ କରିଥିଲା। ଦ୍ୱିତୀୟ ମ୍ୟାଚ ଖଡିଆଳ ବ୍ଲକ ବରଗାଁ ଓ ବୋଡ଼େନ ବ୍ଲକ ଲରକା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମ୍ୟାଚ ରେଫରି ଭାବେ ତାପସ କୁମାର ପତି, ବଳରାମ ସରାଫ, ନିଲୁ ଭୋଇ, ଅମୂଲ୍ୟ ବାରିକ ଦାୟିତ୍ୱ ସମ୍ପାଦନ କରିଥିଲେ।

DSPL - 357

NATION TAX MARKET

ATTENTION: ALL REGISTERED AND UNREGISTERED PERSONS IN METAL SCRAPS

COMPLIANCE UNDER GST – TDS DEDUCTIONS AND RCM

| Purchase from Unregistered Persons attracts GST @18% under Reverse Charge Mechanism(RCM) | *Purchase from Registered Persons attracts TDS @ 2%* |
| --- | --- |
| *(Notification No. 06/2024-Central Tax (Rate), dated 08.10.2024 with matching State Tax Notification No. 29670, dated 25.10.2024)* | *(Notification No. 25/2024-Central Tax, dated 09.10.2024 with matching State Tax Notification No. 29678, dated 25.10.2024)* |

**The Commissionerate of CT & GST, Odisha is keeping a close watch on compliance with GST TDS and RCM Mechanisms.*

*** The above information is for general guidance. For details please refer to the notification available on the Finance Department website* ***https://finance.odisha.gov.in*** *and* ***www.cbic.gov.in***

COMMISSIONERATE OF CT & GST, ODISHA

@Banijyakar

OIPR:

# ଆଜିଠୁ ସୁଧୀର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

ଅମରପାଲି,୧୮।୧୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କମିରାରେ ସ୍ଥାନୀୟ କ୍ରିକେଟ କ୍ଲବ ଆନୁକୂଲ୍ୟରେ ୧୨ତମ ସୁଧୀର ସ୍ମାରକୀ କମିରା କ୍ରିକେଟ କପ ବୁଧବାରଠାରୁ ଆରମ୍ଭ ହେବ। ଏଥିରେ ରାଜ୍ୟର ୮ ଟି ଦଳ ଅଂଶଗ୍ରହଣ କରୁଛନ୍ତି। ପାଞ୍ଚ ଦିନ ଧରି ଏହି ଟୁର୍ନାମେଣ୍ଟ ହେବ। ବୁଧବାର ଉଦ୍‌ଘାଟନୀ ମ୍ୟାଚ ହେବ। ପ୍ରତ୍ୟେକ ମ୍ୟାଚ ନକ୍‌ଆଉଟ ଫର୍ମାଟରେ ହେବ। ଏହି କ୍ରିକେଟ କପର ଫାଇନାଲ ଚଳିତ ୨୩ ତାରିଖରେ ହେବ। ଚାମ୍ପିୟନ ଦଳକୁ ନଗଦ ୬୦ ହଜାର ଟଙ୍କା ସହିତ ଟ୍ରଫି ଓ ରନର ଅପ ଦଳକୁ ନଗଦ ୪୦ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯିବ। ଏହା ସହିତ ପ୍ରତ୍ୟେକ ମ୍ୟାଚ ର ମ୍ୟାନ ଅଫ ମ୍ୟାଚ, ମ୍ୟାନ ଅଫ ସିରିଜ, ଶ୍ରେଷ୍ଠ ବୋଲର,ଶ୍ରେଷ୍ଠ ବ୍ୟାଟର ଆଦି ପୁରସ୍କାର ପ୍ରଦାନ କରାଯିବ। ନିର୍ମଳ ମୁଦୁଲିଙ୍କୁ ଟୁର୍ନାମେଣ୍ଟ ପରିଚାଳନା କମିଟି ସଭାପତି ଓ ଅତୁଳାନନ୍ଦ ପ୍ରଧାନଙ୍କୁ ସମ୍ପାଦକ ଦାୟିତ୍ୱ ଦିଆଯାଇଛି।

# ୧୬ ଘଣ୍ଟା ପରେ ମୃତଦେହ ଉଠିଲା, ଜେସିବି ଜବତ

## ଜେସିବି ଧକ୍କାରେ କନଷ୍ଟ୍ରକଶନ କମ୍ପାନୀ ମ୍ୟାନେଜରଙ୍କ ମୃତ୍ୟୁ ଘଟଣା

ଅମରପାଲି,୧୮।୧୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ ଗୌଡଗାଡ ଗ୍ରାମରେ ଗତ ସୋମବାର ରାତିରେ ଜେସିବି ଧକ୍କାରେ ଏକ କନଷ୍ଟ୍ରକଶନ କମ୍ପାନୀର ମ୍ୟାନେଜରଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ଘଟଣାସ୍ଥଳକୁ ଆସିଥିଲେ ମଧ୍ୟ ସେଠାରେ ଚାପା ଉତ୍ତେଜନା ଦେଖାଦେବାରୁ ମୃତଦେହ ଜବତ ହୋଇପାରି ନ ଥିଲା। ଦୀର୍ଘ ୧୬ ଘଣ୍ଟା ମୃତଦେହ ପଡି ରହିବା ପରେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ପୋଲିସ ଜବତ କରିଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ମୃତକଙ୍କ ଭାଇ ରୋହନ କୁମାର ଭୁକ୍ତାଙ୍କ ଅଭିଯୋଗ ଆଧାରରେ ବୀରମହାରାଜପୁର ଥାନାରେ ଏକ ମାମଲା(ନଂ. ୨୩୯/୨୫) ରୁଜୁ ହୋଇଛି। ଅଭିଯୋଗ ଅନୁସାରେ ଅମରପାଲି ପୂର୍ତ୍ତ ବିଭାଗ ରାସ୍ତାରୁ ଗୌଡ଼ଗାଡ ଦେଇ ଠେଙ୍ଗୋ ଡ୍ୟାମ ପର୍ଯ୍ୟନ୍ତ ଆରଡି ବିଭାଗ ତରଫରୁ ନିର୍ମାଣ କାମ ଚାଲିଛି। ନୂଆପଡ଼ା ଖରିଆର ରୋଡ ଅଞ୍ଚଳର ଏକ କନଷ୍ଟ୍ରକଶନ କମ୍ପାନୀ ନିର୍ମାଣ କାମ ଦିଆଯାଇଛି। ଏହି କମ୍ପାନୀରେ ମୃତକ ପପୁନ ଭୁକ୍ତା(୨୮) ମ୍ୟାନେଜର ଭାବେ କାର୍ଯ୍ୟ କରୁଥିଲେ। ସୋମବାର ରାତି ୮ଟାରେ ଏକ ଜେସିବି ପପୁନଙ୍କୁ ତାଙ୍କ କ୍ୟାମ୍ପ ସମ୍ମୁଖରେ ଧକ୍କା ଦେଇଥିଲା। ପ୍ରବଳ ରକ୍ତସ୍ରାବ ହେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତକଙ୍କ ପରିବାର ଓ ସ୍ଥାନୀୟ ଲୋକେ ନିର୍ମାଣ ସଂସ୍ଥା ମାଲିକ ଘଟଣାସ୍ଥଳକୁ ଆସିବା, ଜେସିବିକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଗିରଫ ସହିତ କ୍ଷତିପୂରଣ ଦାବି କରିଥିଲେ। ବୀରମହାରାଜପୁରର ଏକ ପୋଲିସ ଟିମ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ କୌଣସି ସୁଫଳ ମିଳି ନ ଥିଲା। ସାରାରାତି ଘଟଣାସ୍ଥଳରେ ମୃତଦେହ ପଡି ରହିଥିବା ବେଳେ ଲୋକେ ପାଖରେ ବସି ରହିଥିଲେ। ମଙ୍ଗଳବାର ସକାଳୁ ପୁଣି ପୋଲିସ ଲୋକଙ୍କୁ ବୁଝାଶୁଝା କରିଥିଲା। ତେବେ ପୂର୍ବାହ୍ନ ୧୧ଟାରେ ଲୋକଙ୍କୁ ବୁଝାଶୁଝା କରାଇ ମୃତଦେହ ବୀରମହାରାଜପୁର ନିଆଯାଇଥିଲା। ସେଠାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ଦୁର୍ଘଟଣା ଘଟାଇ ଥିବା ଜେସିବିକୁ ଜବତ କରିଛି। ଏନେଇ ଅଧିକ ତଦନ୍ତ ଜାରି ରହିଥିବା ବୀରମହାରାଜପୁର ଉପଖଣ୍ଡିୟ ପୋଲିସ ଅଧିକାରୀ ହେମନ୍ତ ରାଓ ସୂଚନା ଦେଇଛନ୍ତି।


ମୃତଦେହ ଜବତ ବେଳେ ସ୍ଥାନୀୟ ଲୋକେ।

# ଗଡ଼ିଲା ସଡ଼କ ସୁରକ୍ଷା ସଚେତନତା ରଥ


ଆର୍‌ଟିଓ ଅକ୍ଷୟ କୁମାର ଜେନା ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

## ୩୦ପର୍ଯ୍ୟନ୍ତ ଚାଲିବ ଶୂନ ମୃତାହତ ପକ୍ଷ

ସୋନପୁର,୧୮।୧୧(ମୃତ୍ୟୁଞ୍ଜୟ ଶତପଥୀ)

ଓଡ଼ିଶାରେ ନଭେମ୍ବର ୧୬ରୁ ଆରମ୍ଭ ହୋଇଛି ସଡକ ଦୁର୍ଘଟଣାଜନିତ ଶୂନ ମୃତାହତ ପକ୍ଷ। ଏହା ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ପକ୍ଷ ପାଳନ ଉପଲକ୍ଷେ ସୁବର୍ଣ୍ଣପୁର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଜିଲାରେ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି କ୍ରମରେ ପ୍ରତିଟି ଜୀବନ ମୂଲ୍ୟବାନ, ସଭିଏଁ ହେବା ଯତ୍ନବାନ ବାର୍ତ୍ତା ନେଇ ମଙ୍ଗଳବାର ସୁବର୍ଣ୍ଣପୁର ଜିଲାରେ ସଚେତନତା ରଥର ଶୁଭାରମ୍ଭ ହୋଇଛି। ଆଞ୍ଚଳିକ ପରିବହନ ଅଧିକାରୀ ଅକ୍ଷୟ କୁମାର ଜେନା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମୋଟର ଯାନ ନିରୀକ୍ଷକ ଅଜିତ କୁମାର ନାୟକ ଓ କନିଷ୍ଠ ମୋଟର ଯାନ ନିରୀକ୍ଷକ ଦେବବ୍ରତ ପଟ୍ଟାଙ୍କ ସମେତ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏହି ଅବସରରେ ଉପସ୍ଥିତ ଥିଲେ। ଏହି ରଥ ଜିଲାର ୬ଟି ଯାକ ବ୍ଲକ ପରିକ୍ରମା କରି ଜନସାଧାରଣଙ୍କୁ ସଡକ ସୁରକ୍ଷା ସମ୍ପର୍କରେ ସଚେତନ କରିବ। ଗତ ଜୁଲାଇ ୩୧ତାରିଖ ପର୍ଯ୍ୟନ୍ତ ବକେୟା ଥିବା ଇ-ଚାଲାଣ ବୋଝରୁ ମୁକ୍ତି ପାଇଁ ଏକକାଳୀନ ପୈଠରେ ସରକାର ରିହାତି ଦେଉଛନ୍ତି। ବିଜ୍ଞପ୍ତି ପ୍ରକାଶର ୬ମାସ ଯାଏ ଯୋଜନା ବୈଧ ରହିବ। ବିଜ୍ଞାପିତ ନିର୍ଦ୍ଦିଷ୍ଟ ୨୬ଟି ଧାରାରେ ନିୟମ ଉଲ୍ଲଂଘନ କରିଥିଲେ ରିହାତି ମିଳିବ ବୋଲି ଜଣାପଡିଛି। ଏଥିପାଇଁ ଜନସାଧାରଣଙ୍କୁ ସଚେତନ ପ୍ରଚାରପତ୍ର ବଣ୍ଟନ କରାଯିବ। ସେହିପରି ଜିଲାର ବିଭିନ୍ନ ହାଇସ୍କୁଲ ଓ କଲେଜରେ ସଚେତନ କାର୍ଯ୍ୟକ୍ରମ ଆୟୋଜନ ନେଇ ଲକ୍ଷ୍ୟ ଥିବା ଆଞ୍ଚଳିକ ପରିବହନ ଅଧିକାରୀ ଜେନା କହିଛନ୍ତି।

# ତମାଖୁମୁକ୍ତ ସଚେତନତା କାର୍ଯ୍ୟକ୍ରମ

ଅମରପାଲି,୧୮।୧୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେନଝିରିଆପାଲି ଆଞ୍ଚଳିକ ଉଚ୍ଚ ବିଦ୍ୟାପୀଠରେ ତମାଖୁମୁକ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଚେତନତା ସଭାରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପାତ୍ର ସଭାପତିତ୍ୱ କରିଥିଲେ। ସ୍ଥାନୀୟ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସିଏଚ୍‌ଓ ଅଞ୍ଜଳି ବାଗ ଓ ମହିଳା ସ୍ୱାସ୍ଥ୍ୟକର୍ମୀ ସରସ୍ୱତୀ ନାଗ ତମାଖୁ ସେବନ ଦ୍ୱାରା ଶରୀର ଉପରେ କୁପ୍ରଭାବ ପକାଉଥିବା କାରକ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇଥିଲେ। ସହକାରୀ ଶିକ୍ଷକ ଦୀନବନ୍ଧୁ ପ୍ରଧାନ ତମାଖୁ ନିବାରଣ ପ୍ରଥମେ ନିଜଠାରୁ ଆରମ୍ଭ କରି ନିଜର ସମ୍ପର୍କୀୟମାନଙ୍କୁ ନିବାରଣ କରାଇବାକୁ ଶପଥପାଠ କରାଇଥିଲେ। ମହିଳା ସ୍ୱାସ୍ଥ୍ୟକର୍ମୀ ଶିବପ୍ରିୟା ମିଶ୍ର, ସିଏଚ୍‌ଓ ଅଞ୍ଜଳି ବାଗ ତମାଖୁ ସେବନ କର୍କଟ ରୋଗର ପ୍ରମୁଖ କାରଣ ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରୀ ପ୍ରୀତି ଖୁଣ୍ଟିଆ, ଛାତ୍ର ହେମନ୍ତ ପାତ୍ର ସଚେତନତା ରାଲିରେ ତମାଖୁମୁକ୍ତ କରିବାକୁ ବିଭିନ୍ନ ସ୍ଲୋଗାନ ଦେଇଥିଲେ। କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ଗୌରୀ ଶଙ୍କର ପୂଜାହାରୀ ପରିଚାଳନା କରିଥିଲେ। ଶିକ୍ଷକ ଜିବର୍ଦ୍ଧନ ରଣା, ମୀନକେତନ ରଣା, ଜଗଦୀଶ ପଧାନ ଓ କର୍ମଚାରୀ ସିଦ୍ଧେଶ୍ୱର ମେଣ୍ଡିଲି, ସରୋଜ ଭୁକ୍ତା, ଚିତ୍ତରଞ୍ଜନ ପଧାନ ଶପଥପାଠ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଖେଳ ଶିକ୍ଷକ ସୁରେନ୍ଦ୍ର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।



କେନଝିରିଆପାଲି ହାଇସ୍କୁଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଓ ଶିକ୍ଷକ।

# ମେନକାଇଣ୍ଡ ପ୍ରୋଜେକ୍ଟ ଶିବିରରେ ୭୦ ଶିବିରାର୍ଥୀ


ଜାତୀୟସ୍ତରର ମେନକାଇଣ୍ଡ ପ୍ରୋଜେକ୍ଟ ଶିବିରରେ ଅତିଥି ଗଣ।

ବୀରମହାରାଜପୁର,୧୮।୧୧(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଲେପ୍ରା ସୋସାଇଟି ଆନୁକୂଲ୍ୟରେ ଦୁଇଦିନିଆ ମେନକାଇଣ୍ଡ ପ୍ରୋଜେକ୍ଟ ପ୍ରଶିକ୍ଷଣ ଶିବିର ବୀରମହାଜପୁର ମହାନଦୀ ନେତ୍ର ଚିକିତ୍ସାଳୟ ପାରିସରରେ ମଙ୍ଗଳବାର ଆରମ୍ଭ ହୋଇଛି। ଶିବିରରେ ଓଡ଼ିଶା, ମହାରଷ୍ଟ୍ର, ଆସାମ, ଝାଡ଼ଖଣ୍ଡ, ଛତିଶଗଡ଼, ଉତ୍ତରପ୍ରଦେଶ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା ଓ ବିହାରରୁ ୭୦ଜଣ ଶିବିରାର୍ଥୀ ଯୋଗଦେଇଥିଲେ। ଜାତୀୟସ୍ତରରେ ଲେପ୍ରା ସୋସାଇଟିର ମୁଖ୍ୟ କାର୍ଯ୍ୟନିର୍ବାହୀ ପ୍ରଶାନ୍ତ ନାଏକଙ୍କ ଅଧ୍ୟକ୍ଷତାରେ ଏହି ଶିବିର ପରିଚାଳିତ ହେଇଥିଲା। ରଜନୀକାନ୍ତ ସିଂ, ନବୀନ ସାଙ୍ଗଲେ, କାମେଶ୍ୱର ରାଓ, ସତୀଶ ଚୌଧୁରୀ ପ୍ରମୁଖ ପୁରୁଣା ଓ ଅଭିଜ୍ଞ ପ୍ରଶାସନିକ ଅଧିକାରୀମାନେ ପ୍ରଶିକ୍ଷଣ ଦେଉଛନ୍ତି । ଶିବିରରେ ଓଡ଼ିଶା ରାଜ୍ୟ ଲେପ୍ରା ସୋସାଇଟିର ଆମ୍ବାସାଡ଼ର ଗୋରେଖନାଥ ସାହୁ, ମହାନଦୀ ନେତ୍ର ଚିକିତ୍ସାଳୟର ମୁଖ୍ୟ ଡ଼ା. ଦେବେନ୍ଦ୍ର କୁମାର ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଡା. ରତ୍ନପର୍ଣ୍ଣା ହୋତା ଏବଂ ଅମୃତା ସିଂ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏଭଳି ଏକ ଜାତୀୟସ୍ତରର କାର୍ଯ୍ୟକ୍ରମ ସକାଶେ ବୀରମହାରାଜପୁର ଅଳରେ ଜନସାଧାରଣଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି ବୋଲି ମହାନଦୀ ନେତ୍ର ଚିକିତ୍ସାଳୟର ସୂଚନା ଲୋକ ସମ୍ପର୍କ ଅଧିକାରୀ ଜି. ଗୋପାଲା କହିଛନ୍ତି।

# ଡିପ୍ଲୋମା ଇଞ୍ଜିନିୟର ସଂଘର ବାର୍ଷିକ ବୈଠକ

ସୋନପୁର,୧୮।୧୧(ମୃତ୍ୟୁଞ୍ଜୟ ଶତପଥୀ)

ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସେବାସଂଘ ସୁବର୍ଣ୍ଣପୁର ଜିଲା ଶାଖାର ବାର୍ଷିକ ସାଧାରଣ ବୈଠକ ସୋନପୁର ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସମ୍ପାଦକ ଇଂ. ସମୀରକାନ୍ତ ସିଂ ବୈଠକରେ ଅଧ୍ୟକ୍ଷତା କରିଥିଲେ। ସଂଘର କେନ୍ଦ୍ରୀୟ ନିର୍ବାଚନ କମିଟି(ସିଇସି) ସଭ୍ୟ ଇଂ. ମହେନ୍ଦ୍ର ନାଥ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ସାଙ୍ଗଠନିକ ସ୍ଥିତି ଓ ବିଭାଗୀୟ ସମସ୍ୟା ସମ୍ବନ୍ଧରେ ଆଲୋଚନା କରିଥିଲେ। ଏହି ଅବସରରେ ଜିଲା ସଂଘ ପକ୍ଷରୁ ଏକାଧିକ ପ୍ରସ୍ତାବ ସର୍ବସମ୍ମତକ୍ରମେ ଗୃହୀତ ହୋଇଥିଲା। ବୈଠକରେ ଜିଲାର ବିଭିନ୍ନ ବିଭାଗରେ କାର୍ଯରତ ଇଞ୍ଜିନିୟରମାନେ ଯୋଗଦେଇଥିଲେ। ପରେ ୨୦୨୫-୨୬ ବର୍ଷ ପାଇଁ ସୁବର୍ଣ୍ଣପୁର ଡିଭିଜନ(ବିଭାଜନ) କମିଟିର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ସର୍ବସମ୍ମତି କ୍ରମେ ଉପଦେଷ୍ଟା ଭାବେ ଇଂ. ସଚ୍ଚିଦାନନ୍ଦ ପ୍ରଧାନ, ସଭାପତି ବିଜୟ ପୂର୍ତ୍ତି, ଉପସଭାପତି ବିକାଶ ତରାଇ, ସମ୍ପାଦକ ସମୀରକାନ୍ତ ସିଂ, ସହସମ୍ପାଦକ(ଅର୍ଥ) ଏ କୁମାର ମୂର୍ତ୍ତି, ସହ ସମ୍ପାଦକ(ସଙ୍ଗଠନ) ରାଜେନ୍ଦ୍ର ମଣ୍ଡଳ, ଅଡିଟର ମଳୟ ଭୋଇ, କାର୍ଯ୍ୟନିର୍ବାହୀ ସଭ୍ୟଭାବେ ସରୋଜ କୁମାର ସାହୁ, ସଞ୍ଜୁକ୍ତା ପ୍ରଧାନ, ମୁନା ଓରାମ, କମଳାକାନ୍ତ ସେନାପତି, ଦେବବ୍ରତ ବେହେରା ଓ ସହଦେବ ପ୍ରଧାନ ନିର୍ବାଚିତ ହୋଇଛନ୍ତି। ବୈଠକରେ ଅର୍ଚ୍ଚନା ବିଶ୍ୱାଳ, ପରମେଶ୍ୱର କିଷାନ, ଭୋଜରାଜ ମେହେର, କ୍ଷିରୋଦିନୀ ନାଏକ, ସୁପ୍ରିୟା ଗୁରୁ, ସମରାଜ ସାହୁ, ଉଦିତ ବୁଦୁଲା ଓ ଉଦୟନାଥ କିଷାନ ପ୍ରମୁଖ ଉପସ୍ଥିତ ଥିଲେ। ଇଂ ଅନନ୍ତ ଚରଣ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ ।

# ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ


ବିଜ୍ଞାନ ମେଳା ଅତିଥି ପ୍ରକଳ୍ପ ବୁଲି ଦେଖୁଛନ୍ତି।

ବିନିକା,୧୮।୧୧(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ମେଘେଲା ଅପଗ୍ରେଡ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ମିଶ୍ରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ମେଘେଲା ସରପଞ୍ଚ ମଦନା ମହାକୁର, ମୁଖ୍ୟବକ୍ତାଭାବେ ଶଙ୍କରା ସରପଞ୍ଚ ଅଶୋକ ପୃଷ୍ଟି, ସମ୍ମାନିତ ଅତିଥିଭାବେ ୟୁଜିଏଚଏସ ପରିଚାଳନା କମିଟି ସଭାପତି ଅରୁଣ ସାହୁ, ଏବିଇଓ ହେମସାଗର କାଲସେ, ବିନିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ମହାକୁର, ମେଘେଲା ୟୁଜିଏଚଏସ ପ୍ରଧାନଶିକ୍ଷକ ପ୍ରିୟରଞ୍ଜନ ଭୋଇ ଯୋଗଦେଇଥିଲେ। ପ୍ରଦର୍ଶନୀରେ ବ୍ଲକ ର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ୯୩ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକଭାବେ ଶିକ୍ଷାବିତ୍ ଆମ୍ବୁଜ ବିହାରୀ ଶତପଥୀ, ସମୀର କୁମାର ପଣ୍ଡା, ସତ୍ୟଜିତ ନାୟକ, ବାବୁଲୁ ମେହେର ଯୋଗ ଦେଇଥିଲେ। ଏହି ଅବସରରେ କୁଇଜ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ସିନିୟର ବିଭାଗରେ ଡିବିଏଚଏସ ବାଉଁଶୁଣୀର ଛାତ୍ର ଶୁଭମ ଚିରଗୁନ ପ୍ରଥମ, ଜିଏଚଏସ ସିଲାଟିର ସୁଖରାମ ନାଏକ ଦ୍ୱିତୀୟ ଓ କୁହିବାହାଲ ହାଇସ୍କୁଲର ପ୍ରୀତି ପଧାନ ତୃତୀୟ ସ୍ଥାନ ହାସଲ କରିଥିଲେ। ଜୁନିୟର ବିଭାଗରେ କୁହିବାହାଲ ୟୁପିଏସର ଅଙ୍କେଶ ସାହୁ ପ୍ରଥମ, ବାଙ୍କିଘିଡି ୟୁପିଏସର ରତ୍ନପର୍ଣ୍ଣା କର୍ମୀ, ସିଲାଟି ୟୁପିଏସର ତୃପ୍ତି ନାଏକ ତୃତୀୟ ସ୍ଥାନ ହାସଲ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପା କଣ୍ଡା, ମହେଶ ଦାଶ, ଭାଗିରଥି ସାହୁ ଯୋଗଦେଇଥିଲେ। ଉଦଘାଟନୀ ଉତ୍ସବରେ ବିଇଓ ଲକ୍ଷ୍ମଣ ମିଶ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଉଲୁଣ୍ଡା ବିଇଓ ଅଜୟ କୁମାର ଲୁହା, ମୁଖ୍ୟବକ୍ତାଭାବେ ବରପାଲି ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସନୋଜ କୁମାର ସେଠୀ, ସମ୍ମାନିତ ଅତିଥିଭାବେ ଏବିଇଓ ଟଙ୍କଧର ଭୋଇ, ବିନିକା ହାଇସ୍କୁଲ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ମହାକୁର, ସିଲାଟି ସିଆରସିସି ତ୍ରିପୁରାରୀଲାଲ ବାବୁ ପ୍ରମୁଖ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ।

# କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କୁ ଶ୍ରଦ୍ଧାଞ୍ଜଳି

ବୀରମହାରାଜପୁର,୧୮।୧୧(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରଠାରେ ମଙ୍ଗଳବାର କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ମୃତଦେହ ମଙ୍ଗଳବାର ବୀରମହାରାଜପୁରଠାରେ ପହଞ୍ଚିଥିଲା। ଏହି ଅବସରରେ ଲୋକେ ସାଗରଙ୍କ ମୃତଦେହରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ହ୍ୟୁମାନ ସାଗର ଅମର ରହେ ଧ୍ୱନି ଦେଇଥିଲେ ବୀରମହାରାଜପୁର ଅଞ୍ଚଳର ରାଜନେତା, କଳାକାର ବୁଦ୍ଧିଜୀବୀ। ଏହା ପରେ ପୂର୍ବାହ୍ନ ୧୧ଟାରେ ବୀରମହାରାଜପୁର ବ୍ଲକ ସଭାଗୃହଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ବିଡ଼ିଓ ରାଜୀବ କୁମାର ହାଁସଦାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଶୋକସଭାରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଜିଲା ପରିଷଦ ସଦସ୍ୟ ଲବ କୁମାର ସାହୁ, ଚମ୍ପାମାଳ ସରପଞ୍ଚ ମହେନ୍ଦ୍ର ଜଗଦଲା, ଚମ୍ପାମାଳ ସମିତି ସଭ୍ୟ ଲକ୍ଷ୍ମୀ ନାରାୟଣ ପୁରୋହିତ, ହିଲୁଙ୍ଗ ସମିତି ସଭ୍ୟ ଶୈଳରଞ୍ଜନ ବାଦି, ସଙ୍ଗୀତ ନିର୍ଦ୍ଦେଶକ ଶାଶ୍ୱତ କୁମାର ତ୍ରିପାଠୀ, ସତ୍ୟଞ୍ଜିବ ମିଶ୍ର, ଯୁଗଳ କିଶୋର ମିଶ୍ର, ପିତବାସ ଶତପଥୀ, ସୁଦର୍ଶନ ବିଶ୍ୱାଳ ପ୍ରମୁଖ ସ୍ୱର୍ଗତ ସାଗରଙ୍କ ସ୍ମୃତି ଚାରଣ କରିଥିଲେ। ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ଓ ପୀତବାସ ଶତପଥୀ ହ୍ୟୁମାନ ସାଗରଙ୍କ ଦୁଇଟି ଗୀତ ଗାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକ ଡ଼ ଦ୍ୱିତୀକୃଷ୍ଣ ପଣ୍ଡା, ଶିକ୍ଷାବିତ୍ ମାର୍କଣ୍ଡେୟ ମିଶ୍ର, ଆଇନଜୀବୀ ଆଶ୍ରୟ ମହାନନ୍ଦଙ୍କ ସମେତ ବୀରମହାରାଜପୁର ଅଞ୍ଚଳର ଅନେକ କଳାକାର ବୁଦ୍ଧିଜୀବୀ ରାଜନେତା ଏହି ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଅବିନାଶ ହୋତା ସଂଯୋଜନା କରିଥିବା ବେଳେ ଏବିଡିଓ ପୁରୁଷୋତ୍ତମ ଧରୁଆ ଧନ୍ୟବାଦ ଅର୍ପଣ କରିଥିଲେ।

DSPL - 357

NATION TAX MARKET

ATTENTION: ALL REGISTERED AND UNREGISTERED PERSONS IN METAL SCRAPS

COMPLIANCE UNDER GST – TDS DEDUCTIONS AND RCM

| Purchase from Unregistered Persons attracts GST @18% under Reverse Charge Mechanism(RCM) | Purchase from Registered Persons attracts TDS @ 2% |
| --- | --- |
| (Notification No. 06/2024-Central Tax (Rate), dated 08.10.2024 with matching State Tax Notification No. 29670, dated 25.10.2024) | (Notification No. 25/2024-Central Tax, dated 09.10.2024 with matching State Tax Notification No. 29678, dated 25.10.2024) |

*The Commissionerate of CT & GST, Odisha is keeping a close watch on compliance with GST TDS and RCM Mechanisms.

** The above information is for general guidance. For details please refer to the notification available on the Finance Department website https://finance.odisha.gov.in and www.cbic.gov.in

COMMISSIONERATE OF CT & GST, ODISHA

@Banijyakar

OIPR:

## ଗୋଆରେ ଶ୍ରମିକ ନିଖୋଜ

ବଡ଼ଗାଁ,୧୮।୧୧(ଅଶୋକ ଷଡଙ୍ଗୀ)

ଗୋଆ କାମ କରିବାକୁ ଯାଇଥିବା ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅଧୀନ ପଟୁଆବେଡା ଗ୍ରାମର ଜଣେ ଯୁବକ ନିଖୋଜ ଅଛନ୍ତି। ଏ ନେଇ ଯୁବକଙ୍କ ପରିବାର ଲୋକେ ମଙ୍ଗଳବାର ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ନିଖୋଜ ଯୁବକ ହେଲେ ବଡ଼ଗାଁ ଥାନା ପଟୁଆବେଡା ଗ୍ରାମର ଜେମ୍ସ ଲୁଗୁନଙ୍କ ପୁଅ ସେତ ଲୁଗନ (୨୫)। ବଡ଼ଭାଇ ପରବିନ ଲୁଗୁନଙ୍କ ସହିତ ସେତ ଲୁଗନ ଗତ ୩ ମାସ ତଳେ ଗୋଆ ଯାଇଥିଲେ। ସେଠାରେ ଏକ କମ୍ପାନୀରେ ଶ୍ରମିକ ଭାବେ କାମ କରୁଥିଲେ। କିନ୍ତୁ ଦୁଇ ଭାଇଙ୍କ ମଧ୍ୟରୁ ସେତ ଗୋଆରେ ନିଖୋଜ ହୋଇଯାଇ ଥିବା ତାଙ୍କ ମା ଓ ବଡ଼ ଭାଇ ଏତଲାରେ ଦର୍ଶାଇଛନ୍ତି। ପୁଅକୁ ଫେରେଇ ଆଣିବାକୁ ସେତଙ୍କ ମା' ପୋଲିସଠାରେ ଗୁହାରି କରିଛନ୍ତି।

# ରାଉରକେଲାକୁ ବିକଶିତ ସହରରେ ପରିଣତ କରାଯିବ

ରାଉରକେଲା,୧୮।୧୧(ବିପ୍ଲବ ରଞ୍ଜନ ଦାଶ)

### ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ୍‌ର ୩୧ତମ ନିର୍ଦ୍ଦେଶକ ମଣ୍ଡଳୀ ବୈଠକ

ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ୍‌ର ୩୧ତମ ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ମଙ୍ଗଳବାର ଆଭାସୀ ଯୋଗେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ଉପସ୍ଥିତ ଥିଲେ। ବୈଠକରେ ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ ଅଧୀନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରାଯିବା ସହ ଆଗାମୀ ଦିନରେ ଉନ୍ନୟନମୂଳକ ପ୍ରକଳ୍ପ ହାତକୁ ନେଇ ରାଉରକେଲା ସହରକୁ ଯେପରି ଏକ ବିକଶିତ ସହରରେ ପରିଣତ କରାଯିବ ସେ ନେଇ ଆଲୋଚନା କରାଯାଇଥିଲା। ରାଉରକେଲା ୱାନ୍‌ଠାରେ ନିର୍ମାଣାଧୀନ ସମନ୍ୱିତ ନିର୍ଦ୍ଦେଶ ଓ ନିୟନ୍ତ୍ରଣ କକ୍ଷ (ଇଣ୍ଟିଗ୍ରେଟେଡ କମାଣ୍ଡ ଆଣ୍ଡ୍ କଣ୍ଟ୍ରୋଲ ସେଣ୍ଟର) ଏବଂ ଆଦିବାସୀ ସଂଗ୍ରହାଳୟକୁ ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ ପାଇଁ ଲକ୍ଷ୍ୟ ରଖାଯାଇଛି। ଆଦିବାସୀ ସଂଗ୍ରହାଳୟର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଏହା ଖୁବ୍ ଶୀଘ୍ର ଲୋକଙ୍କ ପାଇଁ ଖୋଲାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ବ୍ୟବସାୟୀ ଓ ଗ୍ରାହକମାନଙ୍କ ସବୁ ସୁବିଧାକୁ ପ୍ରାଧାନ୍ୟ ଦେଇ ସିଭିଲଟାଉନଶିପ୍‌ଠାରେ ଏକ ମାର୍କେଟ କମ୍ପ୍ଲେକ୍ସ ତିଆରି କରାଯିବା ସହ ଏକ ପାର୍କିଂ ସ୍ଥଳ ନିର୍ମାଣ କରାଯିବ। ଏଥିସହ ଡେଲି ମାର୍କେଟ ଓ ଉଦିତନଗରଠାରେ ଗୋଟିଏ ଲେଖାଏଁ ବହୁସ୍ତରୀୟ କାର୍ ପାର୍କିଂ କ୍ଷେତ୍ର ନିର୍ମାଣ କରାଯିବ। ଉକ୍ତ ସବୁ ପ୍ରକଳ୍ପକୁ ଏହି ବୈଠକରେ ଅନୁମୋଦନ ମିଳିଥିବାବେଳେ ଅନୁମୋଦିତ ପ୍ରକଳ୍ପଗୁଡିକର ଖୁବ୍ ଶୀଘ୍ର ନିର୍ମାଣ କାର୍ଯ୍ୟ ମଧ୍ୟ ଆରମ୍ଭ କରାଯିବ ବୋଲି ଜଣାପଡିଛି। ବୈଠକରେ ସୁନ୍ଦରଗଡ଼ ଜିଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର, ରାଉରକେଲା ସ୍ମାର୍ଟ ସିଟି କାର୍ଯ୍ୟନିର୍ବାହୀ ଅଧିକାରୀ ସୁଶ୍ରୀ ଦୀନା ଦସ୍ତଗୀରଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଯୋଗ କେନ୍ଦ୍ର ୨୬ତମ ବାର୍ଷିକୋତ୍ସବ



ବାର୍ଷିକୋତ୍ସବରେ ଉପସ୍ଥିତ ସାଧିକା ସାଧକ।

ରାଉରକେଲା,୧୮।୧୧(ବିପ୍ଲବ ରଞ୍ଜନ ଦାଶ)

ସୁନ୍ଦରଗଡ଼ ଜିଲା ପତଞ୍ଜଳି ଯୋଗ ପରିବାର ଓ ରାଉରକେଲା ଇସ୍ପାତ କାରଖାନା ଅବସରପ୍ରାପ୍ତ କର୍ମଚାରୀ ସଂଘର ମିଳିତ ଆନୁକୂଲ୍ୟରେ ପରିଚାଳିତ ଯୋଗ କେନ୍ଦ୍ରର ୨୬ତମ ବାର୍ଷିକୋତ୍ସବ ବରିଷ୍ଠ ଯୋଗ ଶିକ୍ଷକ କପିଳେଶ୍ୱର ମହାରଣାଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସହ ପ୍ରଭାରୀ ଅକ୍ରୁର ମାର୍ଥା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୋଗର ଗୁଢ଼ ତତ୍ତ୍ୱ, ନିରୋଗ ଜୀବନଯାପନ ତଥା ସମାଜ ଓ ରାଷ୍ଟ୍ର ନିର୍ମାଣରେ ଯୋଗର ଅବଦାନ ଉପରେ ଆଲୋକପାତ କରିଥିଲେ। ସଂଘ ସଭାପତି ଅଭୟ କୁମାର ଦାସ ତାଙ୍କ ବକ୍ତବ୍ୟରେ ଯୋଗ ହିଁ ଏକମାତ୍ର ସୁସ୍ଥ ଜୀବନଯାପନର ମାର୍ଗ ବୋଲି କହିଥିଲେ। ବହୁ ବ୍ୟକ୍ତି ଯୋଗ କରି ସୁସ୍ଥ ରହୁଥିବା ସେ ପ୍ରକାଶ କରିଥିଲେ। ଜିଲା ବିଏସ୍‌ଟି ପ୍ରଭାରୀ ନରେନ୍ଦ୍ର ବେହେରା, ଜିଲା ମିଡିଆ ପ୍ରଭାରୀ ଗଙ୍ଗାଧର ଦାଶ, ସଂଘ ଉପସଭାପତି ଅରବିନ୍ଦ ପାତ୍ର, ସାଧାରଣ ସମ୍ପାଦକ ପ୍ରେମାନନ୍ଦ ସାମଲ, ଜିଲା ମହିଳା ମିଡ଼ିଆ ପ୍ରଭାରୀ ଆରତୀ କର ପ୍ରମୁଖ ଯୋଗର ପ୍ରସାର ପ୍ରଚାର ଉପରେ ଗୁରୁତ୍ୱ ଦେଇଥିଲେ। ଶୁଭାକାଂକ୍ଷୀ ଚୌଧୁରୀ ଏହି କାର୍ଯ୍ୟକ୍ରମ ସଂଯୋଜନା, ଗୀତାରାଣୀ ମିଶ୍ର ପରିଚାଳନା ଏବଂ ନଳିନୀ ସୂତାର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଯୋଗ ଶିକ୍ଷୟିତ୍ରୀ ରଞ୍ଜିତା ପାଣିଗ୍ରାହୀ, କୌଶଲ୍ୟା ପୃଷ୍ଟି, ମଧୁଛନ୍ଦା ବୋସ, ସୁମିତା ଚାନ୍ଦ, ସ୍ୱର୍ଣ୍ଣଲତା ସାମଲ, ଗୀତା ପଟ୍ଟନାୟକ, ମୀନା ପାତ୍ର, ତନୁଶ୍ରୀ ଚମ୍ପତି, ଗାୟତ୍ରୀ ପାତ୍ର, ରଶ୍ମିତା ରାଜଗୁରୁ ପ୍ରମୁଖ ବହୁ ସାଧିକା ସାଧକ ଉପସ୍ଥିତ ଥିଲେ।

## ଷ୍ଟିଲ୍ ସିଟିରେ ଶୀତ ଲହରି

ରାଉରକେଲା,୧୮।୧୧
(ଦିନେଶ ମିଶ୍ର)

ଷ୍ଟିଲ ସିଟି ରାଉରକେଲା ସହରରେ ଶୀତ ଲହରି ଜାରି ରହିଛି। ସନ୍ଧ୍ୟା ହେବା ମାତ୍ରେ ଶୀତ ମାଡି ଆସୁଛି। ଲୋକେ ଘର ତାଟିକବାଟ ବନ୍ଦ କରି ଘରେ ରହୁଛନ୍ତି। ଜରୁରୀ କାମ ପଡିଲେ ଘରୁ ବାହାରୁଥିବା ଦେଖିବାକୁ ମିଳୁଛି। ସହରରେ ଶୀତ ସାଙ୍ଗକୁ କୋହଲା ପବନ ବହୁଛି। ସକାଳ ହେବା ମାତ୍ରେ କୁହୁଡି ସହରକୁ ଘେରି ରହୁଛି। ସକାଳ ୮ଟା ପର୍ଯ୍ୟନ୍ତ ଘନ କୁହୁଡି ଘେରରେ ରାଉରକେଲା ସହର ରହୁଥିବାରୁ ଯାନବାହନ ଯାତାୟାତରେ ଅସୁବିଧା ହେଉଛି। ଶୀତରୁ ରକ୍ଷା ପାଇବା ପାଇଁ ଲୋକେ ଗରମ ପୋଷାକ କିଣାକିଣି କରୁଛନ୍ତି। ଆଗାମୀ ଦିନରେ ଶୀତର ପ୍ରଭାବ ଜାରି ରହିବ ବୋଲି ଆର୍‌ଏସ୍‌ପି ପାଣିପାଗ ବିଭାଗ ପକ୍ଷରୁ ଜଣାପଡିଛି।



ଘନ କୁହୁଡି ଯୋଗୁ ସହର ରାସ୍ତା ଦିଶୁନାହିଁ।

## ଅଗ୍ନିବାବା ଆଶ୍ରମରେ ସେବା କାର୍ଯ୍ୟକ୍ରମ

ରାଉରକେଲା,୧୮।୧୧
(ଦିନେଶ ମିଶ୍ର)



କାର୍ଯ୍ୟକ୍ରମରେ ଉପସ୍ଥିତ ସମିତିର କାର୍ଯ୍ୟକର୍ତ୍ତା ଏବଂ ଅନ୍ୟମାନେ।

ବେଦବ୍ୟାସସ୍ଥିତ ଅଗ୍ନିବାବାଙ୍କ ଆଶ୍ରମ ପରିସରରେ ମଙ୍ଗଳବାର ଉତ୍କଳ ସ୍ନେହୀ ମହିଳା ସମିତି ପକ୍ଷରୁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବେଦବ୍ୟାସ ଗୁରୁକୁଳ ଆଶ୍ରମରେ ଅନ୍ତେବାସୀମାନଙ୍କ ସହିତ ମହିଳା ସମିତିର ସଦସ୍ୟାମାନେ ଉପସ୍ଥିତ ରହି ଭାବ ବିନିମୟ କରିଥିଲେ। ସେମାନେ କିଭଳି ଛାତ୍ର ଜୀବନରେ ଶୃଙ୍ଖଳିତ ହୋଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ ସେ ନେଇ ପରାମର୍ଶ ଦେଇଥିଲେ। ଅନ୍ତେବାସୀ ବିଦ୍ୟାର୍ଥୀମାନେ ସାମୂହିକ ବେଦମନ୍ତ୍ର ପାଠ କରିଥିଲେ। ମହିଳା ସମିତି ସଭାପତି ସବିତା ସାହୁଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମିତି ସଦସ୍ୟା ଗୀତା ସେନାପତି, ସାବିତ୍ରୀ ଦାସ, ବିଜୟଲକ୍ଷ୍ମୀ ମିଶ୍ର, ଭାରତୀ କର, ଅନିତା ସାହୁ, ସୁଜାତା ପଟ୍ଟନାୟକ, ରଶ୍ମିତା କର, ସାଗରବାଳା ଦାଶ, ଲକ୍ଷ୍ମଣନାଥ ଦାଶ, ସୁଧାଂଶୁ ଶେଖର ପଣ୍ଡା, ବସନ୍ତ କୁମାର ସେନାପତି, ପ୍ରଦୀପ କୁମାର ପ୍ରଧାନ, ନିର୍ମଳ ଚନ୍ଦ୍ର ଆଚାର୍ଯ୍ୟ, ଡ. ଉମାକାନ୍ତ ପଣ୍ଡା, ସରୋଜିନୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କୁ ଶ୍ରଦ୍ଧାଞ୍ଜଳି




କାର୍ଯ୍ୟକ୍ରମରେ ଉପସ୍ଥିତ କମିଟି କର୍ମକର୍ତ୍ତା।

ରାଉରକେଲା,୧୮।୧୧(ଦିନେଶ ମିଶ୍ର)

ବାସନ୍ତୀ କଲୋନିସ୍ଥିତ ଡିଏଭି ବସ୍‌ଷ୍ଟାଣ୍ଡ ଛକ ପରିସରରେ ମଙ୍ଗଳବାର ମା' ତାରିଣୀ ପରିଚାଳନା କମିଟି ପକ୍ଷରୁ ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। କମିଟି ସଭାପତି ତଥା ଯୁବନେତା କହରା ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କର୍ମକର୍ତ୍ତାମାନେ ଉପସ୍ଥିତ ରହି ସ୍ୱର୍ଗତ କଣ୍ଠଶିଳ୍ପୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ହ୍ୟୁମାନ ସାଗରଙ୍କ ବିୟୋଗ ଓଡିଶା ସଙ୍ଗୀତ ଜଗତ ପାଇଁ ଏକ ବଡ କ୍ଷତି ବୋଲି ସମାଜସେବୀ ବାସୁ ବରାଳ କହିଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ମା'ତାରିଣୀ ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ଭଞ୍ଜ ସିଂ, ଟୁନୁ କର, କବିତା ଜେନା, କୁନା ଜେନା, ଅଖିଳ ପାଣି, ଗଣେଶ ଡୋରା, ବିଦ୍ୟାଧର ବେହେରା, ଅମୀୟ ପୋଥାଳ ପ୍ରମୁଖ ଉପସ୍ଥିତ ଥିଲେ।

## କାର୍ ଧକ୍କାରେ ସାଇକେଲ ଆରୋହୀ ମୃତ

ରାଉରକେଲା,୧୮।୧୧(ଦିନେଶ ମିଶ୍ର)

ପ୍ଲାଣ୍ଟସାଇଟ୍ ଥାନା ଅଧୀନ ଲିପିଷ୍ଟିକ୍ ଛକ ନିକଟରେ ମଙ୍ଗଳବାର ଏକ କାର୍ ଧକ୍କା ଦେବାରୁ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବୁଡୁରୁ ନାଇଡୁ(୪୮)। ଏ ନେଇ ଏକ ମାମଲା (ନଂ.୧୦୦୯/୨୫) ରୁଜୁ କରି ଫେରାର ଥିବା କାର୍‌କୁ ଜବତ କରିବା ପାଇଁ ତନାଘନା ଆରମ୍ଭ କରିଛି। ସୂଚନା ଅନୁସାରେ, ସେକ୍ଟର-୨୧ସ୍ଥିତ ନୟାବଜାର ଅଞ୍ଚଳର ଗିରିଧାରୀ ବସ୍ତିର ବୁଡୁରୁ ମଙ୍ଗଳବାର ଅପରାହ୍ନ ସାଢେ ୧ଟାରେ ସାଇକେଲ ଯୋଗେ ବଜାର କରିବା ପାଇଁ ପ୍ଲାଣ୍ଟସାଇଟ୍ ହୋଲସେଲ ଦୋକାନକୁ ଯାଉଥିଲେ। ଏହି ସମୟରେ ଦ୍ରୁତଗତିରେ ଆସୁଥିବା ଏକ କାର୍ ତାଙ୍କୁ ସମ୍ମୁଖ ପଟରୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପୋଲିସ ମୃତଦେହ ଜବତ କରି ଆର୍‌ଜିଏଚ୍ ମର୍ଗ ହାଉସରେ ରଖିଛି।

## ୩୦୦ ଛାତ୍ରୀଛାତ୍ରଙ୍କୁ ୩ ଶିକ୍ଷକ

ରାଉରକେଲା,୧୮।୧୧(ବିପ୍ଲବ ରଞ୍ଜନ ଦାଶ)

### ଉଦିତନଗର ସରକାରୀ ବିଦ୍ୟାଳୟ

ରାଉରକେଲା ଉଦିତନଗର ସରକାରୀ ଉଚ୍ଚ ପ୍ରାଥମିକ ଏବଂ ପ୍ରାଥମିକ ବିଦ୍ୟାଳୟରେ ବର୍ଷ ବର୍ଷ ଧରି ଖାଲିଥିବା ଶିକ୍ଷକ ପଦବୀ ପୂରଣ ହେଉନାହିଁ। ଫଳରେ ଛାତ୍ରୀଛାତ୍ରମାନଙ୍କୁ ଉପଯୁକ୍ତ ଶିକ୍ଷା ମିଳୁ ନ ଥିବା ଅଭିଭାବକ ମହଲରେ ଅଭିଯୋଗ ହେଉଛି। ସୂଚନା ମୁତାବକ, ରାଉରକେଲା ଉଦିତନଗର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ୧ମରୁ ୫ମ ଶ୍ରେଣୀ ଯାଏ ମୋଟ ୩ଶହ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏହି ଛାତ୍ରୀଛାତ୍ରଙ୍କୁ ମାତ୍ର ୩ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଶିକ୍ଷକ ଅଭାବ ଯୋଗୁ ସ୍କୁଲରେ ଠିକ୍ ଭାବେ ପାଠପଢା ହୋଇପାରୁନାହିଁ। ଏହି ସ୍କୁଲକୁ ସ୍ମାର୍ଟସ୍କୁଲରେ ରୂପାନ୍ତର କରାଯାଇଥିଲେ ମଧ୍ୟ ଶିକ୍ଷକ ନିଯୁକ୍ତି ଦିଆଯାଉନାହିଁ। ଏ ଦିଗରେ ତୁରନ୍ତ ବିଭାଗୀୟ ପ୍ରଶାସନ ପକ୍ଷରୁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ସେଠୀଙ୍କୁ ପଚାରିବାରୁ ସେ କହିଥିଲେ, ଉଦିତ ନଗର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନାହାନ୍ତି। ୩ଜଣ ଶିକ୍ଷକ ୩ଶହ ପିଲାଙ୍କୁ ଶିକ୍ଷାଦାନ କରୁଛନ୍ତି। ଶିକ୍ଷକ ଅଭାବ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହିତ ବିଚାରବିମର୍ଶ କରିଛୁ। ଚଳିତବର୍ଷ ଅନ୍ତିମ ମାସ ସୁଦ୍ଧା ନୂତନ ଶିକ୍ଷକ ନିଯୁକ୍ତି ଦିଆଯିବ ବୋଲି ସେ କହିଥିଲେ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା, ୩ ଗିରଫ

ରାଉରକେଲା,୧୮।୧୧(ଦିନେଶ ମିଶ୍ର)

ଜଣେ ଯୁବକଙ୍କୁ ମାରଣାନ୍ତକ ଆକ୍ରମଣ ଅଭିଯୋଗରେ ପ୍ଲାଣ୍ଟସାଇଟ୍ ପୋଲିସ ୨ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଗୋପବନ୍ଧୁପାଲୀ ବସ୍ତିର ସେକ୍ ସୋନୁ(୧୯) ଏବଂ ସେକ୍ ଫାରୁକ୍(୨୨)। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ପୋଲିସ ଜଣେ ନାବାଳକଙ୍କୁ ବାଲସୁଧାର ଗୃହକୁ ପଠାଇଛି। ସୂଚନା ଅନୁସାରେ, ଗୋପବନ୍ଧୁପାଲୀ ଦ୍ୱିତୀୟ ରେଳ ଷ୍ଟେଶନ ପ୍ରବେଶ ପଥ ବସ୍ତିର ଅଶୋକ ମହତୋ (୨୧) ସୋମବାର ରାତି ସାଢେ ୯ଟାରେ ନିଜ ବାଇକ୍ ଯୋଗେ ଘରକୁ ଫେରୁଥିବାବେଳେ ଅଭିଯୁକ୍ତମାନେ ତାଙ୍କୁ ଅଟକାଇ ପର୍ସ ଓ ମୋବାଇଲ ମାଗିଥିଲେ। ଏହାକୁ ବିରୋଧ କରିବାରୁ ସେମାନେ ଅଶୋକଙ୍କୁ ଗୋଡାଇ ଗୋଡାଇ ଏକ ଚାପଡରେ ଆକ୍ରମଣ କରିଥିଲେ। ଲୋକେ ସେଠାକୁ ଆସିଯିବାରୁ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଖବର ପାଇ ପ୍ଲାଣ୍ଟସାଇଟ୍ ଥାନା ଏସ୍‌ଆଇ ବିଭୂତି ଭୂଷଣ ଖଟେଇ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅଶୋକଙ୍କୁ ଉଦ୍ଧାର କରି ଆର୍‌ଜିଏଚ୍‌ରେ ଚିକିତ୍ସା ଲାଗି ଭର୍ତ୍ତି କରିଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଚାପଡକୁ ଜବତ କରିଛି। ଏ ନେଇ ପ୍ଲାଣ୍ଟସାଇଟ୍ ଥାନାରେ ଏକ ମାମଲା (ନଂ.୧୦୦୫/୨୫) ରୁଜୁ ହୋଇଛି।

## ଆର୍‌ଏସ୍‌ପି ପରିଦର୍ଶନକଲେ କେନ୍ଦ୍ର ଇସ୍ପାତ ମନ୍ତ୍ରୀ



କାଷ୍ଟର-୪ ପ୍ରକଳ୍ପକୁ କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଉଦ୍‌ଘାଟନ କରୁଛନ୍ତି।

ରାଉରକେଲା,୧୮।୧୧(ବିପ୍ଲବ ରଞ୍ଜନ ଦାଶ)

### ଅତ୍ୟାଧୁନିକ କାଷ୍ଟର-୪ ପ୍ରକଳ୍ପ ଉଦ୍‌ଘାଟିତ

କେନ୍ଦ୍ର ଇସ୍ପାତ ଏବଂ ଭାରି ଶିଳ୍ପ ମନ୍ତ୍ରୀ ଏଚ୍. ଡି. କୁମାରସ୍ୱାମୀ ଦୁଇଦିନିଆ ସେଲ୍ ଆର୍‌ଏସ୍‌ପି ଗସ୍ତରେ ଆସି ମଙ୍ଗଳବାର ରାଉରକେଲାରେ ପହଞ୍ଚିଛନ୍ତି। ତାଙ୍କ ସହିତ ସୁଶ୍ରୀ ଅନିଥା କୁମାରସ୍ୱାମୀ, ସେଲ୍ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଅମରେନ୍ଦୁ ପ୍ରକାଶଙ୍କ ସମେତ ଇସ୍ପାତ ମନ୍ତ୍ରଣାଳୟର ବହୁ ଅଧିକାରୀ ଏହି ଗସ୍ତରେ ସାମିଲ ହୋଇଛନ୍ତି। କେନ୍ଦ୍ର ଇସ୍ପାତ ମନ୍ତ୍ରୀ ରାଉରକେଲା ବିମାନ ବନ୍ଦରରେ ପହଞ୍ଚିବା ପରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ଆର୍‌ଏସ୍‌ପି ଓ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା, ସିଆଇଏସ୍‌ଏଫ୍ ଡିଆଇଜି ରତନ କୁମାର, ରାଉରକେଲା ଆରକ୍ଷୀ ଅଧୀକ୍ଷକ ନିତେଶ ୱାଧୱାନୀ, ଆର୍‌ଏସ୍‌ପିର ନିର୍ବାହୀ ନିର୍ଦ୍ଦେଶକ ଏବଂ ବହୁ ବରିଷ୍ଠ ଅଧିକାରୀ ତାଙ୍କୁ ସ୍ୱାଗତ କରିଥିଲେ। ସେ ପ୍ରଥମେ ଆର୍‌ଏସ୍‌ପିର ଜ୍ଞାନାର୍ଜନ ଓ ବିକାଶ ବିଭାଗର ମଡେଲ କୋଠା ପରିଦର୍ଶନ କରିଥିଲେ। ପରେ କେନ୍ଦ୍ର ଇସ୍ପାତ ମନ୍ତ୍ରୀ କୁମାରସ୍ୱାମୀ ଷ୍ଟିଲ ମେଲ୍ଟିଙ୍ଗ ଶପ୍-୨ ପରିଦର୍ଶନ କରିବା ସହିତ ସେଠାକାର ଅତ୍ୟାଧୁନିକ କାଷ୍ଟର-୪କୁ ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ସେ ନିଜ ବକ୍ତବ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଗତିଶୀଳ ନେତୃତ୍ୱରେ ଭାରତ ସରକାର ରାଉରକେଲା ଇସ୍ପାତ କାରଖାନାର ଅଭିବୃଦ୍ଧି ଏବଂ ବିକାଶ ପାଇଁ ସମସ୍ତ ଆବଶ୍ୟକ ସହାୟତା ଯୋଗାଇବାକୁ ପ୍ରତିବଦ୍ଧ ବୋଲି କହିଥିଲେ। ଏହାପରେ କେନ୍ଦ୍ର ଇସ୍ପାତ ମନ୍ତ୍ରୀ ପେଲେଟ ପ୍ଲାଣ୍ଟ ଓ କୋକ୍ ଓଭେନ ବ୍ୟାଟେରି-୭ ପ୍ରକଳ୍ପ ଏବଂ ହଟ୍ ଷ୍ଟ୍ରିପ୍ ମିଲ-୨ ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ବେଳେ କେନ୍ଦ୍ର ମନ୍ତ୍ରୀଙ୍କୁ ୟୁନିଟ୍‌ର କାର୍ଯ୍ୟଧାରା, ବର୍ତ୍ତମାନର ସ୍ଥିତି ଏବଂ ଭବିଷ୍ୟତ ଯୋଜନା ବିଷୟରେ ଅବଗତ କରାଯାଇଥିଲା। ଏହି ସମୟରେ ଆର୍‌ଏସ୍‌ପିର ମାନବ ସମ୍ବଳ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ଖଣି ବିକାଶ ସିଏମ୍‌ଏଲ୍‌ଓ ନିର୍ବାହୀ ନିର୍ଦ୍ଦେଶକ ବି. କେ. ଗିରି, କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଅନୀଲ କୁମାର, ଖଣି ସିଏମ୍‌ଏଲ୍‌ଓ ନିର୍ବାହୀ ନିର୍ଦ୍ଦେଶକ ଏମ୍. ପି. ସିଂହ, ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

DSPL - 357

ATTENTION: ALL REGISTERED AND UNREGISTERED PERSONS IN METAL SCRAPS

NATION TAX MARKET

COMPLIANCE UNDER GST – TDS DEDUCTIONS AND RCM

| Purchase from Unregistered Persons attracts GST @18% under Reverse Charge Mechanism(RCM) | Purchase from Registered Persons attracts TDS @ 2% |
|---|---|
| (Notification No. 06/2024-Central Tax (Rate), dated 08.10.2024 with matching State Tax Notification No. 29670, dated 25.10.2024) | (Notification No. 25/2024-Central Tax, dated 09.10.2024 with matching State Tax Notification No. 29678, dated 25.10.2024) |

*The Commissionerate of CT & GST, Odisha is keeping a close watch on compliance with GST TDS and RCM Mechanisms.

** The above information is for general guidance. For details please refer to the notification available on the Finance Department website https://finance.odisha.gov.in and www.cbic.gov.in

COMMISSIONERATE OF CT & GST, ODISHA

@Banijyakar

OIPR:

# କାମରେ ଲାଗୁନି ଶୌଚାଳୟ, ଲୋକେ ଅସନ୍ତୁଷ୍ଟ

■ଟାଙ୍କି ଅଛି, ପାଣି ନାହିଁ
■ବାହାର ଚକ୍ ଚକ୍, ଭିତର ଆବର୍ଜନାମୟ

ଝାରସୁଗୁଡ଼ା,୧୮।୧୧(ଆଶିଷ ରଞ୍ଜନ ଦାଶ)

ସ୍ଥାନୀୟ ଅଞ୍ଚଳବାସୀ, ବ୍ୟବସାୟୀ ଓ ଯାତ୍ରୀଙ୍କ ସୁବିଧା ପାଇଁ ଝାରସୁଗୁଡ଼ା ପୌର ପରିଷଦ ପକ୍ଷରୁ ବିଭିନ୍ନ ସ୍ଥାନରେ ଶୌଚାଳୟ ନିର୍ମାଣ କରାଯାଇଛି। ହେଲେ କେତେକ ଅବ୍ୟବସ୍ଥା ଯୋଗୁ ଏଗୁଡ଼ିକ ଲୋକଙ୍କ କାମରେ ଲାଗିପାରୁନାହିଁ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ସେମାନେ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ଝାରସୁଗୁଡ଼ା ପୌରାଞ୍ଚଳ ଅଧୀନ ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ସମ୍ମୁଖ, ପୁରୁଣା ବସ୍‌ଷ୍ଟାଣ୍ଡ ନିକଟ, ହଟଲିପଡ଼ା ପାଠାଗାର, ମଙ୍ଗଳବଜାର ଓ ପ୍ରସନ୍ନ ପଣ୍ଡା ଛକଠାରେ ଜନସାଧାରଣଙ୍କ ପାଇଁ ପୌର ପରିଷଦ ପକ୍ଷରୁ ଶୌଚାଳୟ ନିର୍ମାଣ କରାଯାଇଛି। ଗତ ନିର୍ବାଚନ ପୂର୍ବରୁ ଏଗୁଡ଼ିକୁ ପୌର ପରିଷଦର ତତ୍କାଳୀନ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ବର୍ତ୍ତମାନର ପୌରାଧ୍ୟକ୍ଷା ଉଦ୍‌ଘାଟନ କରିଥିଲେ। ଏହାପରେ ଲୋକମାନେ ଉକ୍ତ ଶୌଚାଳୟକୁ ବ୍ୟବହାର କରିଥିଲେ। ହେଲେ ଦୁଃଖର ବିଷୟ ଏବେ ସେଗୁଡ଼ିକ ବ୍ୟବହାର ଅନୁପଯୋଗୀ ହୋଇପଡିଥିବାରୁ ଲୋକଙ୍କ କାମରେ ଆସୁନି। ଯେଉଁଠି ଦେଖିଲେ ଶୌଚାଳୟ ଉପରେ ଟାଙ୍କି ଅଛି, ହେଲେ ପାଣି ନାହିଁ। ବାହାରୁ ଚକ୍‌ଚକ୍ ଦେଖାଯାଉଥିବାବେଳେ ଭିତର ସଫେଇ ଅଭାବରୁ ଆବର୍ଜନାମୟ ହୋଇପଡିଛି। ପୌର ପରିଷଦର ଜଣେ ଅଧିକାରୀ ପରିଚୟ ଗୋପନ ରଖି କହିଛନ୍ତି, ପୌର ପରିଷଦ ବୈଠକରେ ଜଳ ଯୋଗାଣ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଡକାଯାଇ ଉକ୍ତ ଶୌଚାଳୟରେ ପାଣିର ବ୍ୟବସ୍ଥା କରିବା ପାଇଁ କୁହାଯାଇଥିଲା। ହେଲେ ଏପର୍ଯ୍ୟନ୍ତ ତାହା କରାଯାଇନାହିଁ। ସେହିପରି ପୌର ପରିଷଦ ପକ୍ଷରୁ ସଫେଇ ପାଇଁ ଟେଣ୍ଡର କରାଯାଇଥିଲେ ମଧ୍ୟ କେହି ଆବେଦନ କରି ନ ଥିବା ଜଣାପଡିଛି। ସମସ୍ୟା ସମ୍ପର୍କରେ ଝାରସୁଗୁଡ଼ା ସହରର ଏମ୍.ଭି. ରମଣା, ପିଣ୍ଟୁ ଠକ୍କର, ସନ୍ଦୀପ ଶର୍ମା, ରାଜେନ୍ଦ୍ର ଅଗ୍ରୱାଲ, ସଙ୍କୀର୍ତ୍ତନ ପ୍ରଧାନ, ଯୋଗେନ୍ଦ୍ର ମେହେର, ପିଙ୍କୁ ମିଶ୍ର, ସଞ୍ଜୟ ସୋନ୍‌କାର, ମୋହନ ସାହୁ କହିଛନ୍ତି, ଲୋକଙ୍କ ସୁବିଧା ପାଇଁ ପୌର ପରିଷଦ ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଶୌଚାଳୟ ନିର୍ମାଣ କରାଯାଇଛି। ହେଲେ ପାଣି ଏବଂ ସଫେଇ ଅଭାବରୁ ସେଗୁଡ଼ିକ ବ୍ୟବହାର ଅନୁପଯୋଗୀ ହୋଇପଡିଛି। ଅପରପକ୍ଷେ କେତେଜଣ ଅସାମାଜିକ ବ୍ୟକ୍ତି ଏହାର ବିଭିନ୍ନ ଅଂଶକୁ ଭାଙ୍ଗି ଚୋରିକରି ନେଇଯାଉଥିବା ଜଣାପଡ଼ିଛି। ପୌର ପରିଷଦ ଅଧିକାରୀ ଏହି ଶୌଚାଳୟଗୁଡିକୁ କାର୍ଯ୍ୟକ୍ଷମ ନ କଲେ ଆଗାମୀ ଦିନରେ ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯିବ ବୋଲି କହିଛନ୍ତି। ଏନେଇ ଝାରସୁଗୁଡ଼ା ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକ କହିଛନ୍ତି, ସହରରେ ଥିବା ଶୌଚାଳୟଗୁଡିକର ସଫେଇ ନିମନ୍ତେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀକୁ ଟେଣ୍ଡର ପକାଇବା ପାଇଁ କୁହାଯାଇଛି। ହେଲେ ଏପର୍ଯ୍ୟନ୍ତ କେହି ଆବେଦନ କରିନାହାନ୍ତି। ସେହିପରି ପ୍ରତି ଶୌଚାଳୟରେ ଜଳ ଯୋଗାଣ ପାଇଁ ସମ୍ପୃକ୍ତ ବିଭାଗକୁ ଅବଗତ କରାଯାଇଥିଲେ ମଧ୍ୟ ତାହା କରାଯାଇନାହିଁ। ଏଥିଯୋଗୁ ସମସ୍ୟା ସୃଷ୍ଟି ହୋଇଛି। ତଥାପି ଶୌଚାଳୟଗୁଡ଼ିକ ବ୍ୟବହାର ଉପଯୋଗୀ ହେବା ପାଇଁ ଚେଷ୍ଟା କରିବୁ ବୋଲି ସେ କହିଛନ୍ତି।



ପୂର୍ତ୍ତ ବିଭାଗ କାର୍ଯ୍ୟାଳୟଠାରେ ଥିବା ଶୌଚାଳୟ।

# ରାସ୍ତା ମରାମତି, ଭାରିଯାନ ଚଳାଚଳ ବନ୍ଦ କରାଯାଉ

## ଜିଲାପାଳଙ୍କୁ ଚିଠି ଲେଖିଲେ ବିଧାୟକ

ଝାରସୁଗୁଡ଼ା, ୧୮।୧୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ସଦର ବ୍ଲକ ଅଧୀନ ବଡ଼ମାଲ ଛକଠାରୁ ସରବାହାଲ ଓଭରବ୍ରିଜ ପର୍ଯ୍ୟନ୍ତ ରାସ୍ତା ମରାମତି ଏବଂ ପ୍ରାତଃ ୫ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ରାସ୍ତାରେ ଭାରିଯାନ ଚଳାଚଳ ବନ୍ଦ କରାଯାଉ। ଏନେଇ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମଙ୍ଗଳବାର ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କୁ ଚିଠି ଲେଖିଛନ୍ତି। ଉକ୍ତ ଚିଠି (ନଂ.୫୯୬/୨୦୨୫)ରେ ଉଲ୍ଲେଖ କରାଯାଇଛି, ବଡ଼ମାଲ ଛକଠାରୁ ସରବାହାଲ ଓଭରବ୍ରିଜ ପର୍ଯ୍ୟନ୍ତ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ଅନେକ ସ୍ଥାନରେ ରାସ୍ତା ସଙ୍କୁଚିତ ହେବା ସହ ଖାଲଖମା ହୋଇଛି। ଫଳରେ ଯାତାୟାତ ପାଇଁ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି କି ଅଧିକାଂଶ ସମୟରେ ଦୁର୍ଘଟଣା ଘଟୁଛି। ଏହି ରାସ୍ତାର ମରାମତି ଦାୟିତ୍ୱ ଏକ କମ୍ପାନୀ ଉପରେ ନ୍ୟସ୍ତ ରହିଥିଲେ ମଧ୍ୟ ଏପର୍ଯ୍ୟନ୍ତ ମରାମତି ହୋଇପାରିନାହିଁ। ଅପରପକ୍ଷେ ଉକ୍ତ ରାସ୍ତାରେ ବହୁ ସଂଖ୍ୟାରେ ଭାରିଯାନ ଚଳାଚଳ କରିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଏଥିଯୋଗୁ ଯାତ୍ରୀମାନେ ହଇରାଣ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଉକ୍ତ ରାସ୍ତାରେ ପ୍ରାତଃ ୫ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ଭାରିଯାନ ଚଳାଚଳ ବନ୍ଦ କରାଯାଉ। ଏଥିସହ ଉକ୍ତ କମ୍ପାନୀ କିପରି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବ ଓ ସମସ୍ୟାର ସମାଧାନ ଶୀଘ୍ର ହୋଇପାରିବ, ସେନେଇ ଚିଠିରେ ଉଲ୍ଲେଖ କରାଯାଇଛି।

# ଫୁଟ୍‌ବଲ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



କାର୍ଯ୍ୟକ୍ରମରେ କମ୍ପାନୀର ଅଧିକାରୀ ଓ ଅନ୍ୟମାନେ।

ବେଲପାହାଡ଼,୧୮।୧୧(ସୁବାସ ପ୍ରଧାନ)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ଥାନା ଅଧୀନ ଗୁମାଡେରାରେ ଟିଆର୍‌ଏଲ୍ କ୍ରୋସାକି କମ୍ପାନୀ ପକ୍ଷରୁ ଫୁଟ୍‌ବଲ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଉକ୍ତ କମ୍ପାନୀର ମ୍ୟାନେଜିଂ ଡାଇରେକ୍ଟର ପ୍ରଶାନ୍ତ କୁମାର ନାଏକ ଉଦ୍‌ଘାଟନ କରିଥିଲେ। ଏଥିରେ ସୁଶାନ୍ତ ଦାସ, ବିଶାଳ ସାହୁ, ସନ୍ତୋଷ ମିଶ୍ର, ଶଶାଙ୍କ ଦୀକ୍ଷିତଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଶିବିରରେ ଜିଲାର ବଛା ବଛା ୫୦ ଜଣ ଖେଳାଳିଙ୍କୁ ଚୟନ କରି ପ୍ରଶିକ୍ଷଣ ଦିଆଯାଉଛି। ୧ ମାସ ପର୍ଯ୍ୟନ୍ତ ସେମାନଙ୍କୁ ତାଲିମ ଦିଆଯିବା ସହ ସେମାନଙ୍କ ମଧ୍ୟରୁ ବେଷ୍ଟ ୨୦ ଜଣଙ୍କୁ ବଛା ଯିବ। ଏହି ୨୦ ଜଣ ଖେଳାଳି ବେଲପାହାଡ଼ ୟୁନାଇଟେଡ୍ ଟିମ୍ ଭାବରେ ଆସନ୍ତା ଡିସେମ୍ବରରେ ରତନ ଟାଟା ଷ୍ଟାଡିୟମରେ ହେବାକୁ ଥିବା ଜାତୀୟସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଏଥିପାଇଁ ଏହି ଖେଳାଳିଙ୍କୁ ପ୍ରତିଦିନ ସକାଳ ୬ଟାରୁ ୯ଟା ଏବଂ ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ତାଲିମ ପ୍ରଦାନ ସହ ୧ ଘଣ୍ଟା ଥିଓରି କ୍ଲାସ କରାଯିବ। ଏହାଦ୍ୱାରା ଅଞ୍ଚଳର ଫୁଟ୍‌ବଲ ଖେଳାଳି ତାଲିମ ନେଇ ନିଜ ପ୍ରତିଭାର ବିକାଶ କରିପାରିବେ। ଏହି ଶିବିରରେ ସୌମ୍ୟରଞ୍ଜନ ଦତ୍ତ, କାର୍ତ୍ତିକ ଦାସ, ଅଭିଳାଶ ସାହୁ କୋଚ୍ ଭାବରେ ଯୋଗଦେଇ ତାଲିମ ପ୍ରଦାନ କରିବେ।

# ବେଆଇନ ଗଞ୍ଜେଇ କାରବାର, ୨ କୋର୍ଟଚାଲାଣ

ଦେବଗଡ଼,୧୮।୧୧(ଶଶାଙ୍କ ଶେଖର ଝାଙ୍କର)

ବେଆଇନ ଗଞ୍ଜେଇ କାରବାର ଘଟଣାରେ ଦେବଗଡ଼ ପୋଲିସ ୨ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ସ୍ଥାନୀୟ କୁରଡ଼ ଗ୍ରାମର କେଶବ ଚନ୍ଦ୍ର ପ୍ରଧାନ ଓ ସିପୁନ ଦାସ। ସୂଚନା ଅନୁଯାୟୀ, ସୋମବାର ଇନ୍ସପେକ୍ଟର ବିନୟ କେର୍କେଟାଙ୍କ ନେତୃତ୍ୱରେ ପୋଲିସ ପାଟ୍ରୋଲିଂ କରୁଥିଲା। ଏହି ସମୟରେ କୁରଡ଼ ଛକ ରାସ୍ତାପାର୍ଶ୍ୱରେ କେଶବ ଓ ସିପୁନ ସନ୍ଦେହଜନକ ଭାବେ ଠିଆ ହୋଇଥିଲେ। ପୋଲିସ ପହଞ୍ଚି ଯାଞ୍ଚ କରିବାରୁ କେଶବଙ୍କ ପାଖରୁ ୨୯୨ ଗ୍ରାମ୍ ଏବଂ ସିପୁନଙ୍କ ପାଖରୁ ୮୦୦ ଗ୍ରାମ୍‌ର ଗଞ୍ଜେଇ ଜବତ କରାଯାଇଥିଲା। ଏନେଇ ଥାନାରେ ମାମଲା ରୁଜୁ ହୋଇଛି।

# ରାଜ୍ୟସ୍ତରୀୟ କ୍ଷୁଦ୍ର ଏକାଙ୍କିକା ନାଟକ ପ୍ରତିଯୋଗିତା: ଦେବଗଡ଼ ପ୍ରଥମ





କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ କୃତୀ ଛାତ୍ର।

ଦେବଗଡ଼,୧୮।୧୧(ଶଶାଙ୍କ ଶେଖର ଝାଙ୍କର)

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ରାଜ୍ୟ ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଓଡ଼ିଶା ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ପରିସରରେ ରାଜ୍ୟସ୍ତରୀୟ ବିଜ୍ଞାନ ଭିତ୍ତିକ ଏକାଙ୍କିକା ନାଟକ ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେବଗଡ଼ ଜିଲାରୁ ପ୍ରତିନିଧିତ୍ୱ କରିଥିବା ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟର ଛାତ୍ରମାନେ ସଫଳତା ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗିତାରେ ୩୦ଟି ଜିଲାରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ବିଦ୍ୟାଳୟ ଭାଗ ନେଇଥିଲା। ଏହିକ୍ରମରେ ଦେବଗଡ଼ ଜିଲାରୁ ପ୍ରତିନିଧିତ୍ୱ କରିଥିବା ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟର ଛାତ୍ରମାନଙ୍କ ଦ୍ୱାରା ଅଭିନୀତ ଓ ଗୌର ଚରଣ ସାହୁଙ୍କ ନିର୍ଦ୍ଦେଶିତ ଦୈନନ୍ଦିନ ଜୀବନଶୈଳୀ ଉପରେ ଆଧାରିତ ଏକାଙ୍କିକା ନାଟକ 'ଅନୁତାପ' ରାଜ୍ୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ଜାତୀୟସ୍ତର ନିମନ୍ତେ ମନୋନିତ ହୋଇଛି। ନାଟକ ପରିଚାଳନାରେ ବିଜ୍ଞାନ ଶିକ୍ଷକ ସଞ୍ଜୟ କୁମାର ଦେହୁରୀ ଓ ଭାଗ୍ୟଶ୍ରୀ ଗିରି ସହଯୋଗ କରିଥିଲେ। ପ୍ରତିଯୋଗିତାରେ ରାଜ୍ୟସ୍ତରରେ ସଫଳତା ଆଣିଥିବା ନିମନ୍ତେ ନିର୍ଦ୍ଦେଶକ, ଗାଇଡ୍, ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରମାନଙ୍କୁ ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର, ଜିଲା ବିଜ୍ଞାନ ନିରୀକ୍ଷିକା ଇପ୍‌ଶିତା ପଟ୍ଟନାୟକ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବରୁଣ କୁମାର ପ୍ରଧାନ, ବରିଷ୍ଠ ଶିକ୍ଷକ ଈଶ୍ୱର ଚନ୍ଦ୍ର ସାହୁ ଶୁଭେଚ୍ଛା ଜଣାଇଛନ୍ତି।

# ଆମୋନିୟମ ନାଇଟ୍ରେଟ୍ ପ୍ରକଳ୍ପ ପାଇଁ ଜନଶୁଣାଣି

ଲଖନପୁର,୧୮।୧୧(ଗୌତମ ସାହୁ)

ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଅଧୀନ କୁଶ୍ରାଲୋଇରେ ଜନଶୁଣାଣି କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମେସର୍ସ ଭାରତ କୋଲ୍ ଗ୍ୟାସିଫିକେସନ ଆଣ୍ଡ୍ କେମିକାଲ୍ସ ଲିମିଟେଡ୍ ପକ୍ଷରୁ ପ୍ରସ୍ତାବିତ କୋଇଲା ଆଧାରିତ ଆମୋନିୟମ ନାଇଟ୍ରେଟ୍ ପ୍ରକଳ୍ପ ନିର୍ମାଣ କରାଯିବା ପାଇଁ ପ୍ରସ୍ତାବ ରହିଛି। ଏଥିପାଇଁ କେନ୍ଦ୍ର ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ମନ୍ତ୍ରଣାଳୟ ପକ୍ଷରୁ ଜନଶୁଣାଣି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଝାରସୁଗୁଡ଼ା ଉପଜିଲାପାଳ ସବ୍ୟସାଚୀ ପଣ୍ଡା, ଆଞ୍ଚଳିକ ପ୍ରଦୂଷଣ ବୋର୍ଡର ନିୟନ୍ତ୍ରଣ ଅଧିକାରୀ ହିରଣ୍ୟ ନାଏକ, ପ୍ରସ୍ତାବିତ କମ୍ପାନୀର କର୍ତ୍ତୃପକ୍ଷ ଏବଂ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ଉକ୍ତ ପ୍ରକଳ୍ପ ପାଇଁ ମୋଟ ୩୫୦ ଏକର ଜମି ଅଧିଗ୍ରହଣ କରାଯିବ। ଏହାଦ୍ୱାରା ହେବାକୁ ଥିବା ସମସ୍ୟା ସମ୍ପର୍କରେ ଲୋକଙ୍କୁ ଅବଗତ କରାଯିବା ସହ ଜିରୋ ମିଟରରେ ଥିବା ଗାଁଗୁଡିକର ସମସ୍ୟା ବିଷୟରେ ଆଲୋଚନା ହୋଇଛି। ତେବେ ସମସ୍ତ ଦାବି ପୂରଣ ପରେ ପ୍ରକଳ୍ପ କରାଯାଉ ବୋଲି ଅଞ୍ଚଳବାସୀ କହିଛନ୍ତି। ନଚେତ୍ ଏହାକୁ ସମ୍ପୂର୍ଣ୍ଣ ବିରୋଧ କରାଯିବ ବୋଲି ସେମାନେ ପ୍ରକାଶ କରିଛନ୍ତି।

# ପରିବା ଦର ଆକାଶଛୁଆଁ, ଚିନ୍ତାରେ ଖାଉଟି

ଲଖନପୁର,୧୮।୧୧(ଗୌତମ ସାହୁ)

ଦିନକୁ ଦିନ ତାପମାତ୍ରା ତଳକୁ ଖସୁଛି। ଶୀତଋତୁରେ ପରିବା ଉତ୍ପାଦନ ବୃଦ୍ଧି ହେବା ସହ ଦର ହ୍ରାସ ହୋଇ ସାଧାରଣ ଖାଉଟିଙ୍କୁ ଆଶ୍ୱସ୍ତି ଦେଇଥାଏ। ହେଲେ ଚଳିତବର୍ଷ ଶୀତଋତୁରେ ପରିବା ଦର ଅହେତୁକ ବୃଦ୍ଧି ପାଇଛି। ଏହାକୁ ନେଇ ଖାଉଟି ଚିନ୍ତାରେ ପଡିଛନ୍ତି। ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ ଅଞ୍ଚଳର ଅଧିକାଂଶ ଚାଷୀ ଧାନ ଓ ପରିବା ଫସଲ କରି ଜୀବିକା ନିର୍ବାହ କରିଥାନ୍ତି। ଜଳବାୟୁ ପରିବର୍ତ୍ତନ ଓ ବ୍ୟାପକ ପ୍ରଦୂଷଣ ଯୋଗୁ ଫସଲ ପ୍ରଭାବିତ ହୋଇଛି। ଏଥିଯୋଗୁ ପରିବା ଦର ବୃଦ୍ଧି ପାଇଥିବା ସ୍ଥାନୀୟ ଲୋକେ ଚର୍ଚ୍ଚା କରୁଛନ୍ତି। ଆଳୁକୁ ଛାଡିଦେଲେ ଟମାଟର କିଲୋ ୭୦ ଟଙ୍କା, ବାଇଗଣ ୬୦, ବନ୍ଧାକୋବି ୫୦, କଖାରୁ ୩୦, ଭେଣ୍ଡି କିଲୋ ୮୦ ଟଙ୍କା ରହିଥିବାବେଳେ ଅନ୍ୟ ପରିବା ଦର ମଧ୍ୟ ଆକାଶ ଛୁଆଁ ରହିଛି। ଲଖନପୁର ବ୍ଲକ ଅଞ୍ଚଳରେ ମଣ୍ଡି ନ ଥିବାରୁ ପଡ଼ୋଶୀ ରାଜ୍ୟର ରାଇଗଡ଼ ମଣ୍ଡି ଉପରେ ଚାଷୀଙ୍କୁ ନିର୍ଭର କରିବାକୁ ପଡୁଛି। ଓଡ଼ିଶାରେ ପରିବା ଚାଷ ହେଉଥିଲେ ମଧ୍ୟ ପଡ଼ୋଶୀ ରାଜ୍ୟର ବ୍ୟବସାୟୀ ଦର ନିର୍ଦ୍ଧାରଣ କରୁଥିବା ଜଣାପଡିଛି। ଫଳରେ କ୍ଷୁଦ୍ର ବ୍ୟବସାୟୀ ଏହି ଅଞ୍ଚଳରେ ଥିବା ହାଟଗୁଡିକରେ ଅହେତୁକ ଦର ବୃଦ୍ଧି କରୁଥିବା ଚର୍ଚ୍ଚାର ବିଷୟ ହୋଇଛି। ଏଥିରେ ସମ୍ପୃକ୍ତ ଅସାଧୁ ବ୍ୟବସାୟୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ଦର ବୃଦ୍ଧିରେ ରୋକ୍ ଲଗାଇବା ପାଇଁ ଉଚିତ୍ ପଦକ୍ଷେପ ଗ୍ରହଣ କରିବାକୁ ଅଞ୍ଚଳବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି।

# 'ପ୍ରାଣୀ ପାଳନ, ମତ୍ସ୍ୟଚାଷ କରି ସ୍ୱାବଲମ୍ବୀ ହୁଅନ୍ତୁ'

## ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା



ବିଧାୟକ ଟଙ୍କଧର ତ୍ରିପାଠୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

ଝାରସୁଗୁଡ଼ା,୧୮।୧୧(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକ ଝାରମାଲ ପଞ୍ଚାୟତ ଅନ୍ତର୍ଗତ ଚମରାଡିହି ଗ୍ରାମରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ଲାଭ ଉଠାଇବାକୁ ଉପସ୍ଥିତ ଜନତାଙ୍କୁ ସଚେତନ କରିଥିଲେ। ବର୍ତ୍ତମାନ ସମୟରେ ଯୁବକମାନେ ଚାକିରି ପଛରେ ନ ପଡି ବିଭିନ୍ନ ପ୍ରକାର ପ୍ରାଣୀ ପାଳନ ଓ ମତ୍ସ୍ୟଚାଷ ଉପରେ ଗୁରୁତ୍ୱ ଦେଇ ସ୍ୱାବଲମ୍ବୀ ହୁଅନ୍ତୁ। ମତ୍ସ୍ୟଚାଷ ଓ ପ୍ରାଣୀ ପାଳନ ପାଇଁ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ବିଷୟରେ ଅବଗତ ସହ ମିଳୁଥିବା ରିହାତିର ଲାଭ ଉଠାଇବାକୁ ଚାଷୀଙ୍କୁ କହିଥିଲେ। ଏଥିସହ ଯୁବପିଢ଼ି ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହୋଇଥିବା କାମଧେନୁ ଯୋଜନାର ଲାଭ ଉଠାଇବାକୁ ବିଧାୟକ ପରାମର୍ଶ ଦେଇଥିଲେ। ଏହି ଅବସରରେ କାମଧେନୁ ଯୋଜନାରେ କିର୍ମିରା ବ୍ଲକ ଅଞ୍ଚଳର ୨ ଜଣ ଚାଷୀଙ୍କୁ ୧ ଲକ୍ଷ ୬୧ ହଜାର ୨୦୦ ଟଙ୍କା ସବ୍‌ସିଡି ଆକାରରେ ପ୍ରଦାନ କରାଯିବା ସହ ବହୁ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଦୟାସାଗର ଧୂରିଆ, ଜିଲାପରିଷଦ ସଭ୍ୟା ରୀତା ବାଘ, ବ୍ଲକ ଅଧ୍ୟକ୍ଷ କୃଷ୍ଣପ୍ରିୟା ସାହୁ, ବିଡ଼ିଓ ଅବିନାଶ ଲାକ୍ରା, କିର୍ମିରା ସରପଞ୍ଚ ସନ୍ତୋଷିନୀ ପଟେଲ, ଲଇକେରା ଥାନାଧିକାରୀ ଦିଲୀପ ବେହେରା, କୃତାଞ୍ଜଳି ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକଙ୍କ ପ୍ରତିନିଧି ବିଜୟ ଶର୍ମା, କିର୍ମିରା ବ୍ଲକ ମଣ୍ଡଳ ସଭାପତି ଉଦ୍ଧବ ସିଂ ନାୟକ, ରାଜକୁମାର କିଷାନ, ଅଂଶୁଳ ଅଗ୍ରୱାଲ, ଯାମିନୀକାନ୍ତ ନାୟକ, ପଙ୍କଜ ଛତ୍ରିଆ, ସଞ୍ଜୀବ ପଟେଲ ଓ ପୱନ ଶର୍ମାଙ୍କ ସମେତ ବହୁ ସଂଖ୍ୟକ ଚାଷୀ ଓ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

DSPL - 357

NATION TAX MARKET

ATTENTION: ALL REGISTERED AND UNREGISTERED PERSONS IN METAL SCRAPS

COMPLIANCE UNDER GST – TDS DEDUCTIONS AND RCM

| Purchase from Unregistered Persons attracts GST @18% under Reverse Charge Mechanism(RCM) | Purchase from Registered Persons attracts TDS @ 2% |
|---|---|
| (Notification No. 06/2024-Central Tax (Rate), dated 08.10.2024 with matching State Tax Notification No. 29670, dated 25.10.2024) | (Notification No. 25/2024-Central Tax, dated 09.10.2024 with matching State Tax Notification No. 29678, dated 25.10.2024) |

*The Commissionerate of CT & GST, Odisha is keeping a close watch on compliance with GST TDS and RCM Mechanisms.

** The above information is for general guidance. For details please refer to the notification available on the Finance Department website https://finance.odisha.gov.in and www.cbic.gov.in

COMMISSIONERATE OF CT & GST, ODISHA

@Banijyakar

OIPR:

# ୧୦ ଅଭିଯୁକ୍ତଙ୍କ ନାମରେ ଚାର୍ଜଶିଟ୍ ଦାଖଲକଲା ଏନ୍ଆଇଏ

ଭୁବନେଶ୍ୱର, ୧୮।୧୧ (ତ୍ରିନାଥ ମହାନ୍ତି)

**ବାଂଲାଦେଶୀ ନାବାଳିକାଙ୍କୁ ଅନୈତିକ କାର୍ଯ୍ୟରେ ଲଗାଇବା ମାମଲା**

**ପୂର୍ବରୁ ୬ ଜଣଙ୍କ ବିରୋଧରେ ୨ ଚାର୍ଜଶିଟ୍ ଦାଖଲ କରିଥିଲା ପୋଲିସ**

ବାଂଲାଦେଶୀ ନାବାଳିକାକୁ ଚାକିରି ପ୍ରଲୋଭନ ଦେଖାଇ ଅନୈତିକ କାର୍ଯ୍ୟରେ ଲିପ୍ତ କରିବା ଘଟଣାରେ ଜାତୀୟ ତଦନ୍ତକାରୀ ସଂସ୍ଥା(ଏନ୍ଆଇଏ) ମଙ୍ଗଳବାର ଚାର୍ଜଶିଟ୍ ଦାଖଲ କରିଛି। ଖୋର୍ଦ୍ଧା ଜିଲା ଦୌରାଜଜ୍ କୋର୍ଟରେ ୧୦ଜଣ ଅଭିଯୁକ୍ତଙ୍କ ବିରୋଧରେ ୩୪୨ ପୃଷ୍ଠାର ଏହି ଚାର୍ଜଶିଟ ଦାଖଲ କରାଯାଇଛି। ଏଥିରେ ଅଭିଯୁକ୍ତଙ୍କ ବିରୋଧରେ ଏନ୍ଆଇଏ ହାସଲ କରିଥିବା ପ୍ରମାଣ, ପୀଡିତାଙ୍କ ବୟାନ ରେକର୍ଡ ଏବଂ ସାକ୍ଷୀଙ୍କ ମତ ରହିଛି। ତେବେ ଖୁବ୍‌ଶୀଘ୍ର ଏହାର ଚାର୍ଜଫ୍ରେମ କରାଯିବ ଓ ଏହାପରେ ମାମଲାର ଶୁଣାଣି ଏନ୍ଆଇଏ କୋର୍ଟରେ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି।

ଅଭିଯୁକ୍ତମାନେ ନାବାଳିକାଙ୍କ ପରିବାର ଲୋକଙ୍କୁ ଆର୍ଥିକ ଲୋଭ ଓ ଚାକିରି ପ୍ରଲୋଭନ ଦେଖାଇ ତାଙ୍କୁ ସୀମାପାର କରାଇ ଭୁବନେଶ୍ୱର ଆଣିଥିଲେ। ତଦନ୍ତ ସମୟରେ ଏନ୍ଆଇଏ ଏହା ଜାଣିବା ସହ ମାନବ ଚାଲାଣ ର୍ୟାକେଟ ସମ୍ପର୍କରେ ଅନେକ ତଥ୍ୟ ହାସଲ କରିଛି। ପୋଲିସ ଆରମ୍ଭରୁ ପୋକ୍ସୋ କୋର୍ଟରେ ୬ ଜଣ ଅଭିଯୁକ୍ତଙ୍କ ବିରୋଧରେ ୨ଟି ଚାର୍ଜଶିଟ ଦାଖଲ କରିଥିଲା। ପ୍ରମାଣ ହସ୍ତଗତ ହେଲା ପରେ ଏନ୍ଆଇଏ ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରେ ଚଢାଉ କରି ଦୁଇ ଜଣଙ୍କୁ ଗିରଫ କରିଥିଲା। ଏଥିସହ ଅଭିଯୁକ୍ତମାନଙ୍କର ବିଭିନ୍ନ ସୋସିଆଲ ମିଡିଆ ଆକାଉଣ୍ଟ ଏବଂ ଆର୍ଥିକ ନେଣଦେଣ ସମ୍ପର୍କିତ ତଥ୍ୟ ହାସଲ କରିଛି। ଅନ୍ୟ ଏକ ମାମଲାରେ ଏନ୍ଆଇଏ ଆନ୍ତଃରାଜ୍ୟ ମାଷ୍ଟରମାଇଣ୍ଡ ବିରୋଧରେ ଚାର୍ଜଶିଟ ଦାଖଲ କରିଛି, ଯାହାଙ୍କର ପାକିସ୍ତାନରୁ ପରିଚାଳିତ ସଂସ୍ଥା ସହିତ ସମ୍ପର୍କ ରହିଥିବା ଜଣାପଡିଛି। ସୂଚନାଯୋଗ୍ୟ, ରାଜଧାନୀକୁ ନାବାଳିକାଙ୍କୁ ଆଣିବା ପଛରେ ପଶ୍ଚିମବଙ୍ଗରେ ମାନବ ଚାଲାଣ ର୍ୟାକେଟ କାମ କରୁଛି। ଚାକିରି ଲୋଭ ଦେଖାଇ ବାଂଲାଦେଶୀ ନାବାଳିକାଙ୍କୁ ସୀମା ପାର କରାଇ ପ୍ରଥମେ ପଶ୍ଚିମବଙ୍ଗ ଆଣୁଛନ୍ତି। ସେଠାରେ ସେମାନଙ୍କର ଫେକ୍ ଆଧାରକାର୍ଡ ପ୍ରସ୍ତୁତ କରାଯିବା ପରେ ଭୁବନେଶ୍ୱର ଚାଲାଣ କରାଯାଉଛି। ଏଠାରେ ଏକାଧିକ ବାର୍ ଓ ପାର୍ଲରରେ ରଖାଯାଇ ଅନୈତିକ କାର୍ଯ୍ୟରେ ଲିପ୍ତ କରାଯାଉଛି।

# ସାଇବର ଠକେଇ, ୧୦ ଗିରଫ

■ ୪୧ ଏଟିଏମ୍ କାର୍ଡ, ପାସ୍‌ବୁକ୍, ମୋବାଇଲ, ଗାଡ଼ି ଜବତ

■ ୨ ନାବାଳକଙ୍କୁ କୋର୍ଟରେ ହାଜର

ଝାରସୁଗୁଡ଼ା, ୧୮।୧୧ (ଆଶିଷ ରଞ୍ଜନ ଦାଶ)



ଖବରଦାତା ସମ୍ମିଳନୀରେ ଏସ୍‌ପି ସୂଚନା ଦେଉଛନ୍ତି।

ସାଇବର ଠକେଇ ଘଟଣାରେ ଝାରସୁଗୁଡ଼ା ଟାଉନ୍ ଥାନା ପୋଲିସ ଏକ ଗ୍ୟାଙ୍ଗର ୧୨ ଜଣଙ୍କୁ କାବୁ କରିଛି। ସେମାନଙ୍କ ମଧ୍ୟରୁ ୧୦ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିବାବେଳେ ଅନ୍ୟ ୨ ଜଣ ନାବାଳକଙ୍କୁ ଝାରସୁଗୁଡ଼ା ଜିଲା କୋର୍ଟରେ ହାଜର କରିଛି। ଗିରଫ ଅଭିଯୁକ୍ତ ହେଲେ ଝାରସୁଗୁଡ଼ା ଜିଲା ଚୌକିପଡ଼ାର ସୋନୁ ମଣ୍ଡଳ(୨୩), ଶୁଭମ୍ ପ୍ରସାଦ(୨୧), ଯୁଗଳ ବଗିଚାର ଶିବମ୍ ସାହୁ(୨୦), ବଙ୍ଗାଳିପଡ଼ାର ଅଭୟ ଘୋଷ(୨୦), କକ୍ସ କଲୋନିର ସମୀର ସୁନା(୨୦), ସରବାହାଲ ଅଞ୍ଚଳର ଏମ୍. ଜଗଦୀଶ୍ୱର ରାଓ(୧୯), ସମ୍ବଲପୁର ଜିଲା ଧମା ଥାନା ଅନ୍ତର୍ଗତ ବଟେମୁରା ଅଞ୍ଚଳର ନରେଶ ବାଗ(୨୫), ଧୀରଜ ଗର୍ଡିଆ(୧୯), ଯୋଗେଶ୍ୱର ଚାନ୍ଦ(୨୪) ଏବଂ ରାଉରକେଲାର ଅଭିରାଜ ସା(୧୯)। ସେମାନଙ୍କ ନିକଟରୁ ବିଭିନ୍ନ ବ୍ୟାଙ୍କ୍‌ର ୬୧ରୁ ଅଧିକ ପାସ୍‌ବୁକ୍, ୪୧ଟି ଏଟିଏମ୍ କାର୍ଡ, ୧୯ଟି ମୋବାଇଲ, ଏକ ସ୍କୁଟର ସହ ଗୋଟିଏ କାର ଜବତ କରାଯାଇଛି। ଏହି ଘଟଣାର ଚେର ଝାରସୁଗୁଡ଼ାରୁ ଜାମତରା, ବିହାର ଓ ରାଜସ୍ଥାନକୁ ଲମ୍ବିଛି। ଆଗାମୀ ଦିନରେ ଆହୁରି ଅଧିକ ଅଭିଯୁକ୍ତ ଗିରଫ ହୋଇପାରନ୍ତି ବୋଲି ମଙ୍ଗଳବାର ଅପରାହ୍ନରେ ଟାଉନ୍ ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର କହିଛନ୍ତି।

ଏସ୍‌ପିଙ୍କ ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ଜାମତରା, ବିହାର ଓ ରାଜସ୍ଥାନ ଆଦି ଅଞ୍ଚଳର ଏକାଧିକ ସାଇବର ଠକେଇ ଗ୍ୟାଙ୍ଗ୍ ପାଇଁ କାମ କରୁଥିଲେ। ଗେମିଂରୁ ଅର୍ଥ ମିଳିବ ବୋଲି କହି ନିରୀହ ଲୋକଙ୍କୁ ସେମାନେ ଟାର୍ଗେଟ କରୁଥିଲେ। ଲୋକଙ୍କ ନାଁରେ ବ୍ୟାଙ୍କରେ ପାସ୍‌ବୁକ୍ ଖୋଲାଇବା ପରେ ବ୍ୟାଙ୍କ ଆକାଉଣ୍ଟ ଓ ସିମ୍‌କାର୍ଡ ଡିଟେଲ୍ସ ବିହାର, ରାଜସ୍ଥାନ, ଝାଡ଼ଖଣ୍ଡରେ ଥିବା ସାଇବର ଗ୍ୟାଙ୍ଗ୍‌ର କାର୍ଯ୍ୟାଳୟକୁ ପଠାଉଥିଲେ। ସାଇବର ଠକେଇରୁ ମିଳିଥିବା ଟଙ୍କାକୁ ଝାରସୁଗୁଡ଼ାର ବିଭିନ୍ନ ଏଟିଏମ୍‌ରୁ ଉଠାଣ କରି ପୂର୍ବରୁ ପ୍ରସ୍ତୁତ ହୋଇ ରହୁଥିବା ଆକାଉଣ୍ଟରେ ଜମା କରୁଥିଲେ। ସାଇବର ଠକେଇ ଗ୍ୟାଙ୍ଗର ମୁଖ୍ୟଙ୍କ ନିର୍ଦ୍ଦେଶ ଅନୁସାରେ ସେମାନେ ଉକ୍ତ ଆକାଉଣ୍ଟରୁ ଟଙ୍କା ଉଠାଣ କରି ନିଜ ପାଖକୁ ଆଣୁଥିଲେ। ଏହି ଘଟଣାରେ ଝାରସୁଗୁଡ଼ା ଟାଉନ୍ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୫୭୬/୨୫) ରୁଜୁ କରିଥିଲା। ତୁରନ୍ତ ତଦନ୍ତ ଆରମ୍ଭ ହେବା ସହ ଅଭିଯୁକ୍ତଙ୍କୁ ଗିରଫ ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ସୋମବାର ଅପରାହ୍ନରେ ଝାରସୁଗୁଡ଼ା ଟାଉନ୍ ଥାନା ଅଧୀନ ସରବାହାଲ ଅଞ୍ଚଳରେ ଅଭିଯୁକ୍ତମାନେ ଥିବା ପୋଲିସ ସୂଚନା ପାଇଥିଲା। ତୁରନ୍ତ ସେଠାରେ ଚଢ଼ାଉ କରି ସେମାନଙ୍କୁ କାବୁ କରିଥିଲା।

# ପୋଲିସକୁ ଧକ୍କାମାରି ଜବତ ଡମ୍ପର ନେଇଗଲେ

ମୋରଡ଼ା, ୧୮।୧୧ (ସ୍ମାରକ ମାଜୀ)

■ ଗୋଡ଼ାଇ ଧରିଲେ ଥାନା ଅଧିକାରୀ

■ ରାସଗୋବିନ୍ଦପୁରରେ ବାଲି ଚୋରାଚାଲାଣକାରୀଙ୍କ ଦୌରାତ୍ମ୍ୟ

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଞ୍ଚଳରେ ଲଘୁ ଖଣିଜ ଦ୍ରବ୍ୟ ଚୋରା କାରବାର ବଢ଼ି ଚାଲିଛି। ପୋଲିସ ଏହା ଉପରେ ରୋକ୍ ଲଗାଇବାକୁ ଚେଷ୍ଟା କରୁଥିବା ବେଳେ ଚୋରାଚାଲାଣକାରୀଙ୍କ ଦୌରାତ୍ମ୍ୟ ଦେଖିବାକୁ ମିଳିଛି। ଏପରିକି ଜଣେ କନ୍‌ଷ୍ଟେବଲଙ୍କୁ ଧକ୍କାମାରି ଜବତ ୨ ଡମ୍ପରକୁ ଚୋରା ଚାଲାଣକାରୀମାନେ ଛଡ଼ାଇ ନେଇଥିବାବେଳେ ଥାନା ଅଧିକାରୀ ଗୋଡ଼ାଇ ଗୋଡ଼ାଇ ସେହି ଡମ୍ପରକୁ ଥାନାକୁ ଆଣିଥିବା କହିଛନ୍ତି।


ଜବତ ଡମ୍ପରକୁ କ୍ରେନ୍ ସହାୟତାରେ ଥାନାକୁ ଅଣାଯାଉଛି।

ସୂଚନା ଅନୁଯାୟୀ, ସୋମବାର ରାସଗୋବିନ୍ଦପୁର ପୋଲିସ ୭ଟି ଡମ୍ପର ଜବତ କରିଥିଲା। ୫ଟି ଡମ୍ପରକୁ ଥାନାକୁ ଆଣିଥିଲାବେଳେ ଅବଶିଷ୍ଟ ୨ଟି ଡମ୍ପର ସ୍ଥାନୀୟ ମୂଷାମାରୀସ୍ଥିତ ପେଟ୍ରୋଲ ପମ୍ପରେ ରଖିଥିଲା। ସୋମବାର ରାତିରେ ଜବତ ୨ ଡମ୍ପରକୁ ଜଣେ କନ୍‌ଷ୍ଟେବଲ ଜଗି ରହିଥିଲେ। ରାତି ପ୍ରାୟ ୯ଟା ୩୦ମିନିଟ୍ ସମୟରେ ଏକ କାର୍‌ରେ କେତେଜଣ ଲୋକ ଆସି କନ୍‌ଷ୍ଟେବଲଙ୍କୁ ଧକ୍କାମାରି ସେଠାରୁ ଜବତ ୨ ଡମ୍ପରକୁ ନେଇ ପଳାଇଥିଲେ। ଖବରପାଇ ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀ ନିଜ ଟିମ୍ ସହ ପିଛାକରି ଉକ୍ତ ୨ ଡମ୍ପରକୁ ବାଛୁରୀପାଳ ଛକ ନିକଟରେ ଅଟକାଇ କ୍ରେନ୍ ସାହାଯ୍ୟରେ ପୁଣି ଥାନାକୁ ଆଣିଥିଲେ। ଡମ୍ପରକୁ ଏସ୍କର୍ଟ ଦେଉଥିବା କାର୍ ଏବଂ ଡ୍ରାଇଭର ଫେରାର ହୋଇଯାଇଥିବା ସୂଚନା ମିଳିଛି।

# ୧୨୦ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ୫ଗିରଫ

ସମ୍ବଲପୁର, ୧୮।୧୧ (ପ୍ରମୋଦ ବହିଦାର)

ସମ୍ବଲପୁର ଟାଉନ ଥାନା ପୋଲିସ ମଙ୍ଗଳବାର ୧୨୦ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି। ଏହିଘଟଣାରେ ପୋଲିସ ୩ ମହିଳାଙ୍କ ସମେତ ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଧନୁପାଲି ଥାନା ଅନ୍ତର୍ଗତ ସୁନାପାଲିର ମହମ୍ମଦ ସୋହେଲ(୨୩) ଓ ମହମ୍ମଦ ନୁମାଲ(୨୫), ମୋତିଝରଣ କ୍ଷେତିପଡ଼ାର ରେଶମା ଖାତୁନ ଓରଫ ନେହା(୩୩), ସୁନାପାଲିର କୁରେଶା ଓରଫ ରୁବି ଖାତୁନ୍(୩୦) ଓ ଲକ୍ଷ୍ମୀ ଓରାମ(୩୦)। ସଦର ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ(ଏଏସ୍‌ପି) ଶ୍ରୀମନ୍ତ ବାରିକ ଏହି ସୂଚନା ଦେଇଛନ୍ତି।

ଏଏସ୍‌ପି ବାରିକଙ୍କ ସୂଚନା ଅନୁସାରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଟାଉନ ଥାନା ପୋଲିସ ସଦଳବଳ ଭିଏସ୍‌ଏସ୍ ମାର୍ଗସ୍ଥ ଏକ ମଲ୍ ପଛପଟର ଏକ ନିରୋଳା ସ୍ଥାନରେ ଚଢ଼ାଉକରି ବ୍ରାଉନସୁଗାର କାରବାରରେ ଲିପ୍ତ ସୋହେଲ ଓ ନୁମାଲଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ପୋଲିସ ୧୨୦ ଗ୍ରାମ୍ ବ୍ରାଉନସୁଗାର ଜବତ କରିଛି। ଏହାର ଆନୁମାନିକ ମୂଲ୍ୟ ୧୨ ଲକ୍ଷ ହେବ। ଏଥିସହ ସେମାନଙ୍କଠାରୁ ୪ଟି ଛୋଟ ଧଳା କାଗଜ, ୨ଟି ଚାମଚ, ୫ଟି ମୋବାଇଲ ଫୋନ୍ ଓ ନଗଦ ୬ଶହ ଟଙ୍କା ଜବତ ହୋଇଛି। ଅପରପକ୍ଷରେ ଉଭୟ ଅଭିଯୁକ୍ତଙ୍କୁ ଥାନାକୁ ଆଣି ପଚରାଉଚରା ବେଳେ ଏହି କାରବାରରେ ଲିପ୍ତ ଅନ୍ୟ ୩ ମହିଳାଙ୍କୁ ଗିରଫ କରିଥିଲା। ଏ ନେଇ ଟାଉନ ଥାନାରେ ଏକ ମାମଲା(ନଂ.୩୭୨/୨୫) ରୁଜୁ କରାଯାଇ ସମସ୍ତ ୫ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ସେମାନେ ବ୍ରାଉନସୁଗାର କୋଲକାତାରୁ ଆଣି ଏଠାରେ ବିକ୍ରୟ କରୁଥିଲେ। ତେବେ ସମ୍ବଲପୁରରେ ବ୍ରାଉନସୁଗାର ବେପାରରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଓ ଏହାର ମୁଖ୍ୟ ଅଭିଯୁକ୍ତ କିଏ ତାହାର ତଦନ୍ତ ଚାଲିଛି ବୋଲି ଏଏସ୍‌ପି ବାରିକ କହିଛନ୍ତି।


ଗିରଫ ୨ ଅଭିଯୁକ୍ତ।

# ନାବାଳିକା ବଳାତ୍କାର ମାମଲା: ଓଏପିଏଫ୍ ଯବାନଙ୍କୁ ୧୦ ବର୍ଷ ଜେଲ

ଫୁଲବାଣୀ, ୧୮।୧୧ (ରାକେଶ କୁମାର ରାଉତ)

ଫୁଲବାଣୀ ଫାଷ୍ଟ ଟ୍ରାକ୍ ପୋକ୍‌ସୋ କୋର୍ଟ ବିଚାରପତି କୈଳାଶ ଚନ୍ଦ୍ର ସ୍ୱାଇଁ ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୧୬ ହଜାର ଟଙ୍କା ଜରିମାନା ଏବଂ ଏହା ଅନାଦାୟେ ଅଧିକ ୧ ବର୍ଷ ୬ ମାସ ୧୫ ଦିନ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ସାରଙ୍ଗଡ଼ ଥାନା କପୁଗୁଡ଼ା ଗ୍ରାମର ଗୌତମ ପ୍ରଧାନ(୪୩)। ସେ ଖୋର୍ଦ୍ଧା ଜିଲା ନାଭାଲ ଫାଣ୍ଡିରେ ଓଏପିଏଫ୍ ଯବାନ ଭାବେ କାର୍ଯ୍ୟରତ ଅଛନ୍ତି।

୨୦୧୧ରେ ନାବାଳିକା ଜଣଙ୍କ ନବମ ଶ୍ରେଣୀରେ ପଢୁଥିବା ବେଳେ ଅଭିଯୁକ୍ତ ଗୌତମ ବିଭିନ୍ନ ପ୍ରଲୋଭନ ଦେଖାଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ପୀଡିତା ରାଇକିଆ କଲେଜରେ ପଢ଼ିବା ବେଳେ ମଧ ବିବାହ ପ୍ରଲୋଭନ ଦେଖାଇ ବିଭିନ୍ନ ସ୍ଥାନରେ ଅନେକ ଥର ଶାରୀରିକ ସମ୍ପର୍କ ରଖିଥିଲେ। ବିବାହ ପାଇଁ ପୀଡ଼ିତା ବାରମ୍ବାର କହିବା ସତ୍ତ୍ୱେ ଗୌତମ ବିଭିନ୍ନ ବାହାନା କରି ରାଜି ହେଉ ନ ଥିଲେ। ୨୦୨୨ ଜୁଲାଇ ୧୩ ତାରିଖରେ ପୀଡିତା ଏ ନେଇ ସାରଙ୍ଗଡ଼ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୫୯/୨୨ରେ ମାମଲା ରୁଜୁ କରି ଗୌତମଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ୨୦ ଜଣ ସାକ୍ଷୀଙ୍କ ବୟାନ ଓ ଡାକ୍ତରୀ ରିପୋର୍ଟ ଆଧାରରେ ବିଚାରପତି ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ପୀଡିତାଙ୍କୁ କ୍ଷତିପୂରଣ ବାବଦରେ ୫ ଲକ୍ଷ ଟଙ୍କା ପ୍ରଦାନ କରିବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପିପି ବନମାଳୀ ବେହେରା ମାମଲା ପରିଚାଳନା କରୁଥିଲେ।

## BUSINESS

# ସିମେଣ୍ଟ ପରିବହନ ଶୁଳ୍କ ହ୍ରାସକଲା ରେଳପଥ

## ପୂରଣ ହେବ ଗୃହ ନିର୍ମାଣ ସ୍ୱପ୍ନ

ଭୁବନେଶ୍ୱର, ୧୮।୧୧ (ଅନୁରାଧା ମହାରଣା)

ରେଳ, ସୂଚନା ଏବଂ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଙ୍ଗଳବାର କଣ୍ଟେନରରେ ବଲ୍କ ସିମେଣ୍ଟ ପରିବହନ ଶୁଳ୍କର ଯୁକ୍ତିଯୁକ୍ତକରଣ ଏବଂ ବଲ୍କ ସିମେଣ୍ଟ ଟର୍ମିନାଲ ପାଇଁ ନୀତି ଉନ୍ମୋଚନ କରିଛନ୍ତି। ନୂଆଦିଲ୍ଲୀର ରେଳ ଭବନରେ ନୀତି ଉନ୍ମୋଚନକରି କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଏହି ସଂସ୍କାରଗୁଡ଼ିକ ମଧ୍ୟବିତ୍ତ ଏବଂ ଗରିବ ପରିବାରଙ୍କ ସ୍ୱପ୍ନର ଘର ନିର୍ମାଣ କରିବା ସମୟରେ ସିମେଣ୍ଟର ମୂଲ୍ୟ ହ୍ରାସକରିବ। ନୂତନ ନୀତି ଅନୁଯାୟୀ, ଦୂରତା ଏବଂ ଓଜନ ସ୍ଲାବ୍‌ଗୁଡ଼ିକୁ ହଟାଇ ଦିଆଯାଇଛି। ଫ୍ଲାଟ୍ ଗ୍ରସ୍ ଟନ୍ ପ୍ରତି କିଲୋମିଟର ପ୍ରତି ଟନ୍ ୦.୯୦କୁ ନୂତନ ହାର ଯୁକ୍ତିଯୁକ୍ତ କରାଯାଇଥିବା କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଟ୍ୟାଙ୍କ କଣ୍ଟେନର ବଲ୍କ ସିମେଣ୍ଟ ପରିବହନ ପାଇଁ ଏଣ୍ଡ ଟୁ ଏଣ୍ଡ ପ୍ରଦୂଷଣ ମୁକ୍ତ ଲଜିଷ୍ଟିକ୍ସ ସମାଧାନ ହେବ। କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଆମେରିକାକୁ ପଛରେ ପକାଇ ଭାରତ ଏବେ ବିଶ୍ୱର ଦ୍ୱିତୀୟ ବୃହତ୍ତମ ମାଲ ପରିବହନକାରୀ ହୋଇପାରିଛି। ରେଳ ନେଟ୍‌ୱାର୍କ ସମ୍ପ୍ରସାରଣ ଦିନକୁ ୪ କିଲୋମିଟର (୨୦୦୪-୧୪ ମଧ୍ୟରେ)ରୁ ଦିନକୁ ୧୨-୧୪ କିଲୋମିଟରକୁ ବୃଦ୍ଧି ପାଇଛି, ଯାହା ଏହାକୁ ୩ ଗୁଣ ଅଧିକ ଦ୍ରୁତ କରିଛି। ବ୍ରଡ୍-ଗେଜ୍ ରେଳ ନେଟ୍‌ୱର୍କ ବର୍ତ୍ତମାନ ପ୍ରାୟ ୧୦୦% ବିଦ୍ୟୁତୀକରଣ କରାଯାଇଛି। କେନ୍ଦ୍ର ମନ୍ତ୍ରୀ ଆହୁରି ମଧ କହିଛନ୍ତି, ସାରା ଦେଶରେ ବର୍ତ୍ତମାନ ୧,୩୦୦ରୁ ଅଧିକ ଅମୃତ ଷ୍ଟେଶନ ବିକଶିତ ହେଉଛି। ଟ୍ରେନର ମୋଟ ଟନେଜ (ଜିଟିକେଏମ୍) ଭାବରେ ଗଣନା କରାଯାଇଥିବା ପ୍ରକୃତ ଟନେଜ ଉପରେ ଆଧାରିତ ଚାର୍ଜ ପ୍ରଚଳନକରି ନୂତନ ଶୁଳ୍କ ଗଠନକୁ ସରଳ ଏବଂ ଯୁକ୍ତିଯୁକ୍ତ କରାଯାଇଛି। ସଂଶୋଧିତ ବ୍ୟବସ୍ଥା ଅଧୀନରେ, ପ୍ରକୃତ ଦୂରତା ପାଇଁ ପ୍ରତି କିଲୋମିଟର ପିଛା ଟନ ୦.୯୦ ର ଏକ ଫ୍ଲାଟ୍ ହାରରେ ମାଲ ପରିବହନ ପାଇଁ ଚାର୍ଜ କରାଯାଏ। ଏହି ନୀତି ବଲ୍କ ସିମେଣ୍ଟ ପାଇଁ ଦକ୍ଷ ମଲ୍ଟିମୋଡାଲ, ଏଣ୍ଡ-ଟୁ-ଏଣ୍ଡ ଲଜିଷ୍ଟିକ୍ସକୁ ସମର୍ଥନ କରିବା ପାଇଁ ଟ୍ୟାଙ୍କ କଣ୍ଟେନର ବ୍ୟବହାରକୁ ପ୍ରୋତ୍ସାହିତ କରେ। ଏହାକୁ ଏପରି ଡିଜାଇନ କରାଯାଇଛି, ଯାହା ୨୬ ଟନ ପେଲୋଡ୍ କ୍ଷମତା ଏବଂ ୩୧ ଟନ ମୋଟ ଓଜନ ପ୍ରଦାନକରେ। ପ୍ରତ୍ୟେକ କଣ୍ଟେନର ମାତ୍ର ୨୫-୩୦ ମିନିଟ୍ ଲୋଡିଂ ଏବଂ ଅନ୍‌ଲୋଡିଂ ସମୟ ସହିତ ଦକ୍ଷ କାର୍ଯ୍ୟ କରିବାକୁ ଅନୁମତି ଦିଏ। ଏହାର ଡିଜାଇନ ଏହାକୁ ଟ୍ରେନ୍‌ରୁ ଟ୍ରେଲରକୁ ସହଜରେ ଏବଂ ଟ୍ରେନ୍‌କୁ ଫେରିବା - ଉତ୍ପାଦନ ସ୍ଥାନରୁ ବ୍ୟବହାର ସ୍ଥାନ ପର୍ଯ୍ୟନ୍ତ ସୁଗମ ବିତରଣକୁ ସକ୍ଷମ କରିଥାଏ। ଦକ୍ଷ ଲଜିଷ୍ଟିକ୍ସ ଆଡ଼କୁ ଏହି ପରିବର୍ତ୍ତନକୁ ଆହୁରି ସମର୍ଥନ କରିବା ପାଇଁ ଭାରତୀୟ ରେଳପଥ ବଲ୍କ ସିମେଣ୍ଟ ଟର୍ମିନାଲ ନୀତି ଅଧୀନରେ ଦେଶବ୍ୟାପୀ ବଲ୍କ ସିମେଣ୍ଟ ଟର୍ମିନାଲର ବିକାଶକୁ ସହଜ କରିବ, ଯାହା ସିମେଣ୍ଟର ସୁଗମ ପରିଚାଳନା, ସଂରକ୍ଷଣ ଏବଂ ବଣ୍ଟନକୁ ସକ୍ଷମ କରିବ। ଏହି ଟର୍ମିନାଲଗୁଡ଼ିକ ହପର୍, ସାଇଲୋସ, ବ୍ୟାଗିଂ ପ୍ଲାଣ୍ଟ ଏବଂ ଅନ୍ୟାନ୍ୟ ସମ୍ବନ୍ଧିତ ଭିତ୍ତିଭୂମି ଭଳି ଅତ୍ୟାବଶ୍ୟକ ସୁବିଧା ସହିତ ସଜ୍ଜିତ ହେବ ଯାହା ଦ୍ୱାରା ବଲ୍କ ସିମେଣ୍ଟର ଦକ୍ଷ ପରିଚାଳନା, ସଂରକ୍ଷଣ ଏବଂ ବଣ୍ଟନକୁ ସମର୍ଥନ କରାଯାଇପାରିବ। ଏହି ନୀତି ଅନେକ ପ୍ରମୁଖ ଲାଭ ପ୍ରଦାନକରେ, ଯେଉଁଥିରେ ସିମେଣ୍ଟ ପରିବହନ ଖର୍ଚ୍ଚରେ ଯଥେଷ୍ଟ ହ୍ରାସ ଏବଂ ସଡ଼କ ପରିବହନ ତୁଳନାରେ କାର୍ବନ ଫୁଟ୍‌ପ୍ରିଣ୍ଟ ଯଥେଷ୍ଟ କମ୍, ଯାହା ଦ୍ୱାରା ପରିବେଶଗତ ସ୍ଥିରତାକୁ ସମର୍ଥନକରେ ଏବଂ ରାସ୍ତାରେ ଭିଡ଼ ହ୍ରାସକରେ। ଏହାସହ ନିତି ଯାନ୍ତ୍ରିକ ଲୋଡିଂ ଏବଂ ଅନ୍‌ଲୋଡିଂ ମାଧ୍ୟମରେ ଦ୍ରୁତ ପରିବର୍ତ୍ତନ ସମୟ ସୁନିଶ୍ଚିତକରେ, ଯାହା ସିମେଣ୍ଟ ଲଜିଷ୍ଟିକ୍ସରେ ସାମଗ୍ରିକ ଦକ୍ଷତା ବୃଦ୍ଧିକରେ।




# ୪୫୦ ଶିକ୍ଷଣ ସହାୟତା କିଟ୍ ଦେଲା ବେଦାନ୍ତ

ଭୁବନେଶ୍ୱର, ୧୮।୧୧

ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଜାମକାନି, ଘୋଘରପଲ୍ଲୀ ଏବଂ କୁରାଲୋଇ (ଏ) ଉତ୍ତର କୋଇଲା ଖଣି କାର୍ଯ୍ୟକ୍ଷମ ଅଞ୍ଚଳରେ ୪୦ଟି ଅଙ୍ଗନୱାଡି କେନ୍ଦ୍ରରେ ୪୫୦ରୁ ଅଧିକ ପିଲାଙ୍କୁ ଶିକ୍ଷଣ ସହାୟତା କିଟ୍ ପ୍ରଦାନକରି ପ୍ରାରମ୍ଭିକ ବାଲ୍ୟଶିକ୍ଷା ପ୍ରତି ନିଜର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି। ପ୍ରତ୍ୟେକ କିଟ୍ ଦୁଇଟି ଭାଷାରେ ରହିଛି, ଆକୃତି ପଜଲ, ନମ୍ବର କ୍ୟୁବ ଏବଂ ଖେଳ ଉପକରଣଗୁଡିକ ଅନ୍ତର୍ଭୁକ୍ତ ଯାହା କୌତୂହଳ ସୃଷ୍ଟିକରିବା, ଜ୍ଞାନାତ୍ମକ ଦକ୍ଷତା ନିର୍ମାଣ ଏବଂ ମୌଳିକ ଶିକ୍ଷାକୁ ସମର୍ଥନ କରିଥାଏ। ଏହି ପଦକ୍ଷେପ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ଆଜିର ପିଲାମାନେ କାଲିର ପ୍ରତିଶ୍ରୁତିର ପ୍ରତିନିଧିତ୍ୱ କରନ୍ତି ଏବଂ ସେମାନଙ୍କ ଅଭିବୃଦ୍ଧିରେ ନିବେଶ କରିବା ହେଉଛି ଆମ ଦେଶର ଭବିଷ୍ୟତରେ ନିବେଶ କରିବା। ବେଦାନ୍ତ ଆଲୁମିନିୟମର ଗୋଷ୍ଠୀ ବିକାଶ ପଦକ୍ଷେପଗୁଡ଼ିକରେ ଆମେ ପୋଷଣ ପରିବେଶ ସୃଷ୍ଟି କରିବାକୁ ପ୍ରତିଶ୍ରୁତିବଦ୍ଧ ଯେଉଁଠାରେ ପିଲାମାନେ ଗୁଣାତ୍ମକ ଶିକ୍ଷା, ଉନ୍ନତ ସ୍ୱାସ୍ଥ୍ୟ ଏବଂ ପୁଷ୍ଟିସାଧନ ଏବଂ ଆତ୍ମ ଅଭିବ୍ୟକ୍ତିର ସୁଯୋଗ ମାଧ୍ୟମରେ ଉନ୍ନତି କରିପାରିବେ।



# ଅନ୍ତର୍ଜାତୀୟ ସେମିନାର ଆୟୋଜନ କରିବ ଜିଏସ୍‌ଆଇ

ଭୁବନେଶ୍ୱର, ୧୮।୧୧

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନରେ ଥିବା ଭୂତତ୍ତ୍ୱ ସର୍ଭେ ଅଫ୍ ଇଣ୍ଡିଆ (ଜିଏସ୍‌ଆଇ) ନିଜର ୧୭୫ ବର୍ଷର ରାଷ୍ଟ୍ରୀୟ ସେବା ପୂର୍ତ୍ତି ଉପଲକ୍ଷେ ନଭେମ୍ବର ୨୦ ଓ ୨୧ରେ 'ଅତୀତକୁ ଉନ୍ମୋଚନ କରିବା, ଭବିଷ୍ୟତକୁ ଗଠନ କରିବା: ଜିଏସ୍‌ଆଇର ୧୭୫ ବର୍ଷ' ଶୀର୍ଷକରେ ଏକ ଅନ୍ତର୍ଜାତୀୟ ସେମିନାର୍ ଆୟୋଜନ କରିବାକୁ ଯାଉଛି। ଉଦ୍‌ଘାଟନୀ ସମାରୋହରେ କେନ୍ଦ୍ର କୋଇଲା ଓ ଖଣିମନ୍ତ୍ରୀ ଜି. କିଶନ ରେଡ୍ଡୀ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଏହା ସହ କେନ୍ଦ୍ରୀୟ ଖଣି ମନ୍ତ୍ରଣାଳୟର ସଚିବ ପୀୟୂଷ ଗୋୟଲ ଏବଂ ରାଜସ୍ଥାନ ସରକାରର ଖଣି ଓ ପେଟ୍ରୋଲିୟମ ବିଭାଗର ପ୍ରଧାନ ସଚିବ ଟି. ରବିକାନ୍ତ ଉପସ୍ଥିତ ରହିବେ। ଜିଏସ୍‌ଆଇର ଡାଇରେକ୍ଟର ଜେନେରାଲ ତଥା ପାତ୍ରନ ଆସିତ୍ ସାହା ଏବଂ ଅତିରିକ୍ତ ଡାଇରେକ୍ଟର ଜେନେରାଲ ତଥା ପଶ୍ଚିମାଞ୍ଚଳର ମୁଖ୍ୟ ତଥା ସେମିନାରର ଅଧ୍ୟକ୍ଷ ବିଜୟ ଭି. ମୁଗଲ ଏହି ସେମିନାରର ନେତୃତ୍ୱ ନେବେ। ଏହାସହ ବରିଷ୍ଠ ଅଧିକାରୀମାନେ ପ୍ରତିଷ୍ଠିତ ଭୂତତ୍ତ୍ୱବିତ୍ ଏବଂ ଭାରତ ତଥା ବିଦେଶରୁ ଆସିଥିବା ପ୍ରତିନିଧିମାନେ ଯୋଗଦେବେ। ଏହି ଅନ୍ତର୍ଜାତୀୟ ସେମିନାର ଭାରତ ଏବଂ ବିଦେଶରୁ ବିଶେଷଜ୍ଞମାନଙ୍କୁ ଏକତ୍ରିତକରି ଉଭାବକ ଚ୍ୟାଲେଞ୍ଜ, ପ୍ରଯୁକ୍ତିବିଦ୍ୟା ଅଗ୍ରଗତି ଏବଂ ଭୂବିଜ୍ଞାନର ଭବିଷ୍ୟତ ଦିଗକୁ ଆଲୋଚନା କରିବ। ୯ଟି ପ୍ଲେନାରି ବକ୍ତବ୍ୟ, ୧୯ଟି ବିଶେଷ ବକ୍ତବ୍ୟ ଏବଂ ୧୧ଟି ବିଷୟଭିତ୍ତିକ କ୍ଷେତ୍ରରେ ୩୦୦ରୁ ଅଧିକ ବୈଜ୍ଞାନିକ ଏବଂ ପୋଷ୍ଟର୍ ପ୍ରେଜେଣ୍ଟେଶନ ରହିଛି। ଏହାସହ ଏକ ପ୍ରଦର୍ଶନୀରେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା, ଜିଓସ୍ପେଶିଆଲ ଟୁଲ୍ସ ଏବଂ ନୂତନ ସମାଧାନଗୁଡ଼ିକର ପ୍ରଦର୍ଶନ ହେବ। ଆଇଆଇଟି ବମ୍ବେ ଏବଂ ଆଇଆଇଟି ଖଡ଼ଗପୁର ସହ ଏମ୍‌ଓୟୁ ସ୍ୱାକ୍ଷର କରାଯିବ, ଯାହା ସୀମାବଦ୍ଧ ଭୂବିଜ୍ଞାନ ଅନୁସନ୍ଧାନ ଏବଂ କ୍ଷମତା ନିର୍ମାଣରେ ସହଯୋଗକୁ ମଜଭୁତ କରିବ।

# ଭୁବନେଶ୍ୱରରେ ନୋଭା ଆଇଭିଏଫ୍ ଫର୍ଟିଲିଟି କେନ୍ଦ୍ରର ଶୁଭାରମ୍ଭ

ଭୁବନେଶ୍ୱର, ୧୮।୧୧ (ଅନୁରାଧା ମହାରଣା)

ନୋଭା ଆଇଭିଏଫ୍ ଫର୍ଟିଲିଟି ଭୁବନେଶ୍ୱରରେ ନିଜର ପ୍ରଥମ ସେଣ୍ଟରର ଶୁଭାରମ୍ଭ କରିଛି। ଉଭୟ ଟିୟର ୧ ଓ ଟିୟର ୨ ସହରଗୁଡ଼ିକରେ ନିଃସନ୍ତାନ ସମସ୍ୟା ବୃଦ୍ଧି ପାଉଥିବାବେଳେ ଏହି ଫର୍ଟିଲିଟି ଚେନ୍‌ର ୪୦% ସେଣ୍ଟର ଟିୟର ୨ ଓ ଟିୟର ୩ ସହରଗୁଡିକରେ ରହିଛି। ଏହି ଅବସରରେ ଓଡ଼ିଶା ଚାପ୍ଟର ଇଣ୍ଡିଆନ ମେଡିକାଲ ଆସୋସିଏସନର ସେକ୍ରେଟାରି ଡା. ପ୍ରତ୍ୟୁଷ କୁମାର ରାଏ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏ ସମ୍ପର୍କରେ ନୋଭା ଆଇଭିଏଫ୍ ଫର୍ଟିଲିଟିର ମେଡିକାଲ ଡାଇରେକ୍ଟର, ଡା. ରୋହିତ ଗୁଟ୍‌ଗୁଟିଆ କହିଛନ୍ତି, 'ଆମେ ଠିକ୍ ଚିକିତ୍ସା ଓ ସଫଳତା ହାର ବୃଦ୍ଧି କରିବା ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସକୁ ବ୍ୟବହାର କରୁଛୁ। ବାରମ୍ବାର ଆଇଭିଏଫ୍ ବିଫଳତା, ଗର୍ଭପାତ କିମ୍ବା ଜେନେଟିଭ ସ୍ଥିତି ଆଦି ସମସ୍ୟା ସହ ଆସୁଥିବା ପ୍ରତ୍ୟେକ ଦମ୍ପତିଙ୍କ ପାଇଁ ଏକ ବ୍ୟକ୍ତିଗତ ଚିକିତ୍ସା ଅନୁସରଣ କରିଥାଉ। ଆମର ଲାବ୍‌ଗୁଡିକରେ ଆମେ ଇଲେକ୍‌ଟ୍ରୋନିକ ୱିଟ୍‌ନେସିଂ ସିଷ୍ଟମଗୁଡିକର ବ୍ୟବହାର କରିଥାଉ ଯାହା ଲାବ୍ ବୈଜ୍ଞାନିକମାନଙ୍କୁ (ଏମ୍ବ୍ରୋଲୋଜିଷ୍ଟ) କୌଣସି ପ୍ରକାର ଡିମ୍ବାଣୁ ଓ ଶୁକ୍ରାଣୁ ମିଶ୍ରଣ କ୍ଷେତ୍ରରେ ଏକ ଆଲାରାମ ସିଷ୍ଟମ ଭଳି ସତର୍କ କରିଥାଏ। ସେହିପରି ନୋଭା ଆଇଭିଏଫ୍ ଫର୍ଟିଲିଟି, ଭୁବନେଶ୍ୱରର ଫର୍ଟିଲିଟି ସ୍ପେଶାଲିଷ୍ଟ, ଡା. ଗାୟତ୍ରୀ ଶତପଥୀ କହିଛନ୍ତି, ପୁରୁଷ ବନ୍ଧ୍ୟାପଣ ମଧ ବହୁମାତ୍ରାରେ ବୃଦ୍ଧି ପାଉଛି, ଯାହାକି ଫର୍ଟିଲିଟି କ୍ଷେତ୍ରରେ ୪୦% ପୁରୁଷ ସନ୍ତାନହୀନତାର ଶିକାର ହେଉଛନ୍ତି। ଆମେ ମଧ ୩୦% ଅସ୍ପଷ୍ଟ ବନ୍ଧ୍ୟାତ୍ୱ ମାମଲା ଦେଖୁଛୁ। ନୋଭା ଆଇଭିଏଫ୍ ଫର୍ଟିଲିଟିର ମୁଖ୍ୟ ପରିଚାଳନା ଅଧିକାରୀ ବିଶ୍ୱନାଥ ଗାଙ୍ଗୁଲି କହିଛନ୍ତି, 'ଭୁବନେଶ୍ୱରକୁ ଆମର ସମ୍ପ୍ରସାରଣ ଭାରତରେ ଗୁଣାତ୍ମକ ଫର୍ଟିଲିଟି ଚିକିତ୍ସାକୁ ସୁଲଭ କରିବା ଉପରେ ଆମର ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରୁଛି।




# ଅଙ୍କୁରା ହସ୍ପିଟାଲ ପକ୍ଷରୁ ପ୍ରିମିଥନ

ଭୁବନେଶ୍ୱର, ୧୮।୧୧ (ଅନୁରାଧା ମହାରଣା)

ଅଙ୍କୁରା ହସ୍ପିଟାଲ୍ସ ଓ ଆୟୁ ଫାଉଣ୍ଡେଶନ ପକ୍ଷରୁ ମିଳିତ ଭାବରେ ଭୁବନେଶ୍ୱରରେ ପ୍ରିମିଥନ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ପ୍ରିମ୍ୟାଚୁର ଶିଶୁଙ୍କ ବିଷୟରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ବୃଦ୍ଧି ପାଇଁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ 'ବର୍ନ ଟୁ ସୁନ୍, ବଟ୍ ଇନ୍ ଦ ସେଫେଷ୍ଟ ହାଣ୍ଡସ' ଅଧୀନରେ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମାତାପିତା, ଡାକ୍ତର, ସ୍ୱାସ୍ଥ୍ୟକର୍ମୀ ଏବଂ ସମାଜର ବିଭିନ୍ନ ଶ୍ରେଣୀର ଲୋକ ଯୋଗଦେଇ ପ୍ରିମ୍ୟାଚୁର ଶିଶୁମାନଙ୍କ ସମସ୍ୟା, ଚ୍ୟାଲେଞ୍ଜ ଏବଂ ସେମାନଙ୍କ ଅସାଧାରଣ ଲଢ଼େଇ ସମ୍ପର୍କରେ ଅନୁଭୂତି ବାଣ୍ଟିଥିଲେ। ଅଲିମ୍ପିଆନ ରବି କୁମାର କାଟୁଲୁ ଏହି ପଦଯାତ୍ରାର ନେତୃତ୍ୱ ନେଇ ଶକ୍ତି, ଦୃଢତା ଏବଂ ସାମୂହିକ ସମର୍ଥନର ବାର୍ତ୍ତା ଦେଇଥିଲେ। କାର୍ଯ୍ୟକ୍ରମରେ ଚେୟରମ୍ୟାନ-କମ୍-ମ୍ୟାନେଜିଂ ଡାଇରେକ୍ଟର ତଥା ନିଓନେଟୋଲଜିଷ୍ଟ ଡା. କୃଷ୍ଣପ୍ରସାଦ ନିଜର ସୁଚିନ୍ତିତ ମତାମତ ସହ ଲୋକଙ୍କୁ ସଚେତନ କରିଥିଲେ।



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଓଡ଼ିଶା ଦଳ ଚୟନ ପ୍ରକ୍ରିୟା ୨୩ରେ

### ସର୍ବଭାରତୀୟ ବେସାମରିକ ଫୁଟ୍‌ବଲ

ଭୁବନେଶ୍ୱର, ୧୮।୧୧(ବିଜୟ ରଣା)

ଗୋଆରେ ଡିସେମ୍ବର ୮ରୁ ୧୫ ପର୍ଯ୍ୟନ୍ତ ସର୍ବଭାରତୀୟ ବେସାମରିକ ଫୁଟ୍‌ବଲ ଟୁର୍ନାମେଣ୍ଟ ଆୟୋଜନ କରାଯାଇଛି। ଏଥିପାଇଁ ଓଡ଼ିଶା ଦଳର ଖେଳାଳି ଚୟନ ପ୍ରକ୍ରିୟା ୨୩ ତାରିଖ ରବିବାର ସକାଳ ୯ଟାରେ ସ୍ଥାନୀୟ ୟୁନିଟ୍-୬ ଖେଳପଡ଼ିଆରେ ଅନୁଷ୍ଠିତ ହେବ। ଚୟନ ପ୍ରକ୍ରିୟାରେ କେବଳ ନିୟମିତ ସରକାରୀ ଚାକିରିରେ ଥିବା କର୍ମଚାରୀମାନେ ଭାଗ ନେଇପାରିବେ। ଇଚ୍ଛୁକ ଖେଳାଳିମାନଙ୍କୁ ସାଥିରେ ନିଜର ସେବାପୁସ୍ତିକାର ପ୍ରଥମ ପୃଷ୍ଠା, ବିଭାଗ/ଅଫିସ୍ ପରିଚୟପତ୍ର ସହ ଏକ ପାସ୍‌ପୋର୍ଟ ଫଟୋ ଏବଂ ନିଜର ବିଭାଗ/ଅଫିସ୍‌ରୁ 'ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ' ଆଣି ଉପରୋକ୍ତ ସ୍ଥାନରେ ନିର୍ଦ୍ଧାରିତ ସମୟରେ ପଞ୍ଜୀକୃତ କରିବା ସହ ଚୟନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଅନୁରୋଧ କରାଯାଇଛି।

# ସିଲିକନ୍ ୟୁନିଭର୍‌ସିଟି, କଳିଙ୍ଗ ୟୁଥ୍ କ୍ଲବ ବିଜୟୀ

ଭୁବନେଶ୍ୱର, ୧୮।୧୧(ଅନାଦି କର)

### ଗତିକୃଷ୍ଣ ସ୍ମାରକୀ ବି' ଡିଭିଜନ ଫୁଟ୍‌ବଲ ଲିଗ୍

ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ (ବିଏଏ) ଆନୁକୂଲ୍ୟରେ ୟୁନିଟ୍-୧ ଭୁବନେଶ୍ୱର ଫୁଟ୍‌ବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ସ୍ମାରକୀ ବି' ଡିଭିଜନ ଫୁଟ୍‌ବଲ ଲିଗ୍‌ରେ ମଙ୍ଗଳବାର ଖେଳାଯାଇଥିବା ଦୁଇଟି ମ୍ୟାଚ୍‌ରେ ସିଲିକନ୍ ୟୁନିଭର୍‌ସିଟି ଓ କଳିଙ୍ଗ ୟୁଥ୍ କ୍ଲବ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ସିଲିକନ୍ ୟୁନିଭର୍‌ସିଟି ୫-୩ ଗୋଲରେ ଚନ୍ଦ୍ରଶେଖରପୁର ଏଫ୍‌ସିକୁ ପରାସ୍ତ କରିଛି। ବିଜୟୀ ଦଳ ପାଇଁ ଚାକଶୋ କିରାଇ ଶ ସମସ୍ତ ୫ଟି ଗୋଲ କରିଥିଲେ। ଅନ୍ୟପକ୍ଷରେ ଚନ୍ଦ୍ରଶେଖରପୁର ଏଫ୍‌ସି ପାଇଁ ସାହିଲ ଖାନ୍, ପ୍ରୀତମ୍‌ଜିତ ନାଏକ ଓ ସୋମେଶ ମହାନ୍ତି ଗୋଟିଏ ଲେଖାଏ ଗୋଲ କରିଥିଲେ। ବିଏଏର ବରିଷ୍ଠ ସଦସ୍ୟ ଗଣେଶ ପାଲ ଅତିଥି ଭାବେ ଯୋଗଦେଇ ଚାକ୍‌ଶୋଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସେହିଭଳି ଦ୍ୱିତୀୟ ମ୍ୟାଚ୍‌ରେ କଳିଙ୍ଗ ୟୁଥ୍ କ୍ଲବ ୯-୧ ଗୋଲରେ ଶିବଶକ୍ତି ବିବିଏସ୍‌ଆର୍‌କୁ ହରାଇଛି। ବିଜୟୀ ଦଳ ପାଇଁ ଆଶିମ ଡୁଙ୍ଗ୍‌ଡୁଙ୍ଗ ହାଟ୍ରିକ୍ ଗୋଲ କରିଥିବା ବେଳେ ନିମାଇଁ ହେମ୍ବ୍ରମ, ମିଥୁନ ହାଁସ୍‌ଦା ଓ ଶଙ୍ଖା ହେମ୍ବ୍ରମ ଦୁଇଟି ଲେଖାଏ ଗୋଲ ଦେଇଥିଲେ। ଜବାବରେ ଶିବଶକ୍ତି ବିବିଏସ୍‌ଆର୍ ପକ୍ଷରୁ ପି.ଏନ୍. ଦଳେଇ ଏକମାତ୍ର ଗୋଲ ପରିଶୋଧ କରିଥିଲେ। ଆଶିମ୍‌ଙ୍କୁ ଅତିଥି ଭାବେ ଯୋଗଦେଇଥିବା ବିବିଏର ବରିଷ୍ଠ ସଦସ୍ୟ ପ୍ରଦୀପ ରାଉତରାୟ ପୁରସ୍କାର ପ୍ରଦାନ କରିଥିଲେ।


ଅତିଥି ପୁରସ୍କୃତ କରୁଛନ୍ତି।

# ରଘୁ ପ୍ରସାଦ ଏଫ୍‌ଆଇଏଚ୍ ଅମ୍ପାୟର ଅଫ୍ ଦି ଇୟର

**ଲାଉସାନେ, ୧୮।୧୧ (ପି.ଟି.):** ଭାରତର ରଘୁ ପ୍ରସାଦ ଯାଦବ ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ) ଦ୍ୱାରା ୨୦୨୫ ବର୍ଷର ଅମ୍ପାୟର ଅଫ୍ ଦି ଇୟର ଭାବେ ମନୋନୀତ ହୋଇଛନ୍ତି। ବୃତ୍ତିଗତ, ଉତ୍ସର୍ଗିକୃତ ମନୋଭାବ ଏବଂ ଉତ୍କର୍ଷତା ପାଇଁ ତାଙ୍କୁ ଏହି ସମ୍ମାନ ମିଳିଛି। ରଘୁ ପ୍ରସାଦ ୧୯୮ ଇଣ୍ଟରନ୍ୟାଶନାଲ ମ୍ୟାଚରେ ଅମ୍ପାୟରିଂ କରିଛନ୍ତି। ୩୩ଟି ମ୍ୟାଚରେ ଭିଡିଓ ଅମ୍ପାୟର ଭାବେ କାର୍ଯ୍ୟ କରିଛନ୍ତି। ମାଲେସିଆରେ ୨୦୨୫ ସୁଲ୍‌ତାନ ଆଜଲାନ ଶାହା କପ୍ ହକି ଟୁର୍ନାମେଣ୍ଟରେ ସେ ୨୦୦ ଅନ୍ତର୍ଜାତୀୟ ମ୍ୟାଚ ପରିଚାଳନା କରିବାରେ ପ୍ରଥମ ଏସୀୟ ହେବାର ଐତିହାସିକ ମାଇଲଖୁଣ୍ଟ ହାସଲ କରିବେ। ସେ ଏଫ୍‌ଆଇଏଚ୍ ପ୍ରୋ ଲିଗ୍, କମନୱେଲ୍‌ଥ ଗେମ୍ସ, ଜୁନିୟର ବିଶ୍ୱକପ୍ ସମେତ ଏସିଆନ ଟୁର୍ନାମେଣ୍ଟ ଯଥା ୩ ଏସିଆନ ଗେମ୍ସ ଏବଂ ଏକାଧିକ ଏସିଆ କପ୍ ଏବଂ ଏସିଆନ ଚାମ୍ପିୟନ୍ସ ଟ୍ରଫି ଭଳି ଟୁର୍ନାମେଣ୍ଟରେ ଅମ୍ପାୟରିଂ କରିଛନ୍ତି।

# ବାଳିକାଙ୍କୁ ରୌପ୍ୟ, ବାଳକଙ୍କୁ ବ୍ରୋଞ୍ଜ୍


ପଦକ ବିଜୟୀ ଓଡ଼ିଶା ବାଳିକା ଓ ବାଳକ ଦଳ।

ଭୁବନେଶ୍ୱର, ୧୮।୧୧(ଅନାଦି କର)

### ମଡର୍ନ ପାଇଥ୍‌ଆନ ଗେମ୍ସ

ବେଙ୍ଗାଲୁରୁଠାରେ ଅନୁଷ୍ଠିତ ୩ଦିନିଆ ମଡର୍ନ ପାଇଥ୍‌ଆନ ଗେମ୍ସରେ ଓଡ଼ିଶା ବାଳିକା ଦଳ ରୌପ୍ୟ ଓ ବାଳକ ଦଳ ବ୍ରୋଞ୍ଜ୍ ପଦକ ଜିତିଛନ୍ତି। ଉଭୟ ବିଜୟୀ ଦଳକୁ ଓଡ଼ିଶା ପିଟୁ ସଂଘର ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର, ଉପଦେଷ୍ଟା ନୀଳକଣ୍ଠ ସାମଲ, ସଭାପତି ଶକ୍ତି ପ୍ରକାଶ ପତି, ଉପସଭାପତି ମହେଶ କୁମାର ମିଶ୍ରଙ୍କ ସହ ପ୍ରଶାନ୍ତ କୁମାର ରାଉଳ, ସୂର୍ଯ୍ୟପ୍ରକାଶ ପତି, ଜି. ରାମ କିଶୋର, ନାରାୟଣ ଜେନା, ଯଯାତି ଜେନା ଓ କୁଶ ନାୟକ ଅଭିନନ୍ଦନ ଜଣାଇଛନ୍ତି।

ଓଡ଼ିଶା ବାଳିକା ଦଳରେ ମୋନାଲିସା କାଣ୍ଡି, ଏମ୍. ଅମରିତା, ଆଞ୍ଜେଲ ମଲ୍ଲିକ, ଏସ୍. ରୋଜା, ଉର୍ବଶୀ ବେହେରା, ରେଖା ବେହେରା, ଶୁଭଶ୍ରୀ ଭଞ୍ଜ, ଶ୍ରାବଣୀ ପାଇକରାୟ, ରୂପାଲି ଭଞ୍ଜ, ପ୍ରତୀକ୍ଷା ବଳ, କୋଚ୍ ଜିତେନ୍ଦ୍ର କୁମାର ରାଉତ ଓ ମ୍ୟାନେଜର ବିଷ୍ଣୁପ୍ରିୟା ଦାସ ସ୍ଥାନ ପାଇଥିଲେ। ସେହିଭଳି ବାଳକ ଦଳରେ ସ୍ୱାଧୀନ ସାମଲ(ଅଧିନାୟକ), ପ୍ରଶାନ୍ତ ସାହୁ, ତେଜସ୍ୱ ମହାରଣା, ଚନ୍ଦନ ଆଚାର୍ଯ୍ୟ, ଏମ୍. ସାହିଲ, ନକବୁଲ ଅମିନ, ଶିବ ବିରୁଆ, ବିନୋଦ କୁଦୁଲି, ବାଦଲ ଜେନା, ଭାସ୍କର ପାତ୍ର, ଶିନ୍‌ସୁ ଶେଖର ଦାସ, ରାହୁଲ ନାଥ ସ୍ଥାନ ପାଇଥିବା ବେଳେ କୋଚ୍ ଭାବେ ସତୀଶ୍ ଶର୍ମା ଓ ମ୍ୟାନେଜର ଭାବେ ସୁରେଶ କୁମାର ଭଞ୍ଜ ଦଳ ସହ ଯାତ୍ରା କରିଥିଲେ।

### ଏମ୍୧୫ ଭୁବନେଶ୍ୱର ଟେନିସ

# କବିର ଦ୍ୱିତୀୟ ରାଉଣ୍ଡରେ

**ଭୁବନେଶ୍ୱର, ୧୮।୧୧ (ଅନାଦି କର):** କଳିଙ୍ଗ ଷ୍ଟାଡିୟମ ଟେନିସ୍ ସେଣ୍ଟରରେ ଚାଲିଥିବା ଆଇଟିଏଫ୍ ୱାର୍ଲ୍ଡ ଟେନିସ୍ ଟୁର୍ ଏମ୍୧୫ ଭୁବନେଶ୍ୱର ଟେନିସ୍ ଟୁର୍ନାମେଣ୍ଟରେ ଓଡ଼ିଆ ଖେଳାଳି କବିର ହଂସ ଓ ପ୍ରତ୍ୟୁଷ ମହାନ୍ତି ବିଜୟ ସହ ଟୁର୍ନାମେଣ୍ଟରେ ଆଗକୁ ବଢ଼ିଛନ୍ତି। ଅନ୍ୟପକ୍ଷରେ ନମ୍ବର ୱାନ୍ ସିଡ୍ ଶଶିକୁମାର ମୁକୁନ୍ଦ ପରାଜୟ ସହ ବିଦାୟ ନେଇଛନ୍ତି।

ମଙ୍ଗଳବାର ଖେଳାଯାଇଥିବା ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ କବିର ୬-୧, ୩-୬, ୭-୫ ସେଟ୍‌ରେ ଷଷ୍ଠ ସିଡ୍ ଇଶାକ୍ ଇକ୍‌ବାଲଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ଶୀର୍ଷ ସିଡ୍ ମୁକୁନ୍ଦ ୬-୩, ୫-୭, ୩-୬ ସେଟ୍‌ରେ ଭଦ୍ୟମ କୋନୋଭରୁକଙ୍କଠାରୁ ପରାସ୍ତ ହୋଇଛନ୍ତି। ସେହିଭଳି କ୍ୱାଲିଫାଇଙ୍ଗ ପର୍ଯ୍ୟାୟର ଅନ୍ତିମ ରାଉଣ୍ଡ ମ୍ୟାଚ୍‌ରେ ପ୍ରତ୍ୟୁଷ ୬-୪, ୬-୨ ସେଟ୍‌ରେ ଅନିକେତ ଭେଙ୍କଟରାମନଙ୍କୁ ହରାଇ ମୁଖ୍ୟ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ପୁରୁଷ ଡବଲ୍ସ ବର୍ଗରେ ଓଡ଼ିଶାର ଅମୃତଜୟ ମହାନ୍ତି ଓ ଆଦିତ୍ୟ ଶତପଥୀ ୩-୬, ୨-୬ ସେଟ୍‌ରେ ଦିଗ୍‌ବିଜୟ ପ୍ରତାପସିଂ ଓ ଜଗମିତ ସିଂଙ୍କଠାରୁ, ପ୍ରତ୍ୟୁଷ ମହାନ୍ତି ଓ ଭଦ୍ୟମ କୋନୋଭରୁକ୍ ୪-୬, ୨-୬ ସେଟ୍‌ରେ ଆଲେକ୍ସି ଆଲେଶ୍ଚେଭ ଓ ଆଡ୍ରିଆନ ଆର୍କନ୍‌ଙ୍କଠାରୁ ଏବଂ ଶଙ୍କର ହିସନାମ ଓ ଦେବାଶିଷ ସାହୁ ୩-୬, ୫-୭ ସେଟ୍‌ରେ ଅଭିନବ ସଞ୍ଜୀବ ଶନମୁଗମ ଓ ମନୀଷ ସୁରେଶ କୁମାରଙ୍କଠାରୁ ପରାସ୍ତ ହୋଇଛନ୍ତି।

# ଉଦ୍‌ଘାଟନୀ ମ୍ୟାଚ୍ ଜିତିଲା ସନ୍‌ରାଇଜ୍ କ୍ଲବ୍

ଢେଙ୍କାନାଳ, ୧୮।୧୧ (ରତନ ନାୟାର)

### ସର୍ବଭାରତୀୟ ଆମନ୍ତ୍ରଣ ଫୁଟ୍‌ବଲ

ସର୍ବକନିଷ୍ଠ ଶହୀଦ ବୀର ବାଜି ରାଉତଙ୍କ ୧୦୦ତମ ଜନ୍ମବାର୍ଷିକୀ ପାଳନ ଅବସରରେ ଢେଙ୍କାନାଳ କ୍ରୀଡ଼ା ସଂସଦ ପକ୍ଷରୁ ଓଡ଼ିଶା ସରକାରଙ୍କ କ୍ରୀଡ଼ା, ଯୁବ ବ୍ୟାପାର ଏବଂ ଢେଙ୍କାନାଳ ଜିଲା ପ୍ରଶାସନର ମିଳିତ ସହଯୋଗରେ ସର୍ବଭାରତୀୟ ଆମନ୍ତ୍ରଣ ଫୁଟ୍‌ବଲ ପ୍ରତିଯୋଗିତା ମଙ୍ଗଳବାର ଆରମ୍ଭ ହୋଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏସ୍‌ପି ଅଭିନବ ସୋନ୍‌କର ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ଫାଓ ଓଡ଼ିଶାର ଯୁଗ୍ମ ସମ୍ପାଦକ ବିଶ୍ୱରଞ୍ଜନ ଘଡ଼ାଇ, ଅତିରିକ୍ତ ଏସ୍‌ପି ସୂର୍ଯ୍ୟମଣି ପ୍ରଧାନ, ଡିଏସ୍‌ପି ସଲିଳ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିବସରେ ଖେଳାଯାଇଥିବା ମ୍ୟାଚରେ ସନ୍‌ରାଇଜ୍ କ୍ଲବ, କଟକ ୪-୧ ଗୋଲରେ ଏଆଇଏଫ୍‌ଏଫ୍ ଫିଫା ଏକାଡେମୀ ଓଡ଼ିଶାକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଅଭୟ ପଣ୍ଡା, ସାଲ ଅନାଶ, ଦୀନବନ୍ଧୁ ଦାସ ଓ ସଞ୍ଜୀବ ଖରା ଗୋଟିଏ ଲେଖାଏ ଗୋଲ୍ ସ୍କୋର କରିଥିଲେ। ଏଆଇଏଫ୍‌ଏଫ୍ ଫିପା ଏକାଡେମୀ ପକ୍ଷରୁ ଲକ୍ଷ୍ମୀ ଏକମାତ୍ର ଗୋଲ୍ ଦେଇଥିଲେ । ଏହି ମ୍ୟାଚ୍‌କୁ ରେଫରି ଭୀମ କ୍ଷେତ୍ରୀ ପରିଚାଳନା କରିଥିବା ବେଳେ ସୁବ୍ରତ କୁମାର ପୁରୋହିତ, ପ୍ରଦୀପ୍ତ କୁମାର ନାୟକ ଓ ଶଶିକାନ୍ତ ଦାଶିଆ ପ୍ରମୁଖ ତାଙ୍କୁ ସହାୟତା କରିଥିଲେ। ମାୟାଧର ସାହୁ ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌ରେ ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରୀଡ଼ା ସଂସଦର ସମ୍ପାଦକ ନଳିନୀ କୁମାର ଦାସ, ଉପସଭାପତି ସଞ୍ଜୟ କୁମାର ଭଞ୍ଜ, ଯୁଗ୍ମ ସମ୍ପାଦକ ଅଭିଜିତ୍ ମିଶ୍ର ଓ ଗୌରାଙ୍ଗ ସେଠୀଙ୍କ ସମେତ କ୍ରୀଡ଼ା ସଂସଦର ସଦସ୍ୟଗଣ ଉପସ୍ଥିତ ଥିଲେ। ସୁଶାନ୍ତ ପାଣି ଓ ସରୋଜ ପାଢ଼ୀ ଧାରା ବିବରଣୀ ପ୍ରଦାନ କରିଥିଲେ। ବୁଧବାର ମ୍ୟାଚ୍‌ରେ ସୂରଜ ଏଫ୍‌ସି ଫୁଲବାଣୀ ଦଳ ଇନ୍‌କମ୍ ଟାକ୍ସ ଚେନ୍ନାଇକୁ ଭେଟିବ।


ଅତିଥିମାନଙ୍କ ସହ ଉଭୟ ଦଳର ଖେଳାଳି।


# Classified Everyday
0674-2580101, 9692975378


REAL ESTATE
SALE

ଭୁବନେଶ୍ୱର ଗ୍ୟାରେଜ୍‌ଛକ ନିକଟରେ ୩୦ ଫୁଟ ରାସ୍ତା ଥାଇ ଘରବାଡ଼ି ଫ୍ଲଟ ବିକ୍ରି ହେବ- 9178660666.
ଧ-୨୪୪୪

**Twinsity-** କଟକ ଓ ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ **"Grand Bazar"** ସମ୍ମୁଖରେ **NH** ସମ୍ମୁଖର ୧କି.ମି. ଦୂରତାରେ **Rev. Road** ସଂଲଗ୍ନ ଘରବାରି ପ୍ଲଟ କିଣନ୍ତୁ ଓ ଆପଣଙ୍କର ସ୍ୱପ୍ନର ଗୃହ ନିର୍ମାଣ କରନ୍ତୁ । ସନ୍ତୋଷ- **9438362273.**
D-12

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500 Sqft. ପ୍ଲଟ୍ 6,75,000/ରେ ବିକ୍ରିହେବ- 9776974912.
D- 10

ଭୁବନେଶ୍ୱର ନଖରାଛକ, ଉତ୍ତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/ Duplex ଅଛି- 8327785834.
D-06

LIG House (136, 137, 138, 139) for sale at Sector- 3, Niladri Vihar, Near- Pani Tanki, Bhubaneswar, Contact- 9437229575.
D-2575




Full body massage by odia therapist in homely atmosphere. 9078618337.
D-2596

All type of physiotherapy, contact Number- 9556924059/765696134, Jharapada.
D-1603

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## AFFIDAVIT

By virtue of an affidavit sworn before the Executive Magistrate, Bhubaneswar, Dated- 24.09.2025, I, Jaga Nayak, Address At- Panaspurpatana, P.O./P.S.- Tangi, Dist.- Khordha, Odisha, 752023, declare that I have changed the name of my son from Ajit Kumar Nayak to Arman Omm Prakash Nayak. Henceforth, he shall be known as Arman Omm Prakash Nayak for all purposes.
Jaga Nayak
D-2599

I, Shivdutta Mohapatra, S/o.- Arabinda Mohapatra Resident of B2/101, Shreekhetra Residency, Shankarpur, Aiginia, PIN- 751019, Odisha declare by this affidavit No.- 71, Dtd.- 18.11.2025 that now onwards I shall be known as Shivadutta Mohapatra for all future purposes.
D-213

By virtue of an affidavit sworn before the Executive Magistrate, MAHANGA, Dated- 29.03.25, I, PRAVANJAN BEHERA, Address AT- UTTARASAHI- 1, P.O.- MULABASANTA MAHANGA, CUTTACK, ODISHA declare that I have changed my name from PRAVANJAN MALIK to PRAVANJAN BEHERA. Henceforth, I shall be known as PRAVANJAN BEHERA for all purposes.
PRAVANJAN BEHERA
D-2600

By virtue of an affidavit sworn before the Executive Magistrate, Kujang on Dated- 10.11.2025 vide affidavit No.- 2606, I, Binapani Dei, W/o. Late Bimbadhar Das, Village- Samjori, P.O.- M. G. Khamar, P.S.- Marshaghai, Dist.- Kendrapara, Odisha that my former name Binapani Dei Das changed to Binapani Dei. I declare that Binapani Dei Das and Binapani Dei is one and same person for all future purposes.
D-1602

By virtue of an affidavit sworn before Executive Magistrate, Bhubaneswar on affidavit Dtd.- 16.10.2025, I, Nazmul Hasan Iqbal resident of At- LIG-195, Brit Colony, Nayapalli, P.O./P.S.- Nayapalli, Bhubaneswar, Dist.- Khordha, PIN- 751012, Odisha declare that I have changed the name of the son from Sk. Shuaib Iqbal to Shaikh Shuaib Iqbal. Henceforth, he shall be known as Shaikh Shuaib Iqbal for all purpose.
Nazmul Hasan Iqbal
D-2601

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଶରତ କୁମାର ସାହୁ
ସ୍ଥାନ - ଲକ୍ଷ୍ମୀସାଗର, ଭୁବନେଶ୍ୱର
ଆବିର୍ଭାବ- ୧୯।୧୧।୧୯୬୬
ତିରୋଧାନ -୦୯।୧୧।୨୦୨୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ତାଙ୍କର ଆଦର୍ଶ,କର୍ତ୍ତବ୍ୟବୋଧ, ସ୍ନେହ,ତ୍ୟାଗ ଓ ପରୋପକାରିତା ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ।
:ଶୋକସନ୍ତପ୍ତ:
ପତ୍ନୀ- ପୁଷ୍ପାଞ୍ଜଳି ସାହୁ, ଭାଇଁ- ଆଲୋକ, ପ୍ରଣବ, ପୁତ୍ର- ସତ୍ୟପ୍ରିୟ, ଆଶୁତୋଷ, ଜୟଦେବ, ଅଭିଜିତ, ସୌମ୍ୟଜିତ, ଝିଅ- ସନ୍ଧ୍ୟା, ସମିଧା, ମଧୁସ୍ମିତା, ସୁଚିସ୍ମିତା, ଭାଇ - ରଞ୍ଜନ,ହୃଷୀକେଶ,ବ୍ରହ୍ମାନନ୍ଦ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୨୫୯୮

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

ମାନ୍ୟବର ଶ୍ରୀଯୁକ୍ତ ଫ୍ୟାମିଲି ଜଜ୍‌ଙ୍କ ଅଦାଲତ, ପୁରୀ
ସି.ପି.ନଂ- ୨୭୦/୨୦୨୨
ନୋଟିସ୍

ରୀନା ପଣ୍ଡା, ବ୪୬ର୍ଷ, ସ୍ୱାମୀ: ଲୋକନାଥ ଦାଶ, ସାକିନ୍: ମାଟିମଣ୍ଡପ ସାହି, ଥାନା- ପୁରୀ ଟାଉନ୍, ପୋଷ୍ଟ/ଜିଲ୍ଲା- ପୁରୀ, ପିନ୍- ୭୫୨୦୦୧।
........ଆବେଦନକାରୀ
ବନାମ
ଲୋକନାଥ ଦାଶ, ବ୫୫ର୍ଷ, ପିତା- ୰ଜଗନ୍ନାଥ ଦାଶ, ମାର୍ଫତ: ତୁଳସୀ ପ୍ରସାଦ ପ୍ରହରାଜ, (ମାଙ୍ଗା) ସାକିନ୍: ମାଟିମଣ୍ଡପ ସାହି, ଝାଡ଼େଶ୍ୱରୀ ଲେନ୍, ଥାନା- ପୁରୀ ଟାଉନ୍, ପୋଷ୍ଟ/ଜିଲ୍ଲା- ପୁରୀ, ପିନ୍- ୭୫୨୦୦୧।

ଏହିକି ଯେ, ପ୍ରତିବାଦୀଙ୍କ ନାମରେ ନୋଟିସ୍ ଜାରି ହେବା ନିମନ୍ତେ ବାରମ୍ବାର ଯାଇଥିଲେ ମଧ୍ୟ ସେ ନୋଟିସ୍ ମର୍ମମାନ ଜାଣିଶୁଣି ଉପରୋକ୍ତ ମୋକଦ୍ଦମାରେ ହାଜର ହେଉନାହାଁନ୍ତି। ତେଣୁ ଅତ୍ର ବିଜ୍ଞାପନ ଦ୍ୱାରା ପ୍ରତିବାଦୀଙ୍କୁ ଜଣାଇ ଦିଆଯାଉଅଛି କି, ପ୍ରତିବାଦୀ ଆଜଦିନ ତା ୧୭।୧୨।୨୫ରିଖେ, ପୂର୍ବାହ୍ନ ୧୦.୩୦ ଘଟିକାରେ ଅତ୍ର ଅଦାଲତରେ ଆପଣ ନିଜେ କିମ୍ବା ଓକିଲଙ୍କ ଦ୍ୱାରା ଉପସ୍ଥିତ ହୋଇ କୌଣସି ଆପତ୍ତି ଥିଲେ ଜଣାଇବେ, ନଚେତ୍ ଆଇନ୍ ଅନୁଯାୟୀ ଫଇସଲା ହେବ। ଅଦ୍ୟ ତା୧୪।୧୧।୨୫ ରିଖେ ସ୍ୱାକ୍ଷରିତ ଓ ଅଦାଲତର ମୋହର ନିମ୍ନ କ୍ରମେ ଦିଆଗଲା।
ଧ-୨୫୯୭

# ଫୁଲ ଚାଷ



ଗୋଲାପ ଫୁଲଗଛର ପୁରୁଣା ଡାଳ କାଟି ଦିଅନ୍ତୁ। କଟା ଅଗରେ ବୋର୍ଡୋପେଷ୍ଟ ଲଗାନ୍ତୁ। ୧୦୦ ଗ୍ରାମ୍ ତୁତିଆ ଓ ୧୦୦ ଗ୍ରାମ୍ ଶିପ ଚୂନକୁ ୧ ଲିଟର ପାଣିରେ ମଣ୍ଡ ପ୍ରସ୍ତୁତକରି ଲଗାନ୍ତୁ । ଗଛରେ ନୂଆପତ୍ର ବାହାରିଲେ ଗଛ ପ୍ରତି ୧୦ ଗ୍ରାମ୍ ଯବକ୍ଷାରଜାନ, ୧୦ ଗ୍ରାମ୍ ଫସ୍‌ଫରସ୍ ଓ ୧୫ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ। ବର୍ଷା ଯୋଗୁ ଗେଣ୍ଡୁଫୁଲ ଗଛ ଲଗାଇ ନ ଥିଲେ ବର୍ତ୍ତମାନ ଲଗାନ୍ତୁ । ସିରାକୋଲ, ଆଫ୍ରିକାନ୍ ଡବୁଲ୍ ଜ୍ୟାଣ୍ଟ୍ ଅରେଞ୍ଜ, ଆଫ୍ରିକାନ୍ ଡବୁଲ୍ ଜ୍ୟାଣ୍ଟ୍ ୟେଲୋ, ପୁଷା ବାସନ୍ତୀ ଆଦି ଉନ୍ନତ କିସମ ବ୍ୟବହାର କରନ୍ତୁ। ଗ୍ଲାଡିଓଲି କନ୍ଦାକୁ ଓଦା ବାଲିରେ ଗଜାକରି ଲଗାନ୍ତୁ । କନ୍ଦା ଲଗାଇବା ପୂର୍ବରୁ ବିଶୋଧନ କରନ୍ତୁ । ଫ୍ରେଣ୍ଡସିପ୍, ଫ୍ରେଣ୍ଡସିପ୍ ହ୍ୱାଇଟ୍, ପିଟର ପିୟର୍ସ, ରେଡ୍ ବିଉଟି, ଗୋଲାଇଲକ୍, ହରମାଜେଷ୍ଟି, ବ୍ଲାକ୍ ଜ୍ୟାକ୍, ଚେରିବ୍ଲୁସମ୍, ଅର୍ଚ୍ଚନା, ବିନ୍ଧିଆ, ଧନ୍ୱନ୍ତରୀ, ବର୍ଷ୍ଣ ଆଦି ଉନ୍ନତ ଅଧିକ ଅମଳକ୍ଷମ ଗ୍ଲାଡିଓଲି ବିହନ ସଂଗ୍ରହ କରନ୍ତୁ ।

# ପ୍ରାଣୀଙ୍କୁ ବଜବଜିଆ ରୋଗ



ଡା. ବୀରକିଶୋର ପରିଡ଼ା

ପ୍ରାଣୀଙ୍କୁ ବିଭିନ୍ନ ପ୍ରକାର ରୋଗ ହୋଇଥାଏ। ପ୍ରାଥମିକ ଅବସ୍ଥାରେ ଏଗୁଡ଼ିକର ଠିକ୍ ଭାବରେ ଚିକିତ୍ସା କରାଇନେବା ଦରକାର। ନ ହେଲେ ପରବର୍ତ୍ତୀ ସମୟରେ ଏଥିଯୋଗୁ ଆକ୍ରାନ୍ତ ପ୍ରାଣୀମାନେ ଅକାଳ ମୃତ୍ୟୁମୁଖରେ ପଡ଼ିଥାଆନ୍ତି। ତନ୍ମଧ୍ୟରୁ ବଜବଜିଆ ରୋଗ ଅନ୍ୟତମ। ଏହାକୁ ମଧ୍ୟ ଚଟୁଆ ଫୁଲା ଏବଂ ଗ୍ୟାସ୍ ଗାଙ୍ଗ୍ରିନ୍ ଆଦି କୁହାଯାଏ।

**କାରଣ**

ସାଧାରଣତଃ କ୍ଲଷ୍ଟ୍ରିଡିୟମ ଚଉଭିଆଇ ନାମକ ଏକ ଲମ୍ବାକୃତି ଚଳନ୍ତି ଜୀବାଣୁ ଦ୍ୱାରା ବଜବଜିଆ ରୋଗ ହୋଇଥାଏ । ଅନ୍ୟ ଜୀବାଣୁ ଯଥା – କ୍ଲଷ୍ଟ୍ରିଡିୟମ ସେପ୍ଟିକମ୍, କ୍ଲଷ୍ଟ୍ରିଡିୟମ ଓଡିମାଟିଏନ୍ସ ଓ କ୍ଲଷ୍ଟ୍ରିଡିୟମ ପରଫ୍ରିଜେନସ୍ ମଧ୍ୟ ଏହି ରୋଗ ସହିତ ଜଡ଼ିତ ହୋଇଥାନ୍ତି । ଏହି ଜୀବାଣୁ ମାଟି ଓ ରୋଗ ସ୍ଥାନରେ ସର୍ବତ୍ର ରହିଥିବାର ଦେଖିବାକୁ ମିଳେ ଏବଂ ଅନ୍ୟ କେତେକ ସ୍ଥାନରେ କାଁଭାଁ ଏହି ଜୀବାଣୁ ରୋଗ ସୃଷ୍ଟି କରିବାରେ ସମର୍ଥ ହୋଇଥାଏ। ବିଶେଷଭାବରେ ଆମ ଓଡ଼ିଶାର ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ଏହି ରୋଗ ଅଧିକ ଦେଖିବାକୁ ମିଳେ।

**କେଉଁମାନଙ୍କୁ ହୁଏ**

ଏହା ଏକ ମାରାତ୍ମକ ଜୀବାଣୁଜନିତ ସଂକ୍ରାମକ ରୋଗ ଭାବେ ବାଛୁରୀମାନଙ୍କଠାରେ ଦେଖାଯାଏ । ଏହି ରୋଗ ସୁସ୍ଥସବଳ ସ୍ୱଳ୍ପ ବୟସ୍କ ବାଛୁରୀ ୬ମାସରୁ ୨ ବର୍ଷ ମଧ୍ୟରେ ବିଶେଷ ଭାବେ ଆକ୍ରାନ୍ତ କରିଥାନ୍ତି । ମଇଁଷିଠାରେ ଏହି ରୋଗ କ୍ୱଚିତ୍ ହେବାର ଦେଖିବାକୁ ମଳେ। ମେଣ୍ଢାମାନଙ୍କୁ ମଧ୍ୟ ଏହି ରୋଗ କ୍ୱଚିତ ହେବାର ଦେଖାଯାଏ ।

**ରୋଗ ବ୍ୟାପିବାର କାରଣ**

ଜଳବାୟୁର ଆର୍ଦ୍ରତା ଓ ଉତ୍ତାପ ବୃଦ୍ଧି, ଅତ୍ୟଧିକ ପୁଷ୍ଟିଯୁକ୍ତ ଖାଦ୍ୟ ଖାଇ ଜୀର୍ଣ୍ଣ ନ ହେବା, ଅତ୍ୟଧିକ ଶାରୀରିକ ପରିଶ୍ରମ ଏବଂ ଶରୀରର ରୋଗ ପ୍ରତିରୋଧକାରୀ ଶକ୍ତିର ହ୍ରାସ ଯୋଗୁ ଏହି ରେଣୁ ସଙ୍ଗଠିତ ଜୀବାଣୁ ସଂକ୍ରମିତ ମାଟି ବା ଗୋଚର ସ୍ଥାନର ଖାଦ୍ୟ ବା ଘାସ ଓ ପାଣି ମାଧ୍ୟମରେ ପାଟି ଭିତର ଦେଇ ପାକସ୍ଥଳୀ ମଧ୍ୟକୁ ପ୍ରବେଶ କରନ୍ତି । ଶରୀରରେ ରୋଗ ପ୍ରତିରୋଧକାରୀ ଶକ୍ତିର ହ୍ରାସ ଯୋଗୁ ଏହି ରେଣୁଯୁକ୍ତ ଜୀବାଣୁ ଶରୀରରେ ଥିବା ମାଂସପେଶୀ ଜୀବକୋଷକୁ ଆକ୍ରାନ୍ତକରି ନଷ୍ଟ କରିଦିଅନ୍ତି ଏବଂ ରୋଗ ସୃଷ୍ଟି କରାନ୍ତି ।

"ସାଧାରଣତଃ କ୍ଲଷ୍ଟ୍ରିଡିୟମ ଚଉଭିଆଇ ନାମକ ଏକ ଲମ୍ବାକୃତି ଚଳନ୍ତି ଜୀବାଣୁ ଦ୍ୱାରା ବଜବଜିଆ ରୋଗ ହୋଇଥାଏ । ଅନ୍ୟ ଜୀବାଣୁ ଯଥା - କ୍ଲଷ୍ଟ୍ରିଡିୟମ ସେପ୍ଟିକମ୍, କ୍ଲଷ୍ଟ୍ରିଡିୟମ ଓଡିମାଟିଏନ୍ସ ଓ କ୍ଲଷ୍ଟ୍ରିଡିୟମ ପରଫ୍ରିଜେନସ୍ ମଧ୍ୟ ଏହି ରୋଗ ସହିତ ଜଡ଼ିତ ହୋଇଥାନ୍ତି । ଏହି ଜୀବାଣୁ ମାଟି ଓ ରୋଗ ସ୍ଥାନରେ ସର୍ବତ୍ର ରହିଥିବାର ଦେଖିବାକୁ ମିଳେ ଏବଂ ଅନ୍ୟ କେତେକ ସ୍ଥାନରେ କାଁଭାଁ ଏହି ଜୀବାଣୁ ରୋଗ ସୃଷ୍ଟି କରିବାରେ ସମର୍ଥ ହୋଇଥାଏ। ବିଶେଷଭାବରେ ଆମ ଓଡ଼ିଶାର ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ଏହି ରୋଗ ଅଧିକ ଦେଖିବାକୁ ମିଳେ ।"



**ରୋଗ ସୃଷ୍ଟି ହୁଏ କିପରି**

ସାଧାରଣତଃ ରେଣୁଯୁକ୍ତ ଜୀବାଣୁ ମାଟିକୁ ବା ଗୋଚରରୁ ଯେକୌଣସି ଉପାୟରେ ଗୋରୁଙ୍କ ପାଟି ଭିତରକୁ ପ୍ରବେଶ କଲାପରେ ପେଟ ଭିତରକୁ ଯାଏ। ଶରୀରର ପ୍ରତିରୋଧକାରୀ ଶକ୍ତିର ହ୍ରାସ ଘଟିଲେ ଉକ୍ତ ରେଣୁଯୁକ୍ତ ଜୀବାଣୁ ଶରୀରର ଥିବା ମାଂସପେଶୀ ଆଡ଼କୁ ଆକର୍ଷିତ ହୋଇ ସେଠାରେ ପହଞ୍ଚେ। ଏହି ମାଂସପେଶୀ ଜୀବକୋଷରେ ପହଞ୍ଚିଲା ପରେ ଏହି ଜୀବାଣୁ ରେଣୁମୁକ୍ତ ହୋଇ ରୋଗର ଜୀବାଣୁ ରୂପ ଧାରଣକରେ ଏବଂ ଏହା ଦୁଇଟି ଉପାୟରେ ଶରୀରରେ ରୋଗ ସୃଷ୍ଟି କରିଥାଏ । ଜୀବାଣୁ ପ୍ରଥମେ ଟକ୍ସିନ୍ ବା ବିଷ ପଦାର୍ଥ ସୃଷ୍ଟିକରି ମାଂସପେଶୀର ଜୀବକୋଷଗୁଡ଼ିକୁ ନଷ୍ଟ କରିଦିଅନ୍ତି। ଫଳରେ ଏହି ସ୍ଥାନରେ ଅଙ୍ଗାରକାମ୍ଳ ପରିବେଶ (ନୀଳରଙ୍ଗ ପରି) ସୃଷ୍ଟି କରିଥାନ୍ତି, ଯେଉଁଥିରେ କି ଏହି ଜୀବାଣୁ ବଂଶବୃଦ୍ଧି ସହାୟକ ହୋଇଥାଏ ଏବଂ ଅଧିକରୁ ଅଧିକ ଜୀବକୋଷ ନଷ୍ଟ କରିବାକୁ ସକ୍ଷମ ହୁଅନ୍ତି । ଏହି ଜୀବାଣୁ ମାଂସପେଶୀରେ ହାଇଡ୍ରୋଜେନ୍ ଗ୍ୟାସ୍ ନିର୍ଗତ କରାନ୍ତି। ଏହି ଗ୍ୟାସ୍ ମାଂସପେଶୀ ଜୀବକୋଷଗୁଡ଼ିକୁ ଚର୍ମ ଓ ସଂଯୁକ୍ତ ଜୀବକୋଷଠାରୁ ଅଲଗାକରି ଏକ ଶୂନ୍ୟସ୍ଥାନ ସୃଷ୍ଟିକରାନ୍ତି । ଏହି ସଂକ୍ରମିତ ସ୍ଥାନରୁ ନିର୍ଗତ ରକ୍ତମିଶ୍ରିତ ପାଣି ଜମି ରୁହେ। ଜୀବାଣୁ ଏହି ଅଙ୍ଗାରକାମ୍ଳ ପରିବେଶ ଓ ଶୂନ୍ୟ ସ୍ଥାନରେ ବଂଶବୃଦ୍ଧି ଘଟାଇବାରେ ସୁଯୋଗ ପାଆନ୍ତି ।

**ଲକ୍ଷଣ**

ଜୀବାଣୁ ପ୍ରବେଶ କରିବାର ୧–୫ ଦିନ ମଧ୍ୟରେ ରୋଗର ଲକ୍ଷଣ ପ୍ରକାଶ କରିଥାନ୍ତି। କେତେକ ସମୟରେ ରୋଗର ଲକ୍ଷଣ ପ୍ରକାଶ ନ ପାଇ ମଧ୍ୟ ବାଛୁରୀ ମୃତ୍ୟୁବରଣ କରନ୍ତି । ଏହି ରୋଗ ହେବାର ପ୍ରଥମ ଲକ୍ଷଣ ହେଲା – ଶାରୀରିକ ଉତ୍ତାପ ବୃଦ୍ଧି ବା ଜ୍ୱର ୧୦୩ ଡିଗ୍ରୀ ଫାରେନହିଟ୍‌କୁ ବୃଦ୍ଧି ପାଏ। ବାଛୁରୀଙ୍କ ଖାଇବା ଓ ହଜମ ପ୍ରକ୍ରିୟା କମିଯାଏ । ଆଗଗୋଡ଼ର ଉପର ବା କାନ୍ଧ ଅଂଶ ଏବଂ ପଛଗୋଡ଼ର ଚଟୁଆ ଅଂଶ ଖୁବ୍ ଶ୍ରୀଘ୍ର ଫୁଲିଯାଏ। ଫୁଲା ପଡ଼ିଥିବା ମାଂସପେଶୀ ସ୍ଥାନରେ ଗ୍ୟାସ୍ ଥିବା ଯୋଗୁ ଆଙ୍ଗୁଳିରେ ଚିପିଲେ 'କଡ଼କଡ଼' ଶବ୍ଦ ହୁଏ । ପଛଗୋଡ଼ ଛୋଟାଏ । ଆଗଗୋଡ଼ ଆକ୍ରାନ୍ତ ହେଲେ ବାଛୁରୀ ଛିଡ଼ା ହୋଇ ନ ରହି ଚିତ୍‌ପଟା ଅବସ୍ଥାରେ ପଡ଼ିରୁହନ୍ତି ଏବଂ ଛାଟିପିଟି ହୁଅନ୍ତି । ବାଛୁରୀ ଥରିବା ସହିତ ଆକ୍ରାନ୍ତ ମାଂସପେଶୀଗୁଡ଼ିକର ଘନଘନ ସଙ୍କୋଚନ–ପ୍ରସାରଣ ଘଟିଥାଏ । ଫୁଲା ମାଂସପେଶୀଠାରେ ପ୍ରଥମେ ଗରମ ଓ ଯନ୍ତ୍ରଣାଦାୟକ ଅନୁଭୂତ ହୁଏ ଏବଂ ପରେ ପରେ ଥଣ୍ଡା ଓ କ୍ଷୀଣ ହୋଇଯାଏ। ମାଂସପେଶୀର ମଝି ଅଂଶ ଶୁଷ୍କ ଲାଲ ଓ ମୃତ ଜୀବକୋଷଗୁଡ଼ିକ କଳା ପରି ଦିଶେ ଏବଂ ଏଥିରେ ଗ୍ୟାସ୍‌ର ଫୋଟକମାନ ପୂରି ରହିଥାଏ । ଏହି ସଂକ୍ରମିତ ଚତୁଃପାର୍ଶ୍ୱରେ ମାଂସପେଶୀର ରଙ୍ଗ ଈଷତ୍ ଲାଲ୍ ବା ମାଟିଆ ପରି ଦିଶେ ଏବଂ ରକ୍ତ ମିଶ୍ରିତ ପାଣି ମିଶିକରି ଥାଏ । ସ୍ଥାନୀୟ ଲସିକା ଗ୍ରନ୍ଥିଗୁଡ଼ିକ ଫୁଲିଥାଏ ।

**ଚିହ୍ନଟ ପ୍ରଣାଳୀ**

- ଉପରୋକ୍ତ ଲକ୍ଷଣ ଏବଂ ରୋଗର ଇତିବୃତ୍ତ ଅନୁସାରେ ମାଂସପେଶୀର ଫୁଲାଅଂଶ ଚିପିଲେ କଡ଼କଡ଼ ଶବ୍ଦ, ଆଙ୍ଗୁଳିରେ ଚିପିବା ସ୍ଥାନ ଦବି ରହିବା, ଫୁଲା ଅଂଶ ଖୁବ୍‌ଶୀଘ୍ର ବଢ଼ିଯିବା, ଜ୍ୱର ହେବା, ଛୋଟାଇବା ଇତ୍ୟାଦି।
- ସଂକ୍ରମିତ ମାଂସପେଶୀଠାରୁ ସ୍ଲାଇଡ୍‌ରେ ସ୍ମିଅର ନେଇ ଗ୍ରାମ୍‌ଷ୍ଟେନ୍ କଲାପରେ ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଗ୍ରାମ୍ ପଜିଟିଭ୍ ଛୋଟ ରଡ୍ ଆକୃତିରେ ଜୀବାଣୁ ଦେଖି ଚିହ୍ନିବା ।
- ସଂକ୍ରମିତ ମାଂସପେଶୀର ଅଂଶବିଶେଷକୁ ଗିନିପିଗ୍ ଶରୀରର ମାଂସରେ ଇଞ୍ଜେକସନ୍ ଦେଲେ ଉପରୋକ୍ତ ଲକ୍ଷଣ ପ୍ରକାଶ ପାଇବ ଏବଂ ମୃତ୍ୟୁ ପରେ ଯକୃତରୁ ସ୍ମିଅର ନେଇ ପରୀକ୍ଷା କରିବା ।
- ପ୍ରାଣୀର ମୃତ୍ୟୁ ହେଲା ପରେ ହୃତ୍‌ପିଣ୍ଡର ରକ୍ତ, ଯକୃତ ଓ ପ୍ଳିହାରୁ ମଧ୍ୟ ଜୀବାଣୁକୁ ଖାଦ୍ୟ ମିଡିଆ ସାହାଯ୍ୟରେ ସଂଖ୍ୟା ବୃଦ୍ଧିକରି ଜୀବାଣୁ ଚିହ୍ନଟ ଉପାୟ ସ୍ଥିର କରାଯାଏ । (କ୍ରମଶଃ...)

–ସହକାରୀ ଅଧ୍ୟାପକ, ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ,
ସୋଆ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୯୪୩୭୬୦୭୩୧୨

## ଚାଷୀଙ୍କ ପାଇଁ

### ବାଇଗଣ



ବାଇଗଣଫସଲରେ କାଣ୍ଡବିନ୍ଧା/ ଫଳବିନ୍ଧା ପୋକ ଲାଗିଲେ ୫ ମି.ଲି. ଫ୍ଲୁବେଣ୍ଡିଆମାଇଡ୍‌କୁ ୧୫ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ କିମ୍ବା ଇମାମେକ୍ଟିନ୍ ବେନ୍‌ଜୋଏଟ୍ ୫ ଗ୍ରାମ୍ / ୧୫ ଲିଟର ପାଣିରେ ମିଶାଇ ସିଞ୍ଚନ୍ତୁ। ଆକ୍ରାନ୍ତ ଡାଳ ବା ଫଳକୁ ମାଟିରେ ପୋତି ଦିଅନ୍ତୁ । ସର୍ଗ ଆକର୍ଷକ ଯନ୍ତା ବ୍ୟବହାର କରନ୍ତୁ।

### ଫୁଲକୋବି



ଫୁଲକୋବିଫସଲରେ ଶୁଙ୍ଗଲୁଆ ପୋକ ଲାଗିଲେ ୧ ମି.ଲି. ନୋଭାଲ୍ୟୁରନ୍‌କୁ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ । ଯଦି ଫୁଲକଢ଼ ପାକଳ ହୋଇ ଆସିଥିବ, ତେବେ ମାଲାଥିଅନ୍ ୧ ଲିଟର ପାଣିରେ ୧.୫ ମି.ଲି. ଗୋଳାଇ ସିଞ୍ଚନ କରନ୍ତୁ । ମୂଳା ଫସଲରେ ଫ୍ଲି ବିଟିଲ୍ ଲାଗିଥିଲେ ତାର ଦମନ ପାଇଁ ଏକ ଲିଟର ପାଣିରେ ୨ ମି.ଲି. କ୍ଲୋରୋପାଇରିଫସ୍ ମିଶାଇ ସିଞ୍ଚନ କରନ୍ତୁ ।

### ଲଙ୍କା



ଲଙ୍କା ଫସଲରେ ଉଷୁନିଆ ପୋକ ଲାଗିଲେ ୨ ମି.ଲି. ଇଥିଅନ୍ / ୧ ଲିଟର ପାଣିରେ କିମ୍ବା ୦.୩ ଗ୍ରାମ୍ ଏସିଟାମିପ୍ରିଡ୍ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ ।

## ଅଳ୍ପରେ...



- ମଲ୍ଲୀଫୁଲ ଚାଷ କରୁଥିଲେ ଗଛ ପ୍ରତି ୭୫ ଗ୍ରାମ୍ ଯବକ୍ଷାରଜାନ, ୭୫ ଗ୍ରାମ୍ ଫସ୍‌ଫରସ୍ ଏବଂ ୫୦ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ।
- ଗୋଲାପ ଗଛରେ ଶୋଷକ ପୋକ ନିୟନ୍ତ୍ରଣ ପାଇଁ ୧ ଲିଟର ପାଣିରେ ୦.୩ ମି.ଲି. ହିସାବରେ ଇମିଡାକ୍ଲୋପ୍ରିଡ୍ କୀଟନାଶକ ମିଶାଇ ଗଛରେ ଭଲ ଭାବରେ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ (ପାଉଡରି ମିଲ୍‌ଡିଉ) ଦେଖାଦେଲେ ୧ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ସଲ୍‌ଫର୍ ସେଚିତ ଗୁଣ୍ଡ ପ୍ରୟୋଗ କରନ୍ତୁ ।



- ପୋଟଳ ଚାଷରେ ଝାଉଁଳା ରୋଗ ଦେଖାଦେଲେ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲ୍ୟୁପି ୫୦୦ ଲିଟର ପାଣିରେ କିମ୍ବା ମେଟାଲାକ୍ସିଲ କିମ୍ବା ମାନ୍‌କୋଜେବ୍ (୧ କି.ଗ୍ରା.) ୫୦୦ ଲିଟର ପାଣିରେ ମିଶାଇ ଗଛ ମୂଳକୁ ଭିଜାଇବେ।
- ଆଖୁ ଫସଲ ୩୦ ଦିନର ହୋଇଥିଲେ ଜମିରୁ ଘାସ ବାଛି କୋଡ଼ାଖୁସାକରି ହେକ୍ଟର ପ୍ରତି ୧୨୫ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗକରି ହୁଡ଼ା ଟେକନ୍ତୁ ।



- ସୂର୍ଯ୍ୟମୁଖୀ ଗଛ ୩ ସପ୍ତାହ ହୋଇଥିଲେ କୋଡ଼ାଖୁସା କରି ହେକ୍ଟର ପ୍ରତି ୪୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗକରି ହୁଡ଼ା ଟେକନ୍ତୁ। ଏଥିରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର କ୍ଲୋରୋପାଇରିଫସ୍ ଓ ଝିଣ୍ଟିକା ଦମନ ପାଇଁ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ (୧.୫%) ଗୁଣ୍ଡ ସିଞ୍ଚନ କରନ୍ତୁ ବା ଲାମ୍‌ଡା ସାଇହାଲୋଥ୍ରିନ୍ (୨.୫ ଇ.ସି.) ୧ ଲିଟର ୫୦୦ ଲିଟର ପାଣିରେ ପ୍ରୟୋଗ କରନ୍ତୁ। ଜମିରେ ଅତ୍ୟଧିକ ପାଣି ଜମିବାକୁ ଦିଅନ୍ତୁ ନାହିଁ ।

# ପିଆଜ ତଳି ରୋଇବା ସମୟରେ...



ପିଆଜ ତଳି ରୋଇବା ବେଳେ ମୂଳସାର ହିସାବରେ ଉଭୟ ଯବକ୍ଷାରଜାନ ଏବଂ ଫସ୍‌ଫରସ୍ ସାରର ଅର୍ଦ୍ଧେକ ଏବଂ ସମୁଦାୟ ପଟାସ୍ ସାର ପ୍ରୟୋଗ କରନ୍ତୁ। ନଭେମ୍ବର ୨୦ରୁ ଡିସେମ୍ବର ଶେଷ ସୁଦ୍ଧା ପିଆଜ ଲଗାଇବା କାର୍ଯ୍ୟ ସମାପନ କରନ୍ତୁ । ଘାସମରା ବିଷ, ପେଣ୍ଡିମେଥାଲିନ୍ ୩୦ ଏଇକୁ ତଳି ରୋଇବାର ୨ଦିନ ମଧ୍ୟରେ ପ୍ରୟୋଗକଲେ ଘାସ ନିୟନ୍ତ୍ରଣ ହୋଇପାରିବ। ତଳି ରୋଇବାର ୧୫ ଦିନ ପରେ ନିମ୍ ସିଡ୍ କର୍ନେଲ ଏକ୍ସଟ୍ରାକ୍ଟ ଦ୍ରବଣକୁ ଲିଟର ପ୍ରତି ୪ ମି.ଲି. ହିସାବରେ ଫସଲ ପ୍ରୟୋଗ କଲେ ପତ୍ର ଉଙ୍କୁଣି (ଥ୍ରିପ୍ସ) ନିୟନ୍ତ୍ରଣ କରାଯାଇପାରିବ । ପିଆଜ ତଳି ପ୍ରସ୍ତୁତ କରୁଥିଲେ ୧ ହେକ୍ଟର ଜମି ପାଇଁ ୫୦୦ ବର୍ଗମିଟର ପରିମିତ ଜମିରେ ତଳି ପକାନ୍ତୁ । ତଳି ପଟାଳି ଜମିଠାରୁ ୬ ଇଞ୍ଚ ଉଚ୍ଚ, ୧ ମିଟର ଓସାର ଏବଂ ସୁବିଧା ଅନୁଯାୟୀ ଲମ୍ବ ହେବା ଆବଶ୍ୟକ । ୨୦ କି.ଗ୍ରା. ଭଲ ଶଢ଼ା ଶୁଖିଲା ଗୋବରଖତ ସହ ୧ କି.ଗ୍ରା. ଟ୍ରାଇକୋଡର୍ମା ଭିରିଡେ ଜୀବାଣୁସାର ଭଲ ଭାବରେ ମିଶାଇ ଏହାକୁ ୨–୩ ଦିନ ଛାଇରେ ପଲିଥିନ୍ ଘୋଡ଼ାଇ ରଖି ତଳି ପଟାଳିରେ ପ୍ରୟୋଗକରି ବିଶୋଧିତ ବିହନ ଧାଡ଼ିରେ ବୁଣନ୍ତୁ । ତଳିକୁ ଅଦିନିଆ ବର୍ଷାରୁ ରକ୍ଷାକରିବା ପାଇଁ ବାଉଁଶ କାଠି ଫ୍ରେମ୍‌ରେ ଜରି ଲଗାଇ ବର୍ଷାବେଳେ ଘୋଡ଼ାଇ ରଖନ୍ତୁ । ଜଳ ନିଷ୍କାସନ ପାଇଁ ପ୍ରତି ତଳି ପଟାଳି ମଝିରେ ୧ ଫୁଟ ଓସାରର ନାଳ ରଖନ୍ତୁ । ତଳି ୮–୧୦ ସପ୍ତାହ ହୋଇଥିଲେ ଜମିରେ ରୋପଣ କରନ୍ତୁ । ହେକ୍ଟର ପିଛା ୮ ରୁ ୧୦ କି.ଗ୍ରା. ବିହନ ଆବଶ୍ୟକ । ଏଗ୍ରି ଫାଉଣ୍ଡ୍ ଲାଇଟ୍ ରେଡ୍, ଏନ୍–୫୩, ଭୀମା ସୁପର, ଭୀମା ଶକ୍ତି ଆଦି ଅଧିକ ଅମଳକ୍ଷମ ବିହନ ବ୍ୟବହାର କରନ୍ତୁ । ହେକ୍ଟର ପିଛା ୧୨୦:୬୦:୬୦:୫୦ କି.ଗ୍ରା. ହିସାବରେ ଯବକ୍ଷାରଜାନ, ଫସ୍‌ଫରସ୍, ପଟାସ୍ ଓ ସଲ୍‌ଫର୍ ସାରକୁ ଦୁଇଟି କିସ୍ତିରେ ପ୍ରୟୋଗ କରନ୍ତୁ ।

## ଗହମ ବୁଣିବା ପୂର୍ବରୁ...



ସାଧାରଣ ଭାବେ ନଡ଼ିଆତେଲ ବସିବା ଆରମ୍ଭକଲେ ଗହମ ବୁଣା ଆରମ୍ଭ କରାଯାଏ । ନଭେମ୍ବର ତୃତୀୟ ସପ୍ତାହ ପୂର୍ବରୁ ଗହମ ବୁଣିବା କାମ ଶେଷ କରନ୍ତୁ। କିନ୍ତୁ ଆଭ୍ୟନ୍ତରୀଣ ଜିଲାଗୁଡ଼ିକରେ ବିଳମ୍ବରେ ଗହମ ବୁଣାଯାଇପାରିବ । ଗହମ ଚାଷ ପାଇଁ ଜମି ପ୍ରସ୍ତୁତି କରନ୍ତୁ ଓ ଆବଶ୍ୟକ ଅନୁମୋଦିତ ବିହନ ଯଥା – ସୋନାଲିକା, ପିବିଡବ୍ଲ୍ୟୁ–୩୪୩, ପିବିଡବ୍ଲ୍ୟୁ–୪୪୩, ୟୁପି–୨୬୨, ଏଚ୍‌ଡି–୨୨୮୫ ଆଦି ବିହନ ସଂଗ୍ରହ କରନ୍ତୁ। ହେକ୍ଟର ପ୍ରତି ୧୨୫ କି.ଗ୍ରା. ବିହନକୁ କାର୍ବେଣ୍ଡାଜିମ୍ (କେ.ଜି. ପ୍ରତି ୨ ଗ୍ରାମ୍) ଦ୍ୱାରା ବିଶୋଧିତକରି ଧାଡ଼ିକୁ ଧାଡ଼ି ୨୦ ସେ.ମି. ବ୍ୟବଧାନରେ ୮୦:୫୦:୪୦ କି.ଗ୍ରା. ଅନୁମୋଦିତ ସାରର ଅଧା ଯବକ୍ଷାରଜାନ ଏବଂ ସମସ୍ତ ଫସ୍‌ଫରସ୍ ଓ ପଟାସ୍ ପ୍ରୟୋଗକରି ବୁଣନ୍ତୁ । ଘାସ ନିୟନ୍ତ୍ରଣ ପାଇଁ ପେଣ୍ଡିମେଥାଲିନ୍ ହେକ୍ଟର ପିଛା ୧ କି.ଗ୍ରା. (୧ ହେକ୍ଟର ପାଇଁ ୩୩୩୦ ମି.ଲି. ଷ୍ଟମ୍ପ୍ ୩୦ ଇ.ସି.) ହିସାବରେ ୧–୨ ଦିନ ମଧ୍ୟରେ ପ୍ରୟୋଗ କରନ୍ତୁ ।

# ଡାଲି ଜାତୀୟ ଫସଲ ଚାଷ

ମାଟିର ବତର ଦେଖି ମୁଗ/ବିରି ଫସଲ ପାଇଁ ଜମି ଚାଷକରନ୍ତୁ । ଧାନ କାଟିବାର ୭ଦିନ ପୂର୍ବରୁ ମଧ୍ୟମ ଓ ଖାଲ ଜମିରେ ବତରଥିବା ଅବସ୍ଥାରେ ଏକର ପ୍ରତି ଅନୁମୋଦିତ ବିହନ ପରିମାଣର ଶତକଡ଼ା ୨୫ ଭାଗ ଅଧିକ ମୁଗ/ବିରି/ମଟର/ବୁଟ ଆଦି ବିହନ ଛଟାବୁଣା କରନ୍ତୁ । ବୁଣିବା ପୂର୍ବଦିନ ଏକର ପ୍ରତି ୪୦ କି.ଗ୍ରା. ଡିଏପି ଏବଂ ୧୩ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍ ସାର ପ୍ରୟୋଗ କରନ୍ତୁ । **ମୁଗ କିସମ:** ଟାର୍ମ–୧, ଟାର୍ମ–୨, ଜ୍ୟୋତି, କାମଦେବ, ଧଉଳି, ଦୁର୍ଗା, ସୁଜାତା, ଆଇପିଏମ୍ ୨–୧୪, ଆଇପିଏମ୍ ୨–୩ । **ବିରି କିସମ :** ପିୟୁ ୩୦, ଟିୟୁ ୯୪–୨, ସାରଳା, ପ୍ରସାଦ, ପିୟୁ–୧୯, ଉଜାଲା, ମହୁରୀ, ଶଶୀ । **ବୁଟ :** ଶ୍ୱେଥା, ଭାରତୀ, ବିହାର, ଜେଜି–୬୨, ସି–୨୩୫, ଆଇସିସି–୪, ରାଧେ, ଆନେଗିରି, ଜେଜି–୧୪,ଏଚ୍–୨୦୮ । **ମଟର କିସମ :** ରଚନା, ଏଚ୍‌ୟୁଡିପି–୧୫, ଜେପି–୮୮୫, ଉତ୍ତରା, ଡିଡିଆର୍–୨୭, ଅପର୍ଣ୍ଣା, ଆଦର୍ଶ । ବିହନ ବିଶୋଧନ କରିବାର ୭ ଦିନ ପରେ ନିର୍ଦ୍ଦିଷ୍ଟ ଜୀବାଣୁ କଲ୍‌ଚର ଓ ଫସ୍‌ଫୋବ୍ୟାକ୍ଟ୍ରିନ୍ ଗୋଳାଇ ଛାଇରେ ଶୁଖାଇ ବୁଣନ୍ତୁ । ବିହନ ବୁଣିବା ପୂର୍ବରୁ ହେକ୍ଟର ପ୍ରତି ୨୦:୪୦:୨୦ କି.ଗ୍ରା. ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ଜମିରେ ପ୍ରୟୋଗ କରନ୍ତୁ। ପାଉଁଶିଆ ରୋଗ ସଲ୍‌ଫେକ୍ସ ୪ ଗ୍ରାମ୍ ପ୍ରତି ଲିଟର ପାଣିରେ ଗୋଳାଇ ସଞ୍ଚନ କରାଯାଏ। ୧୦ ଦିନ ପରେ ଦରକାର ଅନୁଯାୟୀ ସିଞ୍ଚନ କରନ୍ତୁ। ଜଉପୋକ ୧୫ ଲିଟର ପାଣିରେ ୫ ମି.ଲି. ଇମିଡାକ୍ଲୋପ୍ରିଡ୍ ସିଞ୍ଚନ କରନ୍ତୁ। ଛୁଇଁବିନ୍ଧା ପୋକ ଦମନ ପାଇଁ କାର୍ବୋସଲ୍‌ଫାନ୍ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ଗୋଳାଇ ସିଞ୍ଚନ କରନ୍ତୁ । ଦରକାର ହେଲେ ୧୫–୨୦ ଦିନ ପରେ ପୁଣି ସିଞ୍ଚନ କରାଯିବା ଉଚିତ।






# ଓଡ଼ିଶାର ବିଜୟ ସମ୍ଭାବନା

## ସ୍ୱସ୍ତିକ୍, ଶୁଭ୍ରାଂଶୁଙ୍କ ଶତକ

### ରଣଜୀ ଟ୍ରଫି

ଭୁବନେଶ୍ୱର, ୧୮।୧୧ (ଅନାଦି କର)

କିଟ୍ ଷ୍ଟାଡିୟମରେ ଚାଲିଥିବା ନାଗାଲାଣ୍ଡ ବିପକ୍ଷ ରଣଜୀ ମ୍ୟାଚ୍‌ରେ ଓଡ଼ିଶାର ବିଜୟ ସମ୍ଭାବନା ସୃଷ୍ଟି ହୋଇଛି। ପ୍ରଥମ ଇନିଂସ୍‌ରେ ୧୧୪ ରନ୍‌ର ଅଗ୍ରଣୀ ହାସଲ କରିଥିବା ଓଡ଼ିଶା ଦ୍ୱିତୀୟ ଇନିଂସ୍‌ରେ ସ୍ୱସ୍ତିକ୍ ସାମଲ ଓ ଅଧିନାୟକ ଶୁଭ୍ରାଂଶୁ ସେନାପତିଙ୍କ ଶତକ ଏବଂ ସେମାନଙ୍କର ମାରାଥନ ୨୬୧ ରନ୍‌ର ଦ୍ୱିଶତକୀୟ ପାର୍ଟନରଶିପ୍ ବଳରେ ୩୫୦/୫ ସ୍କୋର୍‌ରେ ପାଳି ଘୋଷଣା କରିଛି। ଫଳରେ ନାଗାଲାଣ୍ଡ ସମ୍ମୁଖରେ ୪୬୫ ରନ୍‌ର ବିଶାଳ ଟାର୍ଗେଟ୍ ଛିଡ଼ା ହୋଇଛି। ଜବାବରେ ନାଗାଲାଣ୍ଡ ତୃତୀୟ ଦିନ ଶେଷସୁଦ୍ଧା ୧ ଉଇକେଟରେ ୪୧ ରନ୍ କରିଛି। ଦଳକୁ ଜିତିବା ପାଇଁ ବର୍ତ୍ତମାନ ୪୨୪ ରନ୍‌ର ଦରକାର ଥିବା ବେଳେ ଚଳିତ ସିଜନରେ ପ୍ରଥମ ବିଜୟ ଲକ୍ଷ୍ୟରେ ଥିବା ଓଡ଼ିଶା ୯ ଉଇକେଟ ଆବଶ୍ୟକ କରୁଛି।

ଘରୋଇ ଦଳ ଓଡ଼ିଶା ତା'ର ଅସମାପ୍ତ ଦ୍ୱିତୀୟ ଇନିଂସ୍ ସ୍କୋର ୧୬/୨ରୁ ବ୍ୟାଟିଂ ଆରମ୍ଭ କରିଥିଲା। ପୂର୍ବଦିନର ଦୁଇ ଅପରାଜିତ ବ୍ୟାଟର ସ୍ୱସ୍ତିକ୍ ଓ ଅଧିନାୟକ ଶୁଭ୍ରାଂଶୁ ପ୍ରାୟତଃ ପ୍ରଥମ ଦୁଇ ସେସନରେ ପ୍ରାଧାନ୍ୟ ବିସ୍ତାରକରି ଖେଳିଥିଲେ। ଦୁହେଁ ତୃତୀୟ ଉଇକେଟ ଲାଗି ମାରାଥନ ୨୬୧ ରନ୍‌ର ପାର୍ଟନରଶିପ୍ କରିଥିଲେ। ୫୯ତମ ଓଭରରେ ସ୍ୱସ୍ତିକ୍ ତୃତୀୟ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ସେ ଆଉଟ୍ ହେବା ପୂର୍ବରୁ ୧୯୫ ବଲ୍‌ରେ ୧୧ ଚୌକା ଓ ୬ ଛକା ସହିତ ୧୬୯ ରନ୍‌ର ପାଳି ଖେଳିଥିଲେ। ଚଳିତ ସିଜନରେ ଏହା ତାଙ୍କର ପ୍ରଥମ ଶତକ ଓ ତାଙ୍କ କ୍ୟାରିୟରର ସର୍ବାଧିକ ସ୍କୋର। ତାଙ୍କ ବଦଳରେ କ୍ରିଜ୍‌କୁ ଆସିଥିବା ଗୋବିନ୍ଦ ପୋଦ୍ଦାର (୧୨) ବିଫଳ ହୋଇଥିଲେ। ସମ୍ବିତ୍ ବରାଳଙ୍କ ସହ ମିଶି ଶୁଭ୍ରାଂଶୁ ଦଳୀୟ ସ୍କୋର୍‌କୁ ୩୫୦ରେ ପହଞ୍ଚାଇଥିଲେ। ଶୁଭ୍ରାଂଶୁ ୧୬୮ ବଲ୍‌ରେ ୧୩୭ ରନ୍‌କରି ପଞ୍ଚମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ତାଙ୍କ ଇନିଂସ୍‌ରେ ୧୧ ଚୌକା ଓ ୪ ଛକା ସାମିଲ ଥିଲା। ଏହା ତାଙ୍କ କ୍ୟାରିୟରର ଅଷ୍ଟମ ଓ ଚଳିତ ସିଜନରେ ପ୍ରଥମ ଶତକ। ତାଙ୍କ ଉଇକେଟ ପଡ଼ିବା ସହ ଓଡ଼ିଶା ଦଳ ପାଳି ସମାପ୍ତି ଘୋଷଣା କରିଥିଲା। ସମ୍ବିତ୍ ୧୯ ରନ୍‌କରି ଅପରାଜିତ ରହିଥିଲେ। ନାଗାଲାଣ୍ଡ ପକ୍ଷରୁ ଭିନୋ ଝିମୋମି ଓ ଅଧିନାୟକ ଜୋନାଥାନ ଆର୍ ୨ ଲେଖାଏ ଉଇକେଟ ନେଇଥିଲେ। ଏହାପରେ ୪୬୫ ରନ୍‌ର ବିଶାଳ ଟାର୍ଗେଟ ନେଇ ଓହ୍ଲାଇଥିବା ନାଗାଲାଣ୍ଡ ଦ୍ୱିତୀୟ ଇନିଂସ୍‌ରେ ତୃତୀୟ ଦିନ ଶେଷପର୍ଯ୍ୟନ୍ତ ବ୍ୟାଟିଂକରି ୧୮ ଓଭରରେ ୧ ଉଇକେଟ ହରାଇ ୪୧ ରନ୍ କରିଛି। ଷ୍ଟମ୍ପ୍ ଅପସାରଣ ବେଳକୁ ଦେଗା ନିଶ୍ଚଳ ୧୭ ଓ ହେମ ଛେତ୍ରୀ ୨୦ ରନ୍‌ରେ ଅପରାଜିତ ରହିଛନ୍ତି। ଓଡ଼ିଶା ପାଇଁ ବାଦଲ ବିଶ୍ୱାଳ ଏକମାତ୍ର ଉଇକେଟ ନେଇଛନ୍ତି।


ସ୍ୱସ୍ତିକ୍ ସାମଲ


ଶୁଭ୍ରାଂଶୁ ସେନାପତି

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୭୫/ଅଲଆଉଟ୍। ନାଗାଲାଣ୍ଡ ପ୍ରଥମ ଇନିଂସ: ୧୬୧/ଅଲଆଉଟ୍। ଓଡ଼ିଶା ଦ୍ୱିତୀୟ ଇନିଂସ: ୩୫୦/୫ (ଘୋଷଣା) (ସ୍ୱସ୍ତିକ୍ ସାମଲ-୧୬୯, ଶୁଭ୍ରାଂଶୁ ସେନାପତି-୧୩୭, ଭିନୋ ଝିମୋମି-୨/୭୯, ଜୋନାଥନ ଆର୍-୨/୧୦୮)।। ନାଗାଲାଣ୍ଡ ଦ୍ୱିତୀୟ ଇନିଂସ: ୪୧/୧(ଦେଗା ନିଶ୍ଚଳ-୧୭*, ହେମ ଛେତ୍ରୀ-୨୦*, ବାଦଲ ବିଶ୍ୱାଳ-୧/୧୫)।

# ଭାରତ-ବାଂଲାଦେଶ ହ୍ୱାଇଟ୍ ବଲ୍ ସିରିଜ୍ ସ୍ଥଗିତ

### ମହିଳା କ୍ରିକେଟ୍

ନୂଆଦିଲ୍ଲୀ, ୧୮।୧୧(ପି.ଟି.)

ଆସନ୍ତା ମାସରେ ବାଂଲାଦେଶ ମହିଳା କ୍ରିକେଟ୍ ଦଳ ବିପକ୍ଷରେ ଭାରତ ଖେଳିବାକୁଥିବା ହ୍ୱାଇଟ୍ ବଲ ସିରିଜ୍‌କୁ ସ୍ଥଗିତ ରଖାଯାଇଛି। ଏହି ସମୟରେ ଅନ୍ୟ ଏକ ସିରିଜ୍ ଆୟୋଜନ ପାଇଁ ଯୋଜନା ଚାଲିଛି। ସୂଚନାଯୋଗ୍ୟ, ଆଇସିସି ଫ୍ୟୁଚର ଟୁର୍ସ ପ୍ରୋଗ୍ରାମର ଅଂଶବିଶେଷ ସ୍ୱରୂପ ବାଂଲାଦେଶ ବିପକ୍ଷରେ ଭାରତ ୩ ଅନ୍ତର୍ଜାତୀୟ ଦିନିକିଆ ଏବଂ ସମାନ ସଂଖ୍ୟକ ଟି୨୦ କୋଲ୍‌କାତା ଓ କଟକରେ ଖେଳାଯିବା କାର୍ଯ୍ୟକ୍ରମ ରହିଥିଲା। ମାତ୍ର ବର୍ତ୍ତମାନ ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ଉତ୍ତେଜନାମୂଳକ କୂଟନୈତିକ ସମ୍ପର୍କ ଯୋଗୁ ଏପରି ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି। ସୋମବାର ବାଂଲାଦେଶର ଏକ ଟ୍ରିବ୍ୟୁନାଲ କୋର୍ଟ ମାନବ ବିରୋଧୀ ଅପରାଧ ପାଇଁ ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କୁ ମୃତ୍ୟୁଦଣ୍ଡ ପ୍ରଦାନ କରିଛି। ଏହାକୁ ନେଇ ସେ ଦେଶର ବିଭିନ୍ନ ସ୍ଥାନରେ ହିଂସା ଦେଖାଦେଇଛି। ହାସିନା ବର୍ତ୍ତମାନ ଭାରତରେ ରାଜନୈତିକ ଶରଣ ନେଇଛନ୍ତି। ଢାକାରେ ଅବସ୍ଥାପିତ କାମଚଳା ସରକାର ହାସିନାଙ୍କ ହସ୍ତାନ୍ତର ପାଇଁ ଅନୁରୋଧ କରିଛି। ବାଂଲାଦେଶ କ୍ରିକେଟ୍ ବୋର୍ଡ(ବିସିବି) ଇତିମଧ୍ୟରେ ସିରିଜ ବାତିଲ ସମ୍ପର୍କରେ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ଠାରୁ ଏକ ଚିଠି ପାଇଛି।







Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ